# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୬/୨୦୨୦ (୨୦ ପୃଷ୍ଠା) | Bhubaneswar, Wednesday, February 26/2020 | ★★★★

୪୬ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**୩୯ ବର୍ଷରେ ପାଦ ଥାପିଲେ ଶାହିଦ**

ବଲିଉଡ୍ ଷ୍ଟାର ଶାହିଦ କପୁର ୩୯ ବର୍ଷରେ ପାଦ ଦେଇଛନ୍ତି। ସେ ଫିଲ୍ମ 'ଇଶ୍କ ବିଶ୍କ'ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରେ 'ଫିଦା', 'ଜବ୍ ୱି ମିଟ୍', 'କବୀର ସିଂ'ରେ ଅଭିନୟ କରିଥିଲେ। **୧୨**

**୧୯** **ବିଦେଶରେ ଟି୨୦ଲିଗ୍ ଖେଳିବାକୁ ଚାହାଁନ୍ତି ପ୍ରଜ୍ଞାନ**

ଭାରତର ପୂର୍ବତନ ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ବିଦେଶରେ ଟି୨୦ ଲିଗ୍ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି।








# ମଡ଼ା ଉପରେ ଶାସନ

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସା ଉଗ୍ରରୂପ ଧାରଣ କରିଛି। ଇତିମଧ୍ୟରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ କନଷ୍ଟେବଲ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇଦିନିଆ ଭାରତ ଗସ୍ତରେ ଥିବା ବେଳେ ଉତ୍ତର-ପୂର୍ବ ଦିଲ୍ଲୀରେ ସ୍ଥିତି ଅଣାୟତ୍ତ ହେବା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ପ୍ରଚାର କରାଗଲା ଯେ, ଟ୍ରମ୍ପଙ୍କ ଆଗମନକୁ ଅନିଷ୍ଟ କରି ସିଏଏ ବିରୋଧୀମାନେ ଏଭଳି ହିଂସା ଭିଆଇଛନ୍ତି। କିନ୍ତୁ ଗତ ଦୁଇଦିନକୁ ଦେଖିଲେ ଶାହିନ୍‌ବାଗ ପ୍ରତିବାଦ ଶାନ୍ତିଶୃଙ୍ଖଳାରେ ଚାଲିଥିବା ବେଳେ ଭାଜପାର ସ୍ଥାନୀୟ ନେତା କପିଲ ମିଶ୍ର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଗସ୍ତ ପୂର୍ବରୁ ମଉଜପୁର ଓ ଜାଫରାବାଦ ଅଞ୍ଚଳର ପ୍ରତିବାଦକାରୀଙ୍କ ବିରୋଧରେ କଠୋର ମନ୍ତବ୍ୟ ଦେଇଥିଲେ। କେବଳ ସେତିକି ନୁହେଁ, ପ୍ରତିବାଦ କରୁଥିବା ସ୍ଥାନ ନିକଟରେ ସିଏଏ ସପକ୍ଷବାଦୀଙ୍କ ଏକ ଶୋଭାଯାତ୍ରାର ଆୟୋଜନ କରାଇ ପରିସ୍ଥିତିକୁ ଅସମ୍ଭାଳ କରିବା ପାଇଁ ଏହି ନେତା ଦାୟିତ୍ୱ ନେଇଥିବା ଭଳି ମନେହୁଏ। ଏଭଳି ଏକ ବିରାଟକାୟ ହିଂସା ଘଟାଇବା କେବେହେଲେ ତାଙ୍କ ନିଜସ୍ୱ ଶକ୍ତିରେ ହୋଇ ପାରି ନ ଥାନ୍ତା। ଏହାପଛରେ କେନ୍ଦ୍ର ପ୍ରଶାସନର ସକ୍ରିୟ ସମର୍ଥନ ରହିଛି ବୋଲି ଦିଲ୍ଲୀ ପୋଲିସ ନିଷ୍କ୍ରିୟତାରୁ ବୁଝାପଡ଼େ। ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଶେଷ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଭାରତ-ପାକିସ୍ତାନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କହିଥିବାରୁ କପିଲଙ୍କୁ ନିର୍ବାଚନ ବେଳେ ପ୍ରଚାର କରିବାରୁ ବାରଣ କରାଯାଇଥିଲା। ସେଭଳି ଜଣେ ବ୍ୟକ୍ତି ସିଏଏ ସପକ୍ଷବାଦୀ ଶୋଭାଯାତ୍ରା କରିବା ପରେ ସଦ୍ୟ ହିଂସାକାଣ୍ଡ ଉପୁଜିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସିଏଏକୁ ଆଇନର ମୋହର ଦେଇଥିବାରୁ ସଂଯମ ରକ୍ଷା କରିବା କଥା। ଦେଶର କୌଣସି ଆଇନ ନାଗରିକଙ୍କୁ ଅଡୁଆରେ ପକାଇଲେ ତାହାକୁ ବିରୋଧ କରାଯିବା ସ୍ୱାଭାବିକ। ଦେଖାଯାଏ କୌଣସି ଚିନ୍ତାଧାରାର ସପକ୍ଷବାଦୀ ଓ ବିପକ୍ଷବାଦୀମାନେ ମୁହାଁମୁହିଁ ହୋଇଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସୁନିଶ୍ଚିତ। ସ୍ଥିତିକୁ ଆକଳନ କରିବା ସହିତ ଠିକ୍ ଭାବେ ପରିଚାଳନା କରିବାର ଦାୟିତ୍ୱ ଦିଲ୍ଲୀ ପୋଲିସ ଉପରେ ନ୍ୟସ୍ତ। ବିଶେଷକରି ରାଜଧାନୀ ପୋଲିସକୁ ସିଧାସଳଖ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପରିଚାଳନା କରୁଥିବାରୁ ତାହାର ବିଫଳତା ଅଧିକ ଚିନ୍ତାଜନକ ହୋଇପଡୁଛି।

**ତଥାଗତ ସତପଥୀ**

ବର୍ତ୍ତମାନ ଭାରତରେ ଭିନ୍ନ ଧରଣର ପରିସ୍ଥିତି ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଗଲାଣି। ନିକଟରେ ସୁପ୍ରିମକୋର୍ଟ ବିଚାରପତି ଅରୁଣ ମିଶ୍ର ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। ସେ ମୋଦିଙ୍କୁ ଅନ୍ତର୍ଜାତୀୟ ସ୍ତରୀୟ ଦିବ୍ୟଦ୍ରଷ୍ଟା ବା ସର୍ବତୋମୁଖୀ ଅସାଧାରଣ ବ୍ୟକ୍ତି ବୋଲି ଅଭିହିତ କରିଥିଲେ। ଜଣେ ବିଚାରପତି ନ୍ୟାୟାଳୟର ସ୍ୱାର୍ଥକୁ ଜଗିବା କଥା। ତା' ପରିବର୍ତ୍ତେ ରାଜନୈତିକ କ୍ଷମତାସୀନ ବ୍ୟକ୍ତିଙ୍କୁ ସମର୍ଥନ କରିବା ଦ୍ୱାରା ତାଙ୍କ ପ୍ରତ୍ୟେକଟି ରାୟ ସନ୍ଦେହ ଘେରରେ ଆସିଯିବ। ହୁଏତ ସେଥିପାଇଁ ଉଭୟ ଭୋଡାଫୋନ୍ ଓ ଏୟାରଟେଲ୍ ବିରୋଧରେ ଜଷ୍ଟିସ୍ ମିଶ୍ରଙ୍କ ରାୟକୁ ଏବେ ସମାଲୋଚନା ଆରମ୍ଭ ହୋଇଛି। ଅତି ସହଜରେ କହିବାକୁ ଗଲେ ତାଙ୍କ ଦ୍ୱାରା ଦିଆଯାଇଥିବା ରାୟର ପ୍ରତିଫଳନ ଭାବେ ଏହି ଦୁଇଟି ମୋବାଇଲ ଟେଲିକମ୍ କମ୍ପାନୀର ଖୁବ୍‌ଶୀଘ୍ର ମୃତ୍ୟୁ ଘଟିବ ଏବଂ କେବଳ ଗୋଟିଏ କମ୍ପାନୀ ଏକଚାଟିଆ ଅଧିକାର ପାଇ ଶକ୍ତିଶାଳୀ ହେବ। ଏଭଳି ପରିସ୍ଥିତି ଘଟିଲେ ସମଗ୍ର ଦେଶବାସୀଙ୍କ କ୍ଷତି ହେବ। ଯଦି ବିଚାରପତିମାନେ ଏପରି ପକ୍ଷପାତିତା କରିବେ ଓ ରାଜନୈତିକ ନେତୃତ୍ୱକୁ ସମର୍ଥନ କରିବେ, ତେବେ ଭାରତର ଗଣତନ୍ତ୍ର ବିପଦରେ ପଡ଼ିଲାଣି ବୋଲି ବୁଝିବାକୁ ହେବ।

ଆମ ମଧ୍ୟରୁ ଅନେକ ହିନ୍ଦୁ ସନ୍ତୋଷଲାଭ କରିଥାଇପାରନ୍ତି ଯେ, ଉତ୍ତର-ପୂର୍ବ ଦିଲ୍ଲୀରେ ଘଟୁଥିବା ଦଙ୍ଗାରେ କେବଳ ମୁସଲମାନ ସମ୍ପ୍ରଦାୟର ମହିଳାମାନେ ଦମନର ଶିକାର ହେଉଛନ୍ତି। କିନ୍ତୁ ଯେଉଁ ଶକ୍ତି ଦେଶରେ ସାମାଜିକ ବିଭାଜନ ସୃଷ୍ଟି କରିବା ପାଇଁ ପଛଘୁଞ୍ଚା ଦେଉନାହିଁ, ସେଭଳି ଗୋଷ୍ଠୀ କେବଳ ମୁସଲମାନଙ୍କୁ ମାରି ସନ୍ତୁଷ୍ଟ ହେବ ନାହିଁ। ଆଜି ଯଦି ମୁସଲମାନ ଶିକାର ହେଉଛନ୍ତି, ତେବେ ଆସନ୍ତାକାଲି ଦଳିତମାନେ ଶିକାର ହେବେ, ତା'ପରେ ଖ୍ରୀଷ୍ଟିଆନ ଶିକାର ହେବେ, ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କୁ ବିରୋଧ କରୁଥିବା ଶ୍ରମିକ ଗୋଷ୍ଠୀ ଶିକାର ହେବେ। ଏହିଭଳି ଗୋଟିଏ ପରେ ଗୋଟିଏ ସଙ୍ଗଠିତ ଗୋଷ୍ଠୀ ଶିକାର ହୋଇ ମରିବା ପରେ ଶେଷକୁ ହିନ୍ଦୁମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ସୃଷ୍ଟି କରାଇ ସପକ୍ଷବାଦୀ ଓ ବିପକ୍ଷବାଦୀ ତିଆରି କରାଯିବ, ଯେଉଁମାନେ ପରସ୍ପରକୁ ମାରିବେ। ଏଭଳି ପରିସ୍ଥିତିରେ ମଡ଼ା ଉପରେ ଶାସନ କରିବା ପାଇଁ ଯେଉଁମାନେ ବଞ୍ଚି ରହିବେ, ସେହିମାନେ ହେବେ କେବଳମାତ୍ର ବିଜୟୀ।

# ଦିଲ୍ଲୀ ଦଙ୍ଗାରେ ୧୩ ମୃତ

**ସିଏଏ ବିରୋଧୀ ହିଂସା**

- ଆଉ ୮ ଜଣଙ୍କ ଜୀବନ ଗଲା
- ୫୦ ପୋଲିସ ସମେତ ୨୦୦ରୁ ଊର୍ଦ୍ଧ୍ୱ ଆହତ
- ୩ ଜିଲାରେ ହାଇଆଲର୍ଟ, ଅନେକ ସ୍ଥାନରେ ୧୪୪ ଧାରା
- ସ୍ଥିତି ସମୀକ୍ଷା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଶାହା-କେଜ୍‌ରିୱାଲ ଆଲୋଚନା
- ଉତ୍ତର-ପୂର୍ବ ଦିଲ୍ଲୀକୁ ସେନାକୁ ହସ୍ତାନ୍ତର କର: ଓ୍ବାଇସି
- ଟ୍ରମ୍ପ୍ କହିଲେ ଭାରତର ଆଭ୍ୟନ୍ତରୀଣ ବିଷୟ



ଉତ୍ତର-ପୂର୍ବ ଦିଲ୍ଲୀ ଜାଫରାବାଦରେ ସିଏଏ ବିରୋଧୀ ହିଂସା ବେଳେ ମୁତୟନ ସଶସ୍ତ୍ର ପୋଲିସ ବଳ।

ନୂଆଦିଲ୍ଲୀ,୨୫।୨

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସା ଉଗ୍ରରୂପ ଧାରଣ କରିଛି। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସୋମବାର ସଂଘର୍ଷ ଘଟି ୫ ଜଣଙ୍କ ଜୀବନ ଯାଇଥିବାବେଳେ ମଙ୍ଗଳବାର ଅନ୍ୟ ୮ ଜଣଙ୍କ ମୃତ୍ୟୁ ଘଟିଛି। ୫୦ ପୋଲିସ କର୍ମଚାରୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୪ ସ୍ଥାନରେ କର୍ଫ୍ୟୁ ଜାରି ହୋଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ୱରାଷ୍ଟ୍ରମନ୍ତ୍ରୀ ଜରୁରୀ ବୈଠକରେ ସମୀକ୍ଷା କରିଛନ୍ତି। ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ସେପଟେ ଦୁଇଦିନିଆ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର କହି ବିବାଦରୁ ଦୂରେଇ ଯାଇଛନ୍ତି।

ଜାତୀୟ ରାଜଧାନୀ ଦିଲ୍ଲୀରେ କେନ୍ଦ୍ରର ସିଏଏକୁ ନେଇ ସୋମବାର ଘଟିଥିବା ହିଂସା ଏକପ୍ରକାର ଦଙ୍ଗାର ରୂପ ନେଇସାରିଛି। ଉତ୍ତର-ପୂର୍ବ ଦିଲ୍ଲୀର ମୌଜପୁରରେ ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ଟେକାମାଡ଼, ଭଙ୍ଗାରୁଜା ଓ ଜଳାପୋଡ଼ା କରିବା ସହ ସ୍ଥାନୀୟ ଲୋକଙ୍କୁ ଧମକ ଦେଇଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଛି। ଏହି ଦଙ୍ଗାରେ ଅଦ୍ୟାବଧି ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନ୍ୟୂନ ୧୫ ଜଣଙ୍କ ଦେହରେ ଗୁଳି ବାଜିଛି। ହିଂସାକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକର ପରୀକ୍ଷା ବାତିଲ କରିଦିଆଯାଇଛି। ଲୋକେ ଭୟରେ ବାହାକୁ ନ ବାହାରି ଘରେ ରହିଛନ୍ତି। ସ୍ଥିତି ଆଗକୁ ଅଧିକ ଜଟିଳ ହେବା ଆଶଙ୍କା ଥିବାରୁ ୩ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଏହାସହ ଏକକାଳୀନ କୌଣସି ସ୍ଥାନରେ ୪ ଜଣ ☞ପୃଷ୍ଠା-୧୫

# ସୋମନାଥ ପରିଡ଼ାଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨୫।୨(ବ୍ୟୁରୋ)



ସୋମନାଥ ଓ ଉଷାଶ୍ରୀ (ଫାଇଲ ଫଟୋ)

- ସେନାରେ ଡାକ୍ତର ଥିଲେ
- ସ୍ତ୍ରୀ ଉଷାଶ୍ରୀଙ୍କୁ ୩୦୦ ଖଣ୍ଡ କରି କାଟିଥିଲେ
- ବିଳମ୍ବ ହେଲେ ବି ନ୍ୟାୟ ମିଳିଛି: ଉଷାଶ୍ରୀଙ୍କ ଭାଇ

ସ୍ତ୍ରୀ ଉଷାଶ୍ରୀଙ୍କୁ ହତ୍ୟା ପରେ ୩ଶହ ଖଣ୍ଡ କରି କାଟିଥିଲେ ଅବସରପ୍ରାପ୍ତ ସେନା ଡାକ୍ତର ତଥା ଲ୍ୟୁଟନାଣ୍ଟ କଲୋନେଲ ସୋମନାଥ ପରିଡ଼ା। ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ଘଟିଥିବା ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ଖୋର୍ଦ୍ଧା ଜିଲା ଦୌରାଜଜ୍ ଦୋଷୀ ସୋମନାଥଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୬୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ସଜା ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଲୋକନାଥ ମହାପାତ୍ର ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିଚାରବେଳେ ଉଷାଶ୍ରୀଙ୍କ ଭାଇ, ପୁଅ, ଝିଅଙ୍କ ସହିତ ୨୪ଜଣଙ୍କ ସାକ୍ଷ୍ୟ ନିଆଯାଇଥିଲା। ଏହାସହ ୨୮ ଡକ୍ୟୁମେଣ୍ଟ, ଫରେନସିକ୍ ରିପୋର୍ଟକୁ ବିଚାରପତି ଅନୁଧ୍ୟାନ କରିବା ପରେ ରାୟ ଶୁଣାଇଥିଲେ। ଆଇପିସି ଦଫା ୩୦୨ (ହତ୍ୟା)ରେ ଆଜୀବନ ସଜା ସହ ୫୦ ହଜାର ଟଙ୍କା ଜରିମାନା, ଦଫା ୨୦୧ (ପ୍ରମାଣ ନଷ୍ଟ) ☞ପୃଷ୍ଠା-୧୫

**ଫୁଲବାଣୀରେ ବର୍ଷା ବିଘ୍ନାତ**

........୩........

**ମାର୍ଚ୍ଚ ୨୬ରେ ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ନିର୍ବାଚନ**

........୩........





292 CITIES COVERED | 541 SALES & SERVICE OUTLETS | FORD CREDIT | FORD ASSURED Certified Pre-Owned Cars | Search for Ford dealer near me

AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. Patrapada, Khurdha, Trupti Ford: ☎: 8657589340. • BALANGIR: Koshal Chowk, Minerva Ford, ☎: 9619051495. • BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Conditions and exclusions apply. Ex-showroom price is of Ambiente petrol variant of EcoSport, Aspire, Freestyle, Figo & Diesel Titanium variant of Endeavour. Ford Endeavour BS VI is available only in Diesel. Images and illustrations are for information purposes and are indicative only. Because of changes in conditions and circumstances, Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Always consult an authorised Ford Dealer for the latest information with respect to features, specifications, prices, optional equipment and availability before deciding to place an order. Features may vary from model to model. Colours are indicative only and may vary due to printing constraints. Specifications and features are subject to change without notice. Ford India requests you to follow traffic rules for your safety. For more information contact any Ford authorized dealer or visit website www.india.ford.com. Google and other related marks are trademarks of Google LLC.



Vencobb Fresh Chicken — Taste the difference!

25.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 38 | 77 | 87 |
| DKL | 38 | 77 | 87 |
| BDK | 40 | 80 | 90 |
| BLS | 41 | 81 | 91 |
| ANG | 39 | 79 | 89 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


**ଭାରତ-ଆମେରିକା ୩ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି**

........୨........



ଶାନ୍ତି ଓ ସଂହତି ଲାଗି ସରକାରଙ୍କ ସହ କଂଗ୍ରେସ ରହିଛି। ହିଂସାକୁ ରୋକାଯାଇ ଶାନ୍ତିରକ୍ଷା କରାଯାଉ।

-ରଣଦୀପ ସୁର୍‌ଜେୱାଲା, କଂଗ୍ରେସ ମୁଖପାତ୍ର



ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଟ୍ରମ୍ପ ଦମ୍ପତି।



ରାଷ୍ଟ୍ରପତି ଭବନରେ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦି କରମର୍ଦ୍ଦନ କରୁଛନ୍ତି। ନିକଟରେ ଅଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଆମେରିକାର ଫାଷ୍ଟ ଲେଡି ମାଲେନିଆ ଟ୍ରମ୍ପ।

# ୩ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି

ନୂଆଦିଲ୍ଲୀ,୨୫।୨

ଭାରତ ଓ ଆମେରିକା ମଧ୍ୟରେ ମଙ୍ଗଳବାର ୩ ବିଲିୟନ ଡଲାରର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଦୁଇଦିନିଆ ଐତିହାସିକ ଗସ୍ତ ଦୁଇରାଷ୍ଟ୍ରର ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ବିଶ୍ୱସ୍ତରୀୟକୁ ନେଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ପର୍କ କେବଳ ଦୁଇ ଦେଶର ସରକାରଙ୍କ ମଧ୍ୟରେ ସୀମିତ ନ ରହି ଲୋକାଭିମୁଖୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଟ୍ରମ୍ପ ମଧ୍ୟ ବାଣିଜ୍ୟଠାରୁ ନେଇ କଶ୍ମୀର ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସାକୁ ନେଇ ସେ କିଛି କହିବା ପାଇଁ ମନା କରିଦେଇଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।



ରାଷ୍ଟ୍ରପତି ଭବନରେ ଟ୍ରମ୍ପଙ୍କୁ ସ୍ୱାଗତ କରାଯାଉଥିବାବେଳେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେଇ ଛିଡ଼ା ହୋଇଛନ୍ତି ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ଉପଦେଷ୍ଟା ଜାରେଡ୍ କୁଶନର, ତାଙ୍କ ସ୍ତ୍ରୀ ଇଭାଙ୍କା ଟ୍ରମ୍ପ ଏବଂ ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ରବର୍ଟ ଓ'ବ୍ରିଏନ୍ ।

> ଭାରତ-ଆମେରିକା ସମ୍ପର୍କ ଦୁଇ ଦେଶର ସରକାରଙ୍କ ମଧ୍ୟରେ ସୀମିତ ନ ରହି ଲୋକାଭିମୁଖୀ ହେବ।
> -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

> ପ୍ରଧାନମନ୍ତ୍ରୀ ମୋଦି ଏକ ମହାନ ଦେଶର ଜଣେ ସାହସୀ ନେତା।
> -ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପଙ୍କୁ ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଟ୍ରମ୍ପ ଦମ୍ପତିଙ୍କୁ ତିନିସେନା ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଟ୍ରମ୍ପ ଦମ୍ପତି ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନା ପରେ ଦୁଇ ନେତା ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଟ୍ରମ୍ପଙ୍କୁ ଧନ୍ୟବାଦ ଦେଇ ମୋଦି କହିଥିଲେ, ଭାରତ-ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ଦୁଇଦେଶର ରଣନୈତିକ ସହଯୋଗିତାକୁ ପ୍ରତିଫଳନ କରୁଛି। ଡ୍ରଗ୍ ଚାଲାଣ ରୋକିବା ପାଇଁ ମଧ୍ୟ ଆମେ ସହମତ ହୋଇଛୁ। ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ, ଭାରତରେ ଦୁଇଦିନର ରହଣି ତାଙ୍କ ପାଇଁ ବିଶେଷ ଆମୋଦଦାୟକ ହୋଇଛି। ବିଶେଷକରି ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ର 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ୧,୨୫,୦୦୦ ଲୋକଙ୍କ ଉପସ୍ଥିତି ତାଙ୍କୁ ବିମୋହିତ କରିଥିଲା ବୋଲି ସେ ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ମୋଦିଙ୍କୁ ଏକ ମହାନ୍ ଦେଶର ଜଣେ ସାହସୀ ନେତା ଭାବେ ଅଭିହିତ କରିଥିଲେ। ଭାରତରେ ମୁସଲିମ ସମ୍ପ୍ରଦାୟ ପ୍ରତି ଭେଦଭାବପୂର୍ଣ୍ଣ ବ୍ୟବହାର ଦେଖାଯାଉଥିବା ନେଇ ପ୍ରଶ୍ନ ହେବାରୁ ଟ୍ରମ୍ପ କହିଥିଲେ, ଆମେ ଧର୍ମୀୟ ସ୍ୱାଧୀନତା ସମ୍ପର୍କରେ ଆଲୋଚନା କରିଛୁ। ଲୋକଙ୍କ ଧର୍ମୀୟ ସ୍ୱାଧୀନତା ବଜାୟ ରହୁ ବୋଲି ମୋଦି ଚାହାନ୍ତି। ଏହି କ୍ଷେତ୍ରରେ ସେ କଠିନ ପରିଶ୍ରମ କରିଛନ୍ତି। ତେବେ ସିଏଏ ନେଇ ଦୁଇନେତାଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇ ନ ଥିବା ସେ ପ୍ରକାଶ କରିଥିଲେ। ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ସମ୍ପର୍କରେ ଟ୍ରମ୍ପ କିଛି କହିବା ପାଇଁ ମନା କରିଦେବା ସହ ଏହାକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ମତ ଦେଇଥିଲେ। ଭାରତରେ ୩୬ ଘଣ୍ଟା ବିତାଇବା ପରେ ମଙ୍ଗଳବାର ରାତି ୧୦ଟା ୩୦ରେ ଟ୍ରମ୍ପ ପରିବାର ଓ ପ୍ରତିନିଧି ଦଳ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।

## ହୋସ୍‌ନି ମୁବାରକ୍‌ଙ୍କ ପରଲୋକ

କାଇରୋ, ୨୫।୨(ପି.ଟି.)



ଇଜିପ୍ଟର ପୂର୍ବତନ ରାଷ୍ଟ୍ରପତି ହୋସ୍‌ନି ମୁବାରକ୍‌ଙ୍କ ମଙ୍ଗଳବାର କାଇରୋ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ସେଠାରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ଦୀର୍ଘ ୩୦ ବର୍ଷ ଶାସନ କରିବା ସହ ମଧ୍ୟପ୍ରାଚ୍ୟରେ ସେ ନିଜକୁ ଜଣେ ଦକ୍ଷ ଏକଛତ୍ରବାଦୀ ଶାସକ ଭାବେ ପ୍ରତିପାଦନ କରିବାରେ ସମର୍ଥ ହୋଇଥିଲେ। ୨୦୧୧ରେ ବିଦ୍ରୋହ ମୁଣ୍ଡ ଟେକିବା ସହ ଗଣତନ୍ତ୍ର ସପକ୍ଷବାଦୀମାନେ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୮ ଦିନର ଦେଶବ୍ୟାପୀ ଆନ୍ଦୋଳନ ପରେ ସେନା ପକ୍ଷରୁ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ୨୦୧୨ ଜୁନ୍‌ରେ ମୁବାରକ୍ ଓ ତାଙ୍କ ପୂର୍ବତନ ସୁରକ୍ଷା ମୁଖ୍ୟଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଆଜୀବନ କାରା ଦଣ୍ଡାଦେଶ ଦିଆଯାଇଥିଲା। ୧୮ ଦିନର ବିକ୍ଷୋଭ ସମୟରେ ୯୦୦ ବିକ୍ଷୋଭକାରୀଙ୍କୁ ହତ୍ୟା କରିବା ଅଭିଯୋଗ ତାଙ୍କ ବିରୋଧରେ ଲଗାଯାଇଥିଲା। ମୁବାରକ୍‌ଙ୍କ ଦୁଇ ପୁଅ ଆଲ୍ଲା ଓ ଗମ୍‌ଲାଙ୍କୁ ଦୁର୍ନୀତି ଅଭିଯୋଗରେ ୩ ବର୍ଷ ଜେଲକୁ ପଠାଇ ଦିଆଯାଇଥିଲା। ୨୦୧୫ରେ ଆଲ୍ଲା ଓ ଗମ୍‌ଲା ମୁକ୍ତି ପାଇଥିବା ବେଳେ ମୁବାରକ୍ ୬ ବର୍ଷ ଜେଲରେ କଟାଇବା ପରେ ୨୦୧୭ରେ ମୁକୁଳିଥିଲେ। ନିଜ ଶାସନକାଳ ମଧ୍ୟରେ ମୁବାରକ୍ ଇସ୍‌ଲାମିକ୍ ଆତଙ୍କବାଦଠାରୁ ଦେଶକୁ ଦୂରେଇ ରଖିବାରେ ସମର୍ଥ ହୋଇଥିଲେ। ଆମେରିକାର ଜଣେ ଦୃଢ଼ ସମର୍ଥକ ଭାବେ ସେ କାମ କରୁଥିଲେ। ୧୯୨୮ରେ ଜନ୍ମଗ୍ରହଣ କରିଥିବା ମୁବାରକ୍ ୧୯୮୧ ଅକ୍ଟୋବର ୧୪ରେ ଦେଶର ଉପରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଇସ୍‌ଲାମିକ ଆତଙ୍କବାଦୀମାନେ ରାଷ୍ଟ୍ରପତି ଅନ୍‌ୱର ସଦାତ୍‌ଙ୍କୁ ହତ୍ୟାକରିବା ପରେ ନିଜର ବିଚକ୍ଷଣ ବୁଦ୍ଧି ବଳରେ ସେ ଦେଶର ଏକଛତ୍ରବାଦୀ ଶାସକ ହୋଇ ୩୦ ବର୍ଷ ଇଜିପ୍ଟର ସ୍ୱତନ୍ତ୍ରତା ଓ ବିକାଶକୁ ଗୁରୁତ୍ୱ ଦେଇଆସୁଥିଲେ।

## ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ



- ୩୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଭାରତର ସ୍ଥାନ ୨୧
- ଗାଜିଆବାଦ୍ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର
- ଭାରତ ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ଦେଶ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଦିଲ୍ଲୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ରାଜଧାନୀ ସହର ଭାବେ ପରିଗଣିତ ହୋଇଛି। ୱାର୍ଲ୍ଡ ଏୟାର୍ କ୍ୱାଲିଟି ରିପୋର୍ଟ-୨୦୧୯ ରିପୋର୍ଟ ଅନୁଯାୟୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୩୦ ସହର ମଧ୍ୟରେ ଭାରତର ୨୧ ସହର ରହିଛି। ଗାଜିଆବାଦ୍ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର ଭାବେ ରିପୋର୍ଟରେ ଦର୍ଶାଯାଇଛି। ଏହା ପଛକୁ ରହିଛି ଆମେରିକାର ହ୍ୟୁଷ୍ଟନ୍, ପାକିସ୍ତାନର ଗୁଜ୍‌ରନ୍‌ୱାଲା ଓ ଫୈସଲାବାଦ ଏବଂ ଭାରତର ଦିଲ୍ଲୀସହର। ଭାରତର ଅନ୍ୟ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ରହିଛି ନୋଏଡା, ଗୁରୁଗ୍ରାମ୍, ଗ୍ରେଟର ନୋଏଡା, ବାନ୍ଧୱାରି, ଲକ୍ଷ୍ନୌ, ବୁଲନ୍ଦସହର, ମୁଜାଫରନଗର, ବାଘ୍‌ପତ୍, ଜିନ୍ଦ୍, ଫରିଦାବାଦ, କୋରଟ୍, ଭିୱାଡି, ପାଟନା, ପଲ୍‌ୱାଲ, ମୁଜାଫରପୁର, ହିସାର, ଯୋଧପୁର ଓ ମୋରାଦାବାଦ। ବିଶ୍ୱର ପଞ୍ଚମ ପ୍ରଦୂଷିତ ଦେଶ ଭାବେ ଭାରତ ସ୍ଥାନ ପାଇଥିବା ବେଳେ ବାଂଲାଦେଶ, ପାକିସ୍ତାନ, ମଙ୍ଗୋଲିଆ ଓ ଆଫଗାନିସ୍ତାନ ପଛକୁ ରହିଛି।

## ୬ ସୁପ୍ରିମକୋର୍ଟ ବିଚାରପତିଙ୍କୁ ସ୍ୱାଇନ୍ ଫ୍ଲୁ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ସୁପ୍ରିମ୍‌କୋର୍ଟର ୬ ଜଣ ବିଚାରପତି ସ୍ୱାଇନ୍ ଫ୍ଲୁ(ଏଚ୍-୧ଏନ୍-୧)ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେମାନଙ୍କର ଚିକିତ୍ସା ପାଇଁ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ ଏକ ବୈଠକ ଡକାଇଥିଲେ। କିଭଳି ବିଚାରପତିଙ୍କ ଚିକିତ୍ସା ଠିକ୍ ଭାବେ କରାଯିବ ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏନେଇ ସେ ପ୍ରଧାନ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ସ୍ୱାଇନ ଫ୍ଲୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସେହିପରି କୋର୍ଟ ନମ୍ବର-୨ରେ ବିଚାରପତି ସଞ୍ଜୀବ ଖାନ୍ନା ମାସ୍କ ପିନ୍ଧି ଶୁଣାଣି କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସିଜେଆଇ ଜଷ୍ଟିସ ବୋବ୍‌ଡେ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ କର୍ମଚାରୀଙ୍କ ସହ ବୈଠକ କରି ଏନେଇ ସଚେତନ କରିଥିଲେ। ସୂଚନାଯୋଗ୍ୟ, କୋର୍ଟଙ୍କ ସମସ୍ତ ବିଚାରପତି, ଓକିଲ ଓ କର୍ମଚାରୀମାନଙ୍କୁ ପ୍ରତିଷେଧକ ଟିକା ଦେବା ଉପରେ ପ୍ରଶାସନ ଚିନ୍ତା କରୁଥିବା କୁହାଯାଉଛି।





ଇତିହାସର ଆଇନାରେ

### ଫେବୃୟାରୀ ୨୬ର ପ୍ରମୁଖ ଘଟଣା

୧୯୬୬ ଫେବୃୟାରୀ ୨୬ରେ ଭାରତର ବିଶିଷ୍ଟ ଲେଖକ ତଥା ରାଜନେତା ବିନାୟକ ଦାମୋଦର ସଭର୍‌କର ପ୍ରାଣ ହରାଇଥିଲେ।

୧୯୯୩ ଫେବୃୟାରୀ ୨୬ରେ ଆମେରିକାର ନ୍ୟୁୟର୍କ ସହରରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ନିକଟରେ ବୋମା ବିସ୍ଫୋରଣ ହୋଇ ୮ ଜଣ ପ୍ରାଣ ହରାଇବା ସହ ହଜାରରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## 'ହାପିନେସ୍ କ୍ଲାସ୍'ରେ ମେଲାନିଆ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଦକ୍ଷିଣ ଦିଲ୍ଲୀ ସରକାରୀ ସ୍କୁଲରେ ମଙ୍ଗଳବାର 'ହାପିନେସ୍ କ୍ଲାସ୍'ରେ ଯୋଗଦେଇ ଖୁସି ପ୍ରକଟ କରିଛନ୍ତି। ପାଠ୍ୟକ୍ରମ ନେଇ ସେ କହିଛନ୍ତି, ଏହା ଛାତ୍ରୀଛାତ୍ରଙ୍କ ଲାଗି ସକାରାତ୍ମକ ଉଦାହରଣ ପାଲଟିଛି। ମେଲାନିଆ ପ୍ରଥମେ ମୋତିବାଗସ୍ଥିତ ସର୍ବୋଦୟ କୋ-ଏଜୁକେଶନାଲ ସିନିୟର ସେକେଣ୍ଡାରୀ ସ୍କୁଲକୁ ଯାଇ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ଛାତ୍ରୀଛାତ୍ରୀଙ୍କୁ ଭେଟିଥିଲେ। ପୂର୍ବରୁ ସ୍କୁଲକୁ ଫୁଲରେ ସଜାଯାଇଥିଲା। ଛାତ୍ରୀଛାତ୍ରମାନେ ବଂଶୀବାଦନ କରି ତାଙ୍କୁ ସ୍ୱାଗତ କରିଥିଲେ। ପରେ ମେଲାନିଆ ସ୍କୁଲର କ୍ଲାସରୁମ୍‌କୁ ଯାଇଥିଲେ। ଯୋଗ କ୍ଲାସ୍‌ରେ ସେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ହାପିନେସ୍ କ୍ଲାସ୍‌ରେ ଯୋଗଦେଇ ମେଲାନିଆ ସ୍କୁଲ ପ୍ରଶାସନର ସ୍ୱାଗତ ଓ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ଭାରତ ଓ ଆମେରିକା ପତାକା ଧରି ସ୍ୱାଗତ କରିଥିଲେ। ପରେ ସେମାନେ ମେଲାନିଆଙ୍କୁ ମଧୁବଣି ପେଣ୍ଟିଂ ଓ କେତେକ ହାତ ତିଆରି ଉପହାର ପ୍ରଦାନ କରିଥିଲେ। ପ୍ରକାଶଥାଉକି ଏଏପି ପକ୍ଷରୁ ୨୦୧୮ରୁ ଏଭଳି ହାପିନେସ୍ କ୍ଲାସ୍ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ, ଧ୍ୟାନ ସହ କିପରି ଚାପମୁକ୍ତ ରହିପାରିବେ ସେନେଇ ବିଭିନ୍ନ ଶିକ୍ଷା ଦିଆଯାଉଛି।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ କେହଲା ରହିବା ସହ ବର୍ଷା ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ବର୍ଷା ଅନୁଭୂତ ହେବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୧.୨ | ୧୮.୬ |
| ଚାନ୍ଦବାଲି | ୨୧.୨ | ୧୮.୬ |
| କଟକ | ୨୧.୪ | ୧୬.୨ |
| ପାରାଦୀପ | ୨୨.୩ | ୧୯.୧ |
| ଭୁବନେଶ୍ୱର | ୨୦.୬ | ୧୭.୪ |
| ଗୋପାଳପୁର | ୨୬.୪ | ୨୦.୮ |
| ପୁରୀ | ୨୩.୮ | ୧୯.୮ |
| ଅନୁଗୋଳ | ୧୯.୯ | ୧୧.୬ |
| ବାରିପଦା | ୧୯.୫ | ୧୮.୦ |
| ଝାରସୁଗୁଡ଼ା | ୨୦.୨ | ୧୭.୨ |
| କେନ୍ଦୁଝର | ୧୭.୨ | ୧୫.୯ |
| ସମ୍ବଲପୁର | ୨୦.୪ | ୧୬.୦ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୧୯.୯ | ୧୭.୬ |
| ତାଳଚେର | ୨୫.୧ | ୧୭.୫ |
| ଭବାନୀପାଟଣା | ୨୭.୫ | ୧୮.୫ |
| ବଲାଙ୍ଗୀର | ୨୫.୨ | ୧୬.୭ |
| କୋରାପୁଟ | ୨୮.୦ | ୧୭.୦ |
| ଫୁଲବାଣୀ | ୨୨.୬ | ୧୫.୦ |
| ଟିଟିଲାଗଡ଼ | ୨୭.୨ | ୧୩.୫ |
| ମାଲକାନଗିରି | ୩୫.୨ | ୨୦.୨ |
| ସୋନପୁର | ୨୩.୩ | ୧୨.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍

## ୫୫ ଆସନ ପାଇଁ ମାର୍ଚ୍ଚ ୨୬ରେ ଭୋଟ

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଆଗାମୀ ଏପ୍ରିଲ ମାସରେ ଖାଲି ହେଉଥିବା ୫୫ ରାଜ୍ୟ ସଭା ଆସନ ଲାଗି ମାର୍ଚ୍ଚ ୨୬ରେ ଭୋଟଗ୍ରହଣ କରାଯିବ। ଏନେଇ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ୧୭ ରାଜ୍ୟର ୫୧ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ଯୋଗୁ ଏପ୍ରିଲ ମାସର ବିଭିନ୍ନ ତାରିଖରେ ଖାଲିପଡୁଛି। ଅନ୍ୟ ୪ ସଦସ୍ୟ ନିଜ ପଦରୁ ଇସ୍ତଫା ଦେବା କାରଣରୁ ଖାଲିପଡ଼ିଛି। ଏହିସବୁ ଆସନରେ ମାର୍ଚ୍ଚ ୨୬ରେ ଭୋଟଗ୍ରହଣ କରାଯିବ। ମାର୍ଚ୍ଚ ୬ରେ ନିର୍ବାଚନ କମିଶନ ଏନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ମାର୍ଚ୍ଚ ୧୩ ସୁଦ୍ଧା ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେବ। ମାର୍ଚ୍ଚ ୨୬ ସନ୍ଧ୍ୟାରେ ଭୋଟଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି।



ରାଜ୍ୟ ସଭାରେ କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି, ଜେଡିୟୁ ନେତା ତଥା ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଆର୍‌ପିଆଇ ନେତା ତଥା କେନ୍ଦ୍ରମନ୍ତ୍ରୀ ରାମ୍‌ଦାସ ଅଠାୱାଲେ, କଂଗ୍ରେସ ନେତା ମୋତିଲାଲ୍ ଭୋରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ବିଜୟ ଗୋୟଲ, କଂଗ୍ରେସ ନେତ୍ରୀ କୁମାରୀ ଶୈଲଜା ଓ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ପ୍ରମୁଖ।

ମହାରାଷ୍ଟ୍ରର ୭, ତାମିଲନାଡୁର ୬, ପଶ୍ଚିମବଙ୍ଗ ଓ ବିହାରର ୫ ଲେଖାଏ,

### ରାଜ୍ୟ ସଭା ଭୋଟ ଲାଗି ଇସିଙ୍କ ଘୋଷଣା

ଓଡ଼ିଶା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ୪ ଲେଖାଏ, ଆସାମ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩ ଲେଖାଏ, ତେଲଙ୍ଗାନା, ଛତିଶଗଡ଼, ହରିୟାଣା ଓ ଝାଡ଼ଖଣ୍ଡର ୨ ଲେଖାଏ, ହିମାଚଳପ୍ରଦେଶ, ମଣିପୁର ଓ ମେଘାଳୟର ଗୋଟିଏ ଲେଖାଏ ଆସନ ଲାଗି ଭୋଟ କରାଯିବ। ରାଜ୍ୟ ସଭା ନିର୍ବାଚନରେ ଭାଜପା ଓ କଂଗ୍ରେସ ଅଧିକାଂଶ ଆସନ ଜିତିବା ସମ୍ଭାବନା ଥିବାବେଳେ ଟିଏମ୍‌ସି ଓ ୱାଇଏସ୍‌ଆର୍‌ସି ମଧ୍ୟ ଉଚ୍ଚସଦନର ୨୪୫ ଆସନ ମଧ୍ୟରୁ ଲାଭ ଉଠାଇବା ସମ୍ଭାବନା ରହିଛି।

# ଫୁଲବାଣୀରେ ବର୍ଷା ବିଭ୍ରାଟ



ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷା ।



ଫୁଲବାଣୀ ସହରରେ ବର୍ଷା ପବନରେ କାର ଉପରେ ଗଛ ଭାଙ୍ଗିପଡିଛି।

**ଭୁବନେଶ୍ୱର (ବ୍ୟୁରୋ)/ଫୁଲବାଣୀ ଅଫିସ୍/ବଲାଙ୍ଗୀର ଅଫିସ୍, ୨୫।୨**

ମଙ୍ଗଳବାର ସାରା ରାଜ୍ୟରେ ପ୍ରବଳ ବର୍ଷା ହୋଇଥିଲା। ଏହା ସାଙ୍ଗକୁ ଝଡ଼ତୋଫାନ ଏଭଳି ହୋଇଥିଲା ଯେ, କେଉଁଠି ଗଛ ଉପୁଡ଼ିଗଲା ତ ଆଉ କେଉଁଠି ଘର ଛପର, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଫଳରେ ୮ ଶିଶୁଙ୍କ ସମେତ ୧୩ଜଣ ଆହତ ହୋଇଛନ୍ତି। ଅଦିନିଆ ବର୍ଷା ଯୋଗୁ ରାଜ୍ୟର ଅନେକ ସ୍ଥାନରେ ଚାଷୀଙ୍କ ସମେତ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରୁ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଥିଲାବେଳେ ସବୁଠାରୁ କ୍ଷତିଗ୍ରସ୍ତ କରିଛି ଫୁଲବାଣୀ ସହରକୁ।

ଫୁଲବାଣୀ ସହରରେ ମଙ୍ଗଳବାର ସକାଳେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ମାତ୍ର ଅଳ୍ପ ସମୟରେ ସହରର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପ୍ରାୟ ୧୫୦ କି.ମି. ବେଗରେ ପବନ ବହିବା ଯୋଗୁ ସହରର ମୁଖ୍ୟରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାବେଳେ ଗଛଡ଼ାଳ ସବୁ ଭାଙ୍ଗି ପଡ଼ିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବଡ଼ ବଡ଼ ଡ଼ାଳ ଭାଙ୍ଗିପଡ଼ି ରାସ୍ତା ଅବରୋଧ କରିଥିଲା। ସ୍ଥାନୀୟ କଲେଜ ଛକ, ମାଦିକୁନ୍ଦା ଛକ, ଜିରିଙ୍ଗିପଡ଼ା, ଟାଉନ୍ ଥାନା, ଜିଲାପାଳଙ୍କ ଅଫିସ, ଏସ୍‌ପି ଅଫିସ୍, ଏଜେଓ ହାଇସ୍କୁଲ, ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଗଛ ପଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏକ ସ୍କୁଲ ଉପରେ ଗଛ ଭାଙ୍ଗି ପଡ଼ିବାରୁ ସେଠାରେ ୮ ଶିଶୁ ଓ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ସେହିପରି ପିଅନପଡ଼ା କାଳୀମନ୍ଦିର ସାହିର ଏକ ଘର ଉପରେ ଗଛ ପଡ଼ି ୨ ଜଣ ଓ ମେଡିକାଲ ଛକରେ ପରିବା ବିକ୍ରି କରୁଥିବାବେଳେ ଡାଳ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ଅନେକ କାର, ବାଇକ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ ଆକଳନରୁ ସହରରେ ୨୦ ଘର ଭାଙ୍ଗିଥିବା ଫୁଲବାଣୀ ତହସିଲଦାର ଦୀନମଣି ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫୁଲବାଣୀ ସହର ମଧ୍ୟରେ ଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମରାମତି କାର୍ଯ୍ୟରେ ନିୟୋଜିତ ଥିବାବେଳେ ମାଟ୍ରିକ୍ ପରୀକ୍ଷା ଚାଲିଥିବାରୁ ଯଥାଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଇଛି। ଏନେଇ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନ୍ତି ସୂଚନା ଦେଇଛନ୍ତି।

ସେହିପରି ବଲାଙ୍ଗୀରରେ ସୋମବାର ବିଳମ୍ବିତ ରାତିରେ ପ୍ରବଳ ଘୂର୍ଣ୍ଣିଝଡ଼ ସହ ବର୍ଷା ହେବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗି ପଡ଼ିବାରୁ ସହରର ଅର୍ଦ୍ଧାଧିକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସହରର ବିଭିନ୍ନ ଜାଗାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ରାତି ପ୍ରାୟ ୨ଟାରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ସହରର ପ୍ୟାଲେସ ଲାଇନ, ରାମେଶ୍ୱର ନଗର, ମେଘନାଥପଡ଼ା, ଗାନ୍ଧୀନଗର ପଡ଼ା, ସତ୍ୟନାରାୟଣ ପଡ଼ା ଏବଂ ଅନ୍ୟ ଅଞ୍ଚଳରେ ଥିବା ବହୁ ଘରର ଛାତ ଆଜବେଷ୍ଟସ ଉଡ଼ିଯାଇଛି। ରାମେଶ୍ୱର ନଗରରେ କାନ୍ଥ ପଡ଼ିଯିବାରୁ ସୈରେନ୍ଦ୍ରୀ ବରାଡ଼ ନାମକ ଜଣେ ମହିଳା ଗୁରୁତର ଆହତ ହୋଇ ବୁର୍ଲାକୁ ସ୍ଥାନାନ୍ତରଣ ହୋଇଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ସୋମବାର ରାତିରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ସୁଦ୍ଧା ସୋନପୁରରେ ସର୍ବାଧିକ ୫୭.୮ ମିମି ବର୍ଷା ହୋଇଛି। ଏହାସହ ବୌଦ୍ଧରେ ୪୫.୨, ଫୁଲବାଣୀରେ ୪୧, ବଲାଙ୍ଗୀରରେ ୩୦, ଅନୁଗୋଳରେ ୨୪.୬, ସମ୍ବଲପୁରରେ ୨୦.୩, ହୀରାକୁଦରେ ୧୯.୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ଅପରାହ୍ଣ ସାଢ଼େ ୫ଟା ମଧ୍ୟରେ ସମ୍ବଲପୁରରେ ୨୬, କଟକରେ ୧୭, ନୟାଗଡ଼ରେ ୧୫.୪, କେନ୍ଦୁଝରରେ ୧୪.୨, ହୀରାକୁଦରେ ୧୩.୫, ଭୁବନେଶ୍ୱରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ, ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼ରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ତେବେ ବୁଧବାର ରାଜ୍ୟର ଉପକୂଳ ଓଡ଼ିଶାର କେତେକ ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟରେ ବର୍ଷା ହେବ।

ଅନ୍ୟପଟେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ଉତ୍ତର-ଉପକୂଳ ଓଡ଼ିଶା ସମେତ ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କନ୍ଧମାଳ ଆଦି ଜିଲାରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିବ। ଗୁରୁବାର ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଏବଂ ଶୁକ୍ରବାର କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀରରେ ଘନ କୁହୁଡ଼ି ପରିଲକ୍ଷିତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ସାରା ରାଜ୍ୟରେ ପ୍ରବଳ ବର୍ଷିଲା

- ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ, ଭାଙ୍ଗିଲା ଗଛ, ଉଡ଼ିଲା ଛପର
- ୮ ଶିଶୁ ସମେତ ୧୩ ଆହତ

# ମାର୍ଚ୍ଚ ୨୬ରେ ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ନିର୍ବାଚନ

- ୧୭ ରାଜ୍ୟର ୫୫ ଆସନରେ ହେବ ଭୋଟ
- ୬ରେ ପ୍ରକାଶ ପାଇବ ବିଜ୍ଞପ୍ତି
- ୧୩ ସୁଦ୍ଧା ସରିବ ନାମାଙ୍କନ, ୧୮ରେ ପ୍ରତ୍ୟାହାର

**ଭୁବନେଶ୍ୱର, ୨୫।୨ (ବ୍ୟୁରୋ)**

ରାଜ୍ୟ ସଭାର ୫୫ ଆସନ ଆସନ୍ତା ଏପ୍ରିଲରେ ଖାଲି ହେବାକୁ ଯାଉଛି। ଏହି ସବୁ ଆସନ ୧୭ଟି ରାଜ୍ୟର ହୋଇଥିବାବେଳେ ଏଥିରୁ ଓଡ଼ିଶାର ୪ଟି ରହିଛି। ଏହି ୫୫ ଆସନରେ ଆସନ୍ତା ମାର୍ଚ୍ଚ ୨୬ରେ ନିର୍ବାଚନ ହେବ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଏପ୍ରିଲ ୨ରେ କାର୍ଯ୍ୟକାଳ ଶେଷ ହେଉଥିବା ଓଡ଼ିଶାର ୪ଜଣ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରେ ରଞ୍ଜୀବ ବିଶ୍ୱାଳ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ ସରୋଜିନୀ ହେମ୍ବ୍ରମ ରହିଛନ୍ତି। ସେହିପରି ଗତ ଲୋକ ସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଏମ୍‌ପି ଭାବେ ଅନୁଭବ ମହାନ୍ତି ବିଜୟୀ ହେବାପରେ ତାଙ୍କ ରାଜ୍ୟ ସଭା ଆସନ ଖାଲି ପଡ଼ିଛି। ପୂର୍ବରୁ ସେ ଇସ୍ତଫା ଦେଇସାରିଥିଲେ ମଧ୍ୟ ସେହି ଆସନରେ କେହି ରାଜ୍ୟ ସଭା ଯାଇନାହାନ୍ତି।

ଇସିଆଇଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜ୍ୟ ସଭା ନିର୍ବାଚନ ଲାଗି ମାର୍ଚ୍ଚ ୬ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୧୩ ତାରିଖ ହେଉଛି ନାମାଙ୍କନ ଦାଖଲର ଶେଷ ଦିବସ। ମାର୍ଚ୍ଚ ୧୬ରେ ନାମାଙ୍କନ ଯାଞ୍ଚ ଓ ୧୮ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ ହୋଇଛି। ମାର୍ଚ୍ଚ ୨୬ରେ ସମସ୍ତ ୫୫ ଆସନ ପାଇଁ ଭୋଟଗ୍ରହଣ ହେବ। ଉକ୍ତ ଦିନ ପୂର୍ବାହ୍ଣ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଏବଂ ଅପରାହ୍ଣ ୫ଟାରେ ଭୋଟ ଗଣତି କରାଯିବ। ୩୦ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ଇସିଆଇଙ୍କ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ରାଜ୍ୟର ୪ ଆସନ କିଏ, କିଏ ହାତେଇବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଏହି ସମସ୍ତ ଆସନ ବିଜେଡି ହାତକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସଂଖ୍ୟାଦୃଷ୍ଟିରୁ ଦେଖିଲେ ଏଥିରୁ ୩ଟି ଆସନକୁ ବିଜେଡି ଅତି ସହଜରେ ହାତେଇପାରିବ। ଏହାସହ ଯେଉଁ ଗୋଟିଏ ଆସନକୁ ନେଇ ସନ୍ଦେହ ରହିଛି, ତାହା ମଧ୍ୟ ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ବିଧାନସଭାରେ ଭାଜପାର ୨୩ ସଦସ୍ୟ ରହିଛନ୍ତି। ସଂଖ୍ୟାଦୃଷ୍ଟିରୁ ଭାଜପା ଦୁର୍ବଳ ଥିବାବେଳେ ଗୋଟିଏ ଆସନରେ ପ୍ରାର୍ଥୀ ଦେବ ବୋଲି ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି। କଂଗ୍ରେସର ମାତ୍ର ୯ଜଣ ସଦସ୍ୟ ବିଧାନସଭାରେ ଥିବାରୁ ଦଳ ନିର୍ବାଚନରୁ ଦୂରେଇ ରହିବ ବୋଲି ଚର୍ଚ୍ଚା ହେଉଛି। ଯଦି ବାମଦଳ ନେତାଙ୍କ ସମର୍ଥନ ରହେ ତେବେ କଂଗ୍ରେସ ପ୍ରାର୍ଥୀ ଦେଇପାରିବ, ଏନେଇ ଦଳର ଉଚ୍ଚପଦସ୍ଥ ନେତା ନିଷ୍ପତ୍ତି ନେବେ ବୋଲି ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ଏବଂ ସିପିଆଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଆଭିମୁଖ୍ୟ ବିଜେଡି ସପକ୍ଷରେ ଥିବା ଚର୍ଚ୍ଚା ହେଉଛି। ମକରନ୍ଦ ନିଜ ଆଭିମୁଖ୍ୟ ପୂର୍ବରୁ ସରକାରଙ୍କ ସପକ୍ଷରେ ବୋଲି କହିସାରିଛନ୍ତି। ବିଗତ ନିର୍ବାଚନଗୁଡ଼ିକରେ ଶାସକ ଦଳ ପ୍ରାର୍ଥୀ ଚୟନରେ ଚକ୍‌ମା ଦେଇ ଆସିଛି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ଟିକେଟ ଦେବେ ତାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

Kiit HIGHER SECONDARY SCHOOL
FULLY RESIDENTIAL
For XI & XII Science Programme
WISH ALL THE HSC EXAMINEES GRAND SUCCESS
just one step...
SUMMER COURSE
Starts from 15th March - 20
(For the students appearing 10th Board Examination of BSE/ CBSE/ ICSE - 2020)
For Further Details Please Contact:
Kiit Science College, Campus-8, KIIT, Patia, Bhubaneswar, Tel.: 9556383366
Mob.: 9090091591, 9090091589, 9040625707
www.kiitsciencecollege.org, kiitsciencecollege@yahoo.co.in



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

*ସାଧାରଣ ଫାଇନାନ୍ସ ସ୍କିମ୍ ଏବଂ ବିଶେଷ ଲୋନ୍ ପରିମାଣ ଏବଂ ସମୟ ଅବଧି ଉପରେ ନିର୍ଭର କରି 10000* ଟଙ୍କା ସଂଚୟ ହିସାବ କରାଯାଇଥାଏ। ଫାଇନାନ୍ସ ସ୍କିମ୍ ନିର୍ଦ୍ଦିଷ୍ଟ ଅର୍ଥ ପ୍ରଦାନଙ୍କ ସ୍ୱ-ବିଚାର ଆଧାରରେ ଉପଲବ୍ଧ। ଚିତ୍ରରେ ଦର୍ଶାଯାଇଥିବା ପ୍ରଡକ୍ଟ ବଜାରରେ ଉପଲବ୍ଧ ଥିବା ପ୍ରକୃତ ପ୍ରଡକ୍ଟଠାରୁ ଅଲଗା ହୋଇପାରେ। ଚିତ୍ରରେ ଦର୍ଶାଯାଇଥିବା ଆକ୍ସେସୋରିଜ୍‌ଗୁଡ଼ିକ ଷ୍ଟାଣ୍ଡାର୍ଡ ଫିଟ୍‌ମେଣ୍ଟର ଏକ ଅଂଶ ନୁହେଁ। **ସର୍ତ୍ତାବଳୀ ଲାଗୁ।

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; Bidharpur: Vinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 7077726314; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244, 7852930844; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076; GAREJ CHACK: Gugnani Honda - 7008342169, 8144286965.
For Bulk/Institutional enquiries, please write us at: institutionalsales@honda2wheelersindia.com

**ଆଜିର ମନ୍ତବ୍ୟ**

"ମୋଦି-ଟ୍ରମ୍ପ ଆଲୋଚନାରେ ସିଏଏ ପ୍ରସଙ୍ଗ ସ୍ଥାନ ପାଇ ନ ଥିଲା। କେବଳ ଧାର୍ମିକ ସଦ୍‌ଭାବ ଉପରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯାଇଥିଲା।"
– ହର୍ଷବର୍ଦ୍ଧନ ଶ୍ରିଙ୍ଗଲା, ବୈଦେଶିକ ସଚିବ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁଡ଼ିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଡିସେମ୍ବରରେ ୧୨.୬୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।
- ଇଏସ୍‌ଆଇସି ପେରୋଲ ଡାଟା




# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣକଲେ ତରୁଣକାନ୍ତି, କାଳିଚରଣ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମଙ୍ଗଳବାର ୨୦୧୯ ମସିହା ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ମଣ୍ଡି ହାଉସ୍ଥିତ କମାନୀ ଅଡିଟୋରିୟମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ଗୀତିକାର ଗୁଲ୍‌ଜାର ଏବଂ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଡ଼ିଶାରୁ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର ଏବଂ ସାନ୍ତାଳୀ କଥାକାର କାଳିଚରଣ ହେମ୍ବ୍ରମ୍ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ମିଶ୍ର ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ଭାସ୍ୱତୀ' ପାଇଁ ଏକାଡେମୀ ପୁରସ୍କାର ପାଇଥିବାବେଳେ ସାନ୍ତାଳୀ ଭାଷା ସାହିତ୍ୟରେ ଅବଦାନ ଲାଗି ହେମ୍ବ୍ରମ୍ ପୁରସ୍କାର ଗ୍ରହଣ କରିଥିଲେ।

୧୯୫୦ ଅଗଷ୍ଟ ୨ରେ କେନ୍ଦୁଝର ଜିଲାରେ ଜନ୍ମଗ୍ରହଣ କରିଥିବା ତରୁଣକାନ୍ତି ମିଶ୍ରଙ୍କର ୨୦୦ରୁ ଅଧିକ ଲେଖା ପ୍ରକାଶିତ ହୋଇଛି। 'ଦଣ୍ଡକାରଣ୍ୟ' ପୁସ୍ତକ ପାଇଁ ଖ୍ୟାତିଅର୍ଜନ କରିଥିବା ଏହି ସାହିତ୍ୟିକଙ୍କ କାଳଜୟୀ ରଚନା ମଧ୍ୟରେ ରହିଛି 'ରଜନୀଗନ୍ଧା', 'ସକାଳର ମାନଚିତ୍ର', 'ସଂବହନ', 'ଶରଦଃ ଶତମ୍', 'ଆଜି ରାତିର ଗଳ୍ପ', 'ବହୁବ୍ରୀହି', 'ଭାସ୍ୱତୀ' ଆଦି ରହିଛି। ସେହିଭଳି ସାନ୍ତାଳୀ କଥାକାର କାଳିଚରଣ ହେମ୍ବ୍ରମ୍ ୧୯୬୦ ମେ' ୧ରେ ମୟୂରଭଞ୍ଜରେ ଜନ୍ମଗ୍ରହଣ କରିଥିଲେ। ୧୯୮୨ରେ ଲେଖାଲେଖି ଆରମ୍ଭ କରିଥିବା କାଳିଚରଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଜଣେ ବରିଷ୍ଠ ଅଧିକାରୀଭାବେ କାର୍ଯ୍ୟ କରିଛନ୍ତି। ସାନ୍ତାଳୀ ଭାଷାରେ ବହୁ ସାହିତ୍ୟ ପତ୍ରିକା ପାଇଁ ଲେଖୁଥିବା ଏହି ସାହିତ୍ୟିକଙ୍କ ଭାରତୀୟ କଥାସାହିତ୍ୟ ପ୍ରତି ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି।

# classifieds

**Everyday 0674-2580101, 2549302**




## BRIDE WANTED

Handsome brahmin boy 1989 5'6", 1/1, M.Tech, U.G.C, Net qualified service, T.G.T (Computer Science DAV) N.T.F.C, Contact Swaymbar, 9861501286, 9583335399. D-60874

Central Government ଚାକିରି 43 ବୟସ୍କ Unmarried Brahmin ପୁଅଙ୍କ ପାଇଁ ଯେ କୌଣସି ଜାତିର ଝିଅ ଦରକାର। 8144890408. D-67935

Wanted fair, goodlooking bride working preferably in IT Sector for handsome karan groom, B.Tech, 29years, 5'9", 15lakhs PA, Software professional, Bangalore, 9348720963. D-68338

ଭୁବନେଶ୍ୱର ସ୍ଥିତ 30,000 ଦରମା, 40 ବୟସ୍କ ବ୍ରାହ୍ମଣ Divorcee ପୁଅଙ୍କ ପାଇଁ ଝିଅ ଦରକାର, 9668488654. D-67933

Brahmin boy 1994/5'8", serving MNC Bhubaneswar requires beautiful bride 8144591758. D-68595

Kaibarta boy/31/5.6, B.Tech Govt. job in Chennai, 8-9 LPA, need a educated beautiful girl (any caste) 8594934817, 8895265673. D-16854

Khandayat boy 1992/ M.Sc, Syndicate Bank Manager. "VAISNABI" 9337336614, 7008967858. D-68594

## GROOM WANTED

Highschool Clerk 41 ବୟସ୍କା ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର, 7381460016. D-67932

ଜାତିବନ୍ଧନ ନାହିଁ। 35, 5'.3", M.A, B.Ed, ମହିଳା ବାଳ ବିକାଶ ସୁପର୍‌ଭାଇଜର, ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16857

32 ବୟସ୍କା ଧୋବା ଅବିବାହିତା Private School Teacher ଝିଅଙ୍କ ପାଇଁ Unmarried ପୁଅ ଦରକାର। 7008080967. D-67934

Wanted Gen/OBC groom (Govt./reputed company service preferred) for a Rangani girl (1982/ Dhanu, PG) Call- 9437178454, 9861182688 (no mediator please). D-59537

Postal Assistant ଭାବରେ କାର୍ଯ୍ୟରତ ଥିବା 47ବର୍ଷର ବିଧବା ମହିଳା ପାଇଁ ବରପାତ୍ର, ଯୋଗାଯୋଗ କରନ୍ତୁ। 8895411143. D-68821

Now Matrimonial ads. only on Wednesday & Sunday Book 1 Get 1 FREE




## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

30'road boundary, gharabari fully developed plot Gudiapokhari (KEC) 9937166932. D-68597

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

4400 sqft. gharabari residential land for sale at Nayapalli, Bhubaneswar. Price - 1.63 Crore, Contact : 6370212755. D-69224

NRI'S Bungalow for sale having area 7114sqft. and built up area 3797sqft. at Sabitri Sadan, Rameswar Patana near Mausima square, Bhubaneswar. For details Contact: 9437220545. D-67110

3BHK Duplex 35,00,000/- finishing Hanspal, low cost plot Atala- 6372150338. D-68668

ଭୁବନେଶ୍ୱର ବାଳକାଟି ବଜାରରୁ **2km sqft.-550/-,** (ଘରବାରି) ଜଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

Duplex for sale at patia, Ragunathpur, Bhubaneswar. Contact to.-7735412646. D-68683

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69225

**Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ କଂକ୍ରିଟରୋଡ଼ ସ୍ଥିତିବାନ ଘରବାରି ପ୍ଲଟ 40'x65' 30ଲକ୍ଷ। 9853966120, 9437177131. D-69013

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ **NH side** ପ୍ଲଟ ମିଳୁଅଛି। **Owner- 9090963952.** D-68497

## PURCHASE

Plot required on outright/ sharing basis in Bhubaneswar. Contact: 7978751719. D-67540




Building construction, renovation, repairing, colouring, plumbing work. Contact- mistrilabour.com 9658009658. D-69223

## GENERAL

## SALE

40KW generator, diesel pump, electrical motor and other accessories for sale near Bhanjanagar, Ganjam District. Contact: 9439852555. D-16890




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Full body herbal massage with refreshment expert therapist. 7381239385, 06742540855. D-69213

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Experience full body massage with us (expert). Call: 7377048581, 06742597822. D-69214

Ayurvedic full body massage by ladies, gents therapist. 7008773793 D-60873

Herbal full body massage by smart / expert therapist. Contact: 8338067247. D-69215

Newly open full body massage by ladies, gents therapist. 8018656899 D-60872

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

Newly opening fullbody massage leadies and gents unisex- Mob: 8018855456. D-38568

Monalisa Massage Club: All types body massage with hiprofile smart lady rooms service available- 9708545108. D-16879

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I Sri Amiya Kumar Khuntia aged about 42 years, S/o- Rabindranath Khuntia resident of plot no. 473, Nageswartangi, P.S- Shree Lingaraj, Bhubaneswar, Dist- Khurda, do hereby solemnly affirm and state as follows:-

That I am the deponent of this affidavit that some relevant document of my office as well as personal document such as Bank signed cheques of Canara bank, Indusind Bank, Punjab and Sindh Bank, Non-Judicial stamp papers etc. have been lost or misplaced somewhere in the month of 5th January 2020 when I was returning from my house to my office. Thereafter I was searching about this but all my attempts went in vain and could not able to find out those documents. D-67111

## AFFIDAVIT

By virtue of this affidavit before Executive Magistrate on Dt.20.02.2020 Kshetramohan Sahu (Old Name), S/o- Sudam Sahu, Vill- Sadenga, PO-Patapur, PS-Kakatpur, Dist- Puri. I have changed my name from Kshetramohan Sahu to Kshetramohan Sahoo (New Name) for all purposes. D-16891

By virtue of affidavit (37/24.02.20), sworn before Executive Magistrate, Bhubaneswar, my minor daughter's name is changed Milan Swadeshna Shivanginee to Shivanginee Behera. Henceforth she shall be known as above for all purposes. Sign- Sharat Chandra Behera. D-65903

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶୁକ୍ର ସହ ଚନ୍ଦ୍ର ଯୋଗ ହେତୁ ଗୃହରେ ଶୁଭକାମରେ ବନ୍ଧୁମିଳନ ନିଶ୍ଚିତ। ଏହିଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବାରେ ଅବହେଳା କରିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସୁସ୍ଥ ପରିବେଶ ଓ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ** ଗ୍ରହମାନଙ୍କ ଶୁଭସଂସ୍ଥାନ କାରଣରୁ ଏକାଧାରରେ ଅର୍ଥ,ସମ୍ମାନ ଓ ମିତ୍ରବନ୍ଧୁଙ୍କ ସମାଗମରୁ ଖୁସୀ ରହିବେ। ଉଚ୍ଚ ମନୋବଳ ପ୍ରତ୍ୟେକ କାମରେ ଉତ୍ସାହ,ଉଦ୍ଦୀପନା ସୃଷ୍ଟି କରିବ। ଉଚ୍ଚସ୍ଥ ଶୁକ୍ର ସ୍ୱାସ୍ଥ୍ୟରେ ଉନ୍ନତି, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ।

**ମିଥୁନ** ଅଷ୍ଟମରେ ଶନି ଧନସ୍ଥାନକୁ ଦୃଷ୍ଟିଦେଉଥିବାରୁ ଧନପ୍ରାପ୍ତିରେ ବିଳମ୍ବ ସହ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ବାଧହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହୋଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗ ଲାଭକରି ମାଙ୍ଗଳିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**କର୍କଟ** ଶନିଙ୍କ ପ୍ରଭାବରେ ଆଳସ୍ୟ ଓ ଅବହେଳା ଯୋଗୁ କାର୍ଯ୍ୟସ୍ଥଗିତ ରହିବା ସହ ତିରସ୍କୃତ ହୋଇପାରନ୍ତି। ଦୀର୍ଘ ଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ନିରର୍ଥକ ହୋଇପାରେ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣ ବଶତଃ ଓଲଟା କଥା କହି ଅପଦସ୍ତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ଆଜିର ଆବଶ୍ୟକତା ଅନୁଯାୟୀ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ହେବା ସହ ବିବାଦୀୟ ଘଟଣାର ବିଜୟୀ ହେବେ। ପାରିବାରିକ ସ୍ଥିତି.ସ୍ୱାସ୍ଥ୍ୟ ସମସ୍ୟା, ନିର୍ମାଣାଧୀନ କାମ ଓ ନୂତନ ବନ୍ଧୁତ୍ୱ ସ୍ଥାପନ କ୍ଷେତ୍ରରେ ସଫଳତା ପାଇବେ।

**କନ୍ୟା** ସମସ୍ୟା ଲାଗିରହିଥିଲେ ମଧ୍ୟ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସଫଳତା ଲାଭକରିବେ। ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗଯୋଗ ତଥା ଏଜେନ୍ସିପରୁ ଖୁସି ରହିବେ। ସରକାରୀ ସ୍ତରରୁ ଅଚାନକ ଭାବରେ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ତୁଳା** ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରି ଖୁସୀ ହୋଇପାରନ୍ତି। ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ଭରସା କରି ଅପେକ୍ଷାରେ ଥିଲେ ମଧ୍ୟ ବନ୍ଧୁମାନଙ୍କ ଠାରୁ ଠିକ୍ ସମୟରେ ସାହାଯ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ।

**ବିଛା** ପାରିବେଶିକ କୁପ୍ରଭାବରୁ ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ। ପାରିବାରିକ ଜୀବନରେ ବୃଥା ସନ୍ଦେହ ଅର୍ଶାିର କାରଣ ପାଲଟିଯିବ। ରାଜନୈତିକ ସ୍ଥିତି ମଜ୍‌ବୁତ୍ ରହିବା ସଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢିବ। ବନ୍ଧୁ ଓ ଆତ୍ମୀୟମାନଙ୍କ ସହଯୋଗରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିବା ସହ ଆଶା ଉଜ୍ଜ୍ୱଳତର ହୋଇପାରେ। ମୂଳା ନକ୍ଷତ୍ର ସରଳବିଶ୍ୱାସ କରି କୌଣସି ଅଜଣା ଅଶୁଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆଜିର ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସନ୍ତୋଷ ପ୍ରକାଶ କରିବେ।

**ମକର** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ନିଶ୍ଚିତ କାମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ତଥାପି ନୂତନ କାର୍ଯ୍ୟାରମ୍ଭ, ବନ୍ଧୁସମ୍ପର୍କ, ଯାତ୍ରା ଓ ଆନୁଷ୍ଠାନିକ କାମରେ କିଛି ଅସୁବିଧା ହେବନି।

**କୁମ୍ଭ** ସ୍ୱାସ୍ଥ୍ୟହାନୀ ସଙ୍ଗକୁ ଖର୍ଚ୍ଚାନ୍ତ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ଶିଳ୍ପ, ବାଣିଜ୍ୟ, ଶେୟାରବଜାର କ୍ଷେତ୍ରରେ କ୍ଷତିର ଆଶଙ୍କା ରହିଛି। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାରେ ଜଣେ ବନ୍ଧୁ ହସ୍ତକ୍ଷେପ କରିପାରନ୍ତି।

**ମୀନ** ପାପଗ୍ରହ ଯୁକ୍ତ ବୃହସ୍ପତି ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ନିର୍ମାଣକୁ କେନ୍ଦ୍ରକରି ଜମିଜମା ବିବାଦ ସୃଷ୍ଟି ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଫାଲଗୁନ ଶୁକ୍ଳ ତୃତୀୟା ବୁଧବାର, ଫେବୃୟାରୀ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ଅଦ୍ୟ ବିବାହ ପାଣିଗ୍ରହଣ,ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଦିବା ଘ୭।୪୫ମି. ମଧ୍ୟେ ଘ୧୦।୦୩ମି. ଗତେ, ଘ୧୧।୩୬ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୮ମି. ମଧ୍ୟେ ଘ୯।୦୪ମି. ଗତେ ଘ୧୦।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୯ମି. ଗତେ ଘ୧।୨୬ମି. ମଧ୍ୟେ ରାହୁକାଳ।

# ବିରୋଧୀଙ୍କ ହଟ୍ଟଗୋଳ, ପ୍ରଶ୍ନକାଳ ବରବାଦ

## ବିଧାନସଭାରେ ପୁଣି ଧାନ ତାତି

- ସର୍ବଦଳୀୟ ବୈଠକ ପରେ ଗୃହ ସ୍ୱାଭାବିକ
- ମାର୍ଚ୍ଚ ୩୧ ଯାଏ ଧାନ କିଣା ହେବ
- ଯୋଗାଣ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ ବାଚସ୍ପତି
- ଧାନ କିଣାକୁ ନେଇ ଶୂନ୍ୟକାଳରେ ବିରୋଧୀଙ୍କ ଅସନ୍ତୋଷ



ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଚାଷୀଙ୍କଠାରୁ ଧାନସଂଗ୍ରହକୁ ନେଇ ବିଧାନସଭାରେ ପୁଣି ହଙ୍ଗାମା ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ସୋମବାର ଗୃହକୁ ଅଚଳ କରିଥିବା ବେଳେ ମଙ୍ଗଳବାର ମଧ ହୋ-ହଲ୍ଲା କରିଛନ୍ତି। ଫଳରେ ଗୃହରେ ପ୍ରଶ୍ନୋତ୍ତର ହୋଇପାରି ନ ଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବାଧ୍ୟହୋଇ ଗୃହ କାର୍ଯ୍ୟ ଆରମ୍ଭ ହେବାର ମାତ୍ର ଅଧମିନିଟ ପରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ୧୦ଟା ୩୦ମିନିଟରେ ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ଆସିଥିଲେ। ସଦସ୍ୟମାନେ ନମସ୍କାର ଜଣାଇ ବାଚସ୍ପତିଙ୍କୁ ସ୍ୱାଗତ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ସଦସ୍ୟ ତାରାପ୍ରସାଦ ବାହିନୀପତି, ମହମ୍ମଦ ମୋକିମ୍, ସୁରେଶ କୁମାର ରାଉତରାୟ, ରମେଶ ଚନ୍ଦ୍ର ଜେନା ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ବ୍ୟାନର ଦେଖାଇ ପ୍ରତିବାଦ କରିଥିଲେ। ଭାଜପା ସଦସ୍ୟ ବିଷ୍ଣୁପଦ ସେଠୀ, ମୋହନ ଚରଣ ମାଝି, ସୁକାନ୍ତ ନାୟକ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ବ୍ୟାନର ଦେଖାଇ ଗୃହର ମଧ୍ୟଭାଗକୁ ମାଡ଼ିଆସିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବାଚସ୍ପତି ସେମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ ବିରୋଧୀଙ୍କ ଉପରେ ପଡ଼ି ନ ଥିଲା। ଚାଷୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଥିଲେ। ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ବାଚସ୍ପତି ପ୍ରଶ୍ନକାଳକୁ ବାତିଲ କରି ଦେଇ ଚାଲିଯାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ। ଏହି ଅଚଳାବସ୍ଥା ଦୂର କରିବା ଲାଗି ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ପ୍ରଣବ ପ୍ରକାଶ ଦାଶ, ଦେବୀ ପ୍ରସାଦ ମିଶ୍ରଙ୍କୁ ସର୍ବଦଳୀୟ ବୈଠକରେ ଯୋଗଦେବାକୁ ବାଚସ୍ପତି ନିମନ୍ତ୍ରଣ କରି ଗୃହକୁ ୧୨ଟା ୫୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୫୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ଆଉ ପୂର୍ବଭଳି ହଙ୍ଗାମା କରି ନ ଥିଲେ। ବାଚସ୍ପତି ଘୋଷଣା କରିଥିଲେ ଯେ, ସରକାର ମାର୍ଚ୍ଚ ୩୧ ଯାଏ ଚାଷୀଙ୍କଠାରୁ ଧାନ କିଣିବେ। ଯେଉଁ ଜିଲାରେ ଧାନ ରହିଛି, ସେହି ଜିଲାର ବିଧାୟକମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ, ରାଜ୍ୟ ସରକାର ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ଟୋକନ ପାଇଥିବା ଚାଷୀଙ୍କ ଧାନ ମଧ କିଣାଯାଉନାହିଁ। ଧାନର ରଙ୍ଗ ଖରାପ ଥିବା ଦର୍ଶାଇ ୫ରୁ ୭ କି.ଗ୍ରା. କାଟି ଦେଉଛନ୍ତି। ସରକାର ଚାଷୀମାରଣ ନୀତି ବନ୍ଦ କରି ଧାନ କିଣନ୍ତୁ। ବାଚସ୍ପତି ଏ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ, ସରକାର ଚାଷୀଙ୍କଠାରୁ ଧାନ କିଣିବା ଲାଗି ଠୋସ ପଦକ୍ଷେପ ନିଅନ୍ତୁ। ନଚେତ ଚାଷୀ ପୁଣି ରାସ୍ତାକୁ ଓହ୍ଲାଇବେ। ବିରୋଧୀ ଦଳ ବିଧାନସଭା ଅଚଳ କରିବେ। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ଗଣତନ୍ତ୍ରର ସୁରକ୍ଷା ଲାଗି ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗ ଉଠାଇବେ। ସଂଖ୍ୟାଗରିଷ୍ଠତା ଦେଖାଇ ସରକାର ସବୁକିଛି ଚାପି ଦେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ଲାଗି ଆନ୍ତରିକତାର ସହ କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ଆହୁରି ୪ ଲକ୍ଷ ଚାଷୀ ଧାନ ବିକିପାରି ନାହାନ୍ତି। ସେମାନଙ୍କଠାରୁ ଧାନ କିଣାଯାଉ। ଗତବର୍ଷ ଯେଉଁ ଜିଲାରେ ଧାନ ହୋଇ ନ ଥିଲା, ସେଠାରେ ଧାନ କିଣା ହୋଇଥିବା ସରକାର ଦର୍ଶାଇଛନ୍ତି। ମିଲ୍ ମାଲିକ ୮ରୁ ୧୦ କେ.ଜି. ଧାନ କାଟୁଛନ୍ତି। ଆମକୁ ଭୁତାଇବାକୁ ଉଦ୍ୟମ ନ କରି ଟୋକନ ବ୍ୟବସ୍ଥା ବନ୍ଦ କରନ୍ତୁ। ମିଲ୍ ମାଲିକ କୋଟିପତି ହେଉଥିବା ବେଳେ କାଦୁଅମାଟିରେ ହଳ ଲଙ୍ଗଳ ଧରି ଚାଷ କରୁଥିବା ଚାଷୀ ୧୦୦ ଟଙ୍କା ମଧ ପାଉନାହିଁ। ଏଥର ସରକାରୀ ଦଳକୁ ଗାଁରେ ଚାଷୀ ପୂରାଇ ଦେବେ ନାହିଁ ବୋଲି ସେ କହିଛନ୍ତି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ବାଚସ୍ପତିଙ୍କୁ ଲକ୍ଷ୍ୟ କରି କହିଥିଲେ, ଆମେ ଧାନ କିଣାକୁ ନେଇ ସବୁବେଳେ ଗଣ୍ଡଗୋଳ କରୁଥିବୁ, ଆପଣ ଆମକୁ ବୁଝାଇ ଗୃହ ଚଳାଇବେ। ଏମିତି କେତେଦିନ ଚାଲିବ। ଏହାଦ୍ୱାରା ଚାଷୀଙ୍କର କ'ଣ ଲାଭ ହେଉଛି। ସରକାରୀ ଅଧିକାରୀ ସ୍ଥିର କରିବେ ଚାଷୀଙ୍କ ଧାନ କିଣା। ଅଫିସର କହି ପାରିବେ ଧାନ କେଉଁଟା, ବାଲୁଙ୍ଗା କେଉଁଟା। ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। ଧାନ ସମ୍ପର୍କରେ ଆଲୋଚନା ହେବା ବେଳକୁ ଉପକୂଳ ଓଡ଼ିଶା କଥା ପଡୁ ନାହିଁ। ଏହି ଜିଲାଗୁଡ଼ିକରେ ଚାଷୀ ନାହାନ୍ତି କି। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲାର ଧାନ ବାଂଲାଦେଶକୁ ଚାଲିଯାଉଛି। ଏଥିଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯାଉ ବୋଲି ସେ ଦାବି କରିଥିଲେ। ଭାଜପା ସଭ୍ୟ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ, ଭାସ୍କର ମଢ଼େଇ ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଧାନ କିଣା ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀ ପ୍ରସଙ୍ଗ ବାରମ୍ବାର ଗୃହରେ ଉଠୁଥିଲେ ମଧ ଏହାର ସମାଧାନ ହେଉନାହିଁ। ଦଲାଲ ଚାଷୀଙ୍କୁ ଶୋଷଣ କରୁଛି। ସରକାର ଏ ଦିଗରେ ଧାନ ଦେବାକୁ ସେମାନେ ଦାବି କରିଥିଲେ।

## ସ୍ତନ କର୍କଟ ସମ୍ପର୍କରେ ସବୁକିଛି...

Brought to you by:
Apollo HOSPITALS BHUBANESWAR

ସ୍ତନ କର୍କଟ ହେଉଛି ଭାରତ ସମେତ ସାରା ବିଶ୍ୱର ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ସବୁଠାରୁ ସାଧାରଣ କ୍ୟାନ୍‌ସର। ସମସ୍ତ କ୍ୟାନସର ମଧ୍ୟରୁ ଏହା ସର୍ବାଧିକ ମହିଳାଙ୍କ ମୃତ୍ୟୁର କାରଣ ମଧ ସାଜିଥାଏ। ସାରା ବିଶ୍ୱରେ ଗବେଷଣା ପାଇଁ ବର୍ଦ୍ଧିତ ପାଣ୍ଠିଯୋଗାଣ ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ତଥା ଉଭୟ ନିଦାନ ଓ ଚିକିତ୍ସାକୁ ଉନ୍ନତ କରିବାରେ ସହାୟକ ହୋଇଛି। କିଛି ବର୍ଷ ହେଲା ସ୍ତନ କର୍କଟର ଚିହ୍ନଟ ହାର ବୃଦ୍ଧି ପାଇବା ସହ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ନିରନ୍ତର ଭାବେ ହ୍ରାସ ପାଇବାରେ ଲାଗିଛି।

କିଛି ବର୍ଷ ହେଲା ଭାରତରେ ସ୍ତନ କର୍କଟ ଘଟଣା ଓ ତଦ୍‌ଜନିତ ମୃତ୍ୟୁର ପରିଦୃଶ୍ୟ ମଧ ବଦଳିବାରେ ଲାଗିଛି। ସଚେତନତାର ଅଭାବ ଏବଂ ଯୋଗ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ଅଭାବ କାରଣରୁ ଚିହ୍ନଟ ହେଉଥିବା ପାଖାପାଖି ୬୦-୮୦% ମାମଲା ଆଡ୍‌ଭାନ୍ସଡ୍ ଷ୍ଟେଜ୍‌ରେ ଚିହ୍ନଟ କରାଯାଏ।

ଅଙ୍ଗ ତଥା ରୋଗର ପ୍ରକୃତି କାରଣରୁ ସଅଳ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ସ୍ତନ କର୍କଟକୁ ବଶବର୍ତ୍ତୀ କରାଯାଇପାରିବ। ସମ୍ବେଦନଶୀଳ ଜନସଂଖ୍ୟାରେ ପର୍ଯ୍ୟାପ୍ତ ସଚେତନତା ସହାୟତାରେ ରୋଗକୁ ଅପେକ୍ଷାକୃତ ସଅଳ ସ୍ତରରେ ଚିହ୍ନଟ କରାଯାଇପାରିବ ଏବଂ ଏହାଫଳରେ ବଞ୍ଚିବାର ହାର ମଧ ବୃଦ୍ଧି ପାଇବ।

### ସ୍ତନ କର୍କଟର ସବୁଠାରୁ ସାଧାରଣ ଲକ୍ଷଣଗୁଡ଼ିକ କ'ଣ?

ସ୍ତନ କର୍କଟ ସବୁଠାରୁ ସାଧାରଣ ଭାବେ ସ୍ତନରେ ଏକ ଫୁଲା ବା ଗୋଟାଳି ଭାବେ ଆବିର୍ଭାବ ହୋଇଥାଏ। ସାଧାରଣତଃ ସେହି ଗୋଟାଳି ଯନ୍ତ୍ରଣାବିହୀନ ହୋଇଥାଏ ଏବଂ ହସ୍ତକ୍ଷେପ ଅଭାବ ସହିତ ତାହାର ଆକାର ଧୀରେ ଧୀରେ ବୃଦ୍ଧି ପାଇଥାଏ। ଏହା କାଖତଳ ଫୁଲା, ସ୍ତନାଗ୍ରରୁ ଲାସା ନିର୍ଗତ ହେବା କିମ୍ବା ସ୍ତନରେ ଭଲ ହେଉ ନ ଥିବା ଘା' ଆକାରରେ ମଧ ଉଭା ହୋଇପାରେ। ଅତି ବିକଶିତ ମାମଲାଗୁଡ଼ିକରେ ଏହା ବେକରେ ଫୁଲା, ଅସ୍ଥି ଯନ୍ତ୍ରଣା ଓ ପିଠି ଯନ୍ତ୍ରଣା ଭାବେ ମଧ ଦେଖାଦେଇପାରେ।



### ସ୍ତନ କର୍କଟର ସନ୍ଦେହ ଥିଲେ କେଉଁ ତଦନ୍ତ କରାଯାଇପାରିବ?

ସ୍ତନ କର୍କଟରେ ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଥିବା ପ୍ରତ୍ୟେକ ରୋଗୀଙ୍କୁ ଟ୍ରିପଲ୍ ଟେଷ୍ଟ ନାମରେ ଜଣାଶୁଣା ପରୀକ୍ଷାର ସମ୍ମୁଖୀନ ହେବା ଉଚିତ, ଏହି ପରୀକ୍ଷାରେ ଉଭୟ ସ୍ତନ ଓ କାଖତଳର ଚିକିନିଖି ନିଦାନିକ ପରୀକ୍ଷା, ଉଭୟ ସ୍ତନର ଏକ ରେଡିଓଲୋଜିକାଲ୍ ପରୀକ୍ଷା ଏବଂ ଏକ ପାଥୋଲୋଜିକାଲ୍ ପରୀକ୍ଷା ଅନ୍ତର୍ଭୁକ୍ତ। ସ୍ତନର ରେଡିଓଲୋଜିକାଲ୍ ପରୀକ୍ଷାରେ ଉଭୟ ସ୍ତନର ଏକ ଡିଜିଟାଲ ମାମ୍ମୋଗ୍ରାମ୍ ଓ ଏକ ଅଲଟ୍ରାସାଉଣ୍ଡ କରାଯାଇଥାଏ। ଉଭୟ ହେଉଛି ଅତି ନିର୍ଭୁଲ୍ ତଦନ୍ତ ଯାହା ସ୍ତନ ଗୋଟାଳିର ଗୁଣଧର୍ମ ନିର୍ଦ୍ଧାରଣ କରିବା ତଥା ନିଦାନିକ ପରୀକ୍ଷାରେ ବାରି ହୋଇ ନ ଥିବା ଗୋଟାଳିଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିଥାଏ। ପାଥୋଲୋଜିକାଲ୍ ପରୀକ୍ଷାରେ ସ୍ତନ ଗୋଟାଳିରୁ FNAC ବା ଛୁଞ୍ଚି ବାୟୋପ୍ସି କରାଯାଏ। ଆମେ ଆମ କେନ୍ଦ୍ରରେ ଗୋଟାଳିରୁ ଟ୍ରୁକଟ୍ ନିଡଲ୍ ବାୟୋପ୍ସି ସଞ୍ଚାଳନ କରିଥାଉ। ଏହି ପଦ୍ଧତି ସଞ୍ଚାଳନରେ ସହଜ, ଶସ୍ତା ଓ ବହିଃରୋଗୀ ଭିତ୍ତିରେ ମଧ ସଞ୍ଚାଳିତ କରାଯାଇପାରେ। ବାୟୋପ୍ସି ନମୁନାରେ ରିସେପ୍ଟର୍ ସ୍ଥିତି (ER, PR ଏବଂ Her-2-neu) ମଧ କରାଯିବା ଉଚିତ।

ଏହା ବ୍ୟତୀତ, ରୋଗର ସ୍ତର ବା ଷ୍ଟେଜ୍ ଭିତ୍ତିରେ ସିଟି ସ୍କାନ୍ କିମ୍ବା ପିଇଟି ସିଟି ସ୍କାନ୍ ମଧ କରାଯାଇପାରେ। (କ୍ରମଶଃ...)

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

# ୧୦ ବର୍ଷରେ ୧୭,୧୨୪ ହେକ୍ଟର ଜଙ୍ଗଲ ଜମି ବରବାଦ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଖଣି, ଶିଳ୍ପ, ଜଳସେଚନ, ରାସ୍ତା ଏବଂ ରେଳପଥ ନିର୍ମାଣ ଲାଗି ରାଜ୍ୟର ୧୮ ଜିଲାରେ ଗତ ଦଶ ବର୍ଷରେ ୧୭୧୨୪.୭୧୩ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, କଟକ, ଖୋର୍ଦ୍ଧା, ଯାଜପୁର, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ ସୁନ୍ଦରଗଡ଼। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ନିୟମାନୁଯାୟୀ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ଜଙ୍ଗଲ ଅପସାରଣ କରାଯାଇଛି। ୨୦୧୦ରୁ ୨୦୧୮-୧୯ ମଧ୍ୟରେ ଜଙ୍ଗଲ କ୍ଷତିଭରଣା ଲାଗି କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା(କାମ୍ପା) ଏବଂ ଓଡ଼ିଶା ରାଜ୍ୟ ବଜେଟରୁ ରାଜ୍ୟକୁ ୩୨୪୪.୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରେ କାମ୍ପା ଫଣ୍ଡରୁ ଅର୍ଥ ଖର୍ଚ୍ଚ କରାଯାଇ ୨,୬୨,୮୨୮ ହେକ୍ଟର ଏବଂ ରାଜ୍ୟ ବଜେଟ ଅର୍ଥରୁ ୨୩୫୬୩.୦୭୨ ହେକ୍ଟର ଜମିରେ ବନୀକରଣ କରାଯାଇଛି।

## ଜିଲା ଟିଠି



### ନୟାଗଡ଼

# ଧାନ କିଣାରେ ପଛୁଆ

ଧାନ କିଣାରେ ଜିଲା ପଛୁଆ। ଧାନକିଣା ତଥ୍ୟ ଦେଖିଲେ ଏହା ପ୍ରମାଣିତ ହେଉଛି। ସରକାରୀ ରିପୋର୍ଟ ବି ସମାନ କଥା କହୁଛି। ଫେବୃୟାରୀ ମାସ ଶେଷ ହେବାକୁ ବସିଥିବାବେଳେ ପ୍ରଥମ ପର୍ଯ୍ୟାୟ ଧାନ କିଣା ଶେଷ ହେଉନି। ଧାନକିଣା ଠିକ୍‌ରେ ହେଉନି ବୋଲି ବିଭିନ୍ନ ଧାନମଣ୍ଡିରୁ ଅଭିଯୋଗ ଆସୁଛି। ମାର୍ଚ୍ଚ ୩୧ ଧାନକିଣାର ଶେଷ ତାରିଖ ରହିଥିଲେ ମଧ ୨ୟ ପର୍ଯ୍ୟାୟ ଟାର୍ଗେଟ ଆସିପାରି ନାହିଁ। ପ୍ରଥମ ପର୍ଯ୍ୟାୟରେ ଜିଲାରେ ଧାନକିଣା ଟାର୍ଗେଟ ଥିଲା ୯ ଲକ୍ଷ ୯୪ ହଜାର କୁଇଣ୍ଟାଲ। ୨ୟ ପର୍ଯ୍ୟାୟ ଧାନ ଟାର୍ଗେଟ ୩ଲକ୍ଷ ୬୭ ହଜାର ୬୪୭ କୁଇଣ୍ଟାଲ ମଗାଯାଇଛି। ଟାର୍ଗେଟ ଆସିବା ପରେ ପୁଣି ଧାନ କିଣାଯିବ ବୋଲି ଜିଲା ଯୋଗାଣ ବିଭାଗ ସଫେଇ ଦେଉଛି। ପ୍ରଥମ ପର୍ଯ୍ୟାୟ ଧାନକିଣାକୁ ଅନୁଧ୍ୟାନ କଲେ ଜିଲାର ସବୁ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗକୁ ଏଡ଼ାଇ ହେଉନାହିଁ। ଅଭାବୀ ଧାନ ବିକ୍ରିକୁ ବନ୍ଦ କରାଇବାରେ ପ୍ରଶାସନ ବିଫଳ ହୋଇଛି। ପଞ୍ଜୀକୃତ ଚାଷୀଙ୍କୁ ଟୋକନ ଦିଆଯାଇପାରୁ ନାହିଁ। ଏଥିପାଇଁ ସବୁ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବେଶି ହଇରାଣ ହେଉଛନ୍ତି ବଡଚାଷୀ। ସେମାନେ ଆଦୌ ଟୋକନ ପାଉ ନ ଥିବା ଅଭିଯୋଗ ହୋଇଛି। ଛୋଟ ଓ ମଧ୍ୟମ ବର୍ଗର ଚାଷୀ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସି ହଟହଟା ହେଉଛନ୍ତି। ଠିକଣା ସମୟରେ ମିଲର ଧାନ ଉଠାଉ ନାହିଁ। ପୁଣି ମଣ୍ଡିରେ ଧାନ ଦେବାବେଳେ କଟ୍‌ନୀଛଟ୍‌ନୀ ଚାଲିଛି। ଟୋକନ ଅନୁସାରେ ଚାଷୀ ୫୦ କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡିରେ ଦେଇପାରୁ ନାହିଁ। ଜିଲାର ରଣପୁର ଓ ଅନ୍ୟ କେତେକ ସ୍ଥାନରେ ଚାଷୀ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏହି ପ୍ରଚ୍ଛଦପଟରେ ଧାନକିଣାରେ ଦୁର୍ନୀତି ଜିଲାର ଭାବମୂର୍ତ୍ତିକୁ ନଷ୍ଟ କରିପକାଇଛି। ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଭାଟସାହି ପଞ୍ଚାୟତର ପଙ୍କାଳସାହି, ଭାଟସାହି, ବରଦ୍ୱାର ମୌଜାର ଚାଷ ଜମି ମାଲିକଙ୍କ ଅଗୋଚରରେ ୧୦୦ ଏକର ଜମିରୁ ୧୮ ଲକ୍ଷ ଟଙ୍କାର ଧାନକିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଜମି ମାଲିକଙ୍କ ସମ୍ପର୍କୀୟ ଦେଖାଇ ଏହି ଦୁର୍ନୀତି କରାଯାଇଥିଲା। ବହୁ ଚାଷୀଙ୍କର ମତାମତ ନେବା ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସ୍କାମ ହୋଇଥିବା ଜଣାପଡ଼ିଛି। ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ଲୋକଙ୍କ ନାମ ଓ ଠିକଣା ମଧ ଜମି ମାଲିକ ପ୍ରମାଣ ସ୍ୱରୂପ ଜିଲାପାଳଙ୍କୁ ଦେଇଥିଲେ। ଏହି ଘଟଣାରେ ଜିଲାପାଳ ସମିତି ସମ୍ପାଦକଙ୍କୁ ନିଲମ୍ବନ ସହ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବହିଷ୍କୃତ କରିଛନ୍ତି। ନୟାଗଡ଼ ବ୍ଲକ ଦାୟିତ୍ୱରେ ଥାଇ ଧାନକିଣାର ମନିଟରିଂ କରୁଥିବା କୋଅପରେଟିଭ ଇନ୍ସପେକ୍ଟରଙ୍କୁ କାରଣଦର୍ଶାଅ ନୋଟିସ କରିଛନ୍ତି। ସେହିପରି ଇଟାମାଟିର ଗୋପୀନାଥ ଜୀଉ, ମା' ନାରାୟଣୀ, ଜଗନ୍ନାଥ ଜୀଉ, ବେହେରାସାହି ରାଧାକାନ୍ତ ଜୀଉଙ୍କର ଜମିକୁ ପଞ୍ଜୀକରଣ କରି ଧାନ ବିକ୍ରି ଅଭିଯୋଗ ହୋଇଛି। ଏହି ଅନିୟମିତତାର ତଦନ୍ତ ନୟାଗଡ଼ ଏଆର୍‌ସିଏସ୍ କରୁଛନ୍ତି। ଘଟଣାରେ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ନୋଟିସ୍ ହୋଇଛି। ଜିଲାରେ ଅନ୍ୟ କିଛି ଧାନମଣ୍ଡିରେ ବି ଘୋଟାଲା ହୋଇଛି। ଏପରି ସ୍ଥିତିରେ ଧାନକିଣାରେ ପଛୁଆ ଜିଲାର ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଉଛନ୍ତି ନାଁ ସେମାନଙ୍କ ଧାନ ସେମାନଙ୍କ ପାଖରେ ରହୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଇଛି।

– ଲୋକନାଥ ମିଶ୍ର

# ଓଡ଼ିଶାର ୨୪ ଜିଲାରେ ମହାପ୍ରଭୁଙ୍କ ସମ୍ପତ୍ତି

## ମାର୍ଚ୍ଚରେ ୟେସ୍ ବ୍ୟାଙ୍କରୁ ଜମା ରାଶି ହଟିବ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କର ଓଡ଼ିଶାର ୨୪ଟି ଜିଲାରେ ୬୦,୪୨୬.୯୪୩ ଏକର ଜମି ରହିଥିବା ଚିହ୍ନଟ କରାଯାଇଛି। ସେଥିରୁ ଏ ପର୍ଯ୍ୟନ୍ତ ୩୪,୮୦୩.୦୧୩ ଏକର ପରିମିତ ଜମିର ଚୂଡ଼ାନ୍ତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପ୍ରାପ୍ତ ହୋଇଛି। ବିନା କାଗଜାତରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କର ଜମିକୁ ବେଆଇନ ଭାବେ ଅବରୋଧ କରିଥିବା ବ୍ୟକ୍ତିବିଶେଷଙ୍କୁ ସରଜମିନ ତଦନ୍ତରେ ଚିହ୍ନଟ କରାଯାଇ ଉକ୍ତ ଅବରୋଧକୁ ଉଚ୍ଛେଦ କରାଯିବା ନିମନ୍ତେ ଶ୍ରୀମନ୍ଦିର ଆଇନ-୧୯୫୫ର ଧାରା-୧୬-ଏ(୧) ଅନୁଯାୟୀ ୮୬୪ଟି ବେଆଇନ ଅବରୋଧ ମକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାଏର କରାଯାଇଛି। ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କର ସମସ୍ତ ପାଣ୍ଠିର ସ୍ଥାୟୀ ଜମା ପରିମାଣ ୫୫୨,୪୩,୨୧,୦୦୦ ଟଙ୍କା। ଫ୍ଲେକ୍ସି, ଚଳନ୍ତି ଖାତାରେ ୭୪,୦୧,୫୭,୪୪୪ ଟଙ୍କା ସହ ମୋଟ ୬୨୬,୪୪,୭୮,୪୪୪ ଟଙ୍କା ରହିଛି।

ଶ୍ରୀଜଗନ୍ନାଥଙ୍କ ସମସ୍ତ ପାଣ୍ଠିକୁ ସର୍ବାଧିକ ସୁଧ ହାର ପ୍ରଦାନ କରୁଥିବା ବ୍ୟାଙ୍କରେ ସ୍ଥାୟୀ ଭାବେ ବିନିଯୋଗ କରାଯିବା ପାଇଁ ପ୍ରଚଳିତ ଧାରାକୁ ଅବ୍ୟାହତ ରଖି ଟେଣ୍ଡର ମାଧ୍ୟମରେ ୟେସ ବ୍ୟାଙ୍କରେ ୨୦୧୯ ସେପ୍ଟେମ୍ବର ୩୦ ତାରିଖରୁ ସ୍ଥାୟୀ ଜମାରେ ୫୪୫ କୋଟି ଏବଂ ଫ୍ଲେକ୍ସି ଜମାରେ ୪୭ କୋଟି ଟଙ୍କା ଏପରି ମୋଟ ୫୯୨ କୋଟି ଟଙ୍କା ରଖାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୪ ଧାରା-୨୮-ସି(୩) ଅନୁଯାୟୀ ଫାଉଣ୍ଡେଶନ ଫଣ୍ଡର ସମସ୍ତ ଅର୍ଥ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ କିମ୍ବା ଦୀର୍ଘମିଆଦୀ ବ୍ୟାଙ୍କଗୁଡ଼ିକରେ ଦୀର୍ଘମିଆଦୀ ସ୍ଥାୟୀ ଜମାରେ ରଖାଯିବା ବିଧି ରହିଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ୨୦୧୮ ଅକ୍ଟୋବର ୧୦ ତାରିଖ ଚିଠି ସଂଖ୍ୟା ୩୨୬୪୮ ଏବଂ ୨୦୧୯ ଜୁଲାଇ ୨୦ ତାରିଖ ଚିଠି ସଂଖ୍ୟା ୨୪୭୦୫ରେ ପଞ୍ଜୀକୃତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ୟେସ ବ୍ୟାଙ୍କ ସ୍ଥାନିତ ହୋଇଥିବାରୁ ଏବଂ ସର୍ବାଧିକ ସୁଧ ପ୍ରଦାନ କରୁଥିବାରୁ ଏହି ବ୍ୟାଙ୍କରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ପାଣ୍ଠିକୁ ସ୍ଥାୟୀ ଜମା ଫ୍ଲେକ୍ସି ଜମାରେ ବିନିଯୋଗ କରାଯାଇଥିଲା। ଇତିମଧ୍ୟରେ ଫ୍ଲେକ୍ସି ଜମା ୪୭ କୋଟିକୁ ୟେସ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଆସନ୍ତା ମାର୍ଚ୍ଚ ୧୯ ଓ ୩୦ ତାରିଖରେ ପ୍ରତ୍ୟାହାର କରାଯିବ। ସେହିଦିନ ଟେଣ୍ଡର ମାଧ୍ୟମରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସ୍ଥାୟୀ ଜାଗାରେ ପୁନଃ ବିନିଯୋଗ କରିବାକୁ ୨୦୨୦ ଫେବୃୟାରୀ ୫ତାରିଖରେ ନିଷ୍ପତ୍ତି ହୋଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୫ ବର୍ଷରେ ୨୪.୪୩ ଲକ୍ଷ ପରିବାରକୁ ପକ୍କାଘର

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ୨୬ହଜାର

ଭୁବନେଶ୍ୱର,୨୫।୨(ବ୍ୟୁରୋ)

୨୦୧୪-୧୫ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା(ତିତ୍‌ଲି), ପକ୍କାଘର ଯୋଜନା(ଖଣି), ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଏବଂ ମତ୍ସ୍ୟଜୀବୀ ବାସଗୃହ ଯୋଜନାରେ ମୋଟ ୨୪ ଲକ୍ଷ ୪୩ ହଜାର ୧୪୯ଟି ପକ୍କାଘର ଯୋଗାଇ ଦିଆଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ୩୩ହଜାର ୯୮୮ ପରିବାରକୁ, ବିଜୁ ପକ୍କାଘର ଯୋଜନାରେ ୨ ଲକ୍ଷ ୫୬ହଜାର ୨୯, ପକ୍କାଘର ଯୋଜନା(ଖଣି)ରେ ୨୯ହଜାର ୮୨୯ ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୨ହଜାର ୨୦୭ ପରିବାରଙ୍କୁ ପକ୍କାଘର ଦେବାକୁ ମଞ୍ଜୁରୀ ହୋଇଛି। ସେଥିରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୫ ଲକ୍ଷ ୨୬ହଜାର ୧୦୩, ବିଜୁ ପକ୍କା ଘର ଯୋଜନାରେ ୨ ଲକ୍ଷ ୫୫ହଜାର ୭୮୩, ପକ୍କାଘର ଯୋଜନାରେ ୨୯ହଜାର ୮୨୯ ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୨ହଜାର ୪୧ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି। ୨୦୧୪-୧୫ରୁ ଏ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲାକୁ ୧ ଲକ୍ଷ ୮୬ହଜାର ୪୯୩, ବାଲେଶ୍ୱରକୁ ୧ ଲକ୍ଷ ୧୩ହଜାର ୬୭୯, ବଲାଙ୍ଗୀରକୁ ୧ ଲକ୍ଷ ୨୮ହଜାର ୮୨୮, କଟକକୁ ୧ ଲକ୍ଷ ୧ହଜାର ୭୫୩, ଗଞ୍ଜାମକୁ ୧ ଲକ୍ଷ ୨୯ହଜାର ୬୮୩, କେନ୍ଦୁଝରକୁ ୧ ଲକ୍ଷ ୩୨ହଜାର ୫୧ ଏବଂ ସୁନ୍ଦରଗଡ଼କୁ ସର୍ବାଧିକ ୧ଲକ୍ଷ ୩୮ହଜାର ୭୨୫ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି।

## ଚୋରି ଅଭିଯୋଗରେ ୨ଗିରଫ

ଉଲୁଣ୍ଡା, ୨୫।୨(ଡି.ଏନ.ଏ.)

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ପଣ୍ଡକିଟାଲ ନିକଟରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକରୁ ତେଲ ଚୋରି କରୁଥିବା ବେଳେ ୨ଜଣଙ୍କୁ ଉଲୁଣ୍ଡା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବିନିକା ଗୋଲପଡାର ଦିବ୍ୟରାଜ ପାତ୍ର(୨୨) ଓ ବ୍ଲକ କଲୋନୀର ଦେବାଶିଶ ଖପରଦୁଆ(୨୪)। ଏଥିସହିତ ତେଲ ଏବଂ ଏକ ବାଇକ ଜବତ କରାଯାଇଛି।



# ପାଇପ୍ ପାଣିର ସ୍ୱପ୍ନ ଓ ବଜେଟ ବ୍ୟବସ୍ଥା



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ସରକାରଙ୍କ ବଜେଟ କେବଳ ଆୟବ୍ୟୟର ଚିଠା ମାତ୍ର ହୋଇଥିଲେ ଅର୍ଥମନ୍ତ୍ରୀମାନେ ଥକିପଡୁଥିଲେ ମଧ୍ୟ ଘଣ୍ଟାଘଣ୍ଟା ଧରି ବଜେଟ ଅଭିଭାଷଣ ଦେଉ ନ ଥାନ୍ତେ କି ଲୋକେ ତାହାକୁ ଶୁଣିବା ପାଇଁ କାନଡେରି ରହୁ ନ ଥାନ୍ତେ। ଘରେ ଚଳେଇବା ଲୋକକୁ ଯେମିତି ମାସ ବା ବର୍ଷ ଆରମ୍ଭରୁ ଯୋଜନା କରିବାକୁ ପଡ଼ିଥାଏ ସେମିତି ରାଜ୍ୟ କିମ୍ବା ଦେଶ ଚଳାଇବା ପାଇଁ ଆମ ସରକାର ବଜେଟ ପ୍ରସ୍ତୁତ କରିଥାନ୍ତି। ନିଜ ବଜେଟରୁ ଯେମିତି ପରିବାରର ସ୍ଥିତି ଓ ଭବିଷ୍ୟତ ଚିନ୍ତା ଜଣାପଡ଼ିଯାଏ, ସେମିତି ସରକାରଙ୍କ ବଜେଟରୁ ଦେଶ ବା ରାଜ୍ୟର ବର୍ତ୍ତମାନର ଆର୍ଥିକ ସ୍ଥିତି ତଥା ଉପଲବ୍ଧ ସମ୍ବଳର ବିନିଯୋଗ କରି ସରକାର କେମିତି ଦେଶ ବା ରାଜ୍ୟକୁ ଆଗକୁ ନେବାକୁ ଚାହୁଁଛନ୍ତି ତାହାର ସୂଚନା ମିଳିଥାଏ। ବଜେଟ ଅଭିଭାଷଣରେ ସରକାର କ'ଣ କହୁଛନ୍ତି ଓ ବଜେଟରେ ଥିବା ବ୍ୟୟବରାଦରୁ ଭବିଷ୍ୟତ ପାଇଁ ସରକାର ଯେଉଁ ମାର୍ଗ ଆପଣାଇଛନ୍ତି ତା'ର ଏକ ରୂପରେଖ ମିଳିଥାଏ। ସରକାରଙ୍କ ବଜେଟର ସିଧା ପ୍ରଭାବ ଲୋକଙ୍କ ଉପରେ ଅନେକ ଭାବରେ ପଡ଼ିଥାଏ। ଆଜିର ଆଲେଖ୍ୟରେ ଆମେ କେବଳ ଗ୍ରାମ୍ୟ ପାନୀୟ ଜଳ ବିଷୟରେ ବଜେଟ ଅନୁଯାୟୀ ଓ ବ୍ୟୟବରାଦ କ'ଣ କହୁଛି ତାହା ଦେଖିବା। ବଞ୍ଚି ରହିବା ପାଇଁ ପାନୀୟ ଜଳ ନିହାତି ଆବଶ୍ୟକ ହୋଇଥିବା ବେଳେ ଏହାର ମାତ୍ରା ଓ ମାନ କେମିତି ରହିଛି ଏବଂ ଏହାକୁ ଲୋକେ କେମିତି ପାଇପାରୁଛନ୍ତି, ତହିଁରୁ ଆର୍ଥିକ ଓ ସାମାଜିକ ସ୍ଥିତି ଏବଂ ଗତି ଠଉରାଯାଇପାରେ।

ସମ୍ବିଧାନର ଧାରା ୨୧ ଅନୁସାରେ ଲୋକଙ୍କୁ ସ୍ୱଚ୍ଛ ଓ ସୁରକ୍ଷିତ ପାଣି ଯୋଗାଇବା ହେଉଛି ସରକାରଙ୍କ ମୌଳିକ ଦାୟିତ୍ୱ। ସେହିଭଳି ସମ୍ବିଧାନର ଧାରା ୪୭ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ନାଗରିକର ଜୀବନଧାରଣର ମାନକୁ ଉନ୍ନତ କରିଚାଲିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ସୁଖର କଥା ଯେ ଉଭୟ ଦେଶ ଓ ରାଜ୍ୟ ବଜେଟରେ ନାଗରିକଙ୍କୁ ଉନ୍ନତ ମାନର ସେବା ମାଧ୍ୟମରେ ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଜାହିର ହୋଇଛି। ୨୦୧୯ର ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ 'ଜଳ ଜୀବନ ମିଶନ'ର ଘୋଷଣା କରି କହିଥିଲେ, ୨୦୨୪ ମସିହା ସୁଦ୍ଧା ଦେଶର ଗ୍ରାମାଞ୍ଚଳର ସମସ୍ତ ଘରକୁ କାର୍ଯ୍ୟକ୍ଷମ ପାଇପ୍ ଯୋଗେ ଜଣପ୍ରତି ଦୈନିକ ଅନ୍ୟୂନ ୫୫ ଲିଟର ଲେଖାଏଁ ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯିବ। ଏହା ଏକ ସାମାନ୍ୟ ଲକ୍ଷ୍ୟ ନୁହେଁ। ସରକାରଙ୍କ ଆକଳନ ଅନୁସାରେ ଦେଶର ୧୭ କୋଟି ୮୭ ଲକ୍ଷ ଗ୍ରାମ୍ୟ ପରିବାର ମଧ୍ୟରୁ ମାତ୍ର ୧୮% ଘରେ ହିଁ ଟ୍ୟାପ୍ ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା ହୋଇପାରିଛି। ମିଶନର ଲକ୍ଷ୍ୟ ହାସଲ କରିବାକୁ ହେଲେ ମାତ୍ର ପାଞ୍ଚ ବର୍ଷରେ ଭାରତର ଗ୍ରାମାଞ୍ଚଳରେ ରହୁଥିବା ୧୪ କୋଟି ୬୦ଲକ୍ଷ ପରିବାର ପାଖରେ ପାଇପ୍ ଯୋଗେ ପାଣି ପହଞ୍ଚାଇବାକୁ ହେବ। ଭାରତ ସରକାର ଆକଳନ କରିଛନ୍ତି ଯେ, ଏଥିପାଇଁ ୩ ଲକ୍ଷ ୬୦ ହଜାର କୋଟି ଟଙ୍କା ଆବଶ୍ୟକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବ୍ୟୟଭାର ସମାନ ଭାବରେ ବହନ କରିବେ। ହିମାଳୟ ପାର୍ବତ୍ୟ ରାଜ୍ୟଗୁଡ଼ିକରେ ବ୍ୟୟର ସିଂହଭାଗ କେନ୍ଦ୍ର ସରକାର ବହନ କରିବେ। ଭାରତ ସରକାରଙ୍କ ପ୍ରାଥମିକ ଆକଳନ ଅନୁସାରେ ଏହି ମିଶନ ପାଇଁ କେନ୍ଦ୍ର ସରକାରଙ୍କ ବ୍ୟୟଭାର ହେବ ୨.୦୮ ଲକ୍ଷ କୋଟି ଟଙ୍କା। ଅନ୍ୟଭାବରେ କହିଲେ, କେନ୍ଦ୍ର ସରକାରଙ୍କୁ ଆସନ୍ତା ପାଞ୍ଚବର୍ଷ ପାଇଁ ପ୍ରତିବର୍ଷ ହାରାହାରି ପ୍ରାୟ ୪୨,୦୦୦ କୋଟି ଟଙ୍କା ଲେଖାଏଁ ବ୍ୟୟ କରିବାକୁ ହେବ। ଚଳିତବର୍ଷର ବଜେଟ ଉପସ୍ଥାପନ କଲାବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହି ମିଶନକୁ ଖୁବ୍ ଗୁରୁତ୍ୱ ଦେଇ କହିଥିଲେ ଯେ, ଏହା ହେଉଛି ସରକାରଙ୍କ ନୂତନ ପ୍ରମୁଖ ଲକ୍ଷ୍ୟ। ତେବେ ସରକାରଙ୍କ ଘୋଷିତ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ଥିବା ଅର୍ଥ ସହ ଚଳିତ ବଜେଟରେ ହୋଇଥିବା ଅର୍ଥବ୍ୟବସ୍ଥାକୁ ଯୋଡ଼ି ଦେଖିଲେ ଚିତ୍ରଟି ଭିନ୍ନ ପ୍ରକାର ମନେହୁଏ। ସମସ୍ତ ଘରେ କାର୍ଯ୍ୟକ୍ଷମ ପାଇପ୍ ଯୋଗେ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ ବାର୍ଷିକ ହାରାହାରି ୪୨,୦୦୦ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୨୦୨୦-୨୧ ବର୍ଷ ପାଇଁ ବଜେଟରେ କେନ୍ଦ୍ର ସରକାର ମାତ୍ର ୧୧,୫୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ଏହା ଆବଶ୍ୟକତାର ଚାରି ଭାଗରୁ ଭାଗେ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ୱପ୍ନ ଦେଖିଛେ, କିନ୍ତୁ ସ୍ୱପ୍ନକୁ ଫଳବତୀ କରିବା ପାଇଁ ଯେଉଁ ପ୍ରଯତ୍ନ ଲୋଡ଼ା, ତା'ର ପ୍ରଥମ ପାହାଚରେ ହିଁ ଆମେ ଝୁଣ୍ଟିଛୁ। ଦେଖିଥିବା ସ୍ୱପ୍ନ ସହ କେନ୍ଦ୍ର ସରକାରଙ୍କ ବଜେଟରେ ବ୍ୟୟବରାଦ ମେଳ ଖାଉ ନ ଥିବା ବେଳେ ଓଡ଼ିଶା ସରକାରଙ୍କ ବଜେଟ କିନ୍ତୁ ସ୍ୱପ୍ନକୁ ହାସଲ କରିବା ଦିଗରେ ଅଧିକ ଦାୟିତ୍ୱବାନ୍ ପ୍ରତୀତ ହୁଏ। ଜଳ ଜୀବନ ମିଶନ ଯେହେତୁ ସାରା ଦେଶ ପାଇଁ, ଓଡ଼ିଶାକୁ ମଧ୍ୟ ସେହି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ରାଜ୍ୟ ସରକାର ଆଉ ପାଦେ ଆଗେଇଯାଇ ବଜେଟ ଅଭିଭାଷଣରେ କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ହିଁ ଗ୍ରାମାଞ୍ଚଳର ୬୦% ଅଧିବାସୀଙ୍କୁ ପାଇପ ପାଣି ଯୋଗାଇଦେବାର ଲକ୍ଷ୍ୟ ରହିଛି। ଘରେ ଟ୍ୟାପ୍ ମାଧ୍ୟମରେ ପାନୀୟ ଜଳଯୋଗାଣ ମାମଲାରେ ଓଡ଼ିଶା ସବୁଠାରୁ ଦୟନୀୟ ସ୍ଥିତିରେ ଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ। ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ପ୍ରତି ୧୦୦ ପରିବାର ମଧ୍ୟରୁ ମାତ୍ର ଚାରିଟି ପରିବାର ପାଖରେ ହିଁ ଘରୋଇ ପାନୀୟ ଜଳ ଯୋଗାଣର ସଂଯୋଗ ଅଛି। ଓଡ଼ିଶାର ୭୮ ଲକ୍ଷରୁ ଅଧିକ ଗ୍ରାମ୍ୟ ପରିବାର ପାଖରେ ଟ୍ୟାପ୍ ସଂଯୋଗ ନାହିଁ। ସାରା ଦେଶ ପାଇଁ ହୋଇଥିବା ୩.୬ ଲକ୍ଷ କୋଟି ଟଙ୍କା ଆବଶ୍ୟକତାର ଅଟକଳକୁ ମାନକ ଭାବରେ ନେଇ ଏକ ସାଧାରଣ ହିସାବ କଲେ ଓଡ଼ିଶାର ପ୍ରତି ଗ୍ରାମ୍ୟ ଘରେ ଟ୍ୟାପ୍ ମାଧ୍ୟମରେ ପାନୀୟ ଜଳ ପହଞ୍ଚାଇବା ପାଇଁ ପ୍ରାୟ ୨୦,୦୦୦ କୋଟି ଟଙ୍କା ଆବଶ୍ୟକ ହେବ। ପାଞ୍ଚ ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ବାର୍ଷିକ ହାରାହାରି ୪,୦୦୦ କୋଟି ଟଙ୍କା ଦରକାର ହେବ। ଏହି ହିସାବରେ ଦେଖିଲେ ଓଡ଼ିଶା ସରକାର ଆବଶ୍ୟକତା ଅନୁସାରେ ବଜେଟରେ ଅର୍ଥ ବ୍ୟବସ୍ଥା କରିବାରେ କାର୍ପଣ୍ୟ କରିନାହାନ୍ତି। ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳଯୋଗାଣ ଯୋଜନା ବା ବସୁଧା ଯୋଜନାରେ ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ ୩,୨୫୦ କୋଟି ଟଙ୍କା ବରାଦ କରିଛନ୍ତି। ତା'ସହିତ ଜଳ ଜୀବନ ମିଶନ ପାଇଁ ୨,୦୦୦ କୋଟି ଟଙ୍କା, ଓଡ଼ିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠିରୁ ଆଠଟି ଖଣିଜ ପରିପୂର୍ଣ୍ଣ ଜିଲାରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପାଇଁ ୯୯୧ କୋଟି ଟଙ୍କା ଏବଂ ଜିଲା ଖଣିଜ ପାଣ୍ଠିରୁ ୧,୫୩୮ କୋଟି ଟଙ୍କା ଖର୍ଚ୍ଚ କରିବାର ବରାଦ ରଖିଛନ୍ତି। ଏହା ଅତି ଉତ୍ସାହଜନକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାନୀୟ ଜଳ ଯୋଗାଣର ମାନକୁ ଉନ୍ନତ କରିବା ପାଇଁ ବଡ଼ ଘୋଷଣା କରିଛନ୍ତି ଓ ବଜେଟ ଅଭିଭାଷଣରେ ତାହାକୁ ନେଇ ଖୁବ୍ ଦମ୍ଭ ଦେଖାଇଛନ୍ତି। କିନ୍ତୁ ବଜେଟରେ କରିଥିବା ଅର୍ଥ ବ୍ୟବସ୍ଥାକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଏ ଯେ ସମସ୍ତଙ୍କୁ ପାଇପ୍ ମାଧ୍ୟମରେ ଉନ୍ନତ ପାନୀୟ ଜଳ ଯୋଗାଇବା ପାଇଁ ସରକାର କରିଥିବା ସଂକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ବଜେଟ ଅଧିକ ବାସ୍ତବମୁଖୀ।

# ବିଦ୍ୟାଳୟ ସୁରକ୍ଷା



ଅରୁଣ ଦାସ

ଦିନକୁ ଦିନ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢୁଛି। ଶିକ୍ଷାଦାନ ପଦ୍ଧତିଠାରୁ ଆରମ୍ଭ କରି ସ୍କୁଲ ସେଫ୍ଟି ବ୍ୟବସ୍ଥା ଯାହା ହେଇଥାଉ ନା କାହିଁକି ପ୍ରତି ଗଳିକନ୍ଦି ଓ ଜାତୀୟ ରାଜପଥ ଧାରରେ ବିଦ୍ୟାଳୟ ପ୍ରତିଷ୍ଠା ହେବାରେ କୌଣସି ବାଧା ନାହିଁ। ଶିକ୍ଷାକୁ ବ୍ୟବସାୟ କଲେ ଭଲ ଦି' ପଇସା ମିଳୁଛି, ସେଥିପାଇଁ ଅନେକ ବ୍ୟକ୍ତିବିଶେଷ ଅନ୍ୟ ସୂତ୍ରରୁ ଅସାଧୁ ଉପାୟରେ ଅର୍ଥ ରୋଜଗାର କରି ସମାଜରେ ନିଜର ସ୍ୱତନ୍ତ୍ର ଧୋବଧାଉଳିଆ ପରିଚୟ ସୃଷ୍ଟି କରିବା ପାଇଁ ଯେ ଶିକ୍ଷାନୁଷ୍ଠାନ ଖୋଲି ପକାଉଛନ୍ତି। ଏଥିରେ ପଞ୍ଜୀକରଣ ବ୍ୟବସ୍ଥାରେ ମଧ୍ୟ ସେମିତି କୌଣସି ବଡ଼ ବାଧା ଉପୁଜୁନାହିଁ। କାରଣ ସାମାନ୍ୟ ରାଜନୈତିକ ଚାପରେ ସବୁ କିଛି ସମ୍ଭବ ହୋଇପାରେ।

ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ପବ୍ଲିକ ସ୍କୁଲରେ ପିଲା ପିଛା ମାସିକ ଦୁଇ ହଜାରରୁ ପାଞ୍ଚ ହଜାର ଟଙ୍କା ଆଦାୟ କରାଯାଉଛି। ପାଠପଢ଼ା ସହିତ ନାଚ, ଗୀତ, ଖେଳ, ଚିତ୍ରାଙ୍କନ ଓ ଯୋଗାସନ ଆଦିର ଶିକ୍ଷା ପିଲାମାନଙ୍କୁ ଦିଆଯାଉଛି ବୋଲି ଅଭିଭାବକମାନଙ୍କୁ କୁହାଯାଉଛି। ଏହା ନିଶ୍ଚିତ ଭଲ କଥା। କିନ୍ତୁ କେବଳ ଶ୍ରେଣୀଗୃହ ଓ ସେଠାରେ ଶିକ୍ଷକମାନେ ପିଲାମାନଙ୍କୁ ପାଠ ପଢ଼େଇଲେ ଏହା ଏକ ବିଦ୍ୟାଳୟ ହୋଇଯାଏନି। ଉପଯୁକ୍ତ ମାନର ବିଦ୍ୟାଳୟ ପାଇଁ ତା'ର ଆନୁଷଙ୍ଗିକ ଉପକରଣ ନିହାତି ଆବଶ୍ୟକ। ଏଥିମଧ୍ୟରେ ସୁରକ୍ଷା ଉପକରଣ ହେଉଛି ମୁଖ୍ୟ। ଆଜିକାଲି ଅନେକ ସମୟରେ ଉପଯୁକ୍ତ ସୁରକ୍ଷା ଅଭାବରୁ କିଛି କୋମଳମତି ଛାତ୍ରୀଛାତ୍ର ମୃତାହତ ହେଉଛନ୍ତି।

ପିଲାଟିଏ ବିଦ୍ୟାଳୟକୁ ଯିବାଠାରୁ ପୁଣି ଆସି ଘରେ ପହଞ୍ଚିବା ପର୍ଯ୍ୟନ୍ତ ସୁରକ୍ଷା ଦାୟିତ୍ୱ ବିଦ୍ୟାଳୟର ଯାହା ସ୍କୁଲ ସେଫ୍ଟି ନିୟମର ଅନ୍ତର୍ଭୁକ୍ତ। ପିଲାମାନେ ଯିବାଆସିବା କରୁଥିବା ଯାନର ମାନ ସୁରକ୍ଷା ଦୃଷ୍ଟିରୁ ଉପଯୁକ୍ତ କି ନୁହେଁ ଏବଂ ଚାଳକ ଓ ଯାନ ପରିଚାଳକ ପିଲାମାନଙ୍କୁ ଦାୟିତ୍ୱର ସହ ନେବା ଆଣିବା କରୁଛନ୍ତି କି ନାହିଁ, ତାହା ଦେଖିବା ଦରକାର। କାରଣ ପିଲାମାନଙ୍କ ଚଞ୍ଚଳତା ପାଇଁ ଅନେକ ସମୟରେ ଗାଡ଼ିରୁ ଖସିପଡ଼ିବା, ଓହ୍ଲେଇବା ବେଳେ ଅନ୍ୟମନସ୍କ ହୋଇ ଚଳନ୍ତା ଗାଡି ସାମ୍ନାକୁ ଚାଲିଯିବା ଓ ଚକୋଲେଟ୍ ଖାଇବା ଆଶାରେ ଅଚିହ୍ନା ଲୋକ ସହ ଯାଇ ଅପହୃତ ହେବା ଆଦି ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବନି। ବିପତ୍ତି ବା ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ଓ ଏଥିରେ ଶକ୍ତ ହୋଇ ଛିଡ଼ା ହେବାକୁ ବିଦ୍ୟାଳୟ ଗୃହଟି କେତେ ମଜଭୁତ? ଏଥିରେ ଥିବା ପିଲର, କଂକ୍ରିଟ ବିମ୍ ଓ ବ୍ରେସିଙ୍ଗ୍ ସବୁ ଉଚ୍ଚମାନର ହୋଇଛି କି ନାହିଁ? ପାଣି, ପବନ ଆଦିର ବାହ୍ୟବଳକୁ ସମ୍ଭାଳିଲା ପରି ଏହା ନିର୍ମିତ ହୋଇଛି ନା ନାହିଁ? ଏସବୁ ଉପରେ ଧ୍ୟାନ ଦେବାକୁ ହେବ। ଅବଶ୍ୟ ପିଲାମାନଙ୍କୁ ନେଇ ଅଧିକାଂଶ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ମକ୍‌ଡ୍ରିଲ୍ କରାଯାଉଛି। ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। କିନ୍ତୁ ବିଦ୍ୟାଳୟରେ ପିଲାମାନଙ୍କ ପ୍ରତି ଯୌନ ଉତ୍ପୀଡନ ମାତ୍ରା ପ୍ରବଳ ହେବାରେ ଲାଗିଛି। ଏହା ବାଦ୍ ପ୍ରତିଟି ବିଦ୍ୟାଳୟରେ ଯେଉଁ ସଂଖ୍ୟାରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା କଥା ତାହା ଅଛି କି ନାହିଁ? କିଛି ବିଦ୍ୟାଳୟରେ ଖରାପ ହୋଇ ପଡ଼ିଥିବା ଯନ୍ତ୍ରକୁ ଲୋକମାନଙ୍କୁ ଦେଖାଇବା ପାଇଁ କେବଳ ଲଗାଯାଇଥାଏ, ଯାହା ଅସଲ ବିପତ୍ତି ବେଳେ କାମରେ ଆସି ନ ଥାଏ। ବିଦ୍ୟାଳୟ ନିକଟରୁ ଉପଯୁକ୍ତ ବ୍ୟବଧାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ତା'ର ରହିଛି କି ନାହିଁ ଏବଂ ଏହାର ପରିସର ଓ ଶ୍ରେଣୀଗୃହରେ ନିରାପଦ ଭାବରେ ବିଦ୍ୟୁତ୍ ସଂଯୋଗୀକରଣ ହୋଇଛି କି ନାହିଁ, ଏଗୁଡିକୁ ଆଗ ନିରୀକ୍ଷଣ କରିବା ଜରୁରୀ।

ପିଲାମାନେ ସଂଘବଦ୍ଧ ହୋଇ ନିଜ ନିଜ ଭିତରେ ମାରପିଟ୍ ପରି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ବିଦ୍ୟାଳୟ କର୍ମଚାରୀ ଏହାକୁ ଦେଖି ତାଗିଦ କରନ୍ତିନାହିଁ। କିନ୍ତୁ ଯାହା ଜଣାପଡେ ସହରାଞ୍ଚଳର ଅଧିକାଂଶ ପବ୍ଲିକ ସ୍କୁଲ ଅପେକ୍ଷା ସାଧାରଣ ସରକାରୀ ବିଦ୍ୟାଳୟଗୁଡିକର ସୁରକ୍ଷା ବ୍ୟବସ୍ଥା ଶହେଗୁଣ ଭଲ। କାରଣ ଏହି ବିଦ୍ୟାଳୟଗୁଡିକ ପ୍ରାୟତଃ ବହୁମୁଖୀ ଆଶ୍ରୟସ୍ଥଳୀରେ ଚାଲୁଥିବାର ଦେଖାଯାଇଥାଏ। ଯେଉଁଗୁଡିକ ଏକାବେଳକେ ବନ୍ୟା, ବାତ୍ୟାରେ ସୁରକ୍ଷା ପାଇଁ ଆଶ୍ରୟସ୍ଥଳୀ ହେବା ସହିତ ପିଲାମାନଙ୍କ ସ୍କୁଲ ଗୃହର କାର୍ଯ୍ୟ କରିଥାଏ। ତେଣୁ ସମ୍ପ୍ରତି ଶିକ୍ଷାଦାନ ନାମରେ ଯେଉଁ ବ୍ୟବସାୟୀ ଗୋଷ୍ଠୀ ଶିକ୍ଷାନୁଷ୍ଠାନ ଖୋଲି ଆମେ ଉଚ୍ଚମାନର ଶିକ୍ଷାଦାନ କରୁଛୁ ବୋଲି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି, ସେମାନେ ପ୍ରଥମେ ନିଜର ସ୍କୁଲ ସେଫ୍ଟି ସମ୍ବନ୍ଧରେ ଆକଳନ କରିବା ଆବଶ୍ୟକ। କାରଣ ପିଲାମାନେ ଆଗାମୀ ପିଢ଼ିର ଭବିଷ୍ୟତ। ସାମ୍ବିଧାନିକ ନିୟମ ଅନୁଯାୟୀ ଏମାନଙ୍କ ପଢ଼ିବା, ବଢ଼ିବା ଓ ସାମଗ୍ରିକ ବିକାଶର ଅଧିକାରକୁ ସଂରକ୍ଷିତ ରଖାଯାଇଛି। ତେଣୁ ବିଦ୍ୟାଳୟ ସୁରକ୍ଷା ବ୍ୟବସ୍ଥାକୁ ଜମାରୁ ହାଲୁକା ଭାବରେ ନ ନେଇ ଏଥିପ୍ରତି ବିଦ୍ୟାଳୟ ପ୍ରଶାସନ, ଶିକ୍ଷକ, କର୍ମଚାରୀ ଯତ୍ନବାନ ହେବା ଜରୁରୀ। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟଗୁଡିକର ମୂଲ୍ୟାଙ୍କନ କରିବା ସହ ଏଥିରେ ଥିବା ତ୍ରୁଟିବିଚ୍ୟୁତିକୁ ସୁଧାରିବା ପାଇଁ ତତ୍ପର ରହିବା ଆବଶ୍ୟକ।

ଯଦି ସ୍କୁଲ ସେଫ୍ଟି ନିୟମକୁ ଧରାଯାଏ ତେବେ ଭାରତର କୋଣ ଅନୁକୋଣରେ ଥିବା ୮୦ରୁ ୯୦ ପ୍ରତିଶତ ବିଦ୍ୟାଳୟ ଏହି ନିୟମରେ ବିଫଳ ହେବା ସୁନିଶ୍ଚିତ। ବିଗତ ଦିନରେ ଯେଉଁମାନେ ସାଧାରଣ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢିଥିଲେ ସେମାନେ ଆଜିର ସମୟରେ ଉଚ୍ଚ ପଦମର୍ଯ୍ୟାଦାରେ ନିଜକୁ ଅଲଙ୍କୃତ କରାଇପାରିଛନ୍ତି। କାରଣ ସେତେବେଳର ଶାସନବ୍ୟବସ୍ଥା ଥିଲା କଡ଼ାକଡ଼ି। ତେଣୁ ଉଭୟ ବିଦ୍ୟାଳୟ ପ୍ରଶାସନ ଓ ଅଭିଭାବକ ମହଲରେ ଏଇ ବ୍ୟୟବହୁଳ ପବ୍ଲିକ ସ୍କୁଲ ଢାଞ୍ଚାରେ ମସ୍‌ଗୁଲ ନ ହୋଇ ଏହାର ସୁରକ୍ଷା ପରିସର ଓ ପରିବେଶ କିପରି ଉଚ୍ଚମାନର ହୋଇପାରିବ, ସେଥିପ୍ରତି ଆଗ୍ରହ ଦେଖାଇବା ଉଚିତ।

ପତରପଡ଼ା, ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ପଶ୍ଚିମବଙ୍ଗର ଜଣେ ଝିଅ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଗରିବ ମହିଳା ଓ ଶିଶୁମାନଙ୍କର ସାହାରା ପାଲଟିଛନ୍ତି। ମୁର୍ଶିଦାବାଦର କଟ୍‌ନା ଗାଁରେ ଜନ୍ମିତ କାଜି ସବ୍‌ନମ୍ ଅହମଦ ନାମକ ଏହି ଝିଅଙ୍କ ଜୀବନରେ ଘଟିଛି ଏଭଳି ଘଟଣା। ତାଙ୍କ ବାପା ଜଣେ ଆର୍ମି ଅଫିସର୍ ଥିଲେ ବି ତାଙ୍କ ବାହାଘର ମାତ୍ର ୧୬ ବର୍ଷ ବୟସରେ ହୋଇଥିଲା। ତିନୋଟି ପିଲାର ମା' ହେବା ପରେ ଘରୋଇ ହିଂସା ସହ୍ୟ କରି ନ ପାରି ରାତିଅଧରେ ଛୋଟ ପୁଅକୁ ଧରି ଘର ଛାଡି ଚାଲିଆସିଥିଲେ। କିଛିଦିନ କୋଲକାତାର ରାସ୍ତାକଡରେ ଓ ପରେ ସିଆଲ୍‌ଦା ଷ୍ଟେଶନରେ ରହିଥିଲେ। ଏହା ୭୦ ଦଶକ ଆରମ୍ଭର କଥା। ଏହି ସମୟରେ ସେ ଏକ କ୍ଲିନିକ୍‌ରେ ରିସେପ୍‌ଶନିଷ୍ଟ୍ ଭାବେ କାମ କରିଥିଲେ। ପରେ ଏକ ନାଇଟ୍ କଲେଜ୍‌ରୁ ଗୃହ ବିଜ୍ଞାନ ଓ ଇଣ୍ଟେରିୟର ଡିଜାଇନିଂରେ ଡିଗ୍ରୀ ହାସଲ କରି କୋଲକାତାରେ ଇଣ୍ଟେରିୟର ଷ୍ଟୁଡିଓ ଖୋଲିଥିଲେ। କିଛିଦିନ ପରେ ସେ ଦିଲ୍ଲୀ ଆସି 'ସଲାମ ବମ୍ବେ' ନାମକ ଏନ୍‌ଜିଓରେ ଯୋଗଦେଇ ଅବହେଳିତ ପିଲାଙ୍କ ଲାଗି ଦିଲ୍ଲୀ ରେଲ୍‌ୱେ ଷ୍ଟେଶନରେ କାର୍ଯ୍ୟ କରୁଥିବା ସମୟରେ ଫିଲ୍ମ ନିର୍ମାତା ଜୁଗ୍‌ନୁ ରାମସ୍ୱାମୀଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ରାମସ୍ୱାମୀ ସବ୍‌ନମଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବା ପରେ ତାଙ୍କୁ ବିବାହ କରିଥିଲେ। ଏହାପରେ ସବ୍‌ନମ ରାମସ୍ୱାମୀ କଟ୍‌ନା ଗାଁକୁ ଫେରି ଅବହେଳିତ ପିଲାମାନଙ୍କ ପାଇଁ ଜାଗୃତି ପବ୍ଲିକ୍ ସ୍କୁଲ୍ ଓ ପ୍ରଗତି ଶିକ୍ଷା ନିକେତନ ନାମକ ଦୁଇଟି ସ୍କୁଲ୍ ଖୋଲିଥିଲେ। ଏଥିରେ ଏବେ ୧୩୦୦ରୁ ଅଧିକ ପିଲା ପଢୁଛନ୍ତି। ୬୫ ବର୍ଷୀୟା ସବ୍‌ନମ 'କଟ୍‌ନାର କନ୍ଥା' ନାମକ ଏକ ସଂସ୍ଥା ଖୋଲି ସେଠାରେ କମ୍ବଳ ଓ ପୋଷାକ ତିଆରି କାର୍ଯ୍ୟରେ ପାଖାପାଖି ୩୦ଟି ଗାଁର ୧୪୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଫେବୃଆରୀ ୧୯୯୫

- ମଣିପୁରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ରିସାଂ କେଇସିଂଙ୍କ ଶପଥ ଗ୍ରହଣ।
- କରାଚୀର ଦୁଇଟି ସିଆ ମସ୍‌ଜିଦରେ ପ୍ରାର୍ଥନା ସଭା ଚାଲିଥିବା ବେଳେ ଆତତାୟୀଙ୍କ ଗୁଳିଲେ ୨୭ ନିହତ।

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୃଢ଼ ଇଚ୍ଛାଶକ୍ତି ଲୋଡ଼ା



ପ୍ରେମାନନ୍ଦ ନାୟକ

ଦେଶ ସ୍ୱାଧୀନତା ପାଇବାର ୭୨ ବର୍ଷ ବିତିଗଲାଣି। ଏହି ସମୟ ଭିତରେ ରାଜ୍ୟରେ ଅନେକ ସରକାର ଗଲେଣି। କିନ୍ତୁ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଓଡ଼ିଆଙ୍କର ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ବଢ଼ି ବଢି ଚାଲିଛି। ସରକାର ଲୋକଙ୍କୁ ଏକ ଟଙ୍କା ମୂଲ୍ୟରେ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଯଥା- ଆଳୁ, ପିଆଜ, କଦଳୀ, ଅଣ୍ଡା, ମାଛ, ଡାଲି, ତେଲ ଇତ୍ୟାଦି ଆମକୁ ଅନ୍ୟ ରାଜ୍ୟରୁ ଆମଦାନି କରିବାକୁ ପଡୁଛି। ଓଡ଼ିଶାର ମାଟି, ପାଣି, ପବନ ଏବଂ ଲୋକଶକ୍ତି କୌଣସିଟି ସମ୍ପୃକ୍ତ ରାଜ୍ୟଗୁଡ଼ିକଠାରୁ ପୃଥକ୍ କି ନିକୃଷ୍ଟ ନୁହେଁ। ସେହିସବୁ ସାମଗ୍ରୀ ଓଡ଼ିଶାରେ ଉତ୍ପାଦନ କରି ଓ ଉପଯୁକ୍ତ ପ୍ରଣାଳୀରେ ଗଚ୍ଛିତ ରଖି ଡିରୋଟ ସମୟରେ ବଜାରକୁ ଛାଡି ଲାଭବାନ ହେବା ପାଇଁ ଆମକୁ କେହି ବାରଣ କରିନାହିଁ। ୨୦୧୫ରେ ଆମ ସରକାର ଆଳୁ, ପିଆଜ ମିଶନ ସୃଷ୍ଟି କଲେ। ଅଧିକ ଜମିରେ ଆଳୁ, ପିଆଜ ଚାଷ ଓ ଅଧିକ ଶୀତଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କଲେ। କିନ୍ତୁ ପାଞ୍ଚବର୍ଷ ବିତିଗଲେ ମଧ୍ୟ ତାହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଆଳୁର ବାର୍ଷିକ ଚାହିଦା ୧୦ରୁ ୧୨ଲକ୍ଷ ଟନ୍। ହେଲେ ଉତ୍ପାଦିତ ହେଉଛି ମାତ୍ର ୩.୫ ଲକ୍ଷ ଟନ୍। ଆଳୁ ମିଶନ ଗଠନ ପୂର୍ବରୁ ରାଜ୍ୟରେ ୧୫,୮୦୫ ହେକ୍ଟର ଜମିରେ ୨.୬୮ ଲକ୍ଷ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ଆଳୁ ମିଶନ ଗଠନ ପରେ ଆଳୁ ଚାଷ ଜମିର ପରିମାଣ ୨୫,୧୮୩ ହେକ୍ଟରକୁ ବୃଦ୍ଧି କରାଗଲା। ବିଗତ ବର୍ଷରେ ୨୫ ହଜାର ହେକ୍ଟର ଜମିରେ ଆଳୁଚାଷ ହେବା ଫଳରେ ଉତ୍ପାଦନ ପ୍ରାୟ ୩.୫ଲକ୍ଷ ଟନ୍‌ରେ ପହଞ୍ଚିଛି। ମାତ୍ର ଏହା ଚାହିଦା ତୁଳନାରେ ଯଥେଷ୍ଟ ନୁହେଁ।

ସେହିପରି ରାଜ୍ୟରେ ୩.୫୩ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ଥିବାବେଳେ ଉଦ୍ୟାନକୃଷି ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ୩୩,୧୫୪ ହେକ୍ଟର ଜମିରେ ପିଆଜ ଚାଷ ହୋଇ ଅମଳ ହୋଇଥିଲା ୩.୭୩ଲକ୍ଷ ଟନ୍। କିନ୍ତୁ ସଂରକ୍ଷଣ ସୁବିଧା ଅଭାବରୁ ଅମଳ ସମୟରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ସ୍ୱଳ୍ପ ମୂଲ୍ୟରେ ପିଆଜକୁ ରାଜ୍ୟ ବାହାର ବେପାରୀଙ୍କୁ ବିକିଥାଏ ଏବଂ କିଛି ମାସ ପରେ ବହୁ ଅଧିକ ମୂଲ୍ୟରେ ସେମାନଙ୍କଠାରୁ ତାହା କିଣିବାକୁ ବାଧ୍ୟ ହୋଇଥାଏ। ଏପରି କି ଅମଳ ସମୟରେ ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚ ମଧ୍ୟ ମିଳୁନାହିଁ। ଥରେ କ୍ଷତି ସହିବା ପରେ ଆଉ ଆଳୁ ବା ପିଆଜ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ ରହୁନାହିଁ। ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଦାନଖଇରାତରେ ଯାଉଛି କେବଳ ଲୋକପ୍ରିୟତା ଓ ଭୋଟ ହାସଲ ଉଦ୍ଦେଶ୍ୟରେ। ସେଥିରୁ ବେଶିଭାଗ ଜାଲିଆତି ମାଧ୍ୟମରେ ଓ ଅଣହିତାଧିକାରୀଙ୍କ ଖାତାକୁ ଯାଉଛି ବୋଲି ଜଣାପଡ଼ିଲାଣି। କିନ୍ତୁ ସରକାର ପିଆଜ ଉତ୍ପାଦିତ ହେଉଥିବା ଅଞ୍ଚଳରେ ସଂରକ୍ଷଣ ପାଇଁ ଭଣ୍ଡାର ନିର୍ମାଣ କରିପାରୁ ନାହାନ୍ତି। ରାଜ୍ୟରେ ଉତ୍ପାଦିତ ପିଆଜର ଠିକ୍ ପରିଚାଳନା ହୋଇପାରିଲେ ତାହା ଚାହିଦା ମେଣ୍ଟାଇବାକୁ ସମର୍ଥ ହେବ। ତାହାଛଡା ଓଡ଼ିଶାରେ ଉତ୍ପାଦିତ ସମସ୍ତ ପିଆଜ ରବି ଋତୁରେ ଚାଷ ହୋଇଥାଏ। ଖରିଫ ପିଆଜ ଚାଷ ପ୍ରତି ଗୁରୁତ୍ୱ ଦେଲେ ତାହା ଡିରୋଟ ସମୟରେ ରାଜ୍ୟରେ ପିଆଜ ଉପଲବ୍ଧତାକୁ ବଢ଼ାଇ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତାକୁ କମାଇପାରିବ।

ରାଜ୍ୟରେ ୨୦୦୦ ମସିହା ପୂର୍ବରୁ ୧୨୦ ଶୀତଳ ଭଣ୍ଡାର ଥିଲା, ସେଥିରୁ ମାତ୍ର ୧୦ରୁ ୧୨ଟି କାର୍ଯ୍ୟକ୍ଷମ ଅଛି। ୨୦୧୫ରେ ସରକାର ଆଳୁ ମିଶନ ଆରମ୍ଭକରି ଅଧିକ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ଲକ୍ଷ୍ୟ ଥିଲା ରାଜ୍ୟରେ ଉତ୍ପାଦିତ ଆଳୁକୁ ଶୀତଳଭଣ୍ଡାରରେ ସଂରକ୍ଷିତ ରଖିବା। ସେଥିପାଇଁ ୨୦୧୫ ରୁ ୨୦୧୮ ମଧ୍ୟରେ ୧୧୨ଟି ଶୀତଳଭଣ୍ଡାର ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାତ୍ର ୨୬ଟି କାର୍ଯ୍ୟକ୍ଷମ ହୋଇଛି, ଯାହାର ସଂରକ୍ଷଣ କ୍ଷମତା ୧.୫ ଲକ୍ଷ ମେଟ୍ରିକ୍ ଟନ୍। ଆଳୁ ମିଶନ ବିଫଳ ହେବା ପରେ ଏହି ଶୀତଳଭଣ୍ଡାରଗୁଡ଼ିକ ପ୍ରାୟ ଖାଲି ପଡିଛି। କୋଟି କୋଟି ଟଙ୍କା ଋଣ କରି ଶୀତଳଭଣ୍ଡାର ପ୍ରତିଷ୍ଠା କରିଥିବା ଉଦ୍ୟୋଗୀମାନେ ଏକପ୍ରକାର ହତାଶ ହୋଇପଡ଼ିଛନ୍ତି। ଅନ୍ୟାନ୍ୟ ପରିବା ଯଥେଷ୍ଟ ପରିମାଣରେ ଉତ୍ପାଦିତ ହେଉ ନ ଥିବାରୁ ଶୀତଳ ଭଣ୍ଡାରର ଆବଶ୍ୟକତା ପଡୁନାହିଁ। ଏହି ସମସ୍ୟାର ସମାଧାନ ଲାଗି ସେମାନେ ଗତ ଦୁଇବର୍ଷ ଧରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଅବଶ୍ୟ ଶୀତଳ ଭଣ୍ଡାରଗୁଡିକର ବିଦ୍ୟୁତ୍ ଶୁଳ୍କରେ ରିହାତି ପାଇଁ ସରକାର ଏବେ ୧କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

ଅତୀତରେ ଆମର ଜଣେ କୃଷିମନ୍ତ୍ରୀ କହିଥିଲେ, ଆଳୁ, ପିଆଜ ନ ଖାଇଲେ କେହି ମରିଯିବେ ନାହିଁ। ଏହା ସତ ଯେ ଓଡ଼ିଶାର ନେତାମାନଙ୍କଠାରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି। ସରକାରୀ କର୍ମଚାରୀମାନେ ଗତାନୁଗତିକ ଭାବେ ଉଦାସୀନ ଏବଂ ସାଧାରଣ ଜନତା ଶ୍ରମବିମୁଖ। ଏହା ଏକ ଚିରନ୍ତନ ସତ୍ୟ ଯେ ଓଡ଼ିଶାରେ ସବୁ କିଛି ସମ୍ଭବ, କେବଳ ଅଭାବ ରହିଛି ଓଡ଼ିଆଙ୍କ ଉଦ୍ୟମର ଓ ଆମ ରାଜନେତାମାନଙ୍କ ମାନସିକତାର। ଓଡ଼ିଆରେ ଆପ୍ତବାକ୍ୟଟିଏ ଅଛି, 'ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ।' ଆହୁରି ମଧ୍ୟ କୁହାଯାଇଛି, ଦୃଢ଼ ଇଚ୍ଛାଶକ୍ତି ଆଗରେ ବିଫଳତା ବି ହାର୍ ମାନେ। ତେଣୁ ରାଜନେତା, କର୍ମଚାରୀ ଓ ଜନସାଧାରଣ ସମସ୍ତଙ୍କଠାରେ ସେହି ଦୃଢ଼ ଇଚ୍ଛାଶକ୍ତି ପ୍ରଥମେ ଜାଗ୍ରତ ହେବା ଉଚିତ। ଓଡ଼ିଶାର ରାଜନେତାମାନେ ଦିଗ୍‌ଦର୍ଶନ ଦିଅନ୍ତୁ। ସରକାର, ସ୍ୱଚ୍ଛଳ ପରିବା ବ୍ୟବସାୟୀ ଓ ପୁଞ୍ଜିପତି ଆଗଭର ହୁଅନ୍ତୁ। ବ୍ୟାଙ୍କଗୁଡ଼ିକ ଋଣ ସହାୟତା ଦିଅନ୍ତୁ। ଓଡ଼ିଶାର ପିଆଜ ଉତ୍ପାଦିତ ହେଉଥିବା ଅଞ୍ଚଳରେ ଶୀତଳଭଣ୍ଡାର ନିର୍ମାଣ କରି ଅମଳ ସମୟରେ ପିଆଜକୁ ସେହି ଭଣ୍ଡାରଗୁଡ଼ିକରେ ମହଜୁଦ ରଖାଯାଇ ଅଣ-ଉତ୍ପାଦନ ଋତୁରେ ବିକ୍ରି କରାଯାଉ। ଏହି ପ୍ରଣାଳୀରେ ପିଆଜ ଚାଷରେ ନିଶ୍ଚୟ ଲାଭ ହେବ ଏବଂ ପିଆଜ ଚାଷୀ ଉପକୃତ ହେବେ। ପ୍ରତିବର୍ଷ କିଛିକିଛି ଅଧିକ ଜମି ଆଳୁ ଚାଷ ପାଇଁ ବ୍ୟବହୃତ ହେଲେ କ୍ରମେ ଅଧିକ ଆଳୁ ଉତ୍ପାଦନ ସମ୍ଭବ ହେବ। ଅମଳ ସମୟରେ ଆଳୁକୁ ଶୀତଳଭଣ୍ଡାରରେ ସାଇତି ରଖି ଅନ୍ୟ ସମୟରେ ବଜାରକୁ ଛଡ଼ାଯିବାର ବ୍ୟବସ୍ଥା କରାଯାଉ। ସେହି ଉପାୟରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟସାମଗ୍ରୀ ଆମ ରାଜ୍ୟର ସ୍ୱର୍ଣ୍ଣଗର୍ଭା ମାଟିରେ ଉତ୍ପାଦିତ ହୋଇପାରିବ। ସେଥିପାଇଁ କୃଷିମନ୍ତ୍ରୀଙ୍କଠାରୁ ବ୍ଲକ୍‌ସ୍ତରୀୟ କୃଷି କର୍ମଚାରୀଙ୍କ ପର୍ଯ୍ୟନ୍ତ ସଭିଏଁ ଓଡ଼ିଶାରେ କୃଷିର ବିକାଶ ଲାଗି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କଲେ ଅଚିରେ ଲକ୍ଷ୍ୟ ପୂରଣ ଦିଗରେ ତାହା ସହାୟକ ହେବ। ଓଡ଼ିଶାର ଚାଷୀ ତାହାର ଉଦ୍‌ବୃତ୍ତ ଫସଲକୁ ବାହାର ରାଜ୍ୟକୁ ରପ୍ତାନି କରି ଯଥେଷ୍ଟ ଲାଭବାନ୍ ମଧ୍ୟ ହୋଇପାରିବ।

ଶହୀଦ ନଗର, ଭୁବନେଶ୍ୱର,
ମୋ- ୯୪୩୭୩୮୨୧୦୦

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 1 | | | | | 9 | | C | | 5 |
| | | E | A | 0 | | | | | D | | | | | |
| | 6 | | | 3 | | D | | | 5 | 0 | | | | 4 |
| | D | C | | | | | | 2 | 3 | | | | | 9 |
| 1 | | A | 9 | 6 | D | | 3 | C | | | 2 | | 7 | |
| | E | | 0 | | 6 | | | | C | | | | | 8 |
| D | C | 0 | 5 | | | | 2 | E | 9 | | | | 4 | 7 |
| | 3 | 1 | 2 | E | 4 | 0 | | | 8 | | B | | | |
| 5 | 9 | | | | B | | | | | 7 | | | 1 | E |
| | | 4 | | | | | | | | A | | | | D |
| | | | 6 | | | | | 9 | | | | 8 | E | |
| | | 8 | | 7 | A | 4 | 6 | 5 | B | | E | | | |
| | | | | | | | | | | | | A | | 1 |
| B | 2 | D | 4 | | | | | | 1 | | A | | 5 | C |
| | | | | 8 | | | 0 | | | 3 | | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 5 | 8 | 9 | A | 0 | E | 1 | D | B | 2 | C | 4 | 7 |
| E | 7 | 9 | D | 2 | 1 | B | A | C | 6 | 8 | 4 | 3 | 0 | 5 |
| 1 | B | 8 | C | 5 | 0 | 2 | 6 | 4 | A | 7 | 3 | 9 | D | E |
| D | 2 | C | 3 | 7 | 4 | 9 | 8 | 5 | E | 1 | 0 | 6 | B | A |
| 4 | 0 | A | B | E | 6 | 7 | 3 | D | 5 | C | 9 | 2 | 1 | 8 |
| A | E | 4 | 7 | 6 | B | C | D | 2 | 8 | 0 | 5 | 1 | 3 | 9 |
| 2 | 8 | 1 | 9 | A | E | 3 | 0 | 7 | B | 6 | C | 4 | 5 | D |
| 7 | 9 | 0 | 2 | 1 | 3 | 8 | 5 | A | 4 | D | E | B | 6 | C |
| C | 5 | B | 0 | 4 | D | 6 | 1 | E | 9 | 3 | A | 7 | 8 | 2 |
| 3 | 6 | D | 5 | C | 8 | 4 | 9 | B | 1 | 2 | 7 | E | A | 0 |
| 9 | A | 2 | 6 | 3 | 7 | 5 | B | 0 | C | 4 | D | 8 | E | 1 |
| 8 | 4 | 7 | A | D | 9 | 1 | C | 6 | 0 | E | B | 5 | 2 | 3 |
| B | C | 6 | 1 | 0 | 5 | E | 7 | 3 | 2 | A | 8 | D | 9 | 4 |
| 5 | D | E | 4 | B | C | A | 2 | 8 | 3 | 9 | 1 | 0 | 7 | 6 |
| 0 | 1 | 3 | E | 8 | 2 | D | 4 | 9 | 7 | 5 | 6 | A | C | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ଚାକିରି ନା ଭଲ ମଣିଷ

ମହାଶୟ,

ପିଲାମାନେ ଭଲ ପାଠ ପଢ଼ି ଡାକ୍ତର, ଇଞ୍ଜିନିୟର ଓ ପ୍ରଶାସକ ହେବା ସବୁ ମାତାପିତା ଇଚ୍ଛା କରିଥାନ୍ତି। ଡାକ୍ତର, ଇଞ୍ଜିନିୟର ହେଲେ ଭଲ ଅର୍ଥ ଉପାର୍ଜନ କରିବେ। କିନ୍ତୁ ମାତାପିତା ପିଲାଙ୍କୁ ଭଲ ମଣିଷ ହେବାକୁ ଶିଖାନ୍ତି ନାହିଁ। ନିଜେ ଭଲ ହୋଇ ତା'ର ପ୍ରଭାବ ପିଲାଙ୍କ ଉପରେ ପକାନ୍ତି ନାହିଁ। ଫଳରେ ଯେଉଁମାନେ ଡାକ୍ତର ହେଲେ ସେମାନେ ବିନା ଅର୍ଥରେ ରୋଗୀକୁ ଆଡ଼ ଆଖିରେ ଚାହିଁଲେ ନାହିଁ। ଯେଉଁମାନେ ଇଞ୍ଜିନିୟର ହେଲେ ବିନା ପିସିରେ କଣ୍ଟ୍ରାକ୍ଟରର ବିଲ୍ ପାସ୍ କଲେ ନାହିଁ। ଅନେକ ପ୍ରଶାସନିକ ଅଧିକାରୀ ବିନା ଲାଞ୍ଚରେ ଫାଇଲ ଖୋଲନ୍ତି ନାହିଁ। ଉପରୋକ୍ତ ଅଧିକାରୀମାନଙ୍କର କଳାକାରନାମା ପ୍ରତିଦିନ ଟିଭି ଏବଂ ଖବରକାଗଜରୁ ଦେଖିବାକୁ ମିଳୁଛି। ଯଦି ସେମାନଙ୍କ ମାତାପିତା ଏବଂ ସ୍ତ୍ରୀ ସେମାନଙ୍କୁ ଠିକ୍ ପରାମର୍ଶ ଦେଉଥାନ୍ତେ ତେବେ ସେମାନେ ଭିଜିଲାନ୍ସ ବା ସିବିଆଇ ହାତରେ ଧରାପଡି ଲଜ୍ଜିତ ହେଉ ନ ଥାନ୍ତେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ୫-ଟି ଛାଟ

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନରେ ଆସିଥିବା ଖବର ପଢ଼ି ଖୁସି ହେଲୁ। ପୌର ପରିଷଦ ଅନ୍ତର୍ଗତ ଗାଁକୁ ରାସ୍ତା, ନାଳ ଆଦି କାମ ନିମନ୍ତେ ପୌର ପରିଷଦର କର୍ମଚାରୀ, କଣ୍ଟ୍ରାକ୍ଟର, ସ୍ଥାନୀୟ ନେତାମାନେ ମାରି ଖାଉଥିବାର ଅନୁଭବ କରି ସରକାର ନଗର ଉନ୍ନୟନ ବିଭାଗକୁ ସାମିଲ କରିବା ସ୍ୱାଗତଯୋଗ୍ୟ। ସାଧାରଣ ଲୋକଙ୍କ ପଇସା କିପରି ହେର୍‌ଫେର ନ ହେବ, ପିସି କାରବାର ବନ୍ଦ କରିବା ଏବଂ ସର୍ବୋପରି ଲାଞ୍ଚୁଆ କର୍ମଚାରୀ, ଅଫିସରମାନଙ୍କୁ ସାବାଡ଼ କରିବା ନିଶ୍ଚିତ ଭାବେ ଭଲ ପଦକ୍ଷେପ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଭିଭାବକଙ୍କ ଯୋଗୁ ସଫଳ ହେଉଛନ୍ତି ଛାତ୍ରୀଛାତ୍ର

## ଡିଡିୟୁଜିକେୱାଇ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ସମ୍ମିଳନୀ

- ୩ ବର୍ଷରେ ତାଲିମ ନେଇଛନ୍ତି ୪,୭୩୪
- ନିଯୁକ୍ତି ପାଇଛନ୍ତି ୧,୬୨୫ ଜଣ

**ଜଗତ୍‌ସିଂହପୁର ଅଫିସ, ୨୫।୨**

ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (ଡିଡିୟୁଜିକେୱାଇ) ଜାତୀୟ ଗ୍ରାମ୍ୟ ରୋଜଗାର ମିଶନ୍‌ର ଏକ ଅଂଶ ବିଶେଷ। ଗ୍ରାମାଞ୍ଚଳର ବିଶେଷକରି ଗରିବ ଯୁବବର୍ଗଙ୍କୁ ଆର୍ଥିକସ୍ତରରେ ସ୍ୱାବଲମ୍ବୀ କରିବା ଅର୍ଥାତ୍ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାର ଏଭଳି ଯୋଜନାର ପ୍ରଣୟନ କରିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଏହି ୩ ବର୍ଷ ଭିତରେ ଯୋଜନାରେ ମୋଟ ୪,୭୩୪ ଛାତ୍ରୀଛାତ୍ର ତାଲିମ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୬୨୫ ଜଣ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି। ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମ୍ମିଳନୀରେ ଏକଥା କୁହାଯାଇଛି।

ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି କହିଥିଲେ, ଗ୍ରାମାଞ୍ଚଳର ବେକାର ଯୁବତୀଯୁବକଙ୍କ ପାଇଁ ଏହି ଯୋଜନା ବେସ୍ ଫଳପ୍ରଦ ହୋଇପାରୁଛି। ବେକାର ଯୁବତୀଯୁବକ ଦକ୍ଷତା ବିକାଶ ତାଲିମ ପାଇ ପାରୁଛନ୍ତି। ସେମାନଙ୍କୁ ଏହି ତାଲିମ ପାଇଁ ମାଗଣାରେ ରହିବାଠାରୁ ଆରମ୍ଭ କରି ଖାଇବା, ପୋଷାକ, ବହିପତ୍ର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ତାଲିମ ପରେ ଅନେକଙ୍କୁ ରାଜ୍ୟ ଓ ବାହାରେ ଥିବା ସଂସ୍ଥାରେ କର୍ମ ସଂସ୍ଥାନ ଯୋଗାଇ ଦିଆଯାଉଛି। ଜିଲାର ଅନେକ ଛାତ୍ରୀଛାତ୍ର ଭଲ ଅନୁଷ୍ଠାନରେ ସନ୍ତୋଷଜନକ ଦରମା ପାଇ ସେମାନଙ୍କ ପରିବାର ପାଇଁ ସମ୍ବଳ ପାଲଟିଛନ୍ତି। ବଡ଼ କଥା ହେଲା ଏହି ଛାତ୍ରୀଛାତ୍ରଙ୍କ ସଫଳତା ପଛରେ ସେମାନଙ୍କ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲାଙ୍କୁ ବାହାରକୁ ଛାଡିବା ପାଇଁ ସେମାନେ ମାନସିକଭାବେ ପ୍ରସ୍ତୁତ ହେବା ଛୋଟିଆ କଥା ନୁହେଁ। ଝିଅଟିଏ ଯେତେବେଳେ ବାହାରେ ରହିବାକୁ ହୁଏ ତା' ପୂର୍ବରୁ ତାଙ୍କ ମା, ବାପା ବହୁତ କିଛି ଚିନ୍ତା କରିଥାନ୍ତି। ସବୁକଥା ଭାବି ମନକୁ ବୁଝାଇ ଝିଅର ଭବିଷ୍ୟତ ପାଇଁ ଅନୁମତି ଦେଇଥାନ୍ତି। ତେଣୁ ଅଭିଭାବକଙ୍କ ଯୋଗୁ ହିଁ ଯୋଜନା ସଫଳ ହୋଇପାରୁଛି ବୋଲି ମହାନ୍ତି ମତବ୍ୟକ୍ତ କରିଥିଲେ।

ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କିପରି ପିଲାମାନେ ଦକ୍ଷତା ବିକାଶ ତାଲିମ ପାଇ ରୋଜଗାରକ୍ଷମ ହୋଇ ପାରୁଛନ୍ତି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଓରମାସ୍ (ଓଡ଼ିଶା ରୁରାଲ ଡେଭେଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି)ର ଡେପୁଟି ସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଳ ଯୋଗଦେଇ ବିଗତ ୩ ବର୍ଷରେ ଦୀନଦୟାଲ ଉପାଧ୍ୟାୟ ଯୋଜନାରେ ଜିଲାରେ କେତେ ଜଣ ଛାତ୍ରୀଛାତ୍ର ତାଲିମ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୧୧୫ରୁ ଅଧିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ୮୦ରୁ ଅଧିକ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାବାଦ୍ ଜିଲାର ସମସ୍ତ ବ୍ଲକରୁ ୩ ଜଣ କରି ଗୋଷ୍ଠୀ ସହାୟିକାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ଓ ଅଭିଭାବକ ସେମାନଙ୍କ ସଫଳ କାହାଣୀ ବର୍ଣ୍ଣନା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶ ପୁସ୍ତିକା (ସଫଳ କାହାଣୀ)ମୁଖ୍ୟଅତିଥି ମହାନ୍ତିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରଙ୍କ ସମେତ ୮ଟି ବ୍ଲକର ଜୀବିକା ମିଶନର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବାଲିକୁଦା ବ୍ଲକର ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ପ୍ରତାପରୁଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଜଣେ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଦୁଇ ଗିରଫ



**ବାଲିକୁଦା,୨୫।୨(ସ୍ୱ.ପ୍ର.):** ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏଥିସହିତ ଦୁଇ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଦୁଇଟି ମାମଲା ରୁଜୁ କରାଯାଇଛି। ତେନ୍ତୁଲି ବେଲାରି ଗାଁର ମଣ୍ଟୁ ନାୟକ(୩୮)ଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ବ୍ରାହ୍ମଣଡିହି ଗାଁର ବିଶ୍ୱନାଥ କାଣ୍ଡିଙ୍କୁ ମଧ୍ୟ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ୩ ଲିଟର ବିଦେଶୀ ଓ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଉଭୟ ଅଭିଯୁକ୍ତ ଅଞ୍ଚଳରେ ବେଆଇନ ମଦ କାରବାର କରି ଆସୁଥିଲେ। ଏସମ୍ପର୍କରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଅବକାରୀ ନିରୀକ୍ଷକ ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଥିଲା। ଚଢାଉର ନେତୃତ୍ୱ ଏସଆଇ ନଳିନୀ ଜୟନ୍ତୀ ସ୍ୱାଇଁ ନେଇଥିବା ବେଳେ କନଷ୍ଟେବଲ ହିମାଂଶୁ ନାୟକ, ବିଶ୍ୱନାଥ ମୁଣ୍ଡା ପ୍ରମୁଖ ସାମିଲ ଥିଲେ।

### କତା ପୁଞ୍ଜି ଯୋଜନା ସମ୍ପର୍କିତ କର୍ମଶାଳା

**ବିରିଡ଼ି, ୨୫।୨ (ଡି.ଏନ୍.ଏ.):** ବିରିଡି ବ୍ଲକ ନୀଳକଣ୍ଠ କତା ଶିଳ୍ପ ସମବାୟ ସମିତି ପକ୍ଷରୁ ଏକ ସଚେତନତା କର୍ମଶାଳା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମହାଜ୍ୟୋତି ମହାସଂଘ, ଜଗତ୍‌ସିଂହପୁର ସମ୍ପାଦିକା ସବିତା ଦାସ, ଓଡ଼ିଶା ସମବାୟ କତା ନିଗମ, ଭୁବନେଶ୍ୱର ପରିଚାଳକ ସୁରେନ୍ଦ୍ର କୁମାର ସାହୁ, ରଘୁନାଥପୁର ଶିଳ୍ପ ବିକାଶ ଅଧିକାରୀ ଜ୍ୟୋତିରଞ୍ଜନ ଜେନା, ଜଗତ୍‌ସିଂହପୁର ଜିଲା କତା ଶିଳ୍ପ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ, ରଘୁନାଥପୁର ବ୍ଲକ ସିଡିପିଓ ଜେଆର ମଲ୍ଲିକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ତରିକୁନ୍ଦ ଶାଖା ପରିଚାଳକ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର କତା ପୁଞ୍ଜ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ। ଯେଉଁ ଗୋଷ୍ଠୀରେ ୧୫ଜଣ ସଦସ୍ୟା ଥିବେ ଓ ସେମାନଙ୍କ ବୟସ ସୀମା ୧୮ରୁ ୪୫ ବର୍ଷ ମଧ୍ୟରେ ହୋଇଥିବ, ସେହି ଗୋଷ୍ଠୀଙ୍କୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯିବ। କତାପୁଞ୍ଜ ଯୋଜନାରେ କାର୍ଯ୍ୟ କରୁଥିବା ୫ଟି ଗୋଷ୍ଠୀକୁ ସରକାର ମାଗଣାରେ ଯନ୍ତ୍ରପାତି, କଞ୍ଚାମାଲ, ଘରଭଡ଼ା ବାବଦକୁ ସହାୟତା ଏବଂ ପ୍ରତ୍ୟେକ ସଭ୍ୟାଙ୍କୁ ୭ ଶହ ୫୦ ଟଙ୍କାର ମାସିକ ଭତ୍ତା ୪ ମାସ ପାଇଁ ଯୋଗାଦେବେ। ଏଥିସହ ସେହି ଗୋଷ୍ଠୀଗୁଡ଼ିକୁ ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ ଏବଂ ସେମାନେ ଯେଉଁ କତାଯାତ ଦ୍ରବ୍ୟଉତ୍ପାଦନ କରିବେ ସେସବୁ ଓଡ଼ିଶା ସମବାୟ କତା ନିଗମ କ୍ରୟ କରିବ ବୋଲି ଅତିଥିମାନେ କହିଥିଲେ। କର୍ମଶାଳାରେ ରଘୁନାଥପୁର ବ୍ଲକ ଅଧୀନ ବରାଗୋଳ ପଞ୍ଚାୟତର ବଡ଼ତିହଡ଼ା ଓ ଗୋଠିଣାର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୭୫ଜଣ ସଦସ୍ୟା ଉପସ୍ଥିତ ଥିଲେ।

# ବିଜେଡି ଜିଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ଶୁଭେଚ୍ଛା


ବିଜେଡି ଜିଲା ସଭାପତିଙ୍କୁ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

**ବାଲିଆ, ୨୫।୨**

ଜଗତ୍‌ସିଂହପୁର ଜିଲା ବିଜୁ ଜନତା ଦଳ (ବିଜେଡି)ର ନୂତନ ସଭାପତି ଭାବେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଉପଲକ୍ଷେ ବିରିଡି ବ୍ଲକ ବିଜେଡି ତରଫରୁ ଜିଲା ସଭାପତିଙ୍କୁ ମଙ୍ଗଳବାର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବରିଷ୍ଠ ନେତା ନୃସିଂହ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଗତ୍‌ସିଂହପୁରସ୍ଥିତ ସଭାପତିଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରତିନିଧି ଦଳରେ ବିଜେଡି ଉପସଭାପତି ରବି ନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଜିଲା ମାଇନରିଟି କମ୍ୟୁନିଟି ଅଧ୍ୟକ୍ଷ ମୀର୍ ଆଜମିର ଅଲ୍ଲୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର ଓ ପ୍ରଦୀପ୍ତ ଭୂୟାଁ ପ୍ରମୁଖ ସାମିଲ ଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମୋତ୍ସବ

**ବିରିଡି, ୨୫।୨ (ଡି.ଏନ୍.ଏ.):**

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମୋତ୍ସବ ଏବଂ ବିରିଡ଼ି ବ୍ଲକ ୨୨ ମୌଜା ସତ୍‌ସଙ୍ଗ କେନ୍ଦ୍ରର ୧୭ ତମ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ପୁରଣଠାରେ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମମୂହୁର୍ତ୍ତରେ ଜାଗରଣି, ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ବିନତି ପ୍ରାର୍ଥନା, ଧର୍ମଗ୍ରନ୍ଥ ପଠନ, ନଗରକୀର୍ତ୍ତନ, ସମବେତ ପ୍ରାର୍ଥନା, ନାମଯଜ୍ଞ, ସଙ୍ଗୀତାଞ୍ଜଳି, ନାମକୀର୍ତ୍ତନ ଓ ସତ୍‌ସଙ୍ଗ ଆଦି ଅନୁଷ୍ଠିତ ହୋଇଥିଲା। ଋତ୍ୱିକ ଜନାର୍ଦ୍ଦନ ବନ୍ଦୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ଯାଜକ ତୀର୍ଥାନନ୍ଦ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଋତ୍ୱିକ୍ ଚିନ୍ତାମଣି ବାରିକ ଯୋଗଦେଇ କହିଥିଲେ ସତ୍‌ସଙ୍ଗ ମଣିଷର ଅସ୍ତିତ୍ୱକୁ ରକ୍ଷା କରେ ଓ ଉନ୍ନତ କରେ। ଅନ୍ୟମାନଙ୍କ ମଧ୍ୟରେ ଋତ୍ୱିକ୍ ଗଣେଶ୍ୱର ସାହୁ, ବସନ୍ତ ବେଉରା, ଯାଜକ ସ୍ମୃତିରଞ୍ଜନ ପାଢୀ ଯୋଗଦେଇ ଠାକୁରଙ୍କ ପ୍ରଦର୍ଶିତ ଜୀବନବାଦ ଉପରେ ଆଲୋକପାତ କରିଥିଲେ। ୨୨ମୌଜା ସତ୍‌ସଙ୍ଗ କେନ୍ଦ୍ର ପରିଚାଳକ ଯାଜକ ଗଣେଶ୍ୱର ଦାଶ ଠାକୁରଙ୍କ ଧ୍ୱନି ଦେବା ପରେ ସତ୍‌ସଙ୍ଗ ଉଦ୍‌ଯାପିତ ହୋଇଥିଲା।

# ୨୭ରେ ପୂରଣ ମଣ୍ଡି ଘେରିବ ଭାଜପା


ବୈଠକରେ ଭାଜପା ନେତା ଓ କର୍ମୀମାନେ।

## ମଣ୍ଡିରେ ଧାନବିକ୍ରି ପାଇଁ ଅସୁବିଧା ଭୋଗୁଛନ୍ତି ଚାଷୀ

**ବାଲିଆ, ୨୫।୨**

ବିରିଡି ବ୍ଲକର ବିଭିନ୍ନ ସମବାୟ ସମିତିରେ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଧାନ କିଣିବା ପାଇଁ ମଣ୍ଡି ଖୋଲାଯାଇଥିବା ବେଳେ ଧାନ ବିକ୍ରି ପାଇଁ ଚାଷୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଏହାର ପ୍ରତିବାଦରେ ପୂରଣ ମଣ୍ଡଳ ଭାଜପା ପକ୍ଷରୁ ୨୭ ତାରିଖରେ ପୂରଣ ମଣ୍ଡି ଘେରାଉ କରାଯିବ। ଏ ନେଇ ଭାଜପା ସଭାପତି ସଭାପତି ତରୁଣ କୁମାର ଦାସ ମଙ୍ଗଳବାର ସୂଚନା ଦେଇଛନ୍ତି। ବରିଷ୍ଠ ନେତା ରମାକାନ୍ତ ଭୋଇ ଏହାର ନେତୃତ୍ୱ ନେବେ ଏବଂ ଶତାଧିକ ଚାଷୀ ଓ ଦଳୀୟ କର୍ମୀମାନେ ଏଥିରେ ସାମିଲ ହେବେ ବୋଲି ତରୁଣ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବସନ୍ତପୁରଠାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଭୋଇଙ୍କ ସମେତ ନରେଶ ଓଝା, ଦେବବ୍ରତ ପରିଜା, ବିଭୂତି ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବାରୁ ଚାଷୀମାନେ ଧାନ ବିକ୍ରି କରିବାରେ ବହୁ ଅସୁବିଧା ଭୋଗୁଛନ୍ତି। ଏଥିସହ ଅନେକ ଚାଷୀ ଧାନ ବିକ୍ରି କରି ନପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ମଣ୍ଡି ପରିଚାଳନାରେ ସ୍ୱଚ୍ଛତା ରହୁ ନଥିବାରୁ ଚାଷୀମାନଙ୍କୁ ହଇରାଣ ହେବାକୁ ପଡୁଛି। ତେବେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡି ଘେରାଉ କରାଯିବାକୁ ସ୍ଥିର କରାଯାଇଥିବା ମଣ୍ଡଳ ଭାଜପା ସଭାପତି ତରୁଣ ସୂଚନା ଦେଇଛନ୍ତି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

## ଭୂମି ହୀନଙ୍କୁ ଜମି ପଟ୍ଟା ପ୍ରଦାନ ଦାବି

- ୧୦୬ ଭୂମିହୀନ ପଟ୍ଟା ପାଇଁ ଆବେଦନ କରିଛନ୍ତି
- ୭ ଦିନ ଭିତରେ ପଟ୍ଟା ଦିଆ ନ ଗଲେ ତୀବ୍ର ହେବ ଆନ୍ଦୋଳନ

**ବାଲିକୁଦା,୨୫।୨(ସ୍ୱ.ପ୍ର.)**

ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ଯୋଗାଇ ଦେବା ଦାବିରେ ଜିଲା ଦଳିତ ସଂଘ ପକ୍ଷରୁ ମଙ୍ଗଳବାର ବାଲିକୁଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଜମି ପଟ୍ଟା ପାଇବାକୁ ଥିବା ୧୦୬ ଭୂମିହୀନ ଆବେଦନ କରି ଥିବା ବେଳେ ସେମାନଙ୍କ ଆବେଦନକୁ ତୁରନ୍ତ ବିଚାର କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ଜିଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଦଳିତ ଆଦିବାସୀ ମହାସଂଘ ରାଜ୍ୟ ସଭାପତି ଲିଟୁ ଦାସ, ଦଳିତ ଆଦିବାସୀ ମହାସଂଘ ମହିଳା ସମ୍ପାଦିକା ଟିଙ୍କିନା ପରିଡା, ଜିଲା ଦଳିତ ବିକାଶ ପରିଷଦ ସାଧାରଣ ସମ୍ପାଦକ ଅକ୍ଷୟ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ସିଂ ଓ ସ୍ୱେଚ୍ଛାସେବୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆନ୍ଦୋଳନକାରୀ ତହସିଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ଗଣଧାରଣା ଦେଇଥିଲେ। ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରଦୀପ ସାହା ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ଯୋଗାଇ ଦିଆ ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।


ଭୂମିହୀନଙ୍କୁ ପଟ୍ଟା ଯୋଗାଇଦେବାକୁ ଦାବିପତ୍ର ଦିଆଯାଉଛି।

# ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିଆ,୨୫।୨:** ବିରିଡି ବ୍ଲକ ଅଧୀନ ୨୨ ମୌଜା ମଙ୍ଗୁଲିର ରଘୁନାଥପୁରଠାରେ ଥିବା ଶ୍ରୀଶ୍ରୀ କନକେଶ୍ୱର ମହାଦେବଙ୍କ ମନ୍ଦିରରେ ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଦଶମ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୧୮ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ରବିବାର ନଗର କୀର୍ତ୍ତନ ସହ ଉଦ୍‌ଯାପିତ ହୋଇଛି। ଏଥିରେ କଳସ ଯାତ୍ରା, ପଞ୍ଚଗବ୍ୟ ସୋଦନ, ଅଙ୍କୁରା ରୋପଣ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ଗୋ ପୂଜା, ମଣ୍ଡଳ ପୂଜା, ଚଣ୍ଡି ବହନ କରାଯିବା ସହ ୨୧ ତାରିଖରେ ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।

# ପଞ୍ଚାୟତ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ମାହାଙ୍ଗା, ୨୫।୨(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳସ୍ଥିତ ଶ୍ରୀକୃଷ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାର୍ଯ୍ୟାଳୟର କିଛି ଆସବାବପତ୍ର ଓ କାଗଜପତ୍ର ପୋଡି ପୋଡି ଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଭାରପ୍ରାପ୍ତ ସରପଞ୍ଚ ରାଜେଶ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏ ବିଷୟରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। କୌଣସି ଦୁର୍ବୃତ୍ତ ରାତିରେ ଏଠାରେ ନିଆଁ ଲଗାଇଦେଇଥିବା ନେଇ ସେ ଥାନାରେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ସେ କାର୍ଯ୍ୟାଳୟରେ ନିଜ କୋଠରି ଖୋଲିବା ପରେ ଝରକା ଭାଙ୍ଗିଯାଇଥିବା, ଟେବୁଲ, ଚେୟାର ଓ କିଛି କାଗଜପତ୍ର ପୋଡି ଯାଇଥିବା ଦେଖିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମାହାଙ୍ଗା ଆଇଆଇସି ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**ADVT.NO. 43/JRF/2019**

Walk in Interview is to be held on **18.03.2020 at 10:30 a.m.** for **one (01) Junior Research Fellow**, at the National Rice Research Institute, Cuttack in the scheme "**Enhancing resilience of rice-based production systems to climate change**" (EAP-262). The details regarding essential/desirable qualifications, age, amount of emoluments etc., and other terms and conditions are available in NRRI website- **www.icar-nrri.in.**

PRINCIPAL INVESTIGATOR

**WALK-IN-INTERVIEW**
**KENDRIYA VIDYALAYA, VYASANAGAR**
WANTED CONTRACTUAL TEACHERS ON PART TIME BASIS
FOR MAKING PANEL FOR THE SESSION 2020-21

दिनांक 12.03.2020 & 13.03.2020 विद्यालय परिसर में शैक्षणिक सत्र 2020-21 के लिए विभिन्न पदों के लिए तत्कालिक साक्षात्कार का आयोजन किया गया है। पूर्ण विवरण आदि के लिए विद्यालय के बेबसाइट: **www.vyasnagar.kvs.ac.in** पर जाकर देख सकते हैं। इच्छुक प्रार्थी 8.30 am से पहले सारे दस्तावेज के साथ विद्यालय में उपस्थित होंगे।

Kendriya Vidyalaya Vyasanagar is going to conduct a Walk-in-Interview on 12.03.2020 & 13.03.2020 from 10.00 am in the Vidyalaya premises to prepare a panel of teachers on part time contractual basis to be engaged against the vacancies as and when arises during the session 2020-21. For details please log in to School website: **www.vyasnagar.kvs.ac.in**. On the date of Interview please report by 8.30 am along with photocopies of all testimonials and originals for verification.

PRINCIPAL

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୦/୯, ତାରିଖ: ୧୮-ଫେବୃୟାରୀ-୨୦୨୦

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୧୨୦୪୧୮୪ | ଏଲିମେଣ୍ଟ ଫୁଏଲ୍ ଫିଲ୍‌ଟର | ୦୯।୦୩।୨୦୨୦ | ୧୬୫ ଗୋଟି |
| ୨. | ୦୩୧୯୧୯୮୪ | କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥେନ୍ | ୧୬।୦୩।୨୦୨୦ | ୪୧୬୭ ସେଟ୍ |
| ୩. | ୦୪୨୦୫୦୦୧ | ଅନ୍-ଇନ୍‌ସୁଲେଟେଡ୍ କାଡମିୟମ୍ କପର୍ କାଟେନାରୀ ଓୟାର୍ | ୧୬।୦୩।୨୦୨୦ | ୨୧୫.୮୪ ଏମ୍‌ଟି |
| ୪. | ୦୪୧୯୧୮୮୫ଏ | ଏୟାର୍ କଣ୍ଡିସନିଂ ପାଇଁ ବ୍ୟାଟେରି | ୧୭।୦୩।୨୦୨୦ | ୮ ସେଟ୍ |
| ୫. | ୦୩୧୯୧୩୮୧ବି | ବ୍ରେକ୍ ଶୁ' କୀ | ୧୮।୦୩।୨୦୨୦ | ୪୪୭୭୯ ଗୋଟି |
| ୬. | ୦୨୧୯୧୯୧୩ବି | ଇଣ୍ଟରଲକ୍ ଲକ୍ ଆସେମ୍ବ୍ଲି | ୧୯।୦୩।୨୦୨୦ | ୧୬ ସେଟ୍ |
| ୭. | ୦୩୧୯୧୪୮୪ଏ | ବଗି ସେଣ୍ଟର ପିଭଟ୍ ବଟମ୍ | ୨୩।୦୩।୨୦୨୦ | ୧୯୬୫ ଗୋଟି |
| ୮. | ୦୩୧୯୨୦୨୫ଏ | ସେଣ୍ଟର୍ ଓ୍ୱେକ୍ ଏମ୍‌କେ-୫୦ ଏଚ୍‌ଟି | ୨୩।୦୩।୨୦୨୦ | ୮୩୪ ଗୋଟି |
| ୯. | ୦୩୧୯୧୪୭୬ | ଏକ୍ସିଲ ଏଣ୍ଡ୍ ଷ୍ଟିଲ୍ ହାଇ ଟେନ୍‌ସାଇଲ୍ କ୍ୟାପ୍ ସ୍କ୍ରୁ | ୨୫।୦୩।୨୦୨୦ | ୨୧୩୪୮୬ ଗୋଟି |

ଟେଣ୍ଡର ଖୋଲାଯିବା ସମୟ: ଧାର୍ଯ୍ୟ ତାରିଖର ୧୦.୩୦ ଘଟିକାରେ।
ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ବିକ୍ରେତାମାନଙ୍କ ପାଇଁ ଶୁଦ୍ଧିପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ http:/www.ireps.gov.inରେ ଦେଖାଯାଇପାରିବ।
ଶୁଦ୍ଧିପତ୍ର: ଟେଣ୍ଡର ନଂ. ୦୫୧୯୫୦୪୧ଏ ତା୨୭।୦୨।୨୦୨୦ରିଖରେ ଧାର୍ଯ୍ୟ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
ଏସ୍.ଇ.ସି. ରେଳପଥ, ବିଳାସପୁର
CPR/10/463
South East Central Railway @secrail

# ଆବାସ ହିତାଧିକାରୀଙ୍କ ଘର ଆଗରେ ପ୍ରଶାସନର ଧାରଣା

- ସହାୟତା ରାଶି ପାଇ ଘର ନିର୍ମାଣ କରୁନାହାନ୍ତି
- ପରାମର୍ଶ ଓ ତାଗିଦ୍ କାର୍ଯ୍ୟକାରୀ ହେଉନି
- ଯୋଜନାର ସଫଳ ରୂପାୟନ ପାଇଁ ଭିନ୍ନ ପ୍ରୟାସ

**କୁଜଙ୍ଗ,୨୫।୨(ଡି.ଏନ.ଏ.)**

ସରକାରୀ ଯୋଜନା ବାଟବଣା ହେଲେ କିମ୍ବା ସରକାରୀ ସହାୟତା ଠିକ୍‌ରେ ନ ମିଳିଲେ ଜନସାଧାରଣ ଏହାର ପ୍ରତିବାଦ କରିଥାନ୍ତି। ରାସ୍ତାରୋକୋ, ଗଣଧାରଣା ମାଧ୍ୟମରେ ଏସବୁର ପ୍ରତିବାଦ କରାଯାଏ। ତେବେ କୁଜଙ୍ଗ ବ୍ଲକ ଅଞ୍ଚଳରେ ଘଟିଛି ଏକ ଭିନ୍ନ ଘଟଣା। ଜଣେ ହିତାଧିକାରୀ ଆବାସ କାର୍ଯ୍ୟାଦେଶ ପାଇ ଘର ନ କରିବାରୁ ବ୍ଲକ ପ୍ରଶାସନିକ ଅଧିକାରୀ ତାଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ପରେ ହିତାଧିକାରୀ ଘର କରିବାକୁ ରାଜି ହେବାରୁ ପ୍ରଶାସନିକ ଅଧିକାରୀ ଧାରଣାରୁ ଓହରି ଯାଇଛନ୍ତି।

ସୂଚନା ଅନୁସାରେ, କୁଜଙ୍ଗ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ବଡ଼ଙ୍ଗ ଗ୍ରାମର ଗୋବିନ୍ଦ ଚନ୍ଦ୍ର ଭୋଳଙ୍କ ସ୍ତ୍ରୀ ମଧୁସ୍ମିତାଙ୍କ ନାମରେ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ମଧୁସ୍ମିତା ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ପାଇଥିଲେ। ହେଲେ ଘର କରି ନ ଥିଲେ। ଫଳରେ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ତାଙ୍କୁ ଘର କରିବାକୁ ପରାମର୍ଶ ଓ ତାଗିଦ୍ କରାଯାଇଥିଲା। ଏପରି କି ବିଡିଓ, ଅତିରିକ୍ତ ବିଡିଓ, ପଞ୍ଚାୟତ ନିର୍ବାହୀ ଅଧିକରୀ ପ୍ରମୁଖ ଆସି ମଧୁସ୍ମିତାଙ୍କ ଘର କରିବାକୁ ବୁଝାଇବା ସହିତ ତାଗିଦ କରି ଆସୁଥିଲେ। ମାତ୍ର ସେ ଏସବୁକୁ କର୍ଣ୍ଣପାତ କରୁ ନ ଥିଲେ। ମଧୁସ୍ମିତାଙ୍କ ପରିବାର ଏବେ ନଡା ଛପର ଘରେ ଜରିପାଲ ପକାଇ ରହୁଛନ୍ତି। ବାରମ୍ବାର ପରାମର୍ଶ ଓ ତାଗିଦକୁ ମଧୁସ୍ମିତା ଗ୍ରହଣ ନ କରିବାରୁ ମଙ୍ଗଳବାର ଝିପିଝିପି ବର୍ଷା ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ ଏବିଡିଓ ସନ୍ତୋଷ ଶତପଥୀ, ମଣ୍ଡଳ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ର ରାଉତ, ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ମହାପାତ୍ର, ଗ୍ରାମ ରୋଜଗାର ସେବକ ପ୍ରକାଶ ଚନ୍ଦ୍ର ବେହେରା, ୩ନମ୍ବର ୱାର୍ଡ ସଭ୍ୟ ପଦଲ ସ୍ୱାଇଁ, ପଞ୍ଚାୟତ ପିଅନ ଭାଗ୍ୟଧର ମହାପାତ୍ର ପ୍ରମୁଖ ମଧୁସ୍ମିତାଙ୍କ ଘର ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶେଷରେ ମଧୁସ୍ମିତାଙ୍କ ସ୍ୱାମୀ ଗୋବିନ୍ଦ ପହଞ୍ଚି ମାର୍ଚ୍ଚ ୩୧ ସୁଦ୍ଧା ଘର ନିର୍ମାଣ ଶେଷ କରିବେ ବୋଲି କହିଥିଲେ। ଏହାପରେ ପ୍ରଶାସନିକ ଅଧିକାରୀମାନେ ଧାରଣାରୁ ଓହରିଯାଇଥିଲେ। ଏ ସମ୍ପର୍କରେ ମଧୁସ୍ମିତାଙ୍କ ସ୍ୱାମୀ ଗୋବିନ୍ଦଙ୍କୁ ପଚାରିବାରେ ସେ କହିଥିଲେ, ମା' ଏବଂ ଶ୍ୱଶୁରଙ୍କ ପର୍ଯ୍ୟାୟକ୍ରମେ ଦେହାନ୍ତ ହେବାରୁ ଘର ନିର୍ମାଣ ହୋଇ ପାରିନାହିଁ। ତେବେ ଆଉ ବିଳମ୍ବ ହେବନି। ଯେଉଁ ତାରିଖ ଦେଇଛି ତାହାରି ମଧ୍ୟରେ କାର୍ଯ୍ୟ ଶେଷ କରିଦେବୁ। ଏ ସମ୍ପର୍କରେ ଏବିଡିଓ ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ହିତାଧିକାରୀ ଅସହଯୋଗ କରିବାରୁ ଆମକୁ ଧାରଣା ଦେବାକୁ ପଡୁଛି। ଧାରଣା ଦେବା ଫଳରେ ହିତାଧିକାରୀ ଶୀଘ୍ର ଗୃହ ନିର୍ମାଣ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଏହି ଧାରଣାର ପ୍ରଭାବ ସମସ୍ତ ଅସହଯୋଗୀ ହିତାଧିକାରୀଙ୍କ ଉପରେ ପଡିବା ନିଶ୍ଚିତ ବୋଲି ଶତପଥୀ ଆଶାବାଦୀ ଅଛନ୍ତି। ଏବେ ଦେଖିବାକୁ ଅପେକ୍ଷା ବ୍ଲକ ପ୍ରଶାସନର ଏହି ଭିନ୍ନ ପ୍ରୟାସ କିପରି ସଫଳ ହେଉଛି।




ପ୍ରଶସନିକ ଅଧିକାରୀ ଜଣେ ହିତାଧିକାରୀଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ଚହଟ ଦେଖିବ କଅଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଟହାତୀ ଚାଲେ ଝୁଲି**
**ଥିର ପାଣି ସିନା ପଥର କାଟେ ଲୋ**
**ତୂନୀ ଯେ ମୁନିଠୁଁ ବଳି।**

ଧୈର୍ଯ୍ୟର ସହିତ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସେତୁ ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**ତିର୍ତ୍ତୋଲ,୨୫।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତରଜଙ୍ଗ ପଞ୍ଚାୟତ କୋଟକଣା ଘାଟରୁ କନିମୂଳ ପଞ୍ଚାୟତ କିଲିପାଳ ବାନାମ୍ବର ମହାଦେବ ପର୍ଯ୍ୟନ୍ତ ମହାନଦୀ ଉପରେ ସେତୁ ନିର୍ମାଣ ପାଇଁ ଦାବି ହୋଇଛି। ଏନେଇ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ସେତୁ କମିଟି ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେତୁ କମିଟି ପକ୍ଷରୁ ଆବାହକ ବେଦଦ୍ୟୁତି ପୃଷ୍ଟି, ତରଜଙ୍ଗ ସରପଞ୍ଚ ବସନ୍ତ ସେଠୀ, ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୁତାର, ସମାଜିକକର୍ମୀ ସୁବର୍ଣ୍ଣ ପଣ୍ଡା, ରବୀନ୍ଦ୍ର ମଲ୍ଲିକ, ଅଭୟ ମହାରଣା, ରାଜେନ୍ଦ୍ର ବେହେରା, ଆଶିଷ ମଲ୍ଲିକ, ଶୁସାନ୍ତ ସାହୁ, ଶୁଭକାନ୍ତ ମଲ୍ଲିକ ପ୍ରମୁଖ ମନ୍ତ୍ରୀ ଦାସଙ୍କୁ ଭେଟି ଏହି ଦାବିପତ୍ର ଦେଇଛନ୍ତି। ପୂର୍ବରୁ ମଧ ଏହି ସେତୁ ନିର୍ମାଣ ପାଇଁ ଏକାଧିକବାର ଜଗତ୍‌ସିଂହପୁର ଜିଲାପାଳ, ରାଜ୍ୟ ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ମୁଖ୍ୟଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କ ସହିତ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ସେତୁ କମିଟିର ଆବାହକ ପୃଷ୍ଟିଙ୍କ ଦ୍ୱାରା ଦିଆଯାଇଛି। ହେଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ମହାନଦୀର ତାରପୁର ଓ ତାରତୋଲ ମହାନଦୀସେତୁର ମଧ୍ୟବର୍ତ୍ତୀ ସ୍ଥାନରେ ଏହା ଅବସ୍ଥିତ। ଏହି ସ୍ଥାନରେ ସେତୁ ନିର୍ମାଣ କରାଗଲେ କନିମୂଳ, ଦାଇଁଲୋ, ଗୋପାଳପୁର(ଶ), ତେନ୍ତୁଲିପଦା, ତରଜଙ୍ଗ, ତିର୍ତ୍ତୋଲ, ବିଷନପୁର, କୃଷ୍ଣାନନ୍ଦପୁର, କନକପୁର, ବିଦ୍ୟାଧରପୁର ପଞ୍ଚାୟତ ସମେତ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ସେହିପରି ଜଗତ୍‌ସିଂହପୁର ଜିଲା ସମେତ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଜିଲାକୁ ଗମନାଗମନର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଭାବେ ପରିଗଣିତ ହେବ। ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ଲଙ୍କାପଡ଼ାଠାରେ ପାଇକା ନଦୀ ଉପରେ ନିର୍ମାଣାଧୀନ ସେତୁ ସହିତ ଏହି ସେତୁ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରରେ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା, ବିଭୁତିକ୍ଷେତ୍ର ପ୍ରଭୁ ଗୋରେଖନାଥ, କିଲିପାଳର ସିଦ୍ଧ ବାନାମ୍ବର ମହାଦେବଙ୍କ ପୀଠ, ଗଇଠିପୁରର ଦିଗଦର୍ଶିକା ମା' ଦିଗବାରୁଣୀ ପୀଠ, ଗରଦପୁର ବ୍ଲକ ଅନ୍ତର୍ଗତ ଅନ୍ଧବଟ ପୀଠ, ମାହାଳ ଶ୍ରୀକ୍ଷେତ୍ରପୀଠ, କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ପୀଠ, ଯାଜପୁରର ମା' ବିରଜାଙ୍କ ପୀଠ ଓ ଭଦ୍ରକର ଆରଡ଼ୀଙ୍କ ପୀଠକୁ ଏକ ସରଳ ରେଖାରେ ଗମନା ଗମନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏହି ସେତୁ ନିର୍ବାହ କରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପୋଲ ନ ଥିବାରୁ କୋଟକଣା-ବାନାମ୍ବର ଘାଟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଡ଼ଙ୍ଗା ସାହାଯ୍ୟରେ ନଦୀ ପାର ହେଉଛନ୍ତି।

### ମାର୍ଶାଘାଇ କ୍ରସିଂ ଛକରୁ ଜୁଣ ଛକ ପ୍ରଶସ୍ତୀକରଣ କାମ

# ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ମାର୍ଶାଘାଇ,୨୫।୨(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ୫ ନମ୍ବର(କ) ଜାତୀୟ ରାଜପଥର ମାର୍ଶାଘାଇ କ୍ରସିଂ ଛକ ନିକଟରୁ ଜୁଣ ଛକ ପର୍ଯ୍ୟନ୍ତ ଦେଢ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ ପାଇଁ ୧ କୋଟି ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଏହି ରାସ୍ତା ମାର୍ଶାଘାଇ ବଜାରକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଗାଡି ମୋଟର ଯାତାୟାତ କରୁଛି। ତେବେ ରାସ୍ତାରେ ତାଳିପକା କାମ କରାଯାଇଛି। ବିଭିନ୍ନ ସ୍ଥାନରେ କାମ ଚାଲୁଥିବା ସମୟରେ ପିଚୁ ଉଠିଯାଇଥିବାର ଦେଖାଯାଇଛି। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ମନଇଚ୍ଛା କାମ କରିଥିବା ଅଭିଯୋଗ ହୋଇଛି। ସେହିପରି ଏହି ରାସ୍ତାରେ ବିପଜ୍ଜନକ ଭାବେ ବିଦ୍ୟୁତ୍ ଖୁଣ୍ଟ ରହିଛି। ଫଳରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ରାସ୍ତା ପ୍ରଶସ୍ତୀକରଣ ସମୟରେ ଗାଁ ଗଣ୍ଡାକୁ ପାନୀୟ ଜଳ ଯୋଗାଣ ପାଇଁ ରାସ୍ତା କଡରେ ପାଇପ ବିଛା ହୋଇଛି। ତେବେ ରାସ୍ତା କାମ ସମୟରେ ପାଇପଗୁଡିକ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବାରୁ ସେଥିରୁ ପାଣି ବାହାରୁଛି। ଠିକାଦାର ପାଇପ ମରାମତି କରିବା ବଦଳରେ ପାଣି ବାହାରୁଥିବା ସ୍ଥାନ ଉପରେ ପିଚୁ କରି ଦେଇଥିବାରୁ ପିଚୁ ତଳୁ ପାଣି ବାହାରିବା ଦେଖାଯାଉଛି। ପାଣି ନିର୍ଗତ ହୋଇ ରାସ୍ତା ଖାଲ ହୋଇ ଯାଇଥିବାରୁ ଅନେକ ସମୟରେ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବାର ଦେଖାଯାଉଛି। ପାଇପ ଫାଟି ବାହାରୁଥିବା ପାଣି ରାସ୍ତା କଡରେ ଥିବା ଜମିକୁ ମାଡି ଯିବା ଫଳରେ ଧାନ ଅମଳ ବେଳେ ଧାନଗଛ ପଚିଯିବା ସହିତ ମୁଗ ଫସଲ କରିବାରେ ବାଧା ସୃଷ୍ଟି ହେଉଛି। ପାଇପ ମରାମତି ନ କରି ରାସ୍ତା କାମ ସାରି ଦେଇଥିବାରୁ ପାଣି ବାହାରିବା ସମସ୍ୟା ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି।

ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ କୁମାର ସୂତାର କହିଛନ୍ତି ଯେ, ବିଦ୍ୟୁତ୍ ଖୁଣ୍ଟ ଉଠାଇବାକୁ ବିଦ୍ୟୁତ ବିଭାଗକୁ ଚିଠି ଲେଖା ହୋଇଥିବା ବେଳେ ପାଣି ପାଇପ ମରାମତି ପାଇଁ ଆରଡବ୍ଲୁଏସଏସ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରି ଟଙ୍କା ଡିପୋଜିଟ କରାଯାଇଛି। ତେବେ ରାସ୍ତା କାମ ସରିଯାଇଥିବା ବେଳେ ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ରାଜକୋଷରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ମନମାନିରୁ ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଯେନତେନ ପ୍ରକାରେ କରାଯାଇଥିବା ଅଭିଯୋଗ ହୋଇଛି।

# ଗୋବିନ୍ଦପୁରକୁ ହରାଇଲା ଫକୀରପଡ଼ା



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ବାଲିଆ, ୨୫।୨**

## ଶଙ୍ଖାରିସାହି ନିଉ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ

ବିରିଡି ବ୍ଲକ ୨୨ ମୌଜା ଶଙ୍ଖାରୀସାହିସ୍ଥିତ ନିଉ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଶଙ୍ଖାରୀସାହି ଖେଳପଡିଆଠାରେ ମଙ୍ଗଳବାର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସଞ୍ଜୟ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ଲବର ସଭ୍ୟ ଭବାନୀ ମହାନ୍ତି, ଦୀପ୍ତି ରଞ୍ଜନ ସାହୁ, ଅନୁରାଗ ବାରିକ, ତୋଫାନ ନାୟକ, ସୁବାସ ଦାସ, ପ୍ରିୟରଞ୍ଜନ ପାଇକରାୟ, ରାଜା, ଦିପୁନ, ରାହୁଲ, ବାବୁଲି ଓ ସଚିନଙ୍କ ସୁପରିଚାଳନାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ତେବେ ଫକୀରପଡ଼ା ଓ ଗୋବିନ୍ଦପୁର ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦପୁର ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ଗୋବିନ୍ଦପୁର ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଫକୀରପଡା ଟିମ୍ ୮ ଉଇକେଟ ହରାଇ ୧୫୦ ରନ୍ କରିବା ସହ ମ୍ୟାଚ୍ ଜିତିଯାଇଥିଲା। ପୁରସ୍କାର ବିତରଣ ସଭାରେ ଶଙ୍ଖାରୀସାହି ମଦନ ମୋହନ କ୍ରିକେଟ କ୍ଲବର ଜୟନ୍ତ କୁମାର ଭୂୟାଁ, ବିଚିତ୍ରା ନନ୍ଦ ଭୂୟାଁ, ବିନୋଦ ପାତ୍ର, ଶ୍ରୀଧର ମହାନ୍ତି, ମୟାଧର ଜେନା, ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ତୃପ୍ତି ମଞ୍ଜରୀ ପରିଜା ମୁଖ୍ୟଅତିଥି ଓ ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ପାଇକରାୟ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସୁବାସ ନାୟକ, ସାମାଜିକ କର୍ମୀ କେଦାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି କାହ୍ନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ପ୍ରଶାନ୍ତ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସୌମ୍ୟରଞ୍ଜନ ସାହୁ ଓ ଗୋବିନ୍ଦ ସାମନ୍ତରାୟ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୁଭମ ଜେନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

# ମହିଳାଙ୍କୁ ଅସଦାଚରଣ ମାମଲା: ଦୋଷୀଙ୍କୁ କାରାଦଣ୍ଡ

**ତିଗିରିଆ,୨୫।୨(ଡି.ଏନ୍.ଏ.)**

ତିଗିରିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା କୁମାରୀ ଦାଶ ମଙ୍ଗଳବାର ଏକ ମହିଳା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ସୁରେଶ କୁମାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ଆଉ ଅଧିକ ୩ ମାସ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ତିଗିରିଆ ଥାନା ଅଞ୍ଚଳର ଜଣେ ମହିଳା ସ୍ୱାମୀ ଓ ଝିଅ ସହ ଛାତ ଉପରେ ଶୋଇଥିବା ବେଳେ ସୁରେଶ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ତିଗିରିଆ ଥାନାରେ ଅଭିଯୋଗ ହୋଇଥିଲା।

# ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ବିରୋଧରେ ସ୍ୱତନ୍ତ୍ର ପଲ୍ଲିସଭା

**କୁଜଙ୍ଗ,୨୫।୨(ଡି.ଏନ.ଏ.)**

ଏରସମା ବ୍ଲକ ଅଧୀନ ଢିଙ୍କିଆ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ ବିରୋଧରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ପୋସ୍କୋ ଭଳି ଜେଏସ୍‌ଡବ୍ଲ୍ୟୁକୁ ଏଠାରେ କାର୍ଯ୍ୟକ୍ଷମ କରାଇ ନ ଦେବାକୁ ଢିଙ୍କିଆ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଛନ୍ତି। ଯାହାଫଳରେ ପ୍ରକଳ୍ପ ବିରୋଧରେ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ପଲ୍ଲିସଭା ଅନୁଷ୍ଠିତ ହୋଇଛି। ଏଥିସହିତ କମ୍ପାନୀ କର୍ତ୍ତୃପକ୍ଷ ଅଞ୍ଚଳକୁ ପ୍ରବେଶ ନ କରିବା ପାଇଁ ଚେତାବନୀ ଦିଆଯାଇଛି। ଢିଙ୍କିଆ ଫୁଲଖାଇ ଠାକୁରାଣୀ ପୀଠରେ ୧୪ନମ୍ବର ୱାର୍ଡ ସଭ୍ୟ ନଟବର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ପଲ୍ଲିସଭାରେ ପ୍ରସ୍ତାବିତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବିରୋଧ କରାଯାଇଛି।

ସୂଚନାଯୋଗ୍ୟ, ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତ ଅଞ୍ଚଳରେ ୭୧ହଜାର କୋଟି ଟଙ୍କା ବ୍ୟୟରେ ୧୨ ମିଲିୟନ ଟନ କ୍ଷମତା ବିଶିଷ୍ଟ ଇସ୍ପାତ ପ୍ରକଳ୍ପ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହାକୁ ନେଇ ଗତ ଡିସେମ୍ବର ୨୦ରେ ଏକ ଜନଶୁଣାଣି ହୋଇଥିଲା। ମାତ୍ର ଏହି ଜନଶୁଣାଣି ଅଗଣତାନ୍ତ୍ରିକ ଉପାୟରେ କରାଯାଇଥିବା ପଲ୍ଲିସଭାରେ ଅଭିଯୋଗ ହୋଇଛି। ଗ୍ରାମବାସୀ ଯୋଗଦେଇ କହିଥିଲେ, ଅଞ୍ଚଳର ଜନସାଧାରଣ ଜଙ୍ଗଲ ଜମି ଉପରେ ନୀର୍ଭର କରି ରହିଛନ୍ତି। ସେହିପରି ଶତାଧିକ ପରିବାର ଏଠି ଭୂମିହୀନ। ତେଣୁ ଆଇନ ଅନୁଯାୟୀ ଜଙ୍ଗଲ ଜମି ଓ ଗୋଷ୍ଠୀ ଜଙ୍ଗଲ ସମୂହର ଅଧିକାର ପାଇବା ପାଇଁ ସେମାନେ ହକଦାର। ମାତ୍ର ଜଙ୍ଗଲକୁ ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରିବା ପୂର୍ବରୁ ସରକାର ଆଇନଗତ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରକ୍ରିୟା ସମ୍ପୂର୍ଣ୍ଣ ନ କରି ଓ ପଲ୍ଲିସଭା ପାଇଁ ସହମତି ନ ନେଇ ପ୍ରଥମେ ପୋସ୍କୋ ଏବଂ ବର୍ତ୍ତମାନ ଜେଏସଡବ୍ଲ୍ୟୁକୁ ଜମି ଦେଉଛନ୍ତି। ଯାହାକି ଜଙ୍ଗଲ ଜମି ଅଧିକାର ଆଇନର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଲ୍ଲିସଭାରେ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ନାରୀନେତ୍ରୀ ମନୋରମା ଖଟୁଆ, ଅକ୍ଷୟ ଦାସ, ଚନ୍ଦନ ମହାନ୍ତି, ମୁରଲିଧର ସାହୁ, ଅରୁ ନାୟକ, ଭ୍ରମର ସେଠୀ, ନରହରୀ ଜେନା, ବିଷ୍ଣୁ ନାୟକ, ନିବାସ ଦାସ, ଶାନ୍ତି ଦାସ, ସଂଯୁକ୍ତା ମନ୍ତ୍ରୀ, ଅହଲ୍ୟା ବେହେରା, ଶାନ୍ତୀ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ତେବେ ଢିଙ୍କିଆ ଚାରିଦେଶରେ ଥିବା ୬ ମୌଜାରୁ କେବଳ ଢିଙ୍କିଆ ମୌଜାର ଲୋକ ଏହି ପଲ୍ଲିସଭାରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ପ୍ରଭାବଶାଳୀଙ୍କ ଜବରଦଖଲରେ ଡ୍ରେନ୍

- **ଜଗତ୍‌ସିଂହପୁର ପୌର ପରିଷଦ**
- ଉଚ୍ଛେଦ ହୋଇ ପାରୁନି
- ବିଧାୟକ, ଜିଲାପାଳ ଦୃଷ୍ଟି ଦେବାକୁ ଦାବି

**ଜଗତ୍‌ସିଂହପୁର ଅଫିସ, ୨୫।୨**

ନିୟମ ରହିଛି ପ୍ରାକୃତିକ ନାଳ କିମ୍ବା ଡ୍ରେନ୍ ରୋକାଯାଇ ପାରିବନାହିଁ। ଏହାର ଗତି ବଦଳାଯିବନି। କେହି ଜବରଦଖଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଅଛି। ରାଜ୍ୟ ସରକାର ମଧ ବିଭିନ୍ନ ସମୟରେ ନାଳ କିମ୍ବା ଡ୍ରେନ୍‌ରେ ଯେପରି ଜଳ ନିଷ୍କାସନରେ ବାଧା ନ ଉପୁଜିବ ସେନେଇ ଜିଲା ପ୍ରଶାସନକୁ ଚିଠି କରିଥାନ୍ତି। ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପୌର ପରିଷଦ, ମ୍ୟୁନିସିପାଲଟି ଆଦିକୁ ଏ ସଂକ୍ରାନ୍ତୀୟ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ଅଛି, ଡ୍ରେନ୍‌ଗୁଡିକର ଯେଉଁସବୁ ସ୍ଥାନରେ ପାଣି ଜମି ରହୁଛି ସେଗୁଡିକ ସଫା କରି ଜଳ ନିଷ୍କାସନକୁ ସ୍ୱାଭାବିକ କର। ଜବରଦଖଲ ହୋଇଥିଲେ ଉଚ୍ଛେଦ କର। ଡ୍ରେନ୍ ବା ନାଳଗୁଡିକ ଯେଉଁ ବିଭାଗ ଅଧୀନରେ ଯାଉଛି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କର। ଆବଶ୍ୟକ ପଡିଲେ ପୋଲିସର ସହାୟତା ନେଇ ଏହି କାମ କର। କିନ୍ତୁ ବିଭାଗୀୟ ନିର୍ଦ୍ଦେଶକୁ ଫୁ କରି ଦେଇଛି ଜଗତ୍‌ସିଂହପୁର ପୌର ପ୍ରଶାସନ। ପରିଷଦ ଅଞ୍ଚଳ ଦେଇ ଯାଇଥିବା ୩ଟି ଯାକ ଡ୍ରେନେଜ୍ କଟ୍ ଜବରଦଖଲ ହୋଇଥିଲେ ସୁଦ୍ଧା ଏହାକୁ ମୁକ୍ତ କରାଯାଉନାହିଁ। ପ୍ରଭାବଶାଳୀଙ୍କ ଦଖଲରେ ଡ୍ରେନେଜ୍ କଟ୍ ଥିବାରୁ ପରିଷଦ ବିଭାଗୀୟ ନିର୍ଦ୍ଦେଶକୁ ପାଳନ କରିବାକୁ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଦିନଭରି ତୁହାକୁ ତୁହା ବର୍ଷା ହୋଇଥିବାରୁ ଏହି ଡ୍ରେନ ସମେତ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

ଜଗତ୍‌ସିଂହପୁର ସହରରେ ଥିବା ଡ୍ରେନ୍‌ଗୁଡିକ ହେଲା ନାଗପୁର, ପାଣିଶାଳିଆ ଓ ମାଧପୁର। ନାଗପୁର ଡ୍ରେନ୍ ଜଗତ୍‌ସିଂହପୁରରୁ ନାଗପୁର ପର୍ଯ୍ୟନ୍ତ ଲମ୍ବିଥିବାବେଳେ ସେଥିରୁ ୩ କିଲୋମିଟର ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ଯାଉଛି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରୁ ବାହାରି ଟାଉନ ହଲ୍ ଛକ-ସିପି-ଖେରସ ମୌଜା ଦେଇ ପୁରୋହିତପୁର ପାଖରେ ନାଳରେ ପଡିଛି। ଜଗତ୍‌ସିଂହପୁର ସହରରେ ଏହି ଡ୍ରେନ୍‌ର ଓସାର ପାଖାପାଖି ୩୦ ଫୁଟ ହେବ ବୋଲି କୁହାଯାଉଥିବା ବେଳେ ସେଥିରୁ ଅଧିକାଂଶ ଜବରଦଖଲ ହୋଇଯାଇଛି। ଏବେ ଓସାର ମାତ୍ର ୫/୬ ଫୁଟ ଭିତରେ ରହୁଥିବା ସୂଚନା ମିଳିଛି। ସେହିପରି ପାଣିଶାଳିଆ ଡ୍ରେନ୍‌ର ଦୈର୍ଘ୍ୟ ପାଖାପାଖି ୧.୫ କିଲୋମିଟର ହେବ। ଏହା ସହରରେ ଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରୁ ବାହାରି ବସଷ୍ଟାଣ୍ଡ, ଟାଉନ ହଲ୍ ଛକ ଦେଇ ପାଣିଶାଳିଆ ଅମୁହାଁଦଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହି ଡ୍ରେନ୍ ମଧ ଜବରଦଖଲ ହୋଇଛି। ବିଶେଷକରି ବସଷ୍ଟାଣ୍ଡ, ଟାଉନ ହଲ୍ ଛକ ଆଦି କେତେକ ସ୍ଥାନରେ ଅଧିକ ଜବରଦଖଲ ହୋଇଛି। ମାଧପୁର ଡ୍ରେନ୍‌ର ଲମ୍ବ ପାଖାପାଖି ୨ କିଲୋମିଟର ହେବ। ଏହି ଡ୍ରେନ୍‌ର କମ ସ୍ଥାନ ଜବରଦଖଲ ହୋଇଥିଲେ ସୁଦ୍ଧା ଆପାତତଃ ଭଲ ସ୍ଥିତିରେ ଅଛି। ଏହିସବୁ ଡ୍ରେନ୍ ଦୀର୍ଘ ବର୍ଷ ଧରି ଜବରଦଖଲ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ନାଗପୁର ଡ୍ରେନ୍‌ଟି ସବୁଠାରୁ ଅଧିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଜବରଦଖଲ ସାଙ୍ଗକୁ ବ୍ୟବସାୟୀମାନେ ଏଥିରେ ଅଳିଆଆବର୍ଜନା ପକାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମଧ ସଫେଇ ଠିକଭାବେ ହେଉନାହିଁ। ସହରର ଦୁର୍ଗା ବଜାର ଅଞ୍ଚଳରେ ଜନୈକ ପ୍ରଭାବଶାଳୀ ଲୋକ ଡ୍ରେନ୍ ଜବରଦଖଲ କରି ରଖିଥିଲେ ସୁଦ୍ଧା ତାଙ୍କ ଆଡକୁ କେହି ଆଡ ଆଖିରେ ଚାହୁଁନାହାନ୍ତି। ଏହିଭଳି ସହରର ବିଭିନ୍ନ ସ୍ଥାନରେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବାରୁ ପରିଷଦ କ'ଣ, ପ୍ରଶାସନ ବି ପଦକ୍ଷେପ ନେବାକୁ ଆଗପଛ ହେଉଛି। ଏ ସମ୍ପର୍କରେ ପରିଷଦ ନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କାଙ୍କୁ ପଚାରିବାରେ ସେ କହିଥିଲେ, ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ୨୦୧୮ରେ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ବିଭାଗୀୟ ଚିଠି ପହଞ୍ଚିଲାପରେ ପରିଷଦ ତତ୍ପରତା ପ୍ରକାଶ କରିଥିଲା। ସେତେବେଳେ ଜଗତ୍‌ସିଂହପୁର ଡ୍ରେନେଜ୍ ଡିଭିଜନ୍‌କୁ ଅବଗତ କରାଯିବା ସହ ଏକାଧିକ ବୈଠକ ବସି ଆଲୋଚନା ହୋଇଥିଲା। ଏପରି କି ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲେ ସୁଦ୍ଧା ପୁଣି କ'ଣ ହେଲା କେଜାଣି ଆଉ କିଛି ଆଗେଇଲା ନାହିଁ। ଏବେ ପୌର ପ୍ରଶାସକ ଭାବେ ନିଜେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଦାୟିତ୍ୱରେ ଅଛନ୍ତି। ନିକଟରେ ଏକ ବୈଠକରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ରାସ୍ତା ଜବରଦଖଲକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଉଚ୍ଛେଦ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ମଧ ଏହି ଉଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଙ୍କେତ ଦେଇଥିଲେ। କିନ୍ତୁ ଡ୍ରେନ୍ ଜବରଦଖଲ ଉପରେ ଅନୁରୂପ ମତ ପ୍ରକାଶ ପାଇଲେ ପ୍ରତିକାର ହୋଇପାରନ୍ତା ବୋଲି ଦାବି ହେଉଛି।





ଡ୍ରେନ୍‌ରେ ଅଳିଆ ଭର୍ତ୍ତି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ପାଣି ଜମି ରହିଛି।

## ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

### ୨ ନିର୍ଦ୍ଦୋଷରେ ଖଲାସ
### ହତ୍ୟା ମାମଲାର ରାୟ ପ୍ରକାଶ

ଭବାନୀପାଟଣା,୨୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମରେ ୨୦୧୫ ମାର୍ଚ୍ଚ ୧୯ ରାତିରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲା ଓ ଦୌରାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଏହି ମାମଲାରେ କେସିଙ୍ଗା ଥାନା ଅନ୍ତର୍ଗତ ଡୁମେରମୁଣ୍ଡା ଗ୍ରାମର ଅଭିଯୁକ୍ତ ଶିଶୁପାଲ ମାଝିଙ୍କୁ ଦୋଷୀସାବ୍ୟସ୍ତ କରି ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦୦୦ ଟଙ୍କା ଜରିମାନା ଦେବାକୁ କୋର୍ଟ ନିଜ ରାୟରେ ଦର୍ଶାଇଛନ୍ତି । ଜରିମାନା ଅନାଦାୟ ଦୋଷୀଙ୍କୁ ଅତିରିକ୍ତ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ କିଆବନ ମାଝି ଓ ଗୋବର୍ଦ୍ଧନ ମାଝିଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁସାରେ ତା ୧୯।୦୩।୨୦୧୫ ରାତି ସାଢ଼େ ୮ଟାରେ ଉପରୋକ୍ତ ଅଭିଯୁକ୍ତମାନେ କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମର ଦୈତାରୀ ମାଝିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶିଶୁପାଲଙ୍କ ଛୁରାମାଡରେ ଦୈତାରୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ପୁଅ ଅଶୋକ ମାଝି କେସିଙ୍ଗା ଥାନରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୨/୨୦୧୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା।

# ଟ୍ରେନ୍‌ରେ ମାନବ ଚାଲାଣ ରୋକିବାକୁ ଗୁରୁତ୍ୱ

କଟକ ଅଫିସ,୨୫।୨


ବୈଠକରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

**ରାଜ୍ୟସ୍ତରୀୟ ରେଳ ସୁରକ୍ଷା କମିଟି ବୈଠକ**
- ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ
- ମାଓବାଦୀଙ୍କ ଗତିବିଧି ମୁକାବିଲା ପାଇଁ ଆଲୋଚନା

ରାଜ୍ୟସ୍ତରୀୟ ରେଳ ସୁରକ୍ଷା କମିଟିର ଚଳିତବର୍ଷର ପ୍ରଥମ ତ୍ରୈମାସିକ ବୈଠକ ମଙ୍ଗଳବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିଜିପି ଅଭୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୋଲିସ, ରେଲୱେ ସହ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରେନ୍‌ରେ ମାନବ ଚାଲାଣ ର୍ୟାକେଟ୍ ସକ୍ରିୟ ହୋଇପଡିଛି। ବର୍ତ୍ତମାନ ଏହା ପୋଲିସ ବିଭାଗର ଚିନ୍ତା ବଢାଇଛି। ତେଣୁ ଏହାକୁ ରୋକାଯିବା ପାଇଁ ଷ୍ଟେସନଗୁଡ଼ିକରେ କଡାକଡି ଯାଞ୍ଚ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ଅଭୟ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ମୋଟ୍ ୯ଟି ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଭାଗ କାର୍ଯ୍ୟାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ରେଳ ସୁରକ୍ଷା ବଳ(ଆର୍‌ପିଏଫ୍), ଜିଆରପି ଏବଂ ରେଳ ବିଭାଗର କର୍ମଚାରୀଙ୍କ ମଧ୍ୟରେ ସୂଚନା ଆଦାନ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। କୌଣସି ଦୁର୍ଘଟଣାକୁ ଏଡାଇବା ପାଇଁ ଅଧିକାରୀମାନେ ଏକାଠି ତ୍ୱରିତ ଯୋଜନା ପ୍ରସ୍ତୁତ କରିବା ଉଚିତ। ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିବା ମାତ୍ରେ ତାହାର ମୁକାବିଲା ପାଇଁ ସମସ୍ତେ ତତ୍ପର ହେବା ଆବଶ୍ୟକ। ଦୁର୍ବୃତ୍ତମାନେ ନିଶାଦ୍ରବ୍ୟ ଚାଲାଣ ପାଇଁ ଟ୍ରେନ୍‌କୁ ବ୍ୟବହାର କରୁଛନ୍ତି। ନିଶା କାରବାରକୁ ରୋକାଯିବା ଓ ଷ୍ଟେସନରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା, ଅସାମାଜିକ ଲୋକଙ୍କ ଗତିବିଧି ଉପରେ ନଜର ରଖିବା ଓ ଷ୍ଟେଶନଗୁଡିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗତ କିଛିବର୍ଷ ଭିତରେ ମାଓବାଦୀମାନେ ଟ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ଟ୍ରେନ୍ ଲାଇନ୍‌କୁ କ୍ଷତିକରି ଦୁର୍ଘଟଣା ଘଟାଉଛନ୍ତି। ଏଣୁ ମାଓବାଦୀଙ୍କ ଆସନ୍ନ ଆକ୍ରମଣ ଏବଂ ଗତିବିଧିକୁ ମୁକାବିଲା କରାଯିବା ଉପରେ ଆଲୋଚନା କରାଯାଇଥିଲା। ଷ୍ଟେଶନ, ଟ୍ରେନ୍‌ରେ ଭିକ୍ଷାବୃତ୍ତି କରୁଥିବା ଶିଶୁ ଓ ଭିନ୍ନକ୍ଷମଙ୍କୁ ରୋକାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ବୈଠକରେ ଏଡିଜିପି (ରେଲୱେ) ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆଇଜି ରାଜା ରାମ୍, ଦକ୍ଷିଣପୂର୍ବ ରେଲୱେର ଆର୍‌ପିଏଫ୍ ଆଇଜି ଡି.ବି. କିଶୋର, ସ୍ୱତନ୍ତ୍ର ଗୋଇନ୍ଦା ଶାଖା(ଏସ୍ଆଇବି)ର ଯୁଗ୍ମ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଏସ୍ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ କୁମାର ସିଂ, ବିଳାସପୁର ଉପପ୍ରଧାନ ମୁଖ୍ୟ ସୁରକ୍ଷା ଆୟୁକ୍ତ କୁମାର ନିଶ୍ଚନ୍ତ, ପୂର୍ବତଟ ରେଲୱେର ଉପ ମୁଖ୍ୟଯନ୍ତ୍ରୀ ବି.ବି. ମୋହନ, କଟକ ରେଲୱେ ଏସ୍‌ପି ଅଶୋକ କୁମାର ବିଶ୍ୱାଳ ଏବଂ ରାଉରକେଲା ରେଲୱେ ଏସ୍‌ପି ତ୍ରିନାଥ ପଟେଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗିରଫ ହେଲେ ପ୍ରଧାନ ଶିକ୍ଷକ, ଆଟେଣ୍ଡାଣ୍ଟ

- ରୋଷେୟାଙ୍କୁ ଅସଦାଚରଣ ଅଭିଯୋଗ

ଦାରିଙ୍ଗବାଡ଼ି,୨୫।୨(ଡି.ଏନ୍.ଏ.)


ଯିଶାୟ ପ୍ରଧାନ ଏବଂ ଆଟେଣ୍ଡାଣ୍ଟ ସଂସାରି ଦିଗାଳ।

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଏକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ରୋଷେୟାଙ୍କୁ ଅସଦାଚରଣ କରାଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଯିଶାୟ ପ୍ରଧାନ ଓ କୁକ କମ୍ ଆଟେଣ୍ଡାଣ୍ଟ ସଂସାରି ଦିଗାଳଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦାରିଙ୍ଗବାଡ଼ି ଥାନା ଆଇଆଇସି କୌଶିକ ମାଝି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣକ ଗତ ୪ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ ରେଷେୟା ଭାବେ ନିଯୁକ୍ତି ପାଇ ହଷ୍ଟେଲରେ ରୋଷେଇ କରୁଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ଏବଂ ଆଟେଣ୍ଡାଣ୍ଟ ସଂସାରି ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରି ଆସୁଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ ଚାକିରିରୁ ବିଦା କରିଦେବେ ଧମକ ଦେଉଥିଲେ। ଗତ ୩ ବର୍ଷ ହେଲା ରୋଷେୟା ଜଣକ ଏଭଳି ନିର୍ଯାତନା ପାଇ ଆସୁଥିଲେ ମଧ୍ୟ ଭୟରେ କାହାରିକୁ ଜଣାଉ ନ ଥିଲେ। ପରେ ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇ ଥାନାରେ ଅଭିଯୋଗ କରିଥିଲେ। ନଂ.୨୬/୨୦ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଏବଂ ଆଟେଣ୍ଡାଣ୍ଟଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯିବା ପରେ ମଙ୍ଗଳବାର ଗିରଫ କରାଯାଇଛି।

## ଟପ୍ କ୍ୟାଡର ମାଓବାଦୀ କମୁଲୁଙ୍କ ଆତ୍ମସମର୍ପଣ


ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା କମୁଲୁ।

ମାଲକାନଗିରି,୨୫।୨(ଡି.ଏନ.ଏ.)

- ୨୦୧୩ରୁ ମାଓବାଦୀ ସଙ୍ଗଠନରେ ସାମିଲ
- ବହୁ ହିଂସାକାଣ୍ଡରେ ଜଡ଼ିତ ଥିଲେ
- ସରକାର ଘୋଷଣା କରିଥିଲେ ୫ଲକ୍ଷ ପୁରସ୍କାର

ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ.ଙ୍କ ନିକଟରେ ମଙ୍ଗଳବାର ଜଣେ ଟପ୍ କ୍ୟାଡର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ତାଙ୍କ ନାମ କମୁଲୁ ବେଟି। ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ କମକା ଗ୍ରାମରେ। ସେ ୨୦୦୭ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ ଦରଭା ଡିଭିଜନ ଅଧୀନ କାଙ୍ଗେରଘାଟି ଏରିଆ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ମାଥିଲି ଥାନା ଅନ୍ତର୍ଗତ ଗୋଲିଆଗୁଡ଼ା ଗ୍ରାମର ବିଜୟ ମୁଚାକି ଓ ଧୁରୁଆ ମୁଚାକିଙ୍କୁ ନିସ୍ତୁକ ମାଡ ମାରିବା, ମାଥିଲି ଥାନା ଖଟୁଆପଦର ଗ୍ରାମର ପରଦେଶୀ ଧୁରୁଆଙ୍କୁ ହତ୍ୟା, ଟେମ୍ଭୁରୁପାଲି ଗ୍ରାମ ନିକଟରେ ଜେସିବି ସହ ଟିପର ପୋଡ଼ି ଓ ଚାଲାଣଗୁଡ଼ା ନିକଟରେ ଠିକାଦାର ପ୍ରୋବଧ ବିଷୋୟୀଙ୍କୁ ହତ୍ୟା, ଗୁଜ କବାସୀଙ୍କୁ ହତ୍ୟା, ଦଣ୍ଡିପଦର ଗ୍ରାମର ବୁଦ୍ରା ମାଡ଼କାମି ଓ ସମାରୁ ମୁଚାକିଙ୍କୁ ହତ୍ୟା, ସୋଡ଼ିଗୁଡ଼ା ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟ ଘଟଣା, ଡଲଡଲି ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟ ଘଟଣା,ଟେମ୍ଭୁରୁପାଲି ପଞ୍ଚାୟତ କାର୍ଯ୍ୟାଳୟ ଭଙ୍ଗାରୁଜା ଆଦି ହିଂସାରେ ସେ ଜଡ଼ିତ ଥିଲେ। ତାଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ତାଙ୍କୁ ସରକାରଙ୍କ ଆତ୍ମ ସମର୍ପଣ ନୀତି ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ବାସଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ମିଳିବ। ଏଥିସହ ତାଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯିବ ବୋଲି ଡିଆଇଜି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମୟରେ ମାଲକାନଗିରି ଏସପି ରିଶିକେଷ ଡି. ଖିଲାରୀ ଓ ବିଏସଏଫ କମାଣ୍ଡାଣ୍ଟ ଅମରେନ୍ଦ୍ର ସିଂ ଉପସ୍ଥିତ ଥିଲେ।

## ନାଲ୍‌କୋରେ କ୍ରଶର, କନ୍‌ଭେୟର ସିଷ୍ଟମର ଭିତ୍ତିପ୍ରସ୍ତର ସ୍ଥାପନ


ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ନୂଆ କ୍ରଶର ଏବଂ କନ୍‌ଭେୟର ସିଷ୍ଟମର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଦାମନଯୋଡ଼ି, ୨୫।୨

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ନାଲ୍‌କୋର କ୍ରଶର ଏବଂ କନ୍‌ଭେୟରର ସିଷ୍ଟମ ଭିତ୍ତିପ୍ରସ୍ତର ମଙ୍ଗଳବାର ସ୍ଥାପନ କରିଛନ୍ତି। ଏହି ପ୍ରଣାଳୀ ଦ୍ୱାରା କମ୍ପାନୀର ଆଲୁମିନା ବିଶୋଧନର ପଞ୍ଚମ ସ୍ରୋତ ପାଇଁ ବକ୍ସାଇଟ୍ ଯୋଗାଣ ବୃଦ୍ଧି ହୋଇପାରିବ। ଏହି ପ୍ରକଳ୍ପଟି ଏପ୍ରିଲ, ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଉକ୍ତ ପ୍ରକଳ୍ପରେ ୪୮୩ କୋଟି ଟଙ୍କା ବିନିଯୋଗ କରାଯିବ। ୨୦୨୪ ସୁଦ୍ଧା ୫ ଟ୍ରିଲିଅନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ନେଇ ଲକ୍ଷ୍ୟ ରଖାଯାଇଛି। ଏହି ବିକାଶ ଯାତ୍ରାରେ ନାଲ୍‌କୋ ତାର ସଫଳତାର କାହାଣୀ ବଜାୟ ରଖିବା ନେଇ ନିଶ୍ଚିତ ବୋଲି ଜୋଷୀ ଏଠାରେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଖଣିଜ ପଦାର୍ଥରେ ସମୃଦ୍ଧ ରାଜ୍ୟଗୁଡ଼ିକର ଖଣିଜ କାର୍ଯ୍ୟ ଚାଲୁ ରଖିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଓଡ଼ିଶାରେ ଖଣି କାର୍ଯ୍ୟପ୍ରତି ପ୍ରତି ସରକାରଙ୍କ ପ୍ରୋତ୍ସାହନକୁ ସେ ପ୍ରଶଂସା କରିଥିଲେ। ଏହାଦ୍ୱାରା ରାଜ୍ୟର ସମୃଦ୍ଧି ହୋଇପାରିବ। ସେ ନାଲ୍‌କୋର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହିତ ଦୁର୍ଗମ ଅଞ୍ଚଳରେ ପରିଚାଳନା କାର୍ଯ୍ୟ ଚାଲୁ ରଖିବାକୁ ଆହ୍ୱାନ ଦେଇଛନ୍ତି।

## ପୁଣି ଗୋଟିଏ ଦିନ ରିମାଣ୍ଡରେ ଆସିଲେ ଅନୁପ

ଝାରସୁଗୁଡ଼ା ଅଫିସ,୨୫।୨

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟାକାଣ୍ଡ ଘଟଣାରେ ଅଧିକ ତଥ୍ୟ ଜାଣିବା ପାଇଁ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ମଙ୍ଗଳବାର ପୁଣି ଥରେ ଦିନିକିଆ ରିମାଣ୍ଡରେ ନେଇଛି ରାୟଗଡ଼ ପୋଲିସ। ପୂର୍ବରୁ ଅନୁପଙ୍କୁ ପୋଲସ ୩ ଦିନିଆ ରିମାଣ୍ଡରେ ଆଣିଥିଲା। ହେଲେ ପଚରାଉଚୁରା ବେଳେ ସେ ପୋଲିସକୁ ସହଯୋଗ କରି ନ ଥିଲେ। ଫଳରେ ପୋଲିସକୁ ଏହି ଡବଲ ମର୍ଡର ଘଟଣାରେ କିଛି ତଥ୍ୟ ମିଳି ନ ଥିଲା। ଏଣୁ ଅନୁପଙ୍କୁ ପୁଣି ୩ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟରେ ପୋଲିସ ଆବେଦନ କରିଥିଲା। ଏହାର ଶୁଣାଣି କରି କୋର୍ଟ ଗୋଟିଏ ଦିନ ପାଇଁ ଅନୁପଙ୍କୁ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିବା ରାୟଗଡ଼ ଆଡିସ୍‌ନାଲ ଏସ୍‌ପି ଅଭିଷେକ ବର୍ମା ସୂଚନା ଦେଇଛନ୍ତି। ସେହିପରି ଅନୁପଙ୍କ ନାର୍କୋ ଟେଷ୍ଟ ପାଇଁ ପୋଲିସ କରିଥିବା ଆବେଦନ ଉପରେ କୋର୍ଟ ବୁଧବାର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

### ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାଁରେ ମାମଲା କରିବାକୁ ଚାହୁଁଥିଲେ କଳ୍ପନା

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**



ଝାରସୁଗୁଡ଼ା ଅଫିସ,୨୫।୨

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ କରିବାରେ ରାୟଗଡ଼ ପୋଲିସ ସକ୍ଷମ ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ପ୍ରମାଣ କରିବାରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଅନୁପଙ୍କ ପରିବାରବର୍ଗ, ସମ୍ପର୍କୀୟ ଓ ବିଭିନ୍ନ ଲୋକଙ୍କୁ ନୋଟିସ ଦେଇ ମାମଲାର ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ପୋଲିସ ଅନୁରୋଧ କରିଛି। ତେବେ ଏହି ହତ୍ୟାକାଣ୍ଡର ଅଳ୍ପ କିଛିଦିନ ପୂର୍ବରୁ କଳ୍ପନା ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବାକୁ ଚାହୁଁଥିଲେ। ଖୋଦ୍ ରାୟଗଡ଼ ଏସ୍‌ପି ସନ୍ତୋଷ କୁମାର ସିଂ ଓ ମାମଲା ଲଢ଼ିବାକୁ ଥିବା ଓକିଲ ଏ କଥା କହିଛନ୍ତି।

କଳ୍ପନାଙ୍କ ବିବାହ ବିଚ୍ଛେଦ ପରେ ଅନୁପ ସାଏଙ୍କ ସହିତ ତାଙ୍କ ସମ୍ପର୍କ ବଢ଼ିଥିଲା। ଦୁହେଁ ଦୀର୍ଘବର୍ଷ ଧରି ସ୍ୱାମୀ ସ୍ତ୍ରୀ ଭାବେ ରହି ଆସିଥିବା ରାୟଗଡ ଏସ୍‌ପି ସିଂ କହିଛନ୍ତି। ଏମିତି କିଛି ଦିନ ବିତିବା ପରେ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରତିଦିନ ଝଗଡ଼ା ହେବା ସହ ଏହା ହିଁ କଳ୍ପନାଙ୍କ ମୃତ୍ୟୁର କାରଣ ସାଜିଥିଲା। ତେବେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ କଳ୍ପନା ଝାରସୁଗୁଡ଼ାର ଜଣେ ପ୍ରତିଷ୍ଠିତ ଓକିଲଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବାକୁ ଚାହୁଁଥିବା ଦର୍ଶାଇ ସମ୍ପୃକ୍ତ ଓକିଲଙ୍କ ପରାମର୍ଶ ନେଇଥିଲେ। ହେଲେ ସେହି ହାଇପ୍ରୋଫାଇଲ ବ୍ୟକ୍ତି ଜଣକ କିଏ ତାହା ଏସ୍‌ପି ସିଂ ସ୍ପଷ୍ଟ କରି ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ନିକଟରେ ଏ ସମ୍ପର୍କୀୟ ସମସ୍ତ ତଥ୍ୟ ରହିଛି। ଆବଶ୍ୟକ ପଡିଲେ ସମସ୍ତଙ୍କୁ ପଚରାଉଚୁରା କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

## ଚିତ୍ରଭାରତୀ ସମ୍ମାନ ପାଇଲା 'ଶ୍ରୀକ୍ଷେତ୍ରରୁ ସାହିଜାତ'

### ଓଡ଼ିଆ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରକୁ ସର୍ବଭାରତୀୟ ସଫଳତା

କଟକ ଅଫିସ,୨୫।୨



ଓଡ଼ିଆ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଜାତ' ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଛି। ଏହି ଚଳଚ୍ଚିତ୍ରକୁ ମିଳିଛି ମର୍ଯ୍ୟାଦାଜନକ 'ଚିତ୍ରଭାରତୀ ସମ୍ମାନ'। ଗୁଜରାଟର ଅହମ୍ମଦାବାଦ୍‌ଠାରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଚିତ୍ର ଭାରତୀ ସିନେ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ଏହି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ପ୍ରଥମ ସ୍ଥାନ ହାସଲ କରିଛି। ଫଳରେ ଏହି ଚଳଚ୍ଚିତ୍ରର ସଦସ୍ୟମାନଙ୍କୁ ବିଭିନ୍ନ ବର୍ଗରୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି।

ଓଡ଼ିଆ ମନୋରଞ୍ଜନ ଦୁନିଆ ପଛରେ ପଡ଼ିଛି ବୋଲି ଅଭିଯୋଗ ହେଉଥିବାବେଳେ ଏହାକୁ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି କେତେଜଣ ଯୁବ ପ୍ରତିଭା। ପୁରୀରେ ଜନ୍ମିତ ଆଶୁତୋଷ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଜାତ' ନିର୍ମାଣ କରାଯାଇଛି। ୨୦୧୭ ଓ ୨୦୧୮ ମସିହାରେ ଚଳଚ୍ଚିତ୍ରର ଦୃଶ୍ୟଗୁଡିକ ସୁଟିଂ କରାଯାଇଥିଲା। ସାହିଜାତ ପରମ୍ପରାର ଦୃଶ୍ୟଗୁଡ଼ିକ ହିଁ ଚଳଚ୍ଚିତ୍ରର ପୃଷ୍ଠଭୂମି। ରାବଣ, ପର୍ଶୁରାମ, ନାଗା ଭଳି ଅନେକ ଚରିତ୍ର ସିନେମାରେ ପ୍ରଦର୍ଶନ କରାଯାଇଛି। ଭିଡ଼ ଭିତରେ ରହି ସିନେମା ନିମନ୍ତେ ଉପଯୋଗୀ ସଟ୍ ନେବା କଷ୍ଟକର ଥିଲା ବୋଲି ନିର୍ଦ୍ଦେଶକ ଆଶୁତୋଷ କହିଛନ୍ତି। ଏହି ସିନେମା ୧୯ମିନିଟ ୨୫ ସେକେଣ୍ଡ ବିଶିଷ୍ଟ। ଭୁବନେଶ୍ୱରର ସୌମ୍ୟ ମହାନ୍ତି ଚିତ୍ରୋତ୍ତୋଳନ ଦାୟିତ୍ୱରେ ଥିବାବେଳେ କଟକର ବିଶ୍ୱଜିତ ପାଇଟାଲ୍ ସମ୍ପାଦନା ଓ ପାରଗ ବେହେରା ସାଉଣ୍ଡ ଡିଜାଇନ୍ ଦାୟିତ୍ୱ ତୁଲାଇଥିଲେ। ଉତ୍ସବରେ ଦେଶର ମୋଟ୍ ୪୩୫ ଚଳଚ୍ଚିତ୍ର ପ୍ରତିଯୋଗିତାକୁ ଓହ୍ଲାଇଥିଲା। ପରେ ୨୩ଟି ଚଳଚ୍ଚିତ୍ର ୬ଟି ବିଭାଗରେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ଏଥି ମଧ୍ୟରୁ 'ଶ୍ରୀକ୍ଷେତ୍ରରୁ ସାହିଜାତ' ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି।

## ୯୫ ପ୍ରତିଶତ ଟସର ଚାଷୀ ଜନଜାତି ସମ୍ପ୍ରଦାୟର

**'ଡିଭାଇନ୍ ଫ୍ୟାବ୍ରିକ୍' ଉନ୍ମୋଚିତ**

ଭୁବନେଶ୍ୱର,୨୫।୨(ବ୍ୟୁରୋ)


'ଡିଭାଇନ୍ ଫ୍ୟାବ୍ରିକ୍' ପୁସ୍ତକ ଉନ୍ମୋଚନ ଅବସରରେ ମନ୍ତ୍ରୀ ପଦ୍ମିନୀ ଦିଆନ୍, ଲେଖକ ରାଜା ପରିଜା ଓ ଅନ୍ୟମାନେ।

ଏକ ପାରମ୍ପରିକ ଟସର ଉତ୍ପାଦନକାରୀ ରାଜ୍ୟ ଭାବେ ଓଡ଼ିଶାର ପରିଚୟ ରହିଆସିଛି। ନୌବାଣିଜ୍ୟ ପାଇଁ ପ୍ରସିଦ୍ଧ ଆମ ରାଜ୍ୟ ସହ ଏକଦା ଏସିଆ ଏବଂ ୟୁରୋପ ମହାଦେଶର ବାଣିଜ୍ୟ ସମ୍ପର୍କ ସ୍ଥାପନରେ ଟସର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ହେଲେ ଦୁର୍ଭାଗ୍ୟବଶତଃ ବ୍ରିଟିଶ୍ ଶାସନ ସମୟରେ ବିଦେଶୀ କପଡ଼ାର ପ୍ରଚଳନ ଫଳରେ ଓଡ଼ିଶାର ଟସର ପରମ୍ପରା କ୍ରମଶଃ ବିଲୁପ୍ତ ହେବା ଆରମ୍ଭ କଲା। ରାଜ୍ୟର ବୁଣାକାର ସମ୍ପ୍ରଦାୟ ହାତ ବାନ୍ଧି ବସିଲେ। ବିଦେଶୀ କପଡ଼ାର ଏକଚାଟିଆ କାରବାର ପାଇଁ ଆମ କୁଶଳୀ ବୁଣାକାରମାନଙ୍କ ଅଙ୍ଗୁଳି ଛେଦନ ଭଳି ବର୍ବର ଏବଂ ନୃଶଂସ କାର୍ଯ୍ୟ ମଧ୍ୟ କରାଯାଉଥିଲା। ତେବେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶା ହସ୍ତତନ୍ତ ପରମ୍ପରା ତା'ର ହୃତଗୌରବ ଫେରିପାଇଲା। ବିଶ୍ୱ ବଜାରରେ ଆମ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଟସର ବସ୍ତ୍ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଟସର ଚାଷ ରାଜ୍ୟର ହଜାର ହଜାର ଲୋକଙ୍କୁ ଜୀବିକା ପ୍ରଦାନ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ୯୫% ଜନଜାତି ସମ୍ପ୍ରଦାୟ ରହିଛନ୍ତି। କେବେ ମଳିନ ପଡୁ ନ ଥିବା ଏହି ବସ୍ତ୍ରକୁ ଅମ୍ଲାନ ବସ୍ତ୍ର କୁହାଯାଉଥିବା ବେଳେ ଠାକୁରଙ୍କୁ ଅର୍ପଣ କରାଯାଉଥିବାରୁ ଏହାକୁ ପବିତ୍ର ବସ୍ତ୍ର ବୋଲି ମଧ୍ୟ କୁହାଯାଏ। ମଙ୍ଗଳବାର ଲୋକସେବା ଭବନରେ 'ଡିଭାଇନ୍ ଫ୍ୟାବ୍ରିକ୍' ପୁସ୍ତକକୁ ଲୋକାର୍ପଣ କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହା କହିଥିଲେ।

ରାଜା ପରିଜାଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକକୁ ଲୋକାର୍ପଣ କରିବା ଅବସରରେ ମନ୍ତ୍ରୀ ଆହୁରି କହିଥିଲେ, ଆମ କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଟସର ବସ୍ତ୍ର ବିଶ୍ୱରେ ସ୍ୱତନ୍ତ୍ର ଓ ଅନନ୍ୟ। ପାରମ୍ପରିକ ଜନଜାତିମାନଙ୍କ ଦ୍ୱାରା ଚାଷ ଓ ରକ୍ଷଣାବେକ୍ଷଣ କରାଯାଉଥିବା ଟସର କେବଳ ଧାର୍ମିକ କାର୍ଯ୍ୟ କିମ୍ବା ପର୍ବପର୍ବାଣି ପାଇଁ ବ୍ୟବହାର ମଧ୍ୟରେ ସୀମିତ ହୋଇ ରହିନାହିଁ। ଓଡ଼ିଶା ଟସର ଆଜି ସମସ୍ତଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ। ଟସର କୋଷା ଉତ୍ପାଦନରେ ଓଡ଼ିଶା ଦେଶରେ ତୃତୀୟ ରାଜ୍ୟ। ଗୁଣାତ୍ମକମାନ ସମ୍ବଳିତ ବସ୍ତ୍ର ଡିଜାଇନ୍‌କୁ ଲକ୍ଷ୍ୟ କଲେ ଓଡ଼ିଶା ଦେଶର ଶ୍ରେଷ୍ଠ ଟସର ବସ୍ତ୍ର ଉତ୍ପାଦନକାରୀ ରାଜ୍ୟ। ଟସର କୋଷା ପାଳନ, ସୂତା ପ୍ରସ୍ତୁତି ଓ ବସ୍ତ୍ର ପ୍ରସ୍ତୁତି ଭଳି ପ୍ରତ୍ୟେକ ପର୍ଯ୍ୟାୟ ଉପରେ ପୁସ୍ତକରେ ସମସ୍ତ ତଥ୍ୟ ରହିଥିବା ସେ କହିଥିଲେ। ଅନ୍ୟପକ୍ଷରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମ ସଚିବ ଓ ପରେ ଅତିରିକ୍ତ ସଚିବ ଥିବା ସମୟରେ ରାଜା ପରିଜା ଟସର ଚାଷ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ପରିଜା ଦୀର୍ଘ ୫ବର୍ଷ ନିରୀକ୍ଷଣ ପରେ ଏହି ପୁସ୍ତକ ଲେଖିଛନ୍ତି। ଗବେଷକ, ଫ୍ୟାଶନ ଡିଜାଇନର୍, ଛାତ୍ରୀଛାତ୍ର, ଶିଳ୍ପୀ, ପର୍ଯ୍ୟଟକ ଓ ସାଧାରଣ ପାଠକଙ୍କ ନିମନ୍ତେ ଏହା ଏକ ଉପାଦେୟ ପୁସ୍ତକ ବୋଲି ଉପସ୍ଥିତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



# ପାଣିରେ ପଡ଼ିଲା ନାବାର୍ଡର ୪.୨୪ କୋଟି

**ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ**

- ଅଧାରେ ଅଟକିଛି ୬ଟି ରାସ୍ତା, ବ୍ରିଜ୍ ପ୍ରକଳ୍ପ
- ନାବାର୍ଡ କର୍ତ୍ତୃପକ୍ଷଙ୍କ ଉଦ୍‌ବେଗ
- ୨୯ରେ ସମୀକ୍ଷା ବୈଠକ

ଯାଜପୁର ଅଫିସ,୨୫।୨

ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍) ବୈଠକରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ଡିଭିଜନର ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ନେଇ ନାବାର୍ଡ କର୍ତ୍ତୃପକ୍ଷ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାର ୬ଟି ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ଥିବାରୁ ଏଥିରେ ଖର୍ଚ୍ଚ ହୋଇଥିବା ସମୁଦାୟ ୪କୋଟି ୨୪ ଲକ୍ଷ ୬ହଜାର ଟଙ୍କା ପାଣିରେ ପଡ଼ିଛି। ଏହାସହ ଅତି ମନ୍ଥର ଗତିରେ ପ୍ରକଳ୍ପଗୁଡ଼ିକ ଚାଲିଥିବାରୁ ନାବାର୍ଡର ଲକ୍ଷ୍ୟ ପୂରଣ ହୋଇପାରୁନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିପାଇଁ ମନ୍ଥର ଗତିରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଖର୍ଚ୍ଚ ଅନୁସାରେ ତୁରନ୍ତ ସମ୍ପନ୍ନ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗରେ ଗ୍ରାମାଞ୍ଚଳକୁ ଗମନାଗମନ ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଠିକାଦାରୀ ରାଜନୀତି ଅଣାୟତ୍ତ ହେଉଥିବା ମନେ ହୋଇଛି। ରାଜନୈତିକ ହସ୍ତକ୍ଷେପ ଓ ବ୍ୟାପକ ପିସି କାରବାର ଯୋଗୁ ଜିଲାବାସୀ ଉପଯୁକ୍ତ ଗମନାଗମନରୁ ବଞ୍ଚିତ ହେଉଛନ୍ତି।

ଗ୍ରାମ୍ୟ ନିର୍ମାଣ ବିଭାଗରୁ ମିଳିଥିବା ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)ରେ ୩ଟି ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ଖପୁରିଆପଦାରୁ ବ୍ରାହ୍ମଣଗାଁ ରାସ୍ତା ପାଇଁ ୨୦୧୫ରେ ୬୧.୬ଲକ୍ଷ ଟଙ୍କା ଆବଣ୍ଟିତ ହୋଇଥିଲା। ସେଥିମଧ୍ୟରୁ ମାତ୍ର ୧୭.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୮.୫୮ପ୍ରତିଶତ କାର୍ଯ୍ୟ ଅଗ୍ରଗତି ହୋଇ ପାରିଛି। ତେବେ ଏହି ପ୍ରକଳ୍ପକୁ ବେସରକାରୀ ଜମି ବିବାଦ ରହିଥିବା କାରଣ ଦର୍ଶାଇ କାର୍ଯ୍ୟ ବନ୍ଦ କରାଯାଇଛି। ଆରଡି ରାସ୍ତାରୁ ଟୋଲକନା ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ନିର୍ମାଣ ପାଇଁ ୨୦୧୫ରେ ୧୭୩.୬୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ମାତ୍ର ୪୫ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରକଳ୍ପ ମଧ୍ୟ ଜମି ବିବାଦ ଯୋଗୁ ବ୍ୟାଘାତ ହୋଇଛି। ଉତ୍ତରପ୍ରତାପ ଠାରୁ ରାଖିପାଟନା ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ପାଇଁ ୭୯.୬୬ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୭.୮୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାହାକି ଜମି ବିବାଦ ରାସ୍ତା ନିର୍ମାଣରେ ଅନ୍ତରାୟ ସାଜିଛି ବୋଲି ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ଯଦି ପୂର୍ବରୁ ଆବଶ୍ୟକ ଅନୁସାରେ ସର୍ଭେ କରାଯାଇଥାନ୍ତା ତେବେ ନାବାର୍ଡର ଉପରୋକ୍ତ ଖର୍ଚ୍ଚ ହୋଇଥିବା ୪୫.୮୪ଲକ୍ଷ ଟଙ୍କା ପାଣିରେ ପଡି ନ ଥାନ୍ତା। ଏଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଛାଡ଼ି ଦିଆଯାଇଥିବା ଭଳି ଉଦାହରଣ ଜିଲାରେ ରହିଛି। ଉପରୋକ୍ତ ୩ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିବାରୁ ଆଖପାଖ ଅଞ୍ଚଳର ପ୍ରାୟ ୩୦ଖଣ୍ଡ ଗ୍ରାମବାସୀ ଉପଯୁକ୍ତ ଗମନାଗମନ ସୁବିଧାରୁ ବଞ୍ଚିତ ରହିଛନ୍ତି। ସେହିପରି ବରୀ-ବିଞ୍ଝାରପୁର ରାସ୍ତାର ଚିଙ୍ଗୁଡିଆ ନାଳରେ ୨୦୧୩ରେ ଏକ ବ୍ରିଜ ନିର୍ମାଣ କରିବାକୁ ନାବାର୍ଡ ଅନୁଦାନରେ ୫କୋଟି ୭୪ ଲକ୍ଷ ୨୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୧ କୋଟି ୧୬ ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ତାହା ବନ୍ଦ ପଡିଛି। ଏହି ପ୍ରକଳ୍ପ ଜିଲାର ଉଭୟ ବରୀ ଓ ବିଞ୍ଝାରପୁର ବ୍ଲକର ହଜାର ହଜାର ଲୋକଙ୍କ ପାଇଁ ସ୍ୱପ୍ନର ପ୍ରକଳ୍ପ ରହିଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ତାହା ୭ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। ଯାଜପୁର ଡିଭିଜନ-୧ ଅନ୍ତର୍ଗତ ମାଳଆନନ୍ଦପୁରରୁ ଅଡ଼ଙ୍ଗା ବ୍ରିଜ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏହି ପ୍ରକଳ୍ପ ପାଇଁ ୨୦୧୪ରେ ୨କୋଟି ୧୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୧କୋଟି ୧୫ଲକ୍ଷ ୪୪ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ୫୪.୨୧ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ବନ୍ୟା ନଦୀବନ୍ଧ ଜୋନ୍‌ରେ ଯାଉଥିବାରୁ ତାହା ବିବାଦରେ ବନ୍ଦ ରହିଛି। ଏହି ପ୍ରକଳ୍ପ ଅସମ୍ପୂର୍ଣ୍ଣ କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦାରଖଣ୍ଡ ଛକରୁ ବବଲପୁରିଆ ଭଅଁରା ଶାସନ ରାସ୍ତା ପାଇଁ ୨ କୋଟି ୪୨ ଲକ୍ଷ ୩୮ ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ୧ କୋଟି ୪୫ ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ତେବେ କେନାଲ ନଦୀବନ୍ଧର ରାସ୍ତା ଚଉଡ଼ା ନ ଥିବାରୁ ତାହା ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ଏହିପରି ଭାବେ ନାବାର୍ଡ ପାଣ୍ଠିର ପ୍ରାୟ ୪ କୋଟି ୨୪ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଏସଂକ୍ରାନ୍ତରେ ବିଭାଗୀୟ ଇଞ୍ଜିନିୟର ଇନ୍ ଚିଫ୍ ମନ୍ଥର ଗତିରେ ଚାଲିଥିବା ରାସ୍ତା ଓ ବ୍ରିଜ ପ୍ରକଳ୍ପର ସମୀକ୍ଷା ପାଇଁ ଆସନ୍ତା ୨୯ତାରିଖରେ ଭିଡିଓ କନଫରେନ୍ସ ଜରିଆରେ ଏକ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଜିଲାର ଓସ୍ୱାନ କେନ୍ଦ୍ରରେ ଆବଶ୍ୟକ କାଗଜପତ୍ର ସହ ନିର୍ବାହୀ ଯନ୍ତ୍ରୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ସଂକ୍ଷେପରେ**

## ୪ବର୍ଷର ପୁଅକୁ ଛାଡ଼ି ମା’ ଫେରାର, ସ୍ୱାମୀ ଥାନାର ଦ୍ୱାରସ୍ଥ

**ଯାଜପୁର ଅଫିସ,୨୫।୨:** ପ୍ରେମକରି ବିବାହ କରିବାର ୫ବର୍ଷ ପରେ ଜଣେ ମହିଳା ନିଜର ୪ବର୍ଷର ପୁଅକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ଏନେଇ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ମଙ୍ଗଳପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳପୁର ଥାନା ଇଜାପୁର ପଞ୍ଚାୟତ କାଜିବାଗ ଗ୍ରାମର ଜନୈକା ମହିଳା ଗତ ୨୧ତାରିଖ ମଧ୍ୟାହ୍ନରେ ନିଜର ୪ବର୍ଷର ଶିଶୁପୁତ୍ରକୁ ଛାଡି ଘରୁ ସୁନା,ରୂପା ଓ ଅଳଙ୍କାର ଧରି କେଉଁଆଡେ ଫେରାର ହାଇଯାଇଥିଲେ। ଏହା ଜଣାପଡ଼ିବା ପରେ ମହିଳାଙ୍କୁ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ପତ୍ତା ନ ମିଳିବାରୁ ତାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ୟକ୍ତି ଜଣକ ୫ବର୍ଷ ତଳେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମୂଳାପଦା ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମକରି ବିବାହ କରିଥିଲେ। ବିବାହର ଏକ ବର୍ଷ ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଗତ ୨୧ ତାରିଖ ଜାଗର ଦିନ ସ୍ୱାମୀ ଘରେ ନ ଥିବାବେଳେ ମହିଳା ଜଣକ ପୁଅକୁ ଶୁଆଇଦେଇ ଘରେ ରହିଥିବା ସୁନା,ରୂପା ଓ ନଗଦ ୪ ହଜାର ଆଠଶହ ଟଙ୍କା ଧରି କେଉଁଆଡେ ଚାଲିଯାଇଥିଲେ। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରାଯିବାଲାଗି ପଡ଼ୋଶୀ ଜିଲାର ଥାନାଗୁଡ଼ିକୁ ସୂଚନା ଦିଆଯାଇଛି ବୋଲି କହିଛନ୍ତି।

## ୨୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ରାଜ୍ୟସ୍ତରୀୟ ଗୀତି କବିତା ଉତ୍ସବ

**ଧର୍ମଶାଳା,୨୫।୨(ଡି.ଏନ୍.ଏ.):** ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତି କବିତା ସମାରୋହ ଆସନ୍ତା ୨୮ତାରିଖ ପୂର୍ବାହ୍ନରେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ବିଭାଗ ପରାମର୍ଶଦାତା ବୋର୍ଡ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ, କଲେଜ ଅଧକ୍ଷ ବୀରେନ୍ଦ୍ର କୁମାର ମିଶ୍ର, ଏକାଡେମୀ ସଦସ୍ୟା ସଂଯୁକ୍ତା ମହାପାତ୍ର ଯୋଗଦେବେ ବୋଲି ସଭାମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ମଙ୍ଗଳବାର ଜାରକାଠାରେ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଗୀତି କବିତାର ସୀମା ଓ ସମ୍ଭାବନା ଆଲୋଚନା ଚକ୍ରରେ ଅତିଥିଭାବେ ଏକାଡେମୀ ସଭାପତି ହରିହର ମିଶ୍ର, ସଭାମୁଖ୍ୟ ଗୌର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧାପକ ଯତିନ୍ଦ୍ର କୁମାର ରାଉତ, ମନୋଜ ପଟ୍ଟନାୟକ, ଶରତ ଚନ୍ଦ୍ର ରଥ, ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ, ବୃନ୍ଦାବନ ଜେନା ଓ ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଗୀତିକବିତା ପାଠୋତ୍ସବରେ ସଭାମୁଖ୍ୟ ଭାବେ ଗୌରହରି ଦଳାଇ, ସମ୍ମାନିତ ଅତିଥି ଭାବେ ମୀନାକ୍ଷୀ ଦେବୀ, ସଂଯୋଜିକା ଭାବେ ପଦ୍ମଜା ଶରଣ, ପ୍ରଭାତୀ ରାଉତ ଓ ସଂଯୋଜକ ଭାବେ ଦୟାନିଧି ନାୟକ ଯୋଗଦେବେ ବୋଲି ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ଜଣାଇଛନ୍ତି।

## ସାମ୍ପ୍ରତିକ ସମାଜରେ ଛାତ୍ରୀଙ୍କ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନା ଚକ୍ର

ଧର୍ମଶାଳା,୨୫।୨(ଡି.ଏନ୍.ଏ.)

ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। କଲେଜର ଅଧକ୍ଷା ଇନ୍ଦୁପ୍ରଭା ସାମଲ ଏଥିରେ ସଭାପତିତ୍ୱ କରି ସାମ୍ପ୍ରତିକ ସମାଜରେ ଛାତ୍ରୀମାନଙ୍କ ଦାୟିତ୍ୱବୋଧ ଶୀର୍ଷକ ସମ୍ପାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ନିଷ୍ଠା ଏକାଗ୍ରତା ଓ ବିବେକାନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ +୨କଲେଜର ଅଧକ୍ଷା ନମିତା ପରିଡା ଓ ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟ ଓଡିଆ ବିଭାଗ ବରିଷ୍ଠ ଅଧ୍ୟାପକ ତ୍ରିଲୋଚନ ରାଉତ ଯୋଗଦେଇ ଛାତ୍ରୀମାନଙ୍କ ଦାୟିତ୍ୱବୋଧ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱବୋଧ ଭିତରେ ସଂସ୍କାର, ଶ୍ରଦ୍ଧା ଓ କର୍ତ୍ତବ୍ୟ ସମ୍ପାଦନକୁ ଗୁରୁତ୍ୱ ଦେଇଥିଲେ। ଛାତ୍ରୀ ସଙ୍ଗୀତା ଓ ସସ୍ମିତା ବାରିକ ଗୁରୁ, ମାତାପିତାଙ୍କ ତ୍ୟାଗ ଓ ସେମାନଙ୍କ ସ୍ନେହ ଶ୍ରଦ୍ଧା, ଆଦରକୁ ପାଥେୟ କରି ଆମେ ଆମ ଦାୟିତ୍ୱବୋଧ ସମ୍ପର୍କରେ ବିଚାର କରିବାକୁ ହେବ ବୋଲି କହିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ଶିବିର

ଧର୍ମଶାଳା,୨୫।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ମଙ୍ଗଳବାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ଧର୍ମଶାଳା ବିଡିଓ ସ୍ମିତା ରଥ ଅନ୍ଧକବି ଭୀମ ଭୋଇଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଶିବିରରେ ୨୪୨ଜଣ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରାଯାଇ ସେମାନଙ୍କୁ ପ୍ରମାଣପତ୍ର ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧୨ଜଣ ଅସ୍ଥି, ୫୦ଜଣ ମାନସିକ ବିକୃତି, ଜଣେ ଭେସଜ, ୩୩ଜଣ ଦୃଷ୍ଟିହୀନ ବିଭାଗରେ, ୪୬ଜଣ କର୍ଣ୍ଣ ବାଧିତ ଦିବ୍ୟାଙ୍ଗ ଅଟନ୍ତି। ଯାଜପୁର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅରୁଣା ସାମଲ, ଡାକ୍ତର ଅନୁପ କୁମାର ନାଥ ଶର୍ମା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିଥିଲେ।



ଭୀମ ଭୋଇ ଭିନ୍ନକ୍ଷମ ଶିବିରକୁ ଅଧକ୍ଷ ଓ ବିଡିଓ ଉଦ୍‌ଘାଟନ କରୁଛନ୍ତି।

୨୪୨ଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରମାଣ ପତ୍ର ସହ ହୁଇଲ ଚେୟାର ଓ ୩ ଜଣଙ୍କୁ ବସ୍ ପାସ୍ ଖୁବଶୀଘ୍ର ଦିଆଯିବ ବୋଲି ବିଡିଓ କୁମାରୀ ରଥ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଅସିତ କୁମାର ପାତ୍ରଙ୍କ ସମେତ ବ୍ଲକର ସମ୍ପ୍ରସାରଣ ଅଧିକାରୀ ଓ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ। ବର୍ଷା ସତ୍ତ୍ୱେ ଶିବିରରେ ଗହଳି ଲାଗି ରହିଥିବା ଦେଖିବାକୁ ମିଳିଥିଲା। ପୂର୍ବବର୍ଷଗୁଡ଼ିକରେ ଭିନ୍ନକ୍ଷମ ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗଙ୍କୁ ଏଯାବତ୍ ପ୍ରମାଣପତ୍ର ଦିଆଯାଇ ନ ଥିବାରୁ ଅନେକ କ୍ଷୋଭ ପ୍ରକାଶ କରିଥିଲେ।

## କଳିଙ୍ଗନଗର ବୁଲିଟିନର ୮ମ ବାର୍ଷିକୋତ୍ସବ

କଳିଙ୍ଗନଗର, ୨୫।୨ (ଡି.ଏନ୍.ଏ.)

ବ୍ୟାସନଗରସ୍ଥିତ ସୂର୍ଯ୍ୟାଂଶ ହୋଟେଲଠାରେ ‘କଳିଙ୍ଗନଗର ବୁଲିଟିନ’ ମାସିକ ଖବରକାଗଜର ୮ମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, କୋରେଇ ବିଧାୟକ ଅଶୋକ କୁମାର ବଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବରିଷ୍ଠ ଖବରଦାତା ରାଜାରାମ ସତପଥୀ, ଅଧାପକ ବିରଞ୍ଚି ନାରାୟଣ ଦାସ, ଡିସା ସ୍କିଲ ନିର୍ଦ୍ଦେଶକ ମନୋଜ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଯାଜପୁରରୋଡ୍ ଥାନାଧିକାରୀ ଅନିଲ ମହାନ୍ତି, ବ୍ୟବସାୟୀ ଶରତ ପୃଷ୍ଟି, ଖବରଦାତା ଚିନ୍ତାମଣି ପାଢ଼ୀ, ଖବରଦାତା ଉଦୟନାଥ ଖଣ୍ଡାଇ, ଖବରଦାତା ବିଜୟ କୁମାର ସାହୁ, ଲେଖିକା ମମତା ଶର୍ମା, କବି ରାଜଲକ୍ଷ୍ମୀ ଜେନା, କବି ନିରଞ୍ଜନ ପତି ଓ ମନୀନ୍ଦ୍ର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏକ ସଙ୍ଗେ ହେଲା ପତ୍ନୀପତିଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ/ଜେନାପୁର, ୨୫।୨(ଡି.ଏନ୍.ଏ.)

ଚଣ୍ଡିଖୋଲ ଅଞ୍ଚଳର ଖବରଦାତା ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କ ପିତା ପଣ୍ଡିତ ବାବାଜୀ ଚରଣ ପଣ୍ଡା ଓ ମାତା ରତ୍ନମଣୀ ଦେବୀଙ୍କ ଦ୍ୱାଦଶାହ ଉପଲକ୍ଷେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋଡ଼ିପାଟିଆସ୍ଥିତ ବାସ ଭବନରେ ଏକସଙ୍ଗେ ପତ୍ନୀପତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସୂଚନା ଥାଉକି ପଣ୍ଡିତ ବାବାଜୀ ଚରଣ ପଣ୍ଡାଙ୍କ ଦେହାନ୍ତର ୬ଦିନ ପରେ ପତ୍ନୀ ରତ୍ନାମଣୀଙ୍କ ଦେହାନ୍ତ ହୋଇଥିଲା। ଏହି ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଜିମୁତ ମଙ୍ଗରାଜଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ପଣ୍ଡିତ ବାବାଜୀ ଚରଣ ଓ ତାଙ୍କ ଧର୍ମପତ୍ନୀ ରତ୍ନମଣୀଙ୍କ ମଧ୍ୟରେ ଚିରନ୍ତନ ପ୍ରେମ ଓ ଆଧ୍ୟାତ୍ମିକ ବନ୍ଧନ ଦୃଢ଼ ଥିବାରୁ ଉଭୟେ ୬ଦିନ ମଧ୍ୟରେ ଇହଧାମ ତ୍ୟାଗ କରିଥିବା ଅବତାରଣ କରିଥିଲେ। ଏହି ସ୍ମୃତି ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ବିଶିଷ୍ଟ କମ୍ୟୁନିଷ୍ଟ ନେତା ମାୟାଧର ନାୟକ, ଭାଜପା ନେତା ଅମର ନାୟକ, କଂଗ୍ରେସ ନେତା ଶ୍ରୀନାଥ ମିଶ୍ର, କିଶାନ ପଣ୍ଡା, ଭାଜପା ନେତ୍ରୀ ସିମନ୍ତିନୀ ଜେନା, ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ସୁନତୀ ମୁଣ୍ଡ, କୈଳାସ ଚନ୍ଦ୍ର ନାୟକ, ଆନନ୍ଦ ଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ଭକ୍ତଚରଣ ସାହୁ, ପ୍ରମୋଦ କୁମାର ଜେନା, ଚଣ୍ଡିଖୋଲ ପ୍ରେସ କ୍ଲବ ସଭାପତି ପ୍ରଦୀପ କୁମାର ପରିଡ଼ା, ଧର୍ମଶାଳା ପ୍ରେସ କ୍ଲବ ସଭାପତି ଇନ୍ଦ୍ରମଣୀ ନାୟକ, ଚଣ୍ଡିଖୋଲ ବସ୍ ମାଲିକ ସଂଘ ସଭାପତି ଦିଲିପ କୁମାର ଚୌଧୁରୀ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ: ଟଙ୍କା, ସୁନା ଲୁଟ୍

ଚଣ୍ଡିଖୋଲ,୨୫।୨(ଡି.ଏନ.ଏ)

ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଘୁମୁରି ପଞ୍ଚାୟତ ଅଧିନ ପାଇକରାପୁର ଗ୍ରାମର ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ସୁନା ଗହଣା ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଦମ୍ପତିଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ ପାଇକରାପୁର ଗ୍ରାମର ଶତ୍ରୁଘ୍ନ ବେହେରା(୮୫) ଓ ପତ୍ନୀ ମାଳତୀ ଦେବୀ (୮୦) ସୋମବାର ଘରେ ଶୋଇଥିବାବେଳେ ମଧ୍ୟରାତ୍ରୀରେ ଦୁର୍ବୃତ୍ତମାନେ ଘରେ ପଶି ଉଭୟଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଘରେ ଥିବା ନଗଦ ୧୫ହଜାର ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ଏହି ଆକ୍ରମଣରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଏସମ୍ପର୍କରେ ଦମ୍ପତିଙ୍କ ନାତି ମଙ୍ଗଳବାର ବଡ଼ଚଣା ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା(ନଂ.୨୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ରାମ ନିକଟରେ ଥିବା ଚୋରା ମଦ ଦୋକାନରେ ରାତିସାରା କିଛି ଅସାମାଜିକ ଯୁବକ ଭିଡ଼ ଜମାଉଥିବା ଯୋଗୁ ଏଭଳି ଘଟଣା ଘଟିଥାଇପାରେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଚୋରାମଦ ଜବତ: ଜଣେ ଗିରଫ

ଧର୍ମଶାଳା,୨୫।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କଦମପାଟଣା ଗ୍ରାମର ପୋଲିସ ଚଢାଉ କରି ସୋମବାର ରାତିରେ ଜଣେ ଚୋରାମଦ ବେପାରୀଙ୍କୁ ଗିରଫ କରିଛି। କଦମପାଟଣା ଗ୍ରାମର ପ୍ରଫୁଲ୍ଲ ରାଉତ ଚୋରାମଦ ବିକ୍ରି କରୁଥିବା ଅଭିଯୋଗ ପାଇ ପୋଲିସ ତାଙ୍କ କ୍ୟାବିନ ଉପରେ ଚଢ଼ାଉ କରି ୩୦ ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏନେଇ ପୋଲିସ ୪୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଚୋରା ମଦ କାରବାର ହେଉଥିବା ନେଇ ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ।

## ଜାରକାରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ନିଷ୍ପତ୍ତିକୁ ସ୍ୱାଗତ

ଧର୍ମଶାଳା,୨୫।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାତୀୟ ରାଜପଥ ୧୬ନମ୍ବର ସ୍ଥିତ ଜାରକାଠାରେ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି। ଏହାକୁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ସ୍ୱାଗତ କରିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ସୋମବାର ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟଠାରେ ସିଜିଏମ୍ ରାମ ପ୍ରସାଦ ପଣ୍ଡାଙ୍କୁ ସାକ୍ଷାତ କରିବା ସହ ଏଥିପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଫ୍ଲାଏ ଓଭର ନିର୍ମାଣ ହେବା ଦ୍ୱାରା ଜନସାଧାରଣଙ୍କ ଗମନା ଗମନରେ ସୁବିଧା ହେବା ସହ ଜାରକା ବଜାରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ସିଜିଏମ୍‌ଙ୍କୁ ଅବଗତ କରାଇଛନ୍ତି। ଜାରକାଠାରେ ଥିବା ଗଳି ପୋଲ ଯୋଗୁଁ ଟ୍ରାଫିକ ଜାମ ହେବା ସହିତ ଜନସାଧାରଣ ନାହିଁ ନଥିବା ସମସ୍ୟା ସମ୍ମୁଖୀନ ହେବା ସହିତ ଦୁର୍ଘଟଣା ଘଟୁଥିବାରୁ ଏହାର ସମାଧାନ ପାଇଁ ଲାବଣ୍ୟ ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ପରେ ପୂର୍ତ୍ତ ବିଭାଗର ନିର୍ଦ୍ଦେଶ କ୍ରମେ ଏହି ଗଳିପୋଲକୁ ସମ୍ପ୍ରସାରଣ କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ।



ପୂର୍ବତନ ବିଧାୟକ ଗଳିପୋଲ ସମ୍ପ୍ରସାରଣ କରିବା ପାଇଁ ସିଜିଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା

**ରୋଗୀ ଚିକିତ୍ସାରେ ଅବହେଳା**

ରସୁଲପୁର,୨୫।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରମୁଖ ଡାକ୍ତରଖାନା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରୋଗୀ ଚିକିତ୍ସାରେ ଅବହେଳା ଯୋଗୁ ରୋଗୀ ଅଭିଭାବକ ଓ ଡାକ୍ତର ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି। ଏ ସଂପର୍କରେ ଡାକ୍ତରଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ କୁଆଖିଆ ଥାନା ପୋଲିସ ପହଞ୍ଚି ରୋଗୀଙ୍କୁ ଡାକ୍ତରଖାନାରୁ ଉଦ୍ଧାର କରି ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଉକ୍ତ ଘଟଣା ସମ୍ପର୍କରେ ରୋଗୀଙ୍କ ବାପା କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ଘଟଣାରୁ ପ୍ରକାଶ ଯେ ଯାଜପୁର ବ୍ଲକ ବେରୁଦା ପଂଚାୟତ ଚିନ୍ତାପଲ୍ଲୀ ଗ୍ରାମର ଅଜୟ ଜେନା ତାଙ୍କର ସାନଭାଇ ପୁଅ ସତ୍ୟଜିତ୍ ଜେନା (୮) ଆଘାତପ୍ରାପ୍ତ ହୋଇ ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ନେଇଥିଲେ। ଏହି ସମୟରେ ଡାକ୍ତର ବିଶ୍ୱରଞ୍ଜନ କର ଡିୟୁଟିରେ ଥିଲେ। ସେ ତାଙ୍କ ରୋଗୀ ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରିବା ବଦଳରେ ମୋବାଇଲରେ କଥା ହେଉଥିଲେ। ଏହାକୁ ପ୍ରତିବାଦ କରିବାରୁ ଡାକ୍ତର ଓ ରୋଗୀର ବଡବାପାଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ବଚସାକୁ ଶୁଣି ସେଠାରେ ଉପସ୍ଥିତ ଥିବା କେତେକ ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିଥିଲେ। ଏହି ଅବସରରେ ଡାକ୍ତର କୁଆଖିଆ ଥାନାକୁ ଫୋନ କରି ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଁଚି ରୋଗୀକୁ ଉଦ୍ଧାର କରି ଅନ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଏ ନେଇ ଡାକ୍ତର କରଙ୍କୁ ପଚାରିବାରୁ ସେ ସତ୍ୟଜିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମାତ୍ର ତାଙ୍କର ସେଭଳି କିଛି ବିଶେଷ ଅସୁବିଧା ହୋଇ ନ ଥିଲା। ତାଙ୍କୁ ଡାକ୍ତରଖାନାରୁ ଔଷଧ ନେଇ ଚାଲିଯିବାକୁ ପରାମର୍ଶ ଦେଇଥିଲେ ବୋଲି କର କହିଛନ୍ତି।

## ସ୍ଥିତି ପରଖିଲେ ଯାଜପୁର ଏମ୍‌ପି

ରସୁଲପୁର,୨୫।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱସ୍ତରୀୟ ଆଲ୍‌ମି ଇଜ୍‌ତମା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ସାଜସଜ୍ଜା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ଅଗ୍ରଗତିକୁ ସମୀକ୍ଷା କରିବା ସକାଶେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତାଙ୍କ ସୁଅ ଛୁଟୁଛି। ଇଜ୍‌ତମା କମିଟିକୁ ନେଇ ଘନ ଘନ ବୈଠକ ବସୁଛି। ଦିନ ପାଖେଇ ଆସୁଥିବାରୁ ଇଜ୍‌ତମା ସ୍ଥଳିକୁ ସମସ୍ୟା ଶୂନ୍ୟ କରିବା ସକାଶେ ପ୍ରୟାସ କରାଯାଉଛି। ଏହିକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମଙ୍ଗଳବାର ସମ୍ମିଳନୀ ସ୍ଥଳ ବୁଲି ପରିଦର୍ଶନ କରିବା ସହ ବିଭିନ୍ନ କମିଟିର ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଆଲମି ଇଜ୍‌ତମା କମିଟିର ସଭାପତି ଜାବିର ଅଲ୍ଲୀ, ସମ୍ପାଦକ ବାମ୍ ଖାଁ, କମିଟି ସଭ୍ୟ ଜୁଲଫୁକର ଅଲ୍ଲୀ, ଅଲ୍ ଓଡିଶା ଇଜ୍‌ତମା କମିଟିର ମୁଖ୍ୟ ମହମ୍ମଦ ମୋକିମ ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି। ଭାରତ ଦେଶରୁ ବିଭିନ୍ନ କୋଣ ଅନୁକୋଣରୁ ଟ୍ରେନ୍ ଯୋଗେ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଯାତ୍ରା ସୁଗମ କରିବା ଦିଗରେ ସାଂସଦ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଏ ଦିଗରେ ସେ ଭାରତ ସରକାର ରେଳ ମନ୍ତ୍ରାଳୟ ସହିତ ଆଲୋଚନା କରିବା ସହ ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ସମ୍ମିଳନୀ ସ୍ଥଳ ବୁଲି ଦେଖୁଛନ୍ତି।

**ଶେଷ ପର୍ଯ୍ୟାୟରେ ଆଲ୍‌ମି ଇଜ୍‌ତମା ପ୍ରସ୍ତୁତି**



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ



## ସଂକ୍ଷେପରେ

### ଥାଲାସେମିଆ, ରକ୍ତ କର୍କଟ ରୋଗୀଙ୍କ ଜୀବନ ବଞ୍ଚାଇବ ବ୍ଲଡ୍ ଷ୍ଟେମ୍ ସେଲ୍ ଦାନ

ଭୁବନେଶ୍ୱର,୨୫।୨(ବ୍ୟୁରୋ)- ଦେଶର ପ୍ରମୁଖ ବ୍ଲଡ୍ ଷ୍ଟେମ୍ ଡୋନର୍ ରେଜିଷ୍ଟ୍ରୀ ସଂସ୍ଥା 'ଦାତ୍ରି' ପକ୍ଷରୁ ମହର୍ଷି କଲେଜ୍ ଅଫ୍ ନାଚୁରାଲ୍ ଲ' ସହଯୋଗରେ ମଙ୍ଗଳବାର ଏକ ଷ୍ଟେମ୍ ସେଲ୍ ସଚେତନତା ଓ ସ୍ୱାବ୍ କଲେକ୍ସନ କ୍ୟାମ୍ପ୍ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ରାଜ୍ୟରେ ଏକ ଶିକ୍ଷାନୁଷ୍ଠାନ ଏଭଳି କ୍ୟାମ୍ପର ଆୟୋଜନ କରିଥିବାବେଳେ ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଧ୍ୟାପକ, ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ରକ୍ତ କର୍କଟ ଓ ଥାଲାସେମିଆ ରୋଗରେ ପୀଡ଼ିତ ଶିଶୁ ଏବଂ ରୋଗୀମାନଙ୍କୁ ବ୍ଲଡ୍ ଷ୍ଟେମ୍ ଦାନ କରିବାକୁ କ୍ୟାମ୍ପରେ ୫୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତଥା ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ଭାବେ ନାମ ପଞ୍ଜୀକରଣ କରିବା ସହ ରକ୍ତ ନମୁନା ପ୍ରଦାନ କରିଥିଲେ। ଲ୍ୟୁକୋମିଆ ଏବଂ ଥାଲାସେମିଆ ଭଳି ମାରାତ୍ମକ ରୋଗର ଚିକିତ୍ସା ଲାଗି ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ଏକମାତ୍ର ପଦ୍ଧତି ହୋଇଥିବାରୁ ଅଧିକରୁ ଅଧିକ ରୋଗୀ ଷ୍ଟେମ୍ ସେଲ୍ ଦାନ କରିବାକୁ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟ ବାରିକ ଏବଂ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମହେଶ ପତି ନାମକ ରୋଗୀ ନିକଟରେ ଲ୍ୟୁକୋମିଆ ରୋଗ ଚିହ୍ନଟ ହୋଇଥିବାବେଳେ ତାଙ୍କ ଜୀବନରକ୍ଷା ପାଇଁ ଜଣେ ବ୍ଲଡ୍ ଷ୍ଟେମ୍ ଡୋନର୍ ନିତାନ୍ତ ଆବଶ୍ୟକ। ଏଭଳିସ୍ଥଳେ ବ୍ଲଡ୍ ଷ୍ଟେମ୍ ସେଲ୍ ଦାନ କରିବା ଦ୍ୱାରା ମହେଶଙ୍କ ଭଳି ହଜାର ହଜାର ରୋଗୀଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ଦାତ୍ରୀର ପରିଚାଳନା ମୁଖ୍ୟ ସେଠୁକାରାସୀ ଏସ୍. କହିଥିଲେ। ଏହି ଅବସରରେ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ବ୍ୟକ୍ତି ଆଗାମୀ ଦିନରେ ବ୍ଲଡ୍ ଷ୍ଟେମ୍ ଦାନ କରିବାକୁ ଦାତ୍ରୀ ସହ ଯୋଡ଼ି ହୋଇଥିଲେ।

### ଅତ୍ୟଧିକ ଥଣ୍ଡାରେ ଜଣେ ମୃତ

ଢେଙ୍କିକୋଟ, ୨୫।୨(ଡି.ଏନ୍.ଏ.) କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମୁକ୍ତାପୁର ଗ୍ରାମ ପଞ୍ଚାୟତ ବାପଘର ଗ୍ରାମରେ ଥଣ୍ଡା ପ୍ରବାହରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ ବାଘଘର ଗ୍ରାମର କୁଳମଣି ନାଏକ(୬୭)। ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ ଗତ ଦୁଇଦିନ ହେଲା ଢେଙ୍କିକୋଟ ଆଖପାଖ ଅଞ୍ଚଳରେ ପ୍ରଭାବ ପକାଇଛି। ଗତ ସୋମବାର ଦିନ ତମାମ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଏହାର ପ୍ରଭାବରେ ଥଣ୍ଡାର ପ୍ରକୋପ ବଢ଼ିବାରେ ଲାଗିଛି। ଗତ ସୋମବାର ରାତିରେ କୁଳମଣି ଘର ବାହାରେ ଶୋଇଥିଲେ। ସକାଳୁ ଉଠାଇଲା ବେଳକୁ ସେ ଆଉ ଶୁଣି ନ ଥିଲେ। ତାଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ଫାଣ୍ଡି ପୋଲିସ୍ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରହିଛି।

# ରାସ୍ତାକୁ ଓହ୍ଲାଇଲେ ଛାତ୍ର, ଅଭିଭାବକ

କାଳିଆପାଣି, ୨୫।୨



ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ଲାକାର୍ଡ ଧରି ସ୍କୁଲ ବନ୍ଦକୁ ବିରୋଧ ପ୍ରଦର୍ଶନ କରୁଛନ୍ତି।

## ବିଦ୍ୟାଳୟ ବନ୍ଦ ନୋଟିସକୁ ବିରୋଧ

- ଟମକା-ମଙ୍ଗଳପୁର ରାସ୍ତା ଅବରୋଧ
- ୬ ଘଣ୍ଟା ଧରି ଯାନବାହନ ଚଳାଚଳ ଠପ୍
- ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ହଟିଲା ରାସ୍ତା ଅବରୋଧ

ଟାଟା କମ୍ପାନୀ ଦ୍ୱାରା ପରିଚାଳିତ ଷ୍ଟିୱାର୍ଟ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବନ୍ଦ ପାଇଁ ଜାରି ହୋଇଥିବା ନୋଟିସ୍ ବିରୋଧରେ ଉଭୟ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ଟମକା-ମଙ୍ଗଳପୁର ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିଲା। ୬ଘଣ୍ଟା ଧରି ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ପରେ ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଡୋରା, ସୁକିନ୍ଦା ବିଇଓ ଶିବରାମ ସାହୁ, କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରମୁଖ ରାସ୍ତାରୋକୋ ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏଥିସହ ଏ ନେଇ ଟାଟା କର୍ତ୍ତୃପକ୍ଷ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଟାଟା କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପିଲାଙ୍କ ପାଠପଢ଼ା ପାଇଁ କଲୋନୀ ପରିସରରେ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଷ୍ଟିୱାର୍ଟ ସ୍କୁଲ ଖୋଲା ଯାଇଥିବା ବେଳେ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ସରସ୍ୱତୀ ଶିଶୁମନ୍ଦିର ପ୍ରତିଷ୍ଠା କରାଯାଇଛି। ଉକ୍ତ ସ୍କୁଲ ଦ୍ୱୟର ପରିଚାଳନା ଦାୟିତ୍ୱ କମ୍ପାନୀ ହାତରେ ରହିଛି। ସ୍ଥାନୀୟ କମର୍ଦ୍ଦା ବିସିମହାନ୍ତି ଖଣି, ସାରୁଆବିଲ ମିଶ୍ରିଲାଲ ଖଣି, ଓସ୍ତପାଳ ଫେକର ଖଣି, ସୁକୁରଙ୍ଗୀ ଖଣି, ସାଉଥ କାଳିଆପାଣି ଖଣି, ଇମ୍ଫା ଖଣି, ବାଲେଶ୍ୱର ଆଲୟଜ ଖଣି, ଜିନ୍ଦଲ ଖଣି କର୍ମଚରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପିଲାମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ତେବେ ଟାଟା କମ୍ପାନୀର ଲିଜ ଅବଧି ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଶେଷ ହେଉଥିବାରୁ ସର୍ତ୍ତାବଳୀ ଅନୁସାରେ ଟାଟାଷ୍ଟିଲ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣି ବନ୍ଦ ପାଇଁ ଆଇନଗତ କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ସୁକିନ୍ଦା ଟାଟା ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ବର୍ତ୍ତମାନ ଖଣି ପରିଚାଳନା ପାଇଁ ଆବଶ୍ୟକ ମୁତାବକ କର୍ମଚାରୀ ରହିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଖଣିରୁ ସମ୍ପୂର୍ଣ୍ଣ କମ୍ପାନୀ ଅପସାରଣ ହେଉଥିବାରୁ କଲୋନୀ ପରିସରରେ ରହିଥିବା ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା ବନ୍ଦ ପାଇଁ କମ୍ପାନୀ ପକ୍ଷରୁ ନୋଟିସ୍ ଜାରି ହୋଇଛି। ତେବେ ଉକ୍ତ ସ୍କୁଲ ଦ୍ୱୟ ବନ୍ଦ ହୋଇଗଲେ, ସେଠାରେ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ। ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଆସନ୍ତା ମାର୍ଚ୍ଚ ୧ ତାରିଖ ସୁଦ୍ଧା ଏହି ସମସ୍ୟାର ସ୍ଥାୟୀ ସମାଧାନ ବାହାର କରିବା ସହ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ଟାଟା ଦ୍ୱାରା ପରିଚାଳିତ ଡାକ୍ତରଖାନାରେ ପୂର୍ବଭଳି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଯଦି ଏ ସବୁର ସମାଧାନ କରା ନ ଯାଏ ଆସନ୍ତା ୨ ତାରିଖରୁ ଖଣି ଅଞ୍ଚଳରୁ କ୍ରୋମାଇଟ୍ ପରିବହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର୍ ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଚେତାବନୀ ଦେଉଛନ୍ତି। ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ଅଭିଭାବକ ରବୀନ୍ଦ୍ର କୁମାର ଭଞ୍ଜ, ଧନେଶ୍ୱର ମହାନ୍ତ, ବିପିନ ବିହାରୀ ବାରିକ, ଆଶିଷ ଜେନା, ତପନ ପାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନରେ ସାମିଲ ହୋଇଥିଲେ। କର୍ପୋରେଟ କମ୍ୟୁନିକେଶନ ସୁକିନ୍ଦା ଖଣି ମୁଖ୍ୟ ଗୋପଳ ଚୌଧୁରୀଙ୍କୁ ପଚାରିବାରେ, ଲିଜ୍ ଅବଧି ସରିବା ପୂର୍ବରୁ କମ୍ପାନୀ ଦ୍ୱାରା ପରିଚାଳିତ ସମସ୍ତ ପ୍ରତିଷ୍ଠାନର ପରିଚାଳନା ଦାୟିତ୍ୱ ସରକାରଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

## ୬ ରାଜ୍ୟରେ ରହିଛି ଶ୍ରୀଜଗନ୍ନାଥଙ୍କର ୩୯୫ ଏକର ଜମି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ୪୨ ପ୍ରତିଶତ ଜମି ଓଡିଶାର ବିଭିନ୍ନ ଭାଗରେ ଜବରଦଖଲରେ ରହିଛି। ୨୪ ଜିଲାରେ ଶ୍ରୀଜଗନ୍ନାଥଙ୍କର ମୋଟ ୬୦,୪୨୬.୯୪୩ ଏକର ଜମି ରହିଛି। ସେଥିରୁ ୪୩,୮୦୩.୦୧୩ ଏକର ଜମି ଶ୍ରୀମନ୍ଦିର ପ୍ରଶାସନ ହାତରେ ରହିଛି। ବାକି ୨୫,୬୨୩ ଏକର ଜମି ଜବରଦଖଲରେ ରହିଛି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଓଡିଶା ବ୍ୟତୀତ ୬ ରାଜ୍ୟରେ ୩୯୫.୨୫୨ ଏକର ଜମି ଚିହ୍ନଟ ହୋଇଛି। ସେଥିରୁ କେବଳ ପଶ୍ଚିମ ବଙ୍ଗରେ ୩୨୨.୯୩୦ ଏକର ଜମି ରହିଥିବାବେଳେ ୧୭.୦୨୦ ଏକର ଜମି ଆନ୍ଧ୍ରପ୍ରଦେଶ, ୨୮.୨୧୮ ଏକର ଜମି ମହାରାଷ୍ଟ୍ର, ୨୫.୧୧୦ ଏକର ଜମି ମଧ୍ୟପ୍ରଦେଶ, ୦.୨୭୪ ଏକର ବିହାର ଏବଂ ୧.୭୦୦ ଏକର ଜମି ଛତିଶଗଡରେ ରହିଛି।

# ବ୍ଲକ୍ ଆଗରେ ଧାରଣାରେ ବସିଲେ ଅଧ୍ୟକ୍ଷା

## ସ୍କୁଲ ଘର ମରାମତି ଟଙ୍କା ଅନ୍ୟ ପ୍ରକଳ୍ପରେ ବିନିଯୋଗକୁ ବିରୋଧ

ରତ୍ନଗିରି, ୨୫।୨ (ଡି.ଏନ୍.ଏ.)

ବୁଲ୍‌ବୁଲ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବରୀ ବ୍ଲକ ଅଞ୍ଚଳର ୧୪୬ ପ୍ରାଥମିକ ସ୍କୁଲ ଗୃହ ଓ ୩୯ ଅଙ୍ଗନୱାଡି କେନ୍ଦ୍ରର ମରାମତି ଲାଗି ଅନୁମୋଦିତ ଅର୍ଥକୁ ଅନ୍ୟ ପ୍ରକଳ୍ପରେ ବିନିଯୋଗ କରାଯିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା କାର୍ଯ୍ୟାଳୟକୁ ଚିଠି କରାଯାଇଛି। ଏହାକୁ ବିରୋଧ କରି ମଙ୍ଗଳବାର ବ୍ଲକ ଅଧ୍ୟକ୍ଷା ସୁବାସିନୀ ଶର୍ମା ଓ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଏତଦ୍‌ବ୍ୟତୀତ ଆବାସ ଯୋଜନାରେ ଯୋଗ୍ୟଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଇଥିବା ଧାରଣାକାରୀମାନେ ଅଭିଯୋଗ କରିଥିଲେ। ସୂଚନାଥାଉ କି, ବୁଲ୍‌ବୁଲ୍ ବାତ୍ୟାରେ ଭାଙ୍ଗିଥିବା ସ୍କୁଲ ଓ ଅଙ୍ଗନୱାଡି ଗୃହ ମରାମତି ନିମନ୍ତେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପତ୍ର ଯୋଗେ ଜିଲା କାର୍ଯ୍ୟାଳୟକୁ ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯାଇଥିଲା। ମାତ୍ର ଉକ୍ତ ପ୍ରକଳ୍ପ ମରାମତି ପାଇଁ ବ୍ଲକକୁ ଆସିଥିବା ଅର୍ଥକୁ ପଞ୍ଚାୟତ ସମିତିର ୨୦୯ଟି ରାସ୍ତା ଓ ବ୍ଲକ ପରିସରରେ ଥିବା ୫ଟି ଗୃହ ମରାମତି କରାଯିବା କ୍ଷେତ୍ରରେ ବିନିଯୋଗ କରାଯିବାକୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ଚିଠି କରାଯାଇଛି। ଏହାକୁ ବିରୋଧ କରି ଅଧ୍ୟକ୍ଷାଙ୍କ ସମେତ ଅନ୍ୟ ଲୋକପ୍ରତିନିଧି ଧାରଣାରେ ବସି ରହିଥିଲେ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବ୍ଲକ ଅଧ୍ୟକ୍ଷା ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ପୂର୍ବତନ ସରପଞ୍ଚ ଦିଲୀପ ମହାନ୍ତି, ସମିତିସଭ୍ୟ ଅଙ୍କୁର ମଲିକ, ପ୍ରଣବ ଦାସ, ସରପଞ୍ଚ ବିଜୟ ସାହାଣୀ, ପ୍ରଫୁଲ୍ଲ ସାମଲ, ବନୋଜା ମଲିକ, ରମାକାନ୍ତ ମଲିକ, ସରପଞ୍ଚ ସବିତା ସାମଲ, ଅର୍ଚ୍ଚନା ମଲିକ, ରିନାରାଣୀ ଧଳ, ହର୍ଷବର୍ଦ୍ଧନ ସାମଲ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବରୀ ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନାଙ୍କୁ ପଚାରିବାରେ ଧାରଣା ସମ୍ପର୍କରେ ଆଗରୁ ଜାଣି ନ ଥିବା କହିଛନ୍ତି।

## ଆଜି ବିଜେଡି ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,୨୫।୨(ବ୍ୟୁରୋ): ବିଜୁ ଜନତା ଦଳ(ବିଜେଡି) ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହେବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ଉପସ୍ଥିତ ରହିବେ। ବିଜେଡି ପକ୍ଷରୁ କରାଯାଇଥିବା ସାଙ୍ଗଠନିକ ନିର୍ବାଚନ ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ଲଗାତର ୮ମଥର ପାଇଁ ନବୀନ ପଟ୍ଟନାୟକ ଦଳର ଦାୟିତ୍ୱ ନେବାକୁ ଯାଉଛନ୍ତି। ଏଥିସହିତ ଦଳ ପକ୍ଷରୁ ୮୦ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯିବ। କିଛିଦିନ ପୂର୍ବେ ଜିଲା ସଭାପତିମାନଙ୍କ ନାଁ ଘୋଷଣା କରାଯାଇଛି। ଦଳର ରାଜ୍ୟ ପରିଷଦ ବୈଠକରେ ସମସ୍ତ ଏମ୍‌ପି, ବିଧାୟକ, ଜିଲା ପରିଷଦ ସଦସ୍ୟ, ଉପସଭାପତି, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ସମସ୍ତ ଛାମୁଆ ସଙ୍ଗଠନର ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ରହିବେ।

# ନଦୀବନ୍ଧ କାଟିଦେଲେ କାଠ ମାଫିଆ

## ଜଳ ସମ୍ପଦ ବିଭାଗ ପକ୍ଷରୁ ଥାନାରେ ଏତଲା


ନଦୀବନ୍ଧ ପାର୍ଶ୍ୱରେ ମାଫିଆଙ୍କ ଦ୍ୱାରା ଗଦା ହୋଇଥିବା କାଠ ।

ବରୀ, ୨୫।୨ (ସ୍ୱ.ପ୍ର.)

ବରୀ ଥାନା ଅଞ୍ଚଳରେ ଏବେ କାଠ ମାଫିଆ ବେଶ୍ ସକ୍ରିୟ ହୋଇଛନ୍ତି। ଅନେକ ସମୟରେ କାଠ ଚୋରା ଚାଲାଣ ହେଉଥିବା ବେଳେ କାଠ ନେବା ପାଇଁ କେତେଜଣ ଅସାଧୁ ବ୍ୟବସାୟୀ ନଦୀବନ୍ଧ କାଟି ଦେଇଥିବା ନେଇ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବାଲିଆପାଳସ୍ଥିତ ଦୁଧେଇ ନଦୀକୁ ସୁରକ୍ଷା ଦେବାପାଇଁ କରଞ୍ଜି ଘାଇ ନଦୀ ବନ୍ଧ ନିର୍ମାଣ କରାଯାଇଛି। ତେବେ ଉକ୍ତ ବନ୍ଧ ନିକଟରେ ଥିବା ଏକ ବିରାଟକାୟ ଗଛକୁ କାଟି ନେବା ସହିତ କାଠଗଡ଼ ବୋହି ନେବା ପାଇଁ ମାଫିଆମାନେ ବନ୍ଧକୁ କାଟି ଦେଇଛନ୍ତି। ଜଳ ସମ୍ପଦ ବିଭାଗ ଅଧୀନରେ ଏହି ବନ୍ଧ ଥିବାରୁ କନିଷ୍ଠ ଯନ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଦୈନିକ ବ୍ଲକ ଅଞ୍ଚଳରୁ ବହୁ ଗଛ କଟା ଯାଉଥିବାରୁ ବରୀ ଅଞ୍ଚଳ ବୃକ୍ଷଶୂନ୍ୟ ହୋଇଯିବାକୁ ବସିଛି। ଏହି କାଠ ମାଫିଆମାନଙ୍କ ସହିତ ସ୍ଥାନୀୟ ପୋଲିସ ଓ ରାଜନେତାଙ୍କ ସମ୍ପୃକ୍ତି ରହୁଥିବାରୁ ସେମାନେ ବେଧଡ଼କ କାଠ ଚୋରା ଚାଲାଣ କରିପାରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା କଡ଼, ସରକାରୀ ଉଦ୍ୟାନ ଆଦି ସ୍ଥାନରେ ଥିବା ଗଛକୁ ମଧ୍ୟ କାଟି ନିଆଯାଉଛି। ଏଥିସହ ମାଫିଆମାନେ ଗଛ ଗଣ୍ଡିକୁ ବୋହି ନେବାପାଇଁ ନମ୍ବର ବିହୀନ ଟ୍ରାକ୍ଟର, ମିନିଟ୍ରକ୍, ଠେଲାଗାଡି ଆଦି ବ୍ୟବହାର କରୁଥିବା ଦେଖାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବର୍ଷା: ଫସଲ ପରିଚାଳନା ପାଇଁ କୃଷି ପରାମର୍ଶ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ପଶ୍ଚିମା ଓ ପୂର୍ବା ପବନ ଅଧିକ ଘନୀଭୂତ ହେବା ଯୋଗୁ ଓଡ଼ିଶାର ଅଧିକାଂଶ ଜିଲାରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଫସଲର ସୁପରିଚାଳନା ପାଇଁ ଚାଷୀଙ୍କ ନିମନ୍ତେ କୃଷି ପରାମର୍ଶ ଦିଆଯାଇଛି। ଓଡ଼ିଶା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ମଙ୍ଗଳବାର ଏହି ପରାମର୍ଶ ଦେଇଛି। ଅଧିକ ବର୍ଷା ହେଲେ ବିଲରେ ଥିବା ଡାଲି ଜାତୀୟ ଫସଲ, ପନିପରିବା, ବିଭିନ୍ନ ଫୁଲରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଡାଲୁଅ ଧାନ ଜମିରେ ବର୍ଷା ପାଣି ବାନ୍ଧି ରଖିବା, କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସମ୍ପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ଦଳିତ ଉଦ୍ୟୋଗୀଙ୍କୁ ତାଲିମ

ଡୁବୁରୀ, ୨୫।୨ (ଡି.ଏନ୍.ଏ.)

ଟ୍ରାଇବାଲ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ଓଡିଶା ଆନୁକୂଲ୍ୟରେ ଏକ ତାଲିମ ଶିବିର ଡୁବୁରୀ ଛକସ୍ଥିତ ଏକ ରେଷ୍ଟୁରାଣ୍ଟରେ ସୋମବାର ଆୟୋଜିତ ହୋଇଥିଲା। ଏଥିରେ କଳିଙ୍ଗନଗର ଅଞ୍ଚଳର ଶତାଧିକ ଦଳିତ ଉଦ୍ୟୋଗୀ ଯୋଗଦେଇ କିପରି ଉତ୍ତମ ଉଦ୍ୟୋଗ କରି ତାହାର ଅଗ୍ରଗତି କରିପାରିବେ, ସେ ନେଇ ତାଲିମ ନେଇଥିଲେ। ଓଡିଶା ଏସ୍‌ସି, ଏସ୍‌ଟି ହବ୍ ବ୍ରାଞ୍ଚ ମ୍ୟାନେଜର ଶୁବାଶିଷ ଦାସ, ଟିଆଇସିସି ଦିଲ୍ଲୀର ଅଧ୍ୟକ୍ଷ ମହେଶ ପୂର୍ତ୍ତି, ବିରାଜକାନ୍ତ କୁଲୁ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଟିଆଇସିସିର ଜିଲା ଅଧ୍ୟକ୍ଷ ବୀରୋନ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିନୋଦ ହେମ୍ବ୍ରମ, ପ୍ରହଲ୍ଲାଦ ମଲ୍ଲିକ, ମୁନା ହାଇବ୍ରୁ, ନଟି ଆଙ୍ଗରାଇ, ଚକ୍ରଧର ହାଇବ୍ରୁ, ଧନେଶ୍ୱର ଟୁଡୁ, ମାର୍କଣ୍ଡ ଜାମୁଦା, ସାଧୁ ତିଉ, ବେଙ୍ଗରା ବାନରା, କୁଞ୍ଜ ଗାଗରାଇ, ଲୋକନାଥ ସୋରେନ, ତୁରାମ ପୂର୍ତ୍ତି, ବୁଡାନ ସିଂ ଜାମୁଦା ପ୍ରମୁଖ ଯୋଗଦେଇଥିଲେ।



ତାଲିମ ଶିବିରରେ ଅଧିକାରୀଙ୍କ ଗହଣରେ ଯୁବଗୋଷ୍ଠୀ ।

# ଅର୍ଥାଭାବ ଆଳ ଦେଖାଇ ଆଗେ କାମ ପଛରେ ଆକଳନ

ରସୁଲପୁର,୨୫।୨(ଡି.ଏନ୍.ଏ.)

## ପୂର୍ତ୍ତ ବିଭାଗରେ ଦୁର୍ନୀତିର ଗନ୍ଧ



ରସୁଲପୁର ବ୍ଲକ ଗୋପାଳପୁର ପୂର୍ତ୍ତ ବିଭାଗ ଅଧିନ ରାସ୍ତା କାମରେ ଦୁର୍ନିତୀର ଗନ୍ଧ। ଆଉ ଏହି ଦୁର୍ନୀତି ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ଘଟୁଛି। ଗୋଟିଏ ରାସ୍ତାର କିଛି ଅଂଶକୁ ଟେଣ୍ଡର କାରାଯାଇଥିବାବେଳେ ବଳକା ଅଂଶକୁ ବିଭାଗୀୟ ଅନୁମୋଦନ ଆଳରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବାର ଷଡ଼ଯନ୍ତ୍ରର ଗୁମର ପଦାରେ ପଡ଼ି ଯାଇଛି। କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାରେ ଏଭଳି ଘଟିଥିବା ଅଭିଯୋଗ ହେଉଛି। ଏହି ରାସ୍ତାର ୬ କି.ମି ଲମ୍ବ ଅଂଶକୁ ମରାମତି କରିବା ପାଇଁ ଟେଣ୍ଡର ହୋଇସାରିଛି । ତେବେ ଅର୍ଥ ନ ଥିବା ଆଳରେ ବଳକା କିଛି ଅଂଶ ମରାମତି ବିଭାଗୀୟ ଅନୁମୋଦନରେ କରାଯାଉଛି। ରାସ୍ତା ମରାମତିକୁ ନେଇ ବିଭାଗର ଦୋମୁହାଁ ନୀତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏଭଳି କାର୍ଯ୍ୟକୁ ନେଇ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ମିଳିଥିବା ସୂଚନା ଅନୁସାରେ ଏହି ବିଭାଗ ଅଧୀନରେ କୁଆଖିଆ-ଜେନାପୁର ରାସ୍ତା ରହିଛି। ପ୍ରାୟତଃ ୧୨ କି.ମି.ରୁ ଊର୍ଦ୍ଧ୍ୱ ଲମ୍ବର ଏହି ରାସ୍ତା କେତେକ ସ୍ଥାନରେ ଭାଙ୍ଗି ନଷ୍ଟ ହୋଇଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଉକ୍ତ ରାସ୍ତାର ମରାମତି ସକାଶେ ଜାନୁଆରୀ ମାସରେ ୬୨ଲକ୍ଷ ଟଙ୍କାର ଟେଣ୍ଡର ଡକାଯାଇଥିଲା। ସମସ୍ତ ଠିକାଦାର ସର୍ବନିମ୍ନ ୧୪.୯୯ଶତକଡ଼ା କମ୍ କରାଯାଇ ପେପରଗୁଡିକ ଟେଣ୍ଡର ବାକ୍ସରେ ପକାଇଥିଲେ। ଚଳିତ ମାସରେ ବାକ୍ସ ଖୋଲିବା ପରେ ଲଟେରୀ କରାଯାଇଥିଲା। ଠିକାଦାର ଦିଲୀପ କୁମାର ସେଠୀଙ୍କ ନାମରେ ଟେଣ୍ଡର ମିଳିବା ସହ କାମ କରିବା ପାଇଁ ଚୁକ୍ତି ହୋଇଛି। ରାସ୍ତା ମରାମତି ପାଇଁ ହୋଇଥିବା ବ୍ୟୟବରାଦ ଅର୍ଥରେ କୁଆଖିଆ ବଜାରଠାରୁ ୪୦୦ମିରୁ ୬ କି.ମି. ପର୍ଯ୍ୟନ୍ତ ରାସ୍ତା ମରାମତି, ରାସ୍ତା କିଛି ଅଂଶ ଉଚ୍ଚେଇ ଓ ଜେନାପୁର ନିକଟରେ ଗୋଟିଏ ବକ୍ସ କଲଭର୍ଟ ନିର୍ମାଣ ପାଇଁ ଆକଳନରେ ସ୍ଥାନ ଦିଆଯାଇଛି। ତେବେ ଏହି ରାସ୍ତାର ଅର୍ଦ୍ଧାଧିକ ଅଂଶର ମରାମତିକୁ ଟେଣ୍ଡରରେ ସ୍ଥାନ ଦିଆଯାଇ ନାହିଁ। ଏଥିପାଇଁ ଆବଶ୍ୟକ ଅର୍ଥ ନ ଥିବାରୁ ଟେଣ୍ଡର ହୋଇପାରିଲା ନାହିଁ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ତେବେ ବିଭାଗୀୟ ଟେଣ୍ଡର ଆଳରେ ହେଉଥିବା ରାସ୍ତା ମରାମତି କରୁଥିବା ଠିକାଦାରଙ୍କୁ କେଉଁ ପାଣ୍ଠିରୁ ବିଲ୍ ପ୍ରଦାନ କରାଯିବ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ରାସ୍ତା ମରାମତି କରୁଛି ବୋଲି ବହୁ ଠିକାଦାର ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯେକୌଣସି ଏକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରଥମେ ଆକଳନ କରାଯିବ। ଆକଳନ ଅନୁଯାୟୀ ବ୍ୟୟବରାଦ କରାଯିବ । ଆକଳନରେ ସ୍ଥାନିତ କାର୍ଯ୍ୟର ବିବରଣୀ ଅନୁଯାୟୀ ଠିକାଦାର କାର୍ଯ୍ୟ କରିବେ। କାମ କରିବା ସମୟରେ ଠିକାଦାର ନିୟମାନୁଯାୟୀ କାର୍ଯ୍ୟକରିଛନ୍ତି କି ନାହିଁ ତାକୁ ତର୍ଜମା କରିବା ପରେ ଯାଇ ବିଲ୍ ପ୍ରସ୍ତୁତ କରାଯିବ। ମାତ୍ର

## ବିଭାଗୀୟ ଟେଣ୍ଡର ନାମରେ ଲକ୍ଷାଧିକ ହରିଲୁଟ୍ ପସ୍ତୁଧା

କାର୍ଯ୍ୟ ବିନା ଆକଳନରେ ଚାଲିଛି ଏବଂ ଏହା ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ବଳରେ କରାଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଏନେଇ ବିଭାଗ ପକ୍ଷରୁ କୌଣସି ଲିଖିତ ନିର୍ଦ୍ଦେଶନାମା ଦିଆଯାଇନାହିଁ। କାମ ସରିବା ପରେ ମରାମତିଅଂଶକୁମାପଚୁପ୍‌କରାଯାଇ ତାର ବିଲ୍ କରାଯିବ। ବିଭାଗୀୟ ଅଧିକାରୀଙ୍କ ଏଭଳି ଆଚରଣ ଖୋଲାଖୋଲି ଭାବରେ ସରକାରଙ୍କ ୫-ଟି (ଟାଇମ୍, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପ୍ୟାରେନ୍ସି, ଟ୍ରାନ୍ସଫର୍‌ମେଶନ) ନିୟମକୁ ଉଲଘଂନ ଏଠାରେ ବିପରୀତ କାର୍ଯ୍ୟ କରାଯାଉଛି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ସରୋଜ କୁମାର ସାମଲ ରାସ୍ତା ମରାମତି ହେଉଥିବା କଥାକୁ ସ୍ୱୀକାର କରିଛନ୍ତି । ତେବେ ଏଥିପାଇଁ କେତେ ଟଙ୍କା ବ୍ୟୟ ବରାଦ ହୋଇଛି ବୋଲି ପଚରାଯାଇଥିବା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେବେ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାସ୍ତାର ମରାମତି କରାଯାଉଛି ବୋଲି ସାମଲ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ମିଳିପାରି ନାହିଁ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଧର୍ମପତ୍ନୀ ମେଲାନିଆଙ୍କ ଜୀବନଶୈଳୀ ଅତି ବିଳାସପୂର୍ଣ୍ଣ। ପ୍ରତିଦିନ ତାଙ୍କର ମେକ୍‌ଅପ୍‌ରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିପାଇଁ ସେ ମେକ୍‌ଅପ୍ ଆର୍ଟିଷ୍ଟଙ୍କୁ ନିଯୁକ୍ତ କରିଛନ୍ତି। ସେହିପରି ସେ ଦେଢ଼କୋଟି ଟଙ୍କାର ଡ୍ରେସ୍ ପିନ୍ଧିଥାନ୍ତି। ଥରେ ପିନ୍ଧିଥିବା ଡ୍ରେସ୍ ସେ ଆଉଥରେ ପିନ୍ଧନ୍ତି ନାହିଁ। ତାଙ୍କର ଗୋଟିଏ ଡ୍ରେସ୍‌ର ଦାମ ପ୍ରାୟ ୩ ଲକ୍ଷ ଟଙ୍କା ହୋଇଥାଏ। ମେଲାନିଆ ଟ୍ରମ୍ପ୍‌ଙ୍କର ତୃତୀୟ ସ୍ତ୍ରୀ। ୨୦୦୫ ଜାନୁୟାରୀ ୨୨ରେ ସେ ବିବାହ କରିଥିଲେ। ବିବାହରେ ମେଲାନିଆ ୨ ଲକ୍ଷ ଡଲାର ଦାମର ଡ୍ରେସ୍ ପିନ୍ଧିଥିଲେ। ସେ ଟ୍ରମ୍ପ୍‌ଙ୍କଠାରୁ ୨୪ ବର୍ଷ ସାନ।

## ସେହି ୨୦୦୦ ଟଙ୍କା...

# ସଂଘର୍ଷରୁ ସଫଳ ସନି ହିନ୍ଦୁସ୍ତାନୀ



**ଅମୃତସର:** ସିଙ୍ଗିଙ୍ଗ ରିଆଲିଟି ଶୋ’ ଇଣ୍ଡିଆନ ଆଇଡଲର ୧୧ତମ ସଂସ୍କରଣର ବିଜେତା ହୋଇଛନ୍ତି ପଞ୍ଜାବର କଣ୍ଠଶିଳ୍ପୀ ସନି ହିନ୍ଦୁସ୍ତାନୀ। ରେଳ ଷ୍ଟେଶନରେ ଜୋତା ପଲିସ୍ କରୁଥିବା ସନିଙ୍କ ଜୀବନ ମାତ୍ର ଦିନ କେଇଟାରେ ବଦଳିଯାଇଛି। ଆଉ ଏହି ସଫଳତା ପଛରେ ରହିଛି ୨୦୦୦ ଟଙ୍କାର ରହସ୍ୟ, ଯାହାକୁ ସେ ଖୋଲିଛନ୍ତି ଗଣମାଧ୍ୟମ ଆଗରେ।

ଇଣ୍ଡିଆନ ଆଇଡଲରେ ବାଜିମାରିବା ପରେ ସନି ନିଜର ସଫଳତାର ସବୁ ଶ୍ରେୟ ଦେଇଛନ୍ତି ତାଙ୍କ ମା’ ଏବଂ ଜଣେ ସାଙ୍ଗଙ୍କୁ। ସେ କହିଛନ୍ତି, ଇଣ୍ଡିଆନ ଆଇଡଲ ବିଷୟରେ ତାଙ୍କର କିଛି ଧାରଣା ନ ଥିଲା। ଏ ସମ୍ପର୍କରେ ଜଣେ ସାଙ୍ଗ ତାଙ୍କୁ ସୂଚନା ଦେଇଥିଲେ ଏବଂ ଏଥିରେ ଥରେ ଭାଗ୍ୟ ପରଖିବାକୁ ପ୍ରବର୍ତ୍ତାଇଥିଲେ। ହେଲେ ଅଡିଶନ ଦେବାକୁ ମୁମ୍ବାଇ ଯିବା ପାଇଁ ତାଙ୍କ ପାଖରେ ଟଙ୍କାଟିଏ ବି ନ ଥିଲା। ଏ ନେଇ ମା’ଙ୍କ ସହିତ ଆଲୋଚନା କରିବା ପରେ ସେ ମଧ୍ୟ ନିଜର ଅସହାୟତା ପ୍ରକାଶ କଲେ। ଏହାକୁ ନେଇ ତାଙ୍କ ସହ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ତଥାପି ରିଆଲିଟି ଶୋ’ର ଭୂତ ମୁଣ୍ଡରୁ ବାହାର କରିହେଲାନି। ମନେ ମନେ ନିଷ୍ପତ୍ତି ନେଇସାରିଥିଲେ ଯେମିତି ହେଲେ ମୁମ୍ବାଇ ଯିବେ। ସନି ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କଠାରୁ ୨୦୦୦ ଟଙ୍କା ଆଣିଲେ, ଆଉ ସେଠାରୁ ଆରମ୍ଭ ହେଲା ଇଣ୍ଡିଆନ୍ ଆଇଡଲର ଯାତ୍ରା।

ଅଡିଶନର ଅନୁଭୂତି ବଖାଣି ସନୀ କୁହନ୍ତି, ଏପରି ପ୍ରସିଦ୍ଧ ରିଆଲିଟି ଶୋ’ରେ ଭାଗ ନେବାକୁ ହଜାର ହଜାର ସଂଖ୍ୟାରେ ଆଶାୟୀ ଆସିଥିଲେ। ଏହାକୁ ଦେଖି ସେ ନର୍ଭସ ହୋଇପଡ଼ିଥିଲେ। ସମସ୍ତଙ୍କୁ ପଛରେ ପକାଇ ସ୍ଥାନ ପକ୍କା କରିବେ ବୋଲି ବିଶ୍ୱାସ ହେଉ ନ ଥିଲା। ହେଲେ ମା’ଙ୍କ ଆଶୀର୍ବାଦରୁ ସେ ବିଜେତା ହୋଇପାରିଛନ୍ତି। ୨୫ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ତଥାପି ସାଙ୍ଗ ଦେଇଥିବା ସେହି ୨୦୦୦ ଟଙ୍କା ସବୁବେଳେ ସ୍ପେଶାଲ ହୋଇରହିବ ବୋଲି ସନି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ୱାହିଦାଙ୍କ ଗୀତରେ ଜାହ୍ନବୀଙ୍କ ଜଲୱା

**ମୁମ୍ବାଇ:** ଆଜିକାଲି ସୋସିଆଲ ମିଡିଆ ଲୋକପ୍ରିୟତା ବଢ଼ାଇବାର ସବୁଠାରୁ ସହଜ ଓ ସରଳ ମାଧ୍ୟମ ପାଲଟିଗଲାଣି। ଏଥିପାଇଁ ବି-ଟାଉନ୍ ତାରକାମାନେ ମଧ୍ୟ ନିଜର ଲୋକପ୍ରିୟତା ବଜାୟ ରଖିବାକୁ ଲୋକଙ୍କ ମନକୁ ପାଇଲା ଭଳି ଭିଡିଓ ଏବଂ ଫଟୋମାନ ଶେୟାର କରୁଛନ୍ତି। ଆଉ ଫ୍ୟାନ୍‌ମାନେ ମଧ୍ୟ ନିଜ ମନପସନ୍ଦ ତାରକାଙ୍କ ଅପ୍‌ଡେଟ୍‌ସ ପାଇ ଖୁସି ହେଉଛନ୍ତି। ପ୍ରତିଦିନ ବଲିଉଡ୍ ତାରକାଙ୍କ କିଛି ନା କିଛି ଫଟୋ ତଥା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥାଏ। ତେବେ ଆଜିକାଲି ସୋସିଆଲ ମିଡିଆରେ ଜାହ୍ନବୀ କପୁର ରହିଛନ୍ତି ଚର୍ଚ୍ଚାରେ। ତାଙ୍କର ଏକ ଭିଡିଓ ଫ୍ୟାନ୍‌ମାନଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ଜାହ୍ନବୀ ଖୁବ୍ ପ୍ରଶଂସା ମଧ୍ୟ ସାଉଁଟୁଛନ୍ତି।

ବଲିଉଡ୍ ଅଭିନେତ୍ରୀ ତଥା ସ୍ୱର୍ଗତା ଶ୍ରୀଦେବୀ ଓ ବୋନୀ କପୁରଙ୍କ ତନୟା ଜାହ୍ନବୀ ଯେତିକି ଭଲ ବେଲି ଡ୍ୟାନ୍ସ କରନ୍ତି, ସେତିକି ଭଲ କଥକ ମଧ୍ୟ ନାଚିପାରନ୍ତି। ଏ କଥା ଆମେ କହୁନାହୁଁ ଜାହ୍ନବୀଙ୍କ ଲାଟେଷ୍ଟ ଭିଡିଓ ଯିଏ ଦେଖୁଛି, ସିଏ କହୁଛି। ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ସେ ଏକ ଡ୍ୟାନ୍ସ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜ ଡ୍ୟାନ୍ସ ଟ୍ରେନର୍‌ଙ୍କ ସହ କଥକ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି।

ଭିଡିଓଟି ଶେୟାର ହେବା ମାତ୍ରେ ସୋସିଆଲ ମିଡିଆରେ ଜୋର୍‌ଦାର ଭାଇରାଲ୍ ହେଉଛି। ଫ୍ୟାନ୍‌ମାନେ ଜାହ୍ନବୀଙ୍କ ନୃତ୍ୟକୁ ଖୁବ୍ ପସନ୍ଦ କରୁଛନ୍ତି। ତେବେ ଭିଡିଓଟି ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ୟୁଜର୍ସଙ୍କ ଧ୍ୟାନଆକର୍ଷଣ କରିବା ପଛରେ କେବଳ ଜାହ୍ନବୀଙ୍କ ନୃତ୍ୟ ନୁହେଁ, ଆଉ ଏକ କାରଣ ମଧ୍ୟ ରହିଛି। ପ୍ରକୃତରେ ଜାହ୍ନବୀ ସୁନାମଧନ୍ୟା ଅଭିନେତ୍ରୀ ୱାହିଦା ରେହମାନ୍‌ଙ୍କ ‘ପିୟା ତୋସେ ନୈନା ଲାଗେ ରେ’ ଲୋକପ୍ରିୟ ଗୀତରେ କଥକ ନୃତ୍ୟ କରୁଛନ୍ତି। ଏହାସହ ଭିଡିଓ ଶେୟାର କରି ସେ ଖୁବ୍ ମଜାଦାର କ୍ୟାପ୍‌ଶନ ମଧ୍ୟ ଲେଖିଛନ୍ତି। ଜାହ୍ନବୀ ଲେଖିଛନ୍ତି, "ଯେତେବେଳେ ଆପଣ ନିଜର ସନ୍ତୁଳନ ହରାଇବସନ୍ତି, ସେତେବେଳେ ନିଜ ଦକ୍ଷତାର ଏକ ନାଟକୀୟ ଅନ୍ତ କରିବା ଆବଶ୍ୟକ।" ଠିକ୍ ନିଜ କ୍ୟାପଶନ୍‌ର ଅର୍ଥ ଭଳି ଜାହ୍ନବୀ ଭିଡିଓ ଶେଷରେ ନୃତ୍ୟ କରୁ କରୁ ନିଜ ସନ୍ତୁଳନ ହରାଇବା ଭଳି ତଳେ ପଡ଼ିଯାଆନ୍ତି। ତେବେ ମୋଟାମୋଟି ଜାହ୍ନବୀଙ୍କ ଏହି ଭିଡିଓଟି ଖୁବ୍ ସୁନ୍ଦର ହୋଇଛି। ଆଉ ୟୁଜର୍ସଙ୍କ ଖୁବ୍ ଧ୍ୟାନଆକର୍ଷଣ କରୁଛି।



## ଶିଶୁଙ୍କ ଭଳି ମୁହଁ ଥିବା ରୋବୋ

**ଟୋକିଓ:** ଜାପାନରେ ଜଣେ ବୈଜ୍ଞାନିକ ଛୋଟ ଶିଶୁଙ୍କ ମୁହଁଥିବା ରୋବୋ ତିଆରି କରିଛନ୍ତି। ଏହି ରୋବୋ ସ୍ପର୍ଶ ଏବଂ ଯନ୍ତ୍ରଣା ଅନୁଭବ କରିପାରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଏହାକୁ ଏଫେଟୋ ଭାବେ ନାମିତ କରାଯାଇଛି।



ଏହି ରୋବୋକୁ ପ୍ରଥମେ ୨୦୧୧ରେ ତିଆରି କରାଯାଇଥିଲା। ପରେ ୨୦୧୮ରେ ଏଥିରେ କେତେକ ନୂଆ ନୂଆ ବୈଶିଷ୍ଟ୍ୟ ଯୋଡ଼ା ଯାଇଥିଲା। ଓସାକା ବିଶ୍ୱବିଦ୍ୟାଳୟ ବୈଜ୍ଞାନିକମାନେ ପ୍ରଫେସର ଅସାଦାଙ୍କ ନେତୃତ୍ୱରେ ଏହାକୁ ତିଆରି କରିଛନ୍ତି। ଏହି ରୋବୋ ଶରୀରରେ ବୈଦ୍ୟୁତିକ ଚାର୍ଜ ସହାୟତାରେ ସିନ୍ଥେଟିକ୍ ଚର୍ମ ମଧ୍ୟ ଲଗାଯାଇଛି। ସମ୍ପୂର୍ଣ୍ଣ ଭାବେ କାମ ସରିବା ପରେ ଏହି ରୋବୋର ଚର୍ମ ମଣିଷ ଭଳି ପ୍ରାୟ କାମ କରିପାରିବ ବୋଲି ଅସାଦ କହିଛନ୍ତି।

## ୬୦ ହଜାର ଖର୍ଚ୍ଚକରି ପିଲାଙ୍କୁ ବିମାନରେ ବୁଲାଇଲେ ଶିକ୍ଷକ

**ବିଜେପୁର:** ଛୋଟବେଳେ ଆକାଶରେ ବିମାନ ଯାଉଥିବା ଦେଖି ସବୁ ପିଲା ଖୁସି ହୋଇଯାଇଥାନ୍ତି। କେବେବେଳେ କାଗଜରେ ବିମାନ କରି ଉଡାଇଥାନ୍ତି ତ କେତେବେଳେ ସତସତିକା ବିମାନ ପଛରେ ଧାଉଁଥିବା ନଜିର ରହିଛି। କିଛିପିଲା ସେଥିରେ ବସିବା ପାଇଁ ମଧ୍ୟ ଇଛା ପ୍ରକାଶ କରିଥାନ୍ତି। ହେଲେ ଏହି ସ୍ୱପ୍ନ କେତେକଙ୍କର ପୂରା ହୋଇଥିବା ବେଳେ ଆଉ କେତେକଙ୍କ ଅଧୁରା ହିଁ ରହିଯାଏ। ହେଲେ ଏବେ କିଛି ଛାତ୍ରୀଛାତ୍ରଙ୍କ ଏହି ସ୍ୱପ୍ନ ପୂରା ହୋଇଥିବା ଜଣାପଡ଼ିଛି। ଜଣେ ଶିକ୍ଷକ ନିଜ ଛାତ୍ରୀଛାତ୍ରଙ୍କ ଏହି ସ୍ୱପ୍ନ ପୂରା କରିଛନ୍ତି। ଆଉ ଏଭଳି କରି ସେ ସେମାନଙ୍କ ନଜରରେ ‘ହିରୋ’ ହୋଇଯାଇଛନ୍ତି। ସୂଚନାଯୋଗ୍ୟ ମଧ୍ୟପ୍ରଦେଶ ବିଜେପୁରରେ ଥିବା ଏକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକ କିଶୋର କନାସେ ନିଜ ଖର୍ଚ୍ଚରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୯ ଛାତ୍ରୀଛାତ୍ରଙ୍କୁ ବିମାନରେ ଯାତ୍ରା କରାଇଛନ୍ତି। ଆଉ ଏହି ଯାତ୍ରା ଇନ୍ଦୋରରୁ ଦିଲ୍ଲୀ ପର୍ଯ୍ୟନ୍ତ ରହିଥିଲା। ଯେତେବେଳେ ପିଲାମାନେ ଇନ୍ଦୋର ବିମାନବନ୍ଦରରେ ପହଞ୍ଚିଥିଲେ, ସେତେବେଳେ ତାଙ୍କ ଖୁସି କହିଲେ ନ ସରେ। କାରଣ ଉକ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକ କେବେ ଟ୍ରେନ୍‌ରେ ମଧ୍ୟ ବସି ନ ଥିଲେ। ପ୍ରଥମ ଥର ପାଇଁ ବିମାନରେ ବସିବା ସେମାନଙ୍କ ଅନୁଭୂତି ଏକପ୍ରକାର ନିଆରା ଥିଲା। ପ୍ରଧାନଶିକ୍ଷକ କିଶୋର ପିଲାଙ୍କର ଏହି ଯାତ୍ରା ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଦିଲ୍ଲୀରେ ଉକ୍ତ ପିଲା ୨ ଦିନ ରହିଥିବା ବେଳେ ସେଠାରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଟ୍ରେନ୍‌ରେ ଘରକୁ ଫେରିଥିଲେ। ତେବେ ପ୍ରଧାନ ଶିକ୍ଷକଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଆଉ ସମସ୍ତେ କହୁଛନ୍ତି ସାର ହେବତ ଏମିତି।





## ଆସିବ ଦାଦାଙ୍କ ବାୟୋପିକ୍



**ମୁମ୍ବାଇ:** ଗତ କିଛିବର୍ଷ ହେବ ବଲିଉଡ୍‌ରେ ଖେଳାଳିଙ୍କ ବାୟୋପିକ୍ ନିର୍ମାଣ ହେବାର ଟ୍ରେଣ୍ଡ୍ ଚାଲିଛି। ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧୀନାୟକ ଏମ୍.ଏସ୍ ଧୋନୀଙ୍କ ବାୟୋପିକ୍‌କୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏହା ଛଡ଼ା ଦଙ୍ଗଲ, ମେରୀ କମ୍, ଭାଗ୍ ମିଲ୍‌ଖା ଭାଗ୍, ସୁରମା, ଗୋଲ୍ଡ ପରି ଖେଳ ଉପରେ ଆଧାରିତ ବାୟୋପିକ୍‌କୁ ଦର୍ଶକ ବେସ୍ ପସନ୍ଦ ମଧ୍ୟ କରିଛନ୍ତି। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳୀ ମିତାଲି ରାଜ୍‌ଙ୍କ ବାୟୋପିକ୍ ଉପରେ କାମ ଚାଲିଛି। ଏଥିରେ ଅଭିନେତ୍ରୀ ତାପସୀ ପନ୍ନୁ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି। ଏବେ ଯାହା ଶୁଣିବାକୁ ମିଳୁଛି ଖୁବ୍‌ଶୀଘ୍ର ବିସିସିଆଇ ଅଧ୍ୟକ୍ଷ ତଥା ପୂର୍ବତନ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲୀଙ୍କ ବାୟୋପିକ୍ ନିର୍ମାଣ ହେବ। ଏ ନେଇ କିଛି ଦିନ ପୂର୍ବେ ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର ସୌରଭଙ୍କ ସହ କଥାବାର୍ତ୍ତା ହୋଇଥିବା ଚର୍ଚ୍ଚା ହେଉଛି। ତେବେ ସୌରଭଙ୍କୁ ଦାଦା କୁହାଯାଉଥିବାରୁ ଫିଲ୍ମର ନାମ ‘ଦାଦାଗିରି’ ହେବ ବୋଲି ଅନୁମାନ କରାଯାଉଛି।

## ୩୯ ବର୍ଷରେ ଶାହିଦ କପୁର

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଶାହିଦ କପୁର ମଙ୍ଗଳବାର ୩୯ ବର୍ଷରେ ପାଦ ଦେଇଛନ୍ତି। ୧୯୮୧ ଫେବୃୟାରୀ ୨୫ରେ ସେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ଅଭିନୟ ପ୍ରତି ତାଙ୍କର ପିଲାଦିନୁ ଝୁଙ୍କ୍ ଥିଲା। ୨୦୦୩ରେ ସେ ରମେଶ ତୌରାନିଙ୍କ ଫିଲ୍ମ ଇଶ୍କ ବିଶ୍କରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ୨୦୦୪ରେ ସେ ‘ଫିଦା’ ଫିଲ୍ମରେ କରିନା କପୁରଙ୍କ ସହିତ ଅଭିନୟ କରିଥିଲେ। ଏହି ଫିଲ୍ମର ଶୁଟିଂ ସେଟ୍‌ରୁ କରିନାଙ୍କ ସହିତ ଶାହିଦଙ୍କ ପ୍ରେମସମ୍ପର୍କ ଆରମ୍ଭ ହୋଇଥିଲା। କଥା ବିବାହ ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା। ତେବେ ୨୦୦୭ରେ ଫିଲ୍ମ ‘ଜବ୍ ୱି ମିଟ୍’ ପରେ ଦୁହିଁଙ୍କ ବ୍ରେକ୍ ଅପ୍ ହୋଇଥିଲା। ଏହାପରେ କିଛିଦିନ ପାଇଁ ଶାହିଦ ଏବଂ ପ୍ରିୟଙ୍କା ଚୋପ୍ରାଙ୍କୁ ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା। ତେବେ ଶେଷରେ ୨୦୧୫ ଜୁଲାଇ ୭ରେ ସେ ତାଙ୍କଠାରୁ ୧୪ ବର୍ଷ ସାନ ମୀରା ରାଜ୍‌ପୁତଙ୍କୁ ବିବାହ କରିଥିଲେ। ଶାହିଦଙ୍କ ଫିଲ୍ମ ‘କବୀର ସିଂ’କୁ ନେଇ ବଲିଉଡ୍‌ରେ ଏବେ ବି ଚର୍ଚ୍ଚା ଜାରିରହିଛି। ତାଙ୍କର ନୂଆ ଫିଲ୍ମ ‘ଜର୍ସି’ କିଛି ମାସ ପରେ ରିଲିଜ୍ ହେବ ବୋଲି କୁହାଯାଉଛି।

**୧୪ ବର୍ଷ ସାନ ମୀରାଙ୍କୁ କରିଥିଲେ ବିବାହ**

## ଗାଡ଼ି ଷ୍ଟାର୍ଟ କରିବ ଆପ୍

**ଜୟପୁର:** ରାଜସ୍ଥାନର ଜଣେ ଯୁବକ ଏକ ନୂଆ ଆପ୍ ତିଆରି କରିଛନ୍ତି। ଏହି ଆପ୍ ଯେକୌଣସି ଗାଡ଼ି ଷ୍ଟାର୍ଟ ଏବଂ ବନ୍ଦ କରିବାକୁ ସକ୍ଷମ ହୋଇପାରିବ। ଶ୍ରୀଗଙ୍ଗାନଗର ଜିଲାର ସୁରତଗଡ଼ ଅଞ୍ଚଳର ଲାଲ୍‌ଗଡ଼ିଆ ଗାଁରେ ବାସକରୁଥିବା ଯୁବକ ବିକାଶ ଗୋଦାରା ଏଭଳି ଆପ୍ ପ୍ରସ୍ତୁତ କରିଛନ୍ତି। ଦ୍ୱାଦଶ ପାସ୍ କରିଥିବା ବିକାଶ ରୋବୋଟିକ୍ ପ୍ଲେଟ୍ ଦ୍ୱାରା ଏଭଳି କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ୱେବ୍ ଆପ୍ଲିକେଶନ ସହାୟତାରେ ସେ ଏଭଳି ଚମତ୍କାର କରିପାରିଛନ୍ତି। ଏହାଦ୍ୱାରା ଗାଡ଼ିଚୋରି ରୋକାଯାଇ ପାରିବ। ଗାଡ଼ିରେ ଥିବା ସେନ୍‌ସର ଆପ୍ ସହାୟତାରେ ଗାଡ଼ି ଷ୍ଟାର୍ଟ କରିବା ସହିତ ବନ୍ଦ ମଧ୍ୟ କରାଇବ।



## ସଂକ୍ଷେପରେ

### ୟୁଥ୍ କନ୍‌କ୍ଲେଭ୍ ଭିଜନ୍-୨୦୨୫ ଉଦ୍‌ଯାପିତ

ସାଲେପୁର, ୨୫।୨(ଡି.ଏନ୍.ଏ.) : କେନ୍ଦ୍ରାପଡ଼ା ୟୁଥ୍ କନ୍‌କ୍ଲେଭ୍ ଭିଜନ୍ ୨୦୨୫ ସାଲେପୁରରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦର ଓ ସଶକ୍ତ କେନ୍ଦ୍ରାପଡ଼ା ନିର୍ମାଣ ପାଇଁ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର କିଭଳି ସଶକ୍ତ, ସୁଦୃଢ଼ ଓ ସମୃଦ୍ଧିଶୀଳ ହୋଇପାରିବ ସେଥିପାଇଁ ପ୍ରୟାସ କରିବାକୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ବକ୍ତୃତା, ଓଡ଼ିଆ ଓ ଇଂରାଜୀ ରଚନା, ୧୦୦ ମିଟର ଗଣଦୌଡ଼ ପ୍ରତିଯୋଗିତା ଏବଂ ମାରାଥନ୍ ରେସ୍ ଆଦି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଅଲ୍ ଇଣ୍ଡିଆ ଫୁଟବଲ୍ ରେଫରୀ କୁମାରୀ ରିତା ବରାଳ, ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି, ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରଫେସର ଡ. ଶରତ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ଡ. ଗିରୀଶ ଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ଇଂଲିଶ୍ ପ୍ରଫେସର ବୈଷ୍ଣବଚରଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନବୀନ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଓ ଓଡ଼ିଶାର ବିକାଶ ଦିଗରେ ଯୁବପୀଢ଼ୀ ଓ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସୟଦ ଗୁଲଜାର ଅଲିଙ୍କ ସମେତ ବହୁ ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ।

### କେନ୍ଦ୍ରାପଡା ପଲି ଟେକ୍‌ନିକ କଲେଜରେ ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ଦେବା ପାଇଁ ଦାବି

ଡେରାବିଶ, ୨୫।୨(ସ୍ୱ.ପ୍ର.): ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଥିବା କେନ୍ଦ୍ରାପଡା ପଲିଟେକନିକ କଲେଜରେ ଏକ ଆଉଟ ସୋର୍ସିଂ ସଂସ୍ଥା ପକ୍ଷରୁ ଅସ୍ଥାୟୀ ଭାବେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ଆସୁଛି। ହେଲେ ଏହି ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ବେକାର ଶିକ୍ଷିତ ପିଲାମାନଙ୍କୁ ଅଗ୍ରାଧିକାର ଦେବା ପାଇଁ କଲେଜ ଆରମ୍ଭରୁ ଅଞ୍ଚଳବାସୀଙ୍କ ଦାବି ରହି ଆସିଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏହା ବିରୋଧରେ କେନ୍ଦ୍ରାପଡା ଜିଲା ଚାଷୀ ଶ୍ରମିକ ସଂଘ ପୂର୍ବରୁ ବହୁବାର ଆନ୍ଦୋଳନ କରି ଆସିଥିବା ବେଳେ ପୁନର୍ବାର କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଭାବେ ଦାବି ଉପସ୍ଥାପନ କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, କଲେଜ ପ୍ରତିଷ୍ଠା ହେବା ପରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ଦାବିରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। କଲେଜ କର୍ତ୍ତୃପକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଆଉଟ ସୋର୍ସିଂ ସଂସ୍ଥାର ମୁଖ୍ୟ ସଂଘ କର୍ମକର୍ତ୍ତାଙ୍କ ସହିତ ଏକ ବୈଠକ କରି ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅସ୍ଥାୟୀ ନିଯୁକ୍ତିରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ଅଗ୍ରାଧିକାର ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସ୍ଥାନୀୟ ଅଞ୍ଚଳର ମାତ୍ର ହାତଗଣତି କେତେଜଣଙ୍କୁ ନିଯୁକ୍ତି ଦେଇ ବାହାର ଅଞ୍ଚଳର ପିଲାଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେଇଥିଲେ। ଇତିମଧ୍ୟରେ ଏହି କଲେଜର କେତେଜଣ ୪ ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବାହାର କରି ଦିଆଯାଇଛି। ସେମାନଙ୍କ ସ୍ଥାନରେ ପୁନର୍ବାର କର୍ମଚାରୀ ନିଯୁକ୍ତି ଦେବାର ଥିବା ବେଳେ କର୍ତ୍ତୃପକ୍ଷମାନେ ବାହାର ପିଲାଙ୍କୁ ଅଗ୍ରାଧିକାର ଦେବାକୁ ଚାହିଁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ସ୍ଥାନୀୟ ପିଲାଙ୍କୁ ଯଦି ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆ ନ ଯାଏ ତେବେ ପୁନର୍ବାର ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାଛଡା ଏ ନେଇ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ନେତୃତ୍ୱରେ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।

# ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ, ପେନସନ୍ ନ ମିଳିବା ପର୍ଯ୍ୟନ୍ତ ଜାରି ରହିବ ସଂଗ୍ରାମ

## ବେଲପାଳରେ ନବନିର୍ମାଣ କୃଷକ ସଂଗଠନର ଚାଷୀ ସମାବେଶ

ରାଜନଗର,୨୫।୨(ଡି.ଏନ.ଏ.)

ରାଜନଗର ବ୍ଲକର ବେଲପାଳଠାରେ ନବନିର୍ମାଣ କୃଷକ ସଂଗଠନର ଚାଷୀ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜନଗର ବ୍ଲକ ସଭାପତି କୃଷକ ନେତା ଶତ୍ରୁଘ୍ନ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାବେଶରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗ ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବେଲପାଳ କାଳୀପଡିଆଠାରେ ଆୟୋଜିତ ଏହି ସମାବେଶରେ ଶତାଧିକ ଚାଷୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର କହିଥିଲେ ଯେ, ଚାଷୀ ହେଉଛନ୍ତି



ସମାବେଶରେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଓ ଅନ୍ୟମାନେ।

ଭାରତବର୍ଷର ମେରୁଦଣ୍ଡ। ସେମାନଙ୍କର ସାମାଜିକ, ଅର୍ଥନୈତିକ ବିକାଶ ନ ହେଲେ ଦେଶ ଆଗେଇ ପାରିବ ନାହିଁ। ରାଜ୍ୟରେ ଅଗଣିତ ଅବହେଳିତ ଚାଷୀଙ୍କୁ ଯେ ପର୍ଯ୍ୟନ୍ତ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ୍ ଯୋଗାଇ ଦିଆଯାଇନାହିଁ ସେ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସେ କହିଥିଲେ। ଆସନ୍ତା ମେ ମାସରେ ସର୍ବଭାରତୀୟ ସ୍ତରୀୟ କୃଷକ ସମାବେଶ ଆୟୋଜନ କରାଯିବ। ଏଥିରେ ଚାଷୀଙ୍କ ହକ୍ ପାଇଁ ଲଢେଇ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କ ରାଜନଗର ଗସ୍ତ ଖବର ପାଇବା ପରେ ବହୁ ଚାଷୀ ଏହି ସମାବେଶରେ ଯୋଗ ଦେଇଥିଲେ। କୃଷକ ନେତା ଅଙ୍କୁର ପଲାଇ ,ଦାଶରଥୀ ସାହୁ, ଶିଶିର କୁମାର ଓଝା, ଦୋଳଗୋବିନ୍ଦ ସାହୁ, ହୃଷୀକେଶ ସ୍ୱାଇଁ, ଦୁର୍ଯ୍ୟୋଧନ ଲେଙ୍କା, ଅମୂଲ୍ୟ ଜେନା, ସୋମନାଥ ବାରିକ ଓ ସୀତା ପାଢୀ ପ୍ରମୁଖ କୃଷକ ନେତାମାନେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକମାନଙ୍କ ମୌଳିକ ସମସ୍ୟା ପ୍ରତି ଆଖି ବୁଜି ଦେଇଥିବାରୁ ଆଗାମୀ ଦିନରେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ। ଅପରପକ୍ଷରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟଙ୍କ ରାଜନଗର ଗସ୍ତକୁ ଆଖି ଆଗରେ ରଖି ରାଜନଗର ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆଇଆଇସି ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୨ଜଣ ଅଫିସରଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ସମାବେଶ ସ୍ଥଳରେ ଉପସ୍ଥିତ ଥିଲେ।

# କଷଣଅଣ୍ଟାଠାରେ ଭାଗବତ ସପ୍ତା

ପଟ୍ଟାମୁଣ୍ଡାଇ,୨୫।୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ କଷଣଅଣ୍ଟା ଗ୍ରେନ୍‌ଗୋଲା ଛକଠାରେ ୭ ଦିନ ବ୍ୟାପି ଭାଗବତ ସପ୍ତା ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ପାଲା ଗାୟକ ଦୁତିକୃଷ୍ଣ ପଣ୍ଡା, ଅଲେଖ ଦାଶ ଓ କୃପାସିନ୍ଧୁ ଦାଶ ଯୋଗଦେଇ କୃଷ୍ଣ କଥାମୃତ ଉପରେ ପ୍ରବଚନ ଦେଇଥିଲେ। ସୋମବାର ଅନୁଷ୍ଠିତ ବଳିଦାନ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ କଥାମୃତ ଶ୍ରବଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ନୃସିଂହ ଚରଣ ପାତ୍ର, ବିଛନ୍ଦ ଚରଣ ପାତ୍ର, ସୁଶାନ୍ତ ପାତ୍ର, ମହେଶ୍ୱର ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ସୁମନ୍ତ ପାତ୍ର, ଗନ୍ଧର୍ବ ସାହୁ, ଜୟକୃଷ୍ଣ ରାଉତ, ଲଳିତ ମୋହନ ରାଉତ, ରାଜକିଶୋର ସାହୁ, ହରେକୃଷ୍ଣ ନାୟକଙ୍କ ସମେତ ବହୁ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

ରାଜକନିକା,୨୫।୨(ଡି.ଏନ.ଏ.)

ରାଜକନିକା ବ୍ଲକ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ଓଳାଭର ଯାଦବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ପଢିଆରୀ ପୌରୋହିତ୍ୟ କରିଥିଲେ। ବୈଠକରେ ରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ସଂପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ମାସ

## ରାଜକନିକା ବ୍ଲକ

ଶେଷ ସୁଦ୍ଧା ଏହି ବିଗ୍ରହ ପ୍ରତିଷ୍ଠା କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ଥାୟୀ ସଭାପତି ନୃସିଂହ ଚରଣ ପରିଡା, ସମ୍ପାଦକ ମନୋଜ ପରିଡା, ଗିରୀଶ




ବୈଠକରେ ଉପସ୍ଥିତ ଅତିଥିମାନେ।

ଚନ୍ଦ୍ର ଦାସ, ନିରଞ୍ଜନ ପରିଡା, ଗଙ୍ଗାଧର ଦାସ, ନିରଦ ସାହୁ, ନାରାୟଣ ଚନ୍ଦ୍ର ଦାସ, ମହେଶ୍ୱର ଦାସ, ରମେଶ ଚନ୍ଦ୍ର ବାରିକ, ବିପ୍ରଚରଣ ବାରିକ, ରାମଚନ୍ଦ୍ର ଦାସ , ଚକ୍ରଧର ପାଣ୍ଡବ, ଅମୂଲ୍ୟ କୁମାର ଦାସ, ଚିତ୍ତରଞ୍ଜନ ବେହେରା, ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ: ଅତୁଲ- ତନ୍ମୟ ଚାମ୍ପିୟନ

କେନ୍ଦ୍ରାପଡା ଅଫିସ, ୨୫।୨: କେନ୍ଦ୍ରାପଡା ବ୍ଲକ କପାଳେଶ୍ୱରଠାରେ ଚାଲିଥିବା ଦୁଇଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଅତୁଲ ଓ ତନ୍ମୟ ଚାମ୍ପିୟନ ହୋଇଥିବା ବେଳେ ଜଗତସିଂହପୁରର ପୁରସ୍ତମ ଓ ଜ୍ଞାନରଞ୍ଜନ ରନର୍ସଅପ ହୋଇଛନ୍ତି। ଓଡିଶା ହାର୍ଟବିଟ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ପାପନ ଅବସରରେ ଅନୁଷ୍ଠାନର ସଭାପତି ଲୋହିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନର ଅଧ୍ୟକ୍ଷ ଚୋଧୁରୀ ଅମିତାଭ ଦାସ ଓ ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ରାଜେଶ ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ ବେହେରା, ଶରତ ଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ନାୟକ, ହିମାଂଶୁ ଦାସ, ସନ୍ତୋଷ କୁମାର ବେହେରା, ଫାରହାନ ଅଲି ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

# ଉଲ୍ଲାସ ପକ୍ଷରୁ ପାପରୁ ଆରମ୍ଭ ପୁଣ୍ୟରେ ଶେଷ ନାଟକ ମଞ୍ଚସ୍ଥ

ପଟ୍ଟାମୁଣ୍ଡାଇ,୨୫।୨(ସ୍ୱ.ପ୍ର.)

ସମାଜରେ ଘଟୁଥିବା ବିଭିନ୍ନ ଘଟଣାକୁ ନାଟକ ମାଧ୍ୟମରେ ପରିପ୍ରକାଶ କରିବା ପାଇଁ ପଟ୍ଟାମୁଣ୍ଡାଇ ନାଟ୍ୟକଳା ସାହିତ୍ୟ ଉଲ୍ଲାସ ପକ୍ଷରୁ ସ୍ଥାନୀୟ ବେଲତଳ ନିକଟ ଏକ ମଣ୍ଡପରେ ନାଟକ 'ପାପରୁ ଆରମ୍ଭ ପୁଣ୍ୟ'ରେ ଶେଷ ମଞ୍ଚସ୍ଥ ହୋଇଯାଇଛି। ନାଟକ ଆରମ୍ଭ ହେବା ପୂର୍ବରୁ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରମାନଙ୍କ ନାଟ୍ୟ ଅଭିନୟରେ କଳା ନିପୁଣତାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ଗୋଲକ ବିହାରୀ ମହାରଣା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ କୁମାର ପରିଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉଲ୍ଲାସ କଳାକାରମାନଙ୍କ ଅଭିନୟ ଦକ୍ଷତା ଉପରେ ଆଲୋକପାତ କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉଲ୍ଲାସର ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଦେବବ୍ରତ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବାବାଜୀ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଭିନୟରେ ସଞ୍ଜୀବ କୁମାର କର, ସଞ୍ଜୀବ ମଲ୍ଲିକ, ଶ୍ରୀନିବାସ ପାଢୀ, କୁଞ୍ଜବିହାରୀ ପରିଡା, ବିଜ୍ଞାନ ସାମଲ, କୁଳମଣି ନାୟକ, ରଶ୍ମିରଞ୍ଜନ ପାଢୀ, ଦୟାନିଧି ମଲ୍ଲିକ, ବିଜୟ ପରିଡା, ରାଜକିଶୋର ମହାପାତ୍ର, ଆଲୋକ ରାଉତ, ଦେବାଶିଷ ବାରିକଙ୍କ ସମେତ ୫ଜଣ ଅଭିନେତ୍ରୀ ନାଟକରେ ଅଭିନୟ କରିଥିଲେ। ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକ ସାହୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଗ୍ଲୋବାଲ୍ ବ୍ରିଲିଆଣ୍ଟ ସ୍କୁଲର ୫ମ ଶ୍ରେଣୀ ଛାତ୍ର ରାଜଦୀପ ଗୁପ୍ତା ବିଧାୟକଙ୍କ ଅବିକଳ ତୈଳଚିତ୍ର ପ୍ରଦାନ କରିଥିଲେ। ରାଜଦୀପ ନିଜେ ଏହି ତୈଳଚିତ୍ର ଅଙ୍କନ କରିଥିଲେ। ଏହି ତୈଳଚିତ୍ର ନିଖୁଣ ହୋଇଥିବାରୁ ବିଧାୟକ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ନାଟ୍ୟକାର ନଟବର ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ରତିକାନ୍ତ ମହାନ୍ତି ନାଟକର ନିର୍ଦ୍ଦେଶନା ଦେଇଥିଲେ। ଶେଷରେ ଉଲ୍ଲାସର କୋଷାଧ୍ୟକ୍ଷ ତପରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

## ଡେରାବିଶରେ ୩ ପରୀକ୍ଷାର୍ଥୀ କପି କରି ଧରାପଡିବା ଘଟଣା

ଡେରାବିଶ,୨୫।୨(ସ୍ୱ.ପ୍ର.)

ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସମସ୍ତ ପ୍ରକାର ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଭାଗ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଥିବା ନେଇ ବିଜ୍ଞପ୍ତି ବାରମ୍ବାର ପ୍ରକାଶ ପାଉଛି। ମାତ୍ର ଡେରାବିଶରେ ସଂସ୍କୃତ ପରୀକ୍ଷାରେ କପି କରି ୩ ପରୀକ୍ଷାର୍ଥୀ ଧରାପଡିବା ଘଟଣା ଶିକ୍ଷାବିତ୍‌ଙ୍କ ମହଲରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଏହି ଘଟଣା ପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବିଷୟ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡେରାବିଶ ବ୍ଲକ ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। କପି ରୋକିବା ପାଇଁ ସିସି ଟିଭି କ୍ୟାମେରା ଲାଗିବ ବୋଲି ଘୋଷଣା କରାଯାଇଛି। ତେବେ ଏଠାରେ ୯ଟି କେନ୍ଦ୍ର ମଧ୍ୟରୁ ମାତ୍ର ୨ଟି ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲଗାଯାଇଛି। ଶନିବାର ଇଂଲିଶ ପରୀକ୍ଷା ଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ସୋମବାର ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବ୍ଲକ ଅଧୀନ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚବିଦ୍ୟାପୀଠରେ ଜଣେ ପରୀକ୍ଷାର୍ଥୀଙ୍କ ଠାରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗଠିତ ସ୍କ୍ୱାଡ୍ କପି ଧରିଥିଲେ। ସେହିପରି ବ୍ଲକର ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁରୂପ ଭାବେ ୨ ଜଣ ପରୀକ୍ଷାର୍ଥୀଙ୍କ ଠାରୁ ଏହି ସ୍କ୍ୱାଡ୍ କପି ଧରିବାରେ ସକ୍ଷମ ହୋଇଥିଲେ। ଏହି ସ୍କ୍ୱାଡରେ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ, ବରିଷ୍ଠ ଅଧିକାରୀ ପୀତବାସ ପଣ୍ଡା, ଅଧ୍ୟାପକ ବିକ୍ରମ ବିହାରୀ ବିଶ୍ୱାଳ ରହିଥିବା ଜଣାଯାଇଛି। ବୁଧବାର ହେବାକୁ ଥିବା ଗଣିତ ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ କହିଥିବା ବେଳେ ଶିକ୍ଷା ବିଭାଗର ପାରିବା ପଣିଆ ପଦାରେ ପଡିଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ୪୫୩ ଅଭିଯୋଗର ଶୁଣାଣି

ମହାକାଳପଡ଼ା,୨୫।୨(ଡି.ଏନ୍.ଏ.)

ମହାକାଳପଡା ବ୍ଲକ ସଭାଗୃହଠାରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୫୩ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୧୭ ଗୋଷ୍ଠୀଗତ ଅଭିଯୋଗ ଥିଲା। ମୁଖ୍ୟତଃ ଆବାସ ଯୋଜନା, ରାଶନ କାର୍ଡ଼, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଲୁଣା ଘେରିବନ୍ଧ, ପଞ୍ଚାୟତ ଉନ୍ନୟନ ଯୋଜନା ନେଇ ଅଭିଯୋଗ ହୋଇଥିଲା। ଜିଲାପାଳ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଓ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ନୀତିଶେଖର, ପିଡି ଦିଲିପ ପରିଡ଼ା, ସିଡିଏମ୍‌ଓ ଡା. ଉର୍ମିଳା ମିଶ୍ର, ସିଏସ୍‌ଓ ରଜନୀକାନ୍ତ ଦାଶ, ତହସିଲଦାର ସୁବ୍ରତ ବେହେରା, ବିଡ଼ିଓ ଦେବାଶୀଷ ରାଉତ, ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

# ରାଜନଗର ବ୍ଲକ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃବୃନ୍ଦ।

ରାଜନଗର,୨୫।୨(ଡି.ଏନ.ଏ.)

ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଦେବେନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ରାଜ୍ୟ କଂଗ୍ରେସ ସାଧାରଣ ସଂପାଦକ ଜ୍ଞାନଦେବ ବେଉରା ଯୋଗଦେଇ ରାଜନଗର ବ୍ଲକରେ ନିଷ୍କ୍ରିୟ ହୋଇ ପଡିଥିବା ସଂଗଠନକୁ ଗତିଶୀଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଲେଙ୍କାରୀ ହୋଇଥିବା ବେଳେ ରାଶନ କାର୍ଡରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ସେହିପରି ତହସିଲ କାର୍ଯ୍ୟାଳୟରେ ସାଧାରଣ ଜନତା ନ୍ୟାୟରୁ ବଞ୍ଚିତ, ଅଭାବୀ ଧାନ ବିକ୍ରି, ଉନ୍ନୟନ କାର୍ଯ୍ୟ ନାମରେ ବିନା କାମରେ ବିଲ ପଇଠ ଏବଂ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ୭ ଦଫା ଦାବି ନେଇ ଆସନ୍ତା ମାସ ୧୩ ତାରିଖରେ ଏକ ପ୍ରତିବାଦ ସଭା ରାଜନଗର ଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସମିତି ସଭ୍ୟ ଶୁକଦେବ ଭଦ୍ର, ସୁମନ୍ତ ସେଠୀ, ସୁନିଲ କୁମାର ରାଉଳ, ନରେନ୍ଦ୍ର ସ୍ୱାଇଁ, ପୃଥ୍ୱୀରାଜ ପାତ୍ର, ମୃତ୍ୟୁଞ୍ଜୟ ପରିଡା, ଅଲେଖ ବେହେରା, ସଂଗ୍ରାମ ସାହାଣୀ, ଜ୍ଞାନ ରଞ୍ଜନ ପଣ୍ଡା, ଅନନ୍ତ ସେଠୀ, ମେଘୁ ପ୍ରଧାନ, ମାଧବାନନ୍ଦ ପ୍ରଧାନ, ଶରତ ଜେନା, ପ୍ରଭାକର ସେଠୀ, ନୃସିଂହ ସ୍ୱାଇଁ, ରାଜକିଶୋର ପଣ୍ଡା, ସୁକାନ୍ତ ଦାସ, ପ୍ରଭାତ ପ୍ରଧାନ, ସରପଞ୍ଚ ବାଲ୍ମିକୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ପୁନର୍ବିନ୍ୟାସ ହେବ ରାମଚଣ୍ଡୀ ପୀଠ

## ଜିଲା ପ୍ରଶାସନ ଓ ରାମଚଣ୍ଡୀ ସେନାର ଆଲୋଚନା

କେନ୍ଦ୍ରାପଡା ଅଫିସ, ୨୫।୨

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅଧୀନ ରାମନଗରର ମାଆ ରାମଚଣ୍ଡି ମନ୍ଦିରର ବିବିଧ ସମସ୍ୟା ନେଇ ଜିଲା ପ୍ରଶାସନ ଓ ରାମଚଣ୍ଡି ସେନାର ଆଲୋଚନା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନିକଟରେ ମାଆ ରାମଚଣ୍ଡି ପୀଠର ଜାଗିର ସତ୍ତ୍ୱ ଜମି, ପର୍ଯ୍ୟଟନ କ୍ଷେତ୍ରର ମାନତା, ପାନ୍ଥଶାଳା ନିର୍ମାଣ, ପରିଚାଳନା ବୋର୍ଡର ପୁର୍ନଗଠନ, ଆୟ ବ୍ୟୟ ଅର୍ଥର ହିସାବ, ମନ୍ଦିର ଓ ଯାତ୍ରୀଙ୍କ ସୁରକ୍ଷା ଓ ପୀଠ ପରିସରରେ ପାଣିଟାଙ୍କି ନିର୍ମାଣରେ ଅନିୟମିତତା ସମ୍ପର୍କରେ ଆଲୋଚନା ପାଇଁ ସେନା ସଦସ୍ୟମାନେ ଦାବି ଉପସ୍ଥାପନା କରିଥିଲେ। ସେନା ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଜିଲାର ଅନ୍ୟତମ ଶକ୍ତିପୀଠ ମହାକାଳପଡା ବ୍ଲକ ରାମନଗରସ୍ଥ ରାମଚଣ୍ଡି ମନ୍ଦିର ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାକୁ ଅପେକ୍ଷା କରିଛି। ଗତ ୨୦୧୭ରୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଥିଲା। ମାଆଙ୍କ ରୀତିନୀତି ପରିଚାଳନା ପାଇଁ ତତ୍କାଳୀନ କୁଜଙ୍ଗ ରାଜା ରାମନଗର, ପେଟଛେଲା, କୋଚିଲା, ଭୋପାଳ, ବାରଡାଙ୍ଗ ଆଦି ମୌଜାରେ ଜମି ଦାନ କରିଥିଲେ। ତେବେ ଏହି ଜମି କେତେକ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। ସେହିପରି ୨୦୧୬



ଉପଜିଲାପାଳଙ୍କ ସହ ଆଲୋଚନା କରାଯାଉଛି।

ମସିହାରୁ ମନ୍ଦିର ପରିଚାଳନା ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହାର ନବୀକରଣ ହୋଇନାହିଁ। ଏଥିସହ ମାଆଙ୍କ ପୀଠ ବାଟ ଦେଇ ପର୍ଯ୍ୟଟନ କ୍ଷେତ୍ର ହୁକିଟୋଲା ଓ ବତୀଘରକୁ ପର୍ଯ୍ୟଟକମାନେ ଯାଇଥାନ୍ତି। ଏଥିପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ପୀଠ ପରିସରରେ ପାନ୍ଥଶାଳା ନିର୍ମାଣ ହୋଇଥିଲା। ଏହା ଏବେ ଜରାଜୀର୍ଣ୍ଣ ହୋଇ ପଡି ରହିଥିବାରୁ ପର୍ଯ୍ୟଟକଙ୍କ କାମରେ ଆସୁନାହିଁ। ସେହିପରି ମାଆଙ୍କ ପ୍ରସିଦ୍ଧ ପର୍ବ ଝାମୁଯାତ୍ରାରେ ଅସଂଖ୍ୟ ଭିଡ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଆଦାୟ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ ଜରୁରୀ ବୋଲି ସେମାନେ ପ୍ରକାଶ କରିଥିଲେ। ଏଥିସହ ସେନା ପକ୍ଷରୁ ପୀଠ ପରିସରରେ ନିର୍ମାଣାଧୀନ ପାଣି ଟାଙ୍କି ଅସୁବିଧା ସୃଷ୍ଟି କରିବ ବୋଲି ଦର୍ଶାଇଥିଲେ। ଏଥିସହିତ ଦୁଇଥର ଏହି ପୀଠରୁ ଅଳଙ୍କାର ଚୋରି ହୋଇଥିବାରୁ ଏଠାରେ ପୋଲିସ ପାଟ୍ରୋଲିଂର ଆବଶ୍ୟକତା ରହିଛି ବୋଲି ପ୍ରସ୍ତାବ ଆଗତ କରିଥିଲେ। ଉପ ଜିଲାପାଳ ମହାପାତ୍ର ସମସ୍ୟାର ସମାଧାନ ପାଇଁ ପୀଠ ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇ ଏହି ପୀଠର ପୁର୍ନବିନ୍ୟାସ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ତହସିଲଦାର ସୁବ୍ରତ କୁମାର ବେହେରା, ଟ୍ରଷ୍ଟ ବୋର୍ଡର ମଥୁରୀ ଚରଣ ସେନାପତି, ନାଥ କୁମାର ଭୋଳ, ରାମଚଣ୍ଡି ସେନାର କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାଷ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, ପ୍ରତାପ ରଞ୍ଜନ ତ୍ରିପାଠୀ ଓ ଶ୍ରୀମନ୍ତ ଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୁକୁର ଯୋଗୁ ଦୁର୍ଘଟଣା: ୪ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଲେ




**ମହାକାଳପଡା, ୨୫।୨ (ଡି.ଏନ୍.ଏ.):** ମଙ୍ଗଳବାର ମହାକାଳପଡା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ଓଲିଆ ଗ୍ରାମସ୍ଥିତ ଶିଶୁ ମନ୍ଦିରର ଶିଶୁମାନଙ୍କୁ ଏକ ଅଟୋରିକ୍ସା ନେଉଥିବା ସମୟରେ ସ୍ଥାନୀୟ କୁମାରୁଣୀ ଛକ ନିକଟରେ ଏକ କୁକୁର ପଶି ଆସିବାରୁ ଅଟୋଟି ଭାରସାମ୍ୟ ହରାଇ ଖାଲକୁ ଖସି ପଡିଥିଲା। ସ୍ଥାନୀୟ ଲୋକେ ୮ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସେଥିମଧ୍ୟରୁ ୪ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ କୁରୁତୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କ ମଧ୍ୟରୁ ଗୁରୁତର ହୋଇଥିବା ଜଣକୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରଯାଇଛି। ଅନ୍ୟ ୪ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଛି। ଦୁର୍ଘଟଣା ଖବର ପାଇବା ପରେ ଉକ୍ତ ବିଦ୍ୟାଳୟ ବନ୍ଦ କରାଯାଇଥିବା କୁହାଯାଉଛି। ଖବରପାଇ ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କୁରୁତୁଙ୍ଗା ମେଡିକାଲରେ ପହଞ୍ଚି ଅସୁସ୍ଥ ପିଲାମାନଙ୍କ ସ୍ୱାସ୍ଥ୍ୟ ଖବର ବୁଝିଥିବା ସୂଚନା ଦେଇଛନ୍ତି। ତେବେ ଏନେଇ ମହାକାଳପଡା ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ଏ ସମ୍ପର୍କରେ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଦାସ କହିଛନ୍ତି , ସକାଳେ ପିଲାମାନେ ଅଟୋରେ ଯାଉଥିବା ସମୟରେ କୁମାରୁଣୀ ଛକ ନିକଟରେ ହଠାତ୍ କୁକୁର ପଶି ଆସିଥିଲା। ଫଳରେ ଅଟୋଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ ପିଲାମାନେ ଘରକୁ ଫେରିଛନ୍ତି। ଆଗାମୀ ଦିନରେ ପିଲା କିପରି ସୁରକ୍ଷିତ ଭାବେ ଯାତ୍ରା କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଦାସ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଛୋଟ ଛୋଟ ପିଲାମାନଙ୍କୁ ଅଟୋ ରିକ୍ସାରେ ବିଦ୍ୟାଳୟକୁ ନେବା ବାରଣ କରାଯାଇଥିଲେ ସୁଦ୍ଧା ଏହାର ବ୍ୟତିକ୍ରମ କରାଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

### ମାନପୁର ଗାଁରେ ଅଗ୍ନିକାଣ୍ଡ ଖୋଲା ଆକାଶ ତଳେ ଅଗ୍ନିବିପନ୍ନ ପରିବାର



**ରାଜକନିକା,୨୫।୨(ଡି.ଏନ୍.ଏ.):** ରାଜକନିକା ବ୍ଲକ ବାରାହା ଦୋମଣ୍ଡା ପଞ୍ଚାୟତ ମାନପୁର ଗାଁର ମମିନା ମଲିକ ଓ ସୁବାସିନୀ ମଲିକଙ୍କ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଯାଇଛି । ଏଥିଯୋଗୁ ପ୍ରାୟ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଅଗ୍ନିବିପନ୍ନ ଦୁଇ ପରିବାର ଏବେ ଖୋଲା ଆକାଶ ତଳେ ଅତି ଦୟନୀୟ ଭାବେ ପଡି ରହିଛନ୍ତି ।

ପ୍ରକାଶ ଯେ, ଅଗ୍ନିକାଣ୍ଡରେ ଉଭୟ ପରିବାରର ଲୁଗାପଟା, ବାସନ କୁସନ. ଟିଭି ସମେତ ଅନ୍ୟାନ୍ୟ ଘରକରଣା ଆସବାବପତ୍ର ପୋଡି ଯାଇଛି । ବିପନ୍ନ ପରିବାର ସଦସ୍ୟ ପିନ୍ଧିବାକୁ ଲୁଗା ଖଣ୍ଡିଏ ନାହିଁ କି ଖାଇବାକୁ ବାସନ ନାହିଁ । ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଖବରପାଇ କନିକାର ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ସୋମବାର ପୂର୍ବାହ୍ନରେ ବିପନ୍ନ ପରିବାରଙ୍କୁ ଭେଟି ୨ଟି ପଲିଥିନ ସମେତ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏହାଛଡା ସଂପୃକ୍ତ ପେଗରପଡା ଆର.ଆଇଙ୍କୁ ଅଗ୍ନିକାଣ୍ଡର ପ୍ରାଥମିକ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାରାହା ଦୋମଣ୍ଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ୍ତ କୁମାର ବେଉରିଆ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା କରିଛନ୍ତି । ଅଗ୍ନିବିପନ୍ନ ଦୁଇ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଡଲ୍‌ଫିନ୍ ସଂଖ୍ୟା ୨୦୧୮ରେ ୩୦୭, ୨୦୨୦ରେ ୬୨

କେନ୍ଦ୍ରାପଡା ଅଫିସ, ୨୫।୨– ଶ୍ରୀହୀନ ହେଉଛି କେନ୍ଦ୍ରାପଡା ଜିଲାର ପ୍ରାକୃତିକ ବିଭବ ଜାତୀୟ ଉଦ୍ୟାନ ଭିତରକନିକା । ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଞ୍ଚଳ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତିର ଦାବିଦାର ଥିଲା । ତେବେ ବିଭିନ୍ନ କାରଣରୁ ଏହାର ପ୍ରାକୃତିକ ପରିବେଶ ଏବେ ନଷ୍ଟ ହେବାରେ ଲାଗିଛି । ଚଳିତବର୍ଷ ଡଲଫିନ ଗଣନାରେ ଡଲଫିନ୍ ସଂଖ୍ୟା ହ୍ରାସ ଏହାର ସଦ୍ୟତମ ଉଦାହରଣ ହୋଇଛି ।

ପ୍ରକାଶ ଯେ, ୨୦୧୮ ମସିହାରେ ଗହୀରମଥାର ୧୪୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳରେ ମୋଟ ୩୦୭ ଡଲଫିନ ଦେଖିବାକୁ ମିଳିଥିବା ବେଳେ ଗତବର୍ଷ ଏହା ହ୍ରାସ ପାଇ୧୨୬ରେ ଥିଲା । ଗତ ଜାନୁୟାରୀ ୧୯ ତାରିଖରେ ବନବିଭାଗ ପକ୍ଷରୁ ଡଲଫିନ୍ ଗଣନା ସମୟରେ ଏହି ସଂଖ୍ୟା ମାତ୍ର ୬୨ରେ ସୀମିତ ଥିବା ସୋମବାର ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ ହୋଇଛି । ଜାତୀୟ ଉଦ୍ୟାନର ପରିବେଶ ସୁଧାରିବାକୁ ଉଚ୍ଚ ନ୍ୟାୟାଳୟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଜଙ୍ଗଲ ମଧ୍ୟରେ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ଅନୁପ୍ରବେଶକୁ ରୋକା ଯାଉନାହିଁ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରଭାକର ସାମଲ କୁହନ୍ତି ଯେ, ଜାତୀୟ ଉଦ୍ୟାନ ଭିତରକନିକାର ଅବକ୍ଷୟ ଆରମ୍ଭ ହୋଇଛି । ବିଭିନ୍ନ କାରଣରୁ ଏହି ଜାତୀୟ ଉଦ୍ୟାନ ନିଜସ୍ୱ ଜୈବ ବିବିଧତା ହରାଇବାକୁ ବସିଛି । ଗହୀରମଥା ଅଞ୍ଚଳରେ ଡଲଫିନ ହ୍ରାସ ଏକ ପ୍ରତୀକ ମାତ୍ର । ଜାତୀୟ ଉଦ୍ୟାନ ମଧ୍ୟରେ ଏବେ ସବୁଆଡେ ଚିଙ୍ଗୁଡି ଘେରି ଦେଖିବାକୁ ମିଳୁଛି । ଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ସ୍ଥାନୀୟ ପରିବେଶ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି । ଗଛଲତା ଏଠାରେ ଉଧଉ ନ ଥିବା ବେଳେ ଚାଷ ଜମି ଲୁଣିଆ ହେବାରେ ଲାଗିଛି । ଗତ ତିନି ବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଦୁଇଟି କମ୍ପାନୀକୁ ଚିଙ୍ଗୁଡି ଚାଷ ପାଇଁ ୧୫ ବର୍ଷିଆ ଲିଜ୍ ଦିଆଯିବା ଚିଙ୍ଗୁଡି ଘେରି ବ୍ୟବସାୟୀଙ୍କୁ ଅଧିକ ଉତ୍ସାହିତ କରିଛି । ଚିଙ୍ଗୁଡି ଘେରିରୁ ନିର୍ଗତ ବିଷାକ୍ତ ଜଳ ନାଳ ଓ ସମୁଦ୍ରରେ ମିଶିବା ଫଳରେ ସାମୁଦ୍ରିକ ଜୀବଙ୍କ ଜୀବନ ପ୍ରତି ବିପଦ ରହିଛି । ଏପରି କି ଗତ ଦୁଇ ବର୍ଷ ପୂର୍ବେ ପେଣ୍ଠଠାରେ ଏକ ବଡ ଡଲଫିନର ମୃତଦେହ ଦେଖିବାକୁ ମିଳିଥିଲା ବେଳେ ଗତ ଦୁଇମାସ ତଳେ ଏକ ମାଆ ଡଲଫିନ ଓ ଶିଶୁର ମୃତଦେହ ଏଠାରେ ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ଏକ ନିର୍ଦ୍ଦେଶନାମା ହୋଇଥିଲା । ଚିଙ୍ଗୁଡି ଘେରିକୁ ତୁରନ୍ତ ଉଚ୍ଛେଦ ପାଇଁ ଏଥିରେ ଉଲ୍ଲେଖ ଥିବା ବେଳେ ପ୍ରଶାସନର ଏଥିପ୍ରତି ନଜର ନାହିଁ । ନାମକୁ ମାତ୍ର ଉଚ୍ଛେଦ ଚିଙ୍ଗୁଡି ବ୍ୟବସାୟୀଙ୍କୁ ଅଧିକ ଉତ୍ସାହିତ କରୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି । ଏଥିସହ ସେମାନେ ଦର୍ଶାଇଛନ୍ତି ଯେ, ୨୦୧୫ ମସିହାରେ ୟୁନେସ୍କୋ ପକ୍ଷରୁ ଆସିଥିବା ଅନୁଧ୍ୟାନକାରୀ ଦଳ ଭିତରକନିକାରେ ବହୁ ଗ୍ରାମ ଦେଖିବାକୁ ପାଇଥିଲେ । ଫଳରେ ବିଶ୍ୱ ଐତିହ୍ୟ ତାଲିକା ମାନ୍ୟତାରୁ ଏହି ଜାତୀୟ ଉଦ୍ୟାନ ବାଦ୍ ପଡିଥିଲା । ସମୁଦ୍ର ପଥ ଦେଇ ବହୁ ବାଂଲାଦେଶୀ ଏଠାରେ ରହିବାକୁ ଆସିଥିବା ବେଳେ ରାଜନେତା ଭୋଟବ୍ୟାଙ୍କ ପାଇଁ ସହାୟକ ହେଉଛନ୍ତି । ସେହିପରି ରାଜନେତାଙ୍କ ଭୟରେ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ଦେଶାନ୍ତର କରିବା ବଦଳରେ ଘର ଡିହ ଯୋଗାଉଛନ୍ତି । ଅନୁପ୍ରବେଶ ଓ ଚିଙ୍ଗୁଡି ଘେରି ସମସ୍ୟା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି ଯେ, ପ୍ରଶାସନ ପକ୍ଷରୁ ଏନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଅନୁପ୍ରବେଶ ରୋକିବା ପାଇଁ ୩ଟି ସାମୁଦ୍ରିକ ଥାନା, ସମୁଦ୍ର ତଟ ରକ୍ଷା ବାହିନୀ ଓ ବନ ବିଭାଗକୁ ସଜାଗ କରାଯାଇଛି । ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ ହେଉଥିବା ଜିଲାପାଳ ବର୍ମା ପ୍ରକାଶ କରିଛନ୍ତି ।



ରାଜନଗର ବ୍ଲକର ପେଣ୍ଠ ବେଳାଭୂମି ନିକଟରୁ ଉଦ୍ଧାର ହୋଇଥିବା ମୃତ ଡଲଫିନ(ଫାଇଲଫଟୋ) ।

**ଶ୍ରୀହୀନ ହେଉଛି ଜାତୀୟ ଉଦ୍ୟାନ ଭିତରକନିକା**

- ଅନୁପ୍ରବେଶ ଓ ଚିଙ୍ଗୁଡି ଘେରି ନଷ୍ଟ କରୁଛି ପରିବେଶ
- ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ଚୁପ୍

### ଭିତରକନିକାରେ ଡଲ୍‌ଫିନ୍ ସଂଖ୍ୟା କମୁଛି

**କେନ୍ଦ୍ରାପଡା ଅଫିସ,୨୫।୨**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ଡଲଫିନ୍ ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଭିତରକନିକା ସଂଲଗ୍ନ ସମୁଦ୍ରରେ ୨୦୧୮ରେ ୩୦୭ଟି ଡଲଫିନ୍ ଦେଖା ଯାଇଥିବା ବେଳେ ୨୦୧୯ରେ ମୋଟ ୧୨୬ଟି ଡଲଫିନ ଥିବା ଗଣନାରୁ ଜଣା ପଡିଥିଲା । ଏହି ସମୟରେ ୧୪ ଇରାୱାଡି, ୧୪ ବଟଲନୋଜ ଓ ୯୮ଟି ହମ୍ପବ୍ୟାକ୍ ପ୍ରଜାତିର ଡଲଫିନ୍ ଦେଖିବାକୁ ମିଳିଥିଲା । ତେବେ ଚଳିତ ବର୍ଷ ଗଣନାରେ ଗୋଟିଏ ହେଲେ ହମ୍ପବ୍ୟାକ ଡଲଫିନ ଦେଖିବାକୁ ମିଳି ନ ଥିବା ବେଳେ ୬୦ଟି ଇରାୱାଡି ଓ ୨ଟି ବଟଲନୋଜ ଡଲଫିନ ଥିବା ସୋମବାର ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ଡଲଫିନ୍ ସଂଖ୍ୟା ହ୍ରାସ ପାଇବା ସମ୍ପର୍କରେ ଡିଏଫଓ ବିକାଶ ରଞ୍ଜନ ଦାଶ କହିଛନ୍ତି ଯେ, ଚଳିତବର୍ଷ ପ୍ରତିକୂଳ ପାଗ ହେତୁ ଗଣନା ସମୟରେ ଡଲଫିନ୍ ଦେଖିବାକୁ ମିଳି ନ ଥିଲା ।

## ସ୍କୁଟର ସହ ମଦ ଜବତ

କେନ୍ଦ୍ରାପଡା ଅଫିସ, ୨୫।୨–ସୋମବାର ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକ ନିକଟରୁ ୧୧୦ ବୋତଲ ବିଦେଶୀ ମଦ ଜବତ ହୋଇଛି । ପୋଲିସ ମଦ ଓ ସ୍କୁଟର (ନଂ– ଓଆର ୦୨ ବି ୩୨୪୦) ଜବତ କରିଛି । ଏଥିସହ ଏହି ଘଟଣାରେ ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମର ଜଳଧର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଥାନାରେ ୫୧/୨୦ରେ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ କହିଛନ୍ତି ଯେ, ଥାନା ପକ୍ଷରୁ ଚାନ୍ଦୋଳ ଠାରୁ ଗରାପୁର ପର୍ଯ୍ୟନ୍ତ ଏଏସଆଇ ସୁଦର୍ଶନ ପଣ୍ଡା ଓ ଭାଗବତ ମହାଳିକ ରାତିରେ ପାଟ୍ରୋଲିଂ କରୁଥିଲେ । ତିନିମୁହାଣୀ ଆଗ ଛକରେ ଅଭିଯୁକ୍ତ ସେଠୀ ଏହି ମଦ ନେଇ ଗରାପୁର ଆଡକୁ ଯାଉଥିବା ବେଳେ ଧରା ପଡିଥିଲେ ।

## କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା ଅଫିସ, ୨୫।୨**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ଓଡିଶା ଗସ୍ତ କରିବେ। ଏହି ଅବସରରେ ସିଏଏ ସମ୍ପର୍କରେ ଆଲୋଚନା କରିବେ। କେନ୍ଦ୍ରାପଡା ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଭୁବନେଶ୍ୱରରେ ହେବାକୁ ଥିବା ସଭାରେ ସାମିଲ ହେବାର ଅଛି । ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୁହୁରିଆସ୍ଥ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମୁଖପାତ୍ର ଗୋଲଖ ପ୍ରସାଦ ମହାପାତ୍ର, ରାଜ୍ୟ ଉପସଭାପତି ଭୁବନ ମୋହନ ଜେନା, ବରିଷ୍ଠ ନେତା ସୁନାକର ବେହେରା, ଅଜୟ କୁମାର ମିଶ୍ର, ସରୋଜ କାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ରାଜ୍ୟ ମୁଖପାତ୍ର ସିଏଏ ସମ୍ପର୍କରେ ଭାଜପାର ଆଭିମୁଖ୍ୟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହିତ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ଓଡିଶା ଗସ୍ତରେ କେନ୍ଦ୍ରାପଡା ଜିଲା ଭାଜପାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମୟରେ ଭାଜପା ନେତା ମନୋରଞ୍ଜନ ଉପାଧ୍ୟାୟ, ଉପିନ କୁମାର ରାଉତ, ଅଶୋକ ସାହୁ, ଶ୍ରୀକାନ୍ତ ସେନାପତି, କମଳାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଅମରନାଥ ଦର୍ଶନ' ମେଳା

**ଆଳି,୨୫।୨(ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଳି ଶାଖା ପକ୍ଷରୁ ଶିବରାତ୍ରି ଉପଲକ୍ଷେ ସିଙ୍ଗିରି ବଜାରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଅମରନାଥ ଦର୍ଶନ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଶାଖା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପାହାଡରେ ବରଫରେ ଅମରନାଥ ଶିବଲିଙ୍ଗ କରା ଯାଇଥିଲା । ଏହାକୁ ଦର୍ଶନ କରିବା ନିମନ୍ତେ ଆଳି, ରାଜକନିକା, ପଚାମୁଣ୍ଡାଇ, ରାଜନଗର ଆଦି ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ହଲୋଗ୍ରାଫିକ ଶିବଲିଙ୍ଗ ଦ୍ୱାରା ପରମାତ୍ମା ଦର୍ଶନର ବ୍ୟବସ୍ଥା କରାଯିବା ସହିତ ଶିବରାତ୍ରି ମହତ୍ତ୍ୱ ବିଷୟରେ ଏକ ଆଲୋଚନାଚକ୍ର କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭାଇଭାଉଣୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।



ମେଳାରେ ପ୍ରଦର୍ଶିତ ଶିବଲିଙ୍ଗ ।

## ଆୟବା ଧାନମଣ୍ଡିରେ ଅବ୍ୟବସ୍ଥା ଅଭିଯୋଗ

**କେନ୍ଦ୍ରାପଡା ଅଫିସ,୨୫।୨**

କେନ୍ଦ୍ରାପଡା ବ୍ଲକ ଆୟବା ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀମାନେ ଜିଲାପାଳଙ୍କୁ ଭେଟି ମଙ୍ଗଳବାର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଚାଷୀ ସୁକାନ୍ତ କୁମାର ପ୍ରଧାନ କହିଛନ୍ତି ଯେ, ଏହି ସମିତି ଅଧୀନରେ ଆୟବା, ପୁରୁଷୋତ୍ତମପୁର ଓ ଗଙ୍ଗାରାମପୁର ପଞ୍ଚାୟତର ୭ଶହରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି । ତେବେ ଟୋକନ ଓ ଧାନ କ୍ରୟ ଟାର୍ଗେଟ ସମସ୍ୟା ଥିବାରୁ ଅଦ୍ୟାବଧି ମାତ୍ର ୧୫୦ ଚାଷୀ ଖରିଫ ଧାନ ବିକ୍ରୟ କରିଥିବା ବେଳେ ଅବଶିଷ୍ଟ ଚାଷୀଙ୍କ ଧାନ କ୍ରୟ ପାଇଁ ସମବାୟ ସମିତି ପକ୍ଷରୁ ଉଦ୍ୟମ ହେଉନାହିଁ । ଏନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଚାଷୀ ଅଯୋଦ୍ଧା ନାଥ ବିଶ୍ୱାଳ, ପ୍ରହଲ୍ଲାଦ ଖଟୁଆ, କପିଳ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ସ୍ୱାଇଁ, ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀମାନେ ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

1. Ayurvedic Clinic ରେ କାମ କରିବା ପାଇଁ ଝିଅ ପିଲା ଏବଂ ସ୍ତ୍ରୀ ଲୋକ ଆବଶ୍ୟକ। ବୟସ = 18-35 yrs.
2. Reception with Tele Caller (F)
Contact : 8018992510

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**TEACHERS REQUIRED**
● PGT: English, Mathematics, Chemistry, Economics, Accountancy, Business Studies, Sociology, Psychology, Political Science, History, Physical Education & Painting. ● TGT: Science ● PRT: English, Dance ● NTT: With knowledge of Computer.
Please Send your resume by 10th March 2020.
E-mail: takshila.bbsr@gmail.com
Address: N5/A,1697-IRC Village, Nayapalli, Bhubaneswar
Phone No.: 9937222225 / 26, 0674-2360827
BMPS TAKSHILA SCHOOL

**OFFICE JOB**
Data Entry Operators
For Govt. / Private Organisations under agency payroll.
Qualifications- 10th,+2 & +3
Hand Speed- 15wpm
Salary-8000 to 14000
8895725158, 7327065424

**Z ASSOCIATES REQUIRED**
G.M., B.M., Executive Marketing with experience and salary 25,000 + incentives.
Walk-in-Interview
Plot No.N-1-39, IRC Village, Near Gastroclinic Hospital
Ph- 7978499407 8480697808

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା
**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ଚିକିତ୍ସା ପରାମର୍ଶଦାତାଙ୍କ ନିଯୋଜନ**
ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ଦ୍ୱାରା ମାନ୍ୟତା ପ୍ରାପ୍ତ ଦୁଇ ବର୍ଷର ଅଭିଜ୍ଞତା ଥିବା ଯେ କୌଣସି ବିଶ୍ୱବିଦ୍ୟାଳୟର ମେଡିକାଲ ସ୍ନାତକ ମାନଙ୍କର କେବଳ ଓ ବି ସି (1)ବର୍ଗର ଗୋଟିଏ ଅଂଶକାଳିକ ଠିକା ଚିକିତ୍ସା ପରାମର୍ଶଦାତା ପଦ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବସାଇଟ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ମାର୍ଚ୍ଚ 16, 2020 ।
ବି.ଦ୍ର : ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟ ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ

**WANTED**
1. DISTRICT MANAGER
2. BLOCK CO-ORDINATOR
Qualification - 10th to +3 Graduate
Salary - 10, 000 to 35,000.
Address - S.5 . 539 Line-1 Niladree Bihar, BBSR.
ALL ORISSA FIELD WORK
Contact No.-
9337586190, 9090602052

**WANTED**
LADY OFFICE ASSISTANT
Room, Breakfast
ଖାଇବା Free
Salary 7500/-
7809525452

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକଚର କନଷ୍ଟ୍ରକସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା– 40,000/-, ମଦର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ମାଣ୍ଡିଆରେ ସାର ପ୍ରୟୋଗ

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।





## ଆଳୁ ଅମଳ

ଆଗରୁ ଲଗାଯାଇଥିବା ବିଳମ୍ବ କିସମର ଆଳୁ ଅମଳ କରନ୍ତୁ। ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା, କଟା ଆଳୁସବୁ ବାଛି ଭଲ ଆଳୁ ରଖନ୍ତୁ। ସେଥିରୁ ୨୫-୩୦ ଗ୍ରାମ୍ ଓଜନର ଆଳୁ ସବୁ ବାଛି ପାଣିରେ ଧୋଇଦିଅନ୍ତୁ। ପରେ ପ୍ରତି ଲିଟର ପାଣିରେ ୩୦ ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁଗୁଡିକୁ ୩୦ ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖା ବସ୍ତାରେ ଭର୍ତ୍ତି କରି ଶୀତଳ ଭଣ୍ଡାରରେ ୪ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖନ୍ତୁ।

## ପିଆଜରେ ଶଣ୍ଢା ବାହାରୁଥିଲେ...

ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ସେପ୍ଟେମ୍ବର - ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରିଥାଏ। ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ। ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟି ଦିଅନ୍ତୁ। ପିଆଜରେ ଆଞ୍ଚୁଡା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସ୍ପ୍ରେ କରନ୍ତୁ। ଏବେ ପିଆଜରେ ପତ୍ରପୋଡା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ଲାଗି ଏକର ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ଜୈବିକ କୃଷିରେ ରୋଗପୋକ ପରିଚାଳନା



ପରେଶ କୁମାର ପଣ୍ଡା



ଫସଲ ଚାଷରେ ରୋଗପୋକ ଲାଗିବା ସ୍ୱାଭାବିକ। କ୍ଷେତ୍ରୀୟ ଗବେଷଣାରୁ ଜଣାଯାଇଛି ଯେ, କୀଟମାନଙ୍କ ଦ୍ୱାରା ୨୦%, ରୋଗ ଯୋଗୁ ୨୬%, ଘାସ ଯୋଗୁ ୩୩%, ସାଇତା ଶତ୍ରୁମାନଙ୍କ ଯୋଗୁ ୭% ଏବଂ



ମୂଷା ଓ ଅନ୍ୟାନ୍ୟ କାରଣରୁ ୧୪% ଫସଲ ନଷ୍ଟ ହୋଇଥାଏ। ପୂର୍ବରୁ କୃଷିକ୍ଷେତ୍ରରେ ରୋଗପୋକ ଦାଉରୁ ବିଭିନ୍ନ ବୃକ୍ଷ/ଉଦ୍ଭିଦଜାତ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରାଯାଉଥିଲା। ଏବେ ସେହି ପରମ୍ପରାଗତ ପଦ୍ଧତି ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି।

ଫସଲ ପରିବେଶରେ ବୁଢ଼ିଆଣୀ, କଙ୍କି, ଭଅଁର, ଇନ୍ଦ୍ରଗୋପୀ ଭୃଙ୍ଗ, ସିର୍‌ଫିଡ୍ ମାଛି ଆଦି ଶିକାରୀ ପୋକ ସହିତ ଟ୍ରାଇକୋଗ୍ରାମା, ଚିଲୋନିସ୍, ବ୍ରାକନ୍ ଆଦି ପରାଶ୍ରୟୀ ପୋକ ଉପଯୁକ୍ତ ରହିଲେ, କ୍ଷତିକାରୀ ରୋଗପୋକ ଆର୍ଥିକ ଦେହଳୀ ସୀମା ମଧ୍ୟରେ ରହିଥାଆନ୍ତି।

ଏହି ପରିଚାଳନାଗୁଡ଼ିକ ହେଲା- ୧. କୃଷି ପଦ୍ଧତି: ଖରାଟିଆ ଚାଷ, ପରିଷ୍କାର ଚାଷ, ସଅଳ ବୁଣା/ରୁଆ, ଧାଡ଼ିରେ ଲଗାଇବା, ନିୟନ୍ତ୍ରିତ ଜଳସେଚନ ଓ ନିଷ୍କାସନ, ସୁଷମ ଖାଦ୍ୟସାର ପ୍ରୟୋଗ, ଗଛର କାଣ୍ଟଛାଣ୍ଟ, ସୁସ୍ଥ ବିହନର ବ୍ୟବହାର, ବିଶୋଧନ ଓ ଉପଚାର, ଉପଯୁକ୍ତ ଫସଲ ପର୍ଯ୍ୟାୟ, ଅନ୍ତଃଫସଲ, ଯନ୍ତାଫସଲ, ମିଶ୍ରିତ ଫସଲ ଅବଲମ୍ବନ। ହିଡ଼ କତି କରି ମୂଳ ଫସଲ ନ ନେବା ଦରକାର।

୨. ଭୌତିକ ପଦ୍ଧତି: ସୌର ବିଶୋଧନ ଓ ତାପ ପ୍ରୟୋଗ।

୩. ଯାନ୍ତ୍ରିକ ପଦ୍ଧତି: ହାତରେ ତୋଳି ମାରିବା, ରୋଗଣା ଓ ପୋକ ଆକ୍ରାନ୍ତ ଗଛ ବା ଅଂଶକୁ ଅଲଗା କରିବା, ଖାଇ ପ୍ରସ୍ତୁତି, ଗଛର ଅଗ ଛିଡ଼ାଇବା, ବାଉଁଶ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା, ବିଷଥୋପ, ଆଲୋକ ଯନ୍ତା, ଅଠାଳିଆ ଯନ୍ତା, ଫଳକୁ କାଗଜରେ ଗୁଡ଼ାଇବା, ଛାଦୀକରଣ ଇତ୍ୟାଦି ପ୍ରଚଳନ।

**ଆଲୋକ ଯନ୍ତା (ଲାଇଟ୍ ଟ୍ରାପ୍):** ଆଲୋକ ପ୍ରତି ସାଧାରଣତଃ ପୋକଗୁଡ଼ିକ ଆକର୍ଷିତ ହୋଇଥାଆନ୍ତି। ଫଳରେ ଯନ୍ତା ତଳେ କିରୋସିନ୍ ମିଶା ପାଣିରେ ବୁଡ଼ି ମରିଯାଆନ୍ତି।

**ଅଠାଳିଆ ଯନ୍ତା (ଷ୍ଟିକି ଟ୍ରାପ୍):** ହଳଦିଆ ରଙ୍ଗର ପ୍ଲାଷ୍ଟିକ୍ ଫର୍ଦ ଉପରେ ଅଠା ବୋଳି ଜମିରେ ରଖିଲେ ଜଉପୋକ ଓ ଅନେକ ଉଡ଼ନ୍ତା ପୋକ ଆକର୍ଷିତ ହୋଇ ବା ଉଡ଼ିବା ସମୟରେ ଅଠାରେ ଲାଗି ମରିଯାଆନ୍ତି।

**ବାଉଁଶ ଯନ୍ତା:** ସାଧାରଣତଃ ପକ୍ଷୀ ବା ଚଢ଼େଇ ଅନିଷ୍ଟକାରୀ ପୋକର ଅଣ୍ଡା, ଶୂକ ଏବଂ ଗୋଟିପୋକ ତଥା ପୂର୍ଣ୍ଣାଙ୍ଗ ପୋକକୁ ଖାଇଥାଏ। ପକ୍ଷୀଗୁଡ଼ିକୁ ଆକର୍ଷିତ କରିବା ନିମିତ୍ତ ପୋଲା ବାଉଁଶର ଗଣ୍ଠିର ୩ ସେମି ଛାଡ଼ି ଉପରକୁ କାଟି ଜମିରେ ମଝିରେ ମଝିରେ ଏକର ପ୍ରତି ଅନ୍ୟୁନ ୪ଟି କରି ପୋତିଦେଲେ ଓ ସେହି ଖୋପରେ ପୋକରା ଅଣ୍ଡା ପୁଞ୍ଜି ରଖିଲେ ଚଢ଼େଇ ଆକର୍ଷିତ ହୋଇ ଅଣ୍ଡାକୁ ଖାଇ ଅନ୍ୟ ପୋକଗୁଡ଼ିକୁ ଖାଇଯାଆନ୍ତି। ରାତ୍ରି ସମୟରେ ପେଚା ବସି ରହି ବିଲ ମୂଷାକୁ ଶିକାର କରିଥାଏ।

**ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍):** ଏକ ନିର୍ଦ୍ଦିଷ୍ଟ ପୋକର ପୁରୁଷଗୁଡ଼ିକ ସେମାନଙ୍କର ସ୍ତ୍ରୀ ଜାତିର ବାସ୍ନା ପ୍ରତି ଆକର୍ଷିତ ହୋଇଥାଆନ୍ତି। ଏହି ଅନୁଯାୟୀ ବାଇଗଣର ଫଳ ଓ କାଣ୍ଡବିନ୍ଧା ପୋକ, ଧାନର କାଣ୍ଡ ବିନ୍ଧାପୋକ, କପାର ବକରାବିନ୍ଧା ପୋକ ଓ ପତ୍ରଖିଆ ପୋକ, ଫଳମାଛି, ଆଖୁର କାଣ୍ଡବିନ୍ଧା ପୋକ ଆଦିର ପୁରୁଷଗୁଡ଼ିକ ଫେରୋମୋନ୍ ଯନ୍ତା ଦ୍ୱାରା ଆକର୍ଷିତ କରି ମାରିଦିଆଯାଏ। ଫଳରେ ପୁରୁଷ ପୋକର ଅଭାବ ହେତୁ ସ୍ତ୍ରୀ ପ୍ରଜାତି/ପୋକର ଅଣ୍ଡା ଦେବା କମିଯାଏ ଓ ବଂଶବୃଦ୍ଧି ହୋଇ ନ ଥାଏ।

— ଆଲୋକ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା ଓ ପକ୍ଷୀ ଆଶ୍ରୟସ୍ଥଳ ସୃଷ୍ଟି କରି ପୋକ ବଂଶକୁ ବଢ଼ିବାକୁ ଦିଆଯାଇ ନ ଥାଏ।- ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରି ଧଳାମାଛିଜନିତ ସାହେବୀ ରୋଗକୁ ନିୟନ୍ତ୍ରଣ କରାଯାଏ। - ବିଭିନ୍ନ ଫସଲରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ନଳୀପୋକ ଓ ଫଳବିନ୍ଧା ପୋକର ନିୟନ୍ତ୍ରଣ ଲାଗି ଟ୍ରାଇକୋଗ୍ରାମା ପରାଶ୍ରୟୀ ଅଣ୍ଡା ଥିବା କାର୍ଡ ଫସଲରେ ବ୍ୟବହାର କରି ପୋକ ନିୟନ୍ତ୍ରଣ କରାଯାଏ। - ଧାନ ବା ଚାଉଳରେ ଶୁଖିଲା ଲଙ୍କା ବା ହଳଦୀଗୁଣ୍ଡ ମିଶାଇ ରଖିବାରେ ଶୁଣ୍ଢପୋକ ଓ ଅନ୍ୟ ସାଇତା ପୋକ ଲାଗି ନ ଥାନ୍ତି।

- ଶସ୍ୟଜାତୀୟ ଫସଲ ପାଖେ ଗେଣ୍ଡୁ ଗଛ ଲଗାଇଲେ ଛୋଟ ପୋକଗୁଡ଼ିକ ଫସଲଠାରୁ ଦୂରେଇ ଯାଇଥାନ୍ତି।

- ଜୈବିକ ପଦ୍ଧତି: ପରାଶ୍ରୟୀ ଜୀବ, ପରଭୋଜି ଜୀବ, ଭୂତାଣୁ, ବୀଜାଣୁ, ଫିମ୍ପି, ସୂତ୍ରକୀଟ, ହାଣ୍ଡିଖତ, ନିମ୍ବଜାତ ଔଷଧ, ନିମ୍ବ ପତ୍ରରସ, ଧୂଆଁପତ୍ର ରସ ପ୍ରୟୋଗ।

- ରୋଗ ପୋକ ସହଣି ବିହନର ବ୍ୟବହାର।

- ବୃକ୍ଷଜାତ ପଦାର୍ଥର ବ୍ୟବହାର, ଉପକାରୀ ଜୀବାଣୁ, ଭୂତାଣୁ, ଫିମ୍ପି, କବକ ଆଦିର ପ୍ରୟୋଗ କରିବା ଦରକାର। ଜୈବିକ ପଦାର୍ଥର ପ୍ରୟୋଗ ଦ୍ୱାରା ମୃତ୍ତିକାର ଜଳଧାରଣ କ୍ଷମତାରେ ବୃଦ୍ଧି ଘଟି ହାଲୁକା ରହେ ଓ ତହିଁରେ ଉପକାରୀ ଜୀବାଣୁଗୁଡ଼ିକ ଭଲ ଭାବେ ସହଜରେ ବଢ଼ିଥାଆନ୍ତି।

- ରୋଗପୋକ ନିୟନ୍ତ୍ରଣ ପାଇଁ ଫସଲରେ ନିମ୍ବତେଲ, ପିଡ଼ିଆ, କରଞ୍ଜ ପିଡ଼ିଆ, ନିମ୍ବପତ୍ର ଗୁଣ୍ଡ, ନିମ୍ବ ମଞ୍ଜି ଶସ୍ୟରୁ ବାହାରୁଥିବା ପଦାର୍ଥ ବ୍ୟବହାର କରାଯାଏ।

- ଜୀବାଣୁ ବିଷ, ଭୂତାଣୁ, ଦ୍ରବଣ, ପରାଶ୍ରୟୀ ଓ ପରଭୋଜୀ କୀଟକୁ ପୋକ ନିୟନ୍ତ୍ରଣ ଲାଗି ବ୍ୟବହାର କରାଯାଏ।

- ଜୈବିକ ଖତ ଓ ଔଷଧ ଫସଲରେ ପ୍ରୟୋଗ କରିବା ଦ୍ୱାରା ଫସଲ ଉତ୍ପାଦନ ବଢ଼ିବା ସହ ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ । ଆଉ ଫସଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ରୋଗପୋକ ନିୟନ୍ତ୍ରଣରେ ସହାୟକ ହୋଇଥାଏ।

- ନିମ୍ବ, କରଞ୍ଜି ପିଡ଼ିଆକୁ ମୃତ୍ତିକାରେ ଲଗାତର ୩ ବର୍ଷ ପ୍ରୟୋଗ ପରେ ଦେଖାଯାଇଛି ଯେ ଫସଲରେ ପୋକ ଆକ୍ରମଣ ନ୍ୟୂନତମ ହୋଇଥାଏ। ସେହିପରି ୩ ଦିନ ତଳର ଗାଈ ମୂତ୍ର ସହ ନଗଦ ଗାଈ ଗୋବର ଛଣା ପାଣି ଓ ନିମ୍ବପତ୍ର ସିଝାଇ ୫% ଦ୍ରବଣ ସିଞ୍ଚନ ଦ୍ୱାରା ପ୍ରାୟ ରୋଗ ନିୟନ୍ତ୍ରଣ ହୋଇଥାଏ।

- ଧାନ ଫସଲରେ ଜୀବାଣୁଜନିତ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ଲାଗି ଛଣା ହୋଇଥିବା ଗୋବର ପାଣି ଫସଲରେ ସିଞ୍ଚନ କରାଯାଏ।

- ଜୈବ କୀଟନାଶକ ଯଥା- ହାଣ୍ଡିଖତ, ପଞ୍ଚଗବ୍ୟ, ଅମୃତ ପାଣି, ଜୀବାମୃତ, ବୀଜାମୃତ, ଗୋମୂତ୍ରକୁ ଫସଲରେ ଜଳ ସହ ମିଶାଇ ପ୍ରଥମରୁ ପ୍ରୟୋଗ କଲେ ଫସଲରେ ରୋଗପୋକ ସଂକ୍ରମଣ କମ୍ ହୋଇଥାଏ।

- ଜୈବ କୀଟନାଶକ ଯଥା- ବି.ଟି. ସୁଡୋମାନାସ୍ ଜୀବାଣୁ ଓ ଟ୍ରାଇକୋଡର୍ମା ବ୍ୟବହାର କରି ରୋଗପୋକ ନିୟନ୍ତ୍ରଣ କରାଯାଇଥାଏ। ବି.ଟି. ଜୀବାଣୁ- ବିଭିନ୍ନ ଫସଲରେ ପତ୍ରମୋଡ଼ା ପୋକ, ଫଳବିନ୍ଧା ପୋକ, ନାଲି ଶଂବାଲୁଆ, ପତ୍ରଖିଆ ପୋକ ଆଦିକୁ ଏବଂ ଟ୍ରାଇକୋଡର୍ମା ଫିମ୍ପି- ଝାଉଁଳା, ଚେରଶଢ଼ା, ମୂଳ ଶଢ଼ା, ଘାରିକଟା, ବେକ ପଚା, ଟିକା ଆଦି ରୋଗକୁ ସଫଳତାର ସହ ନିୟନ୍ତ୍ରଣ କରିଥାଏ। ବି.ଟି. ଜୀବାଣୁର ୨ ମିଲି ଲିଟର ପାଣି ପ୍ରତି ଓ ଟ୍ରାଇକୋଡର୍ମା ଫିମ୍ପିର ୫ ଗ୍ରାମ ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଞ୍ଚନ କରାଯାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ଇଞ୍ଜିନିୟରଙ୍କୁ ସ୍ୱାବଲମ୍ବୀ କରାଇଛି ଚାଷ

ସିଭିଲ ଇଞ୍ଜିନିୟରିଂରେ ସେ ଡିଗ୍ରୀ ହାସଲ କଲେ। ତାଙ୍କ ବାପାଙ୍କ ଇଚ୍ଛା ଥିଲା ପୁଅ ଚାକିରି କରୁ। କିନ୍ତୁ ଚାକିରି ପ୍ରତି ପୁଅଙ୍କର ମନ ବଳିଲା ନାହିଁ। ନିଜେ ସ୍ୱାବଲମ୍ବୀ ହେବେ। ଆଉ କେତେଜଣଙ୍କ ପାଇଁ ରୋଜଗାର ବାଟ ଦେଖାଇବେ। ତେଣୁ ଚାଷକାର୍ଯ୍ୟ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବା ଲାଗି ନିଷ୍ପତ୍ତି ନେଲେ। ଆରମ୍ଭ ହେଲା ଉଦ୍ୟମ। ପ୍ରାଥମିକ ଭାବେ ବାପାଙ୍କୁ ଚାଷ କାର୍ଯ୍ୟରେ ସହଯୋଗ କଲେ। ତା'ପରେ ବଜାର ଚାହିଦାକୁ ଲକ୍ଷ୍ୟ ରଖି ଆରମ୍ଭ କଲେ ମାଛଚାଷ। ପ୍ରାରମ୍ଭିକ ସଫଳତା ତାଙ୍କ ଉତ୍ସାହକୁ ବଢାଇଦେଲା। ଏହାପରେ ଛେଳି, କୁକୁଡ଼ାପାଳନରେ ମନଦେଲେ। ଏଥିସହ ଘାସ ଚାଷ ଆଉ କଦଳୀ, ଆମ୍ବ, ଲେମ୍ବୁ ଚାଷରେ ହାତ ଦେଲେ। ତେବେ ବର୍ଷ କେଇଟାରେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାର ଯୋଗାଇଦେବାରେ ହୋଇଛନ୍ତି ସମର୍ଥ। ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସଫଳ ହୋଇଥିବା ସେହି ଉଚ୍ଚ ଶିକ୍ଷିତ ଯୁବକ ହେଲେ ଟଙ୍କଧର ପ୍ରଧାନ(ମୋ: ୯୯୩୭୨୪୮୨୧୧)। ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ଡଙ୍ଗାପାଳ ଗ୍ରାମରେ ତାଙ୍କ ଘର। ମା' ସଂଯୁକ୍ତା ଓ ପିତାଙ୍କ ନାମ କରୁଣାକର ପ୍ରଧାନ।

ଢେଙ୍କାନାଳସ୍ଥିତ ପଠାଣି ସାମନ୍ତ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରୁ ସିଭିଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ ଟଙ୍କଧର। ହେଲେ ଚାକିରି ନ କରି ନିଜେ ସ୍ୱାବଲମ୍ବୀ ହେବାଲାଗି ଚାଷକୁ ଆପଣେଇ ନେଲେ। ପ୍ରାରମ୍ଭିକ ଭାବେ ବାପାଙ୍କ ସହ ଧାନ, ମୁଗ ଆଦି ଚାଷରେ ମନ ଦେଇଥିଲେ। ତେବେ ତାଙ୍କ ପରିବାରର ୨୫ ଏକର ଜମିରୁ ଗୋଟିଏ ସ୍ଥାନରେ ଥିଲା ପ୍ରାୟ ୫ ଏକର ଜମି । ସେହି ସ୍ଥାନରେ ପାଣିର ସୁବିଧା ମଧ୍ୟ ଥିଲା। ତେଣୁ ସେଠାରେ ମାଛ ଚାଷ ପାଇଁ ପ୍ରଥମେ ମନ ବଳାଇଥିଲେ। ପରେ ୨୦ଟି ଗାଈ କିଣି କଲେ ଗୋପାଳନ । ଦୁଗ୍ଧ ବ୍ୟବସାୟରେ ହାତ ଦେଲେ। ଗାଈଙ୍କ ପାଇଁ ଘାସ ଚାଷ କଲେ। ଚାରି ପଟେ ଆମ୍ବ, କଦଳୀ ଲେମ୍ବୁ ଗଛ ଲଗାଇଲେ। ପରେ ଛେଳି ଓ କୁକୁଡା ଚାଷରେ ମନଦେଲେ। ଏଥିରୁ ବାର୍ଷିକ ୨ ଲକ୍ଷରୁ ଅଧିକ ଟଙ୍କା ଲାଭ ମିଳିଥାଏ। ସେହିପରି ମାଛ ଓ ଅନ୍ୟ ଫସଲଜାତୀୟ ଦ୍ରବ୍ୟ ବିକ୍ରୟ କରି ୩ ଲକ୍ଷ ଟଙ୍କା ରୋଜଗାର ହୋଇଥାଏ ବୋଲି କୁହନ୍ତି ସେ। ମାତ୍ର ବର୍ଷ କେତୋଟି ମଧ୍ୟରେ ସ୍ୱରୋଜଗାରକ୍ଷମ ହେବାରେ ସଫଳ ହୋଇଥିବା ଟଙ୍କଧରଙ୍କୁ ନିକଟରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଛି କୃଷି କର୍ମଣ ପୁରସ୍କାର । ଏହା ତାଙ୍କ ଆତ୍ମ ବିଶ୍ୱାସକୁ ବଢାଇଦେଇଛି। ଆଗକୁ ଯିବାରେ ଉତ୍ସାହ ଆଣିଛି। ସରକାରୀ ସାହାଯ୍ୟ ପାଇଲେ ଚାଷ ପରିମାଣ ଆହୁରି ବଢାଇବେ ବୋଲି କୁହନ୍ତି ସେ । ତେବେ ଏତିକି ରୋଜଗାରରେ ସନ୍ତୁଷ୍ଟ ନୁହନ୍ତି ଟଙ୍କଧର। ଚାଷକୁ ଆହୁରି ବଢାଇବେ, ଅଧିକ ଲୋକଙ୍କୁ ରୋଜଗାରର ବାଟ ଦେଖାଇବେ ଏହି ଲକ୍ଷ୍ୟ ରଖିଛନ୍ତି ସେ।




ଇ. ଟଙ୍କଧର ପ୍ରଧାନ

**-ଶୁଭାଶିଷ ପାଢ଼ୀ**

## ଜୈବିକ ପଦ୍ଧତିରେ ଲଙ୍କାଚାଷ

(ଦ୍ୱିତୀୟ ଭାଗ)

**ଝାଉଁଳା ରୋଗ:** ଏହି ରୋଗ ଲଙ୍କା, ବାଇଗଣ ଓ ବିଲାତି ବାଇଗଣରେ ଦେଖାଯାଇଥାଏ। ଏଥିପାଇଁ ଫସଲ ପର୍ଯ୍ୟାୟ ଗ୍ରହଣ କରି ବିକଳ୍ପ ହିସାବରେ ଡାଲି ଜାତୀୟ ଫସଲ ଗ୍ରହଣ କରନ୍ତୁ। ରୋଗ ନିରୋଧକ କିସମ ବ୍ୟବହାର କରନ୍ତୁ । ବିହନ ଓ ଚାରା ବିଶୋଧନ କରି ଲଗାନ୍ତୁ। ପ୍ରଥମେ ଆକ୍ରାନ୍ତ ଗଛକୁ ମାଟି ସହିତ ଉପାଡି ନଷ୍ଟ କରିଦିଅନ୍ତୁ। ଏତଦ୍‌ବ୍ୟତୀତ କରଞ୍ଜ, ନିମ,କୋଚିଲା, ବାରବରଷି , ଅଗସ୍ତିର ପତ୍ର (ପ୍ରତ୍ୟେକରୁ ୨ କିଗ୍ରା ଲେଖାଏ) ଛେଚି ଗାଈ ମୂତ୍ରରେ (୧୨ ଲିଟର) ୭ ଦିନ ଶଢ଼ାଇବା ପରେ ଛାଣି ୪ ଗୁଣ ପାଣି ମିଶାଇ ଗଛ ମୂଳରେ ଦିଅନ୍ତୁ। ୨ କିଗ୍ରା ଲେଖାଏ ନିମ, କରଞ୍ଜ ଓ କୋଚିଲା ପତ୍ରକୁ ଛେଚି ୧୦ ଲିଟର ଗାଈ ମୂତରେ ୭ ଦିନ ଶଢ଼ାଇବା ପରେ ଛାଣି ଏଥି ସହିତ ୧ କି.ଗ୍ରା କୁଆଁରି ପତ୍ର ରସ ମିଶାଇ ଗଛ ମୂଳକୁ ସ୍ପ୍ରେ କରାଯାଏ। ଚାରାରୋପଣ ସମୟରେ ଏହି ଦ୍ରବଣ ମଧ୍ୟ ବିଶୋଧନ କରାଯାଇପାରିବ।

**ଜଉପୋକ:** ଫସଲରେ ନିମତେଲ (୩%) କିମ୍ବା ନିମରେ ପ୍ରସ୍ତୁତ କୀଟନାଶକ ନିମାଜଲ (୫ ମି.ଲି) ଲିଟର ପ୍ରୟୋଗ କରନ୍ତୁ କିମ୍ବା ୧୦ ଲିଟର ଗୋମୂତ୍ରରେ ୫୦୦ ଗ୍ରାମ ବଡ଼ ଗୁଣ୍ଡକୁ ଗୋଳାଇ ୩ ଦିନ ରଖିବା ପରେ ୯୦ ଲିଟର ପାଣିରେ ମିଶାଇ ଛାଣି ସ୍ପ୍ରେ କରନ୍ତୁ।



**ଉକୁଣିଆ ଓ ଧଳାମାଛି:** ପରିଚାଳନା ଲାଗି ନିମ ପ୍ରସ୍ତୁତ କୀଟନାଶକ କିମ୍ବା ଏନ୍.ଏମ୍.କେ.ଇ ୫% ପ୍ରୟୋଗ କରାଯାଏ।

**ଫଳବିନ୍ଧା ପୋକ:** ଆକ୍ରାନ୍ତ ଫଳ ପାଇଁ ନିମରୁ ଜାତ କୀଟନାଶକ ନିମତେଲ ୩% କିମ୍ବା ଏନ୍‌ଏସ୍‌କେଇ ୫% ସିଞ୍ଚନ କରନ୍ତୁ।

**ପରବର୍ତ୍ତୀ ଯତ୍ନ:** ଚାରାରୋପଣ ୨୦-୩୦ ଦିନ ଏବଂ ୫୦-୬୦ ଦିନରେ କୋଡାଖୁସା କରି ଜିଆଖତ ଓ ଷ୍ଟେଭାମିଲ୍ ଦେଇ ମାଟି ଟେକିଦିଅନ୍ତୁ। ଅନାବନା ଗଛସବୁ ଉପାଡି ଛାଦିକରଣ କରନ୍ତୁ। ଫସଲ ମଝିରେ ମଝିରେ ଗେଣ୍ଡୁ କିମ୍ବା ରାଶିଗଛ ରହିଲେ ଝାଉଁଳା ରୋଗ ହୋଇ ନ ଥାଏ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

**ଅମଳ:** ପାଚିଲା ଫଳକୁ ମଝିରେ ମଝିରେ ତୋଳି ଗୋଟିଏ ଦିନ ଅଖା ଭିତରେ ରଖିଲେ ରଙ୍ଗ ଉନ୍ନତ ଆସିଥାଏ। ପରେ ଖରାରେ ରଖିଲେ ୮୦% ଜଳୀୟ ଅଂଶ କମେ।

***- ମାନସ ରଞ୍ଜନ ପଟ୍ଟନାୟକ***

*- ପ୍ରିନ୍ସିପାଲ, ଆଗ୍ରୋ-ପଲିଟେକ୍ନିକ୍ କଲେଜ, ବୌଦ୍ଧ, ଓୟୁଏଟି*

## ଖରାଟିଆ ମୁଗ ଓ ବିରି



ଏପର୍ଯ୍ୟନ୍ତ ବୁଣି ନ ଥିଲେ ଆଉ ବିଳମ୍ବ ନ କରି ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଶେଷ କରନ୍ତୁ। ଆଗରୁ ବୁଣାଯାଇଥିବା ଫସଲରେ ମାଟିର ବତର ଦେଖି ଜଳସେଚନ କରନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.85 (↓13) | 40,281.20 (↓82.03) | 11,797.90 (↓31.50) | 43,549.00 (↓₹954) | 49,990.00 (↓₹80) |



“ଆମେରିକା ସହ ପରବର୍ତ୍ତୀ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା ପ୍ରାୟତଃ ଶେଷ ହୋଇଛି। ବ୍ୟାପକ ବାଣିଜ୍ୟିକ ଡିଲ୍ ଆଗକୁ ବଢିବା ନେଇ ଆଶାବାଦୀ।

– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“ଟେକ୍ନୋଲୋଜିର ଲାଭ ଯେଉଁଳି ସମସ୍ତଙ୍କ ଲାଗି ଉପଲବ୍ଧ ହେବ ତାକୁ ଡେଭଲପରମାନେ ଧ୍ୟାନ ରଖିବା ଉଚିତ। ଏକ୍ଷେତ୍ରରେ ଦାୟିତ୍ୱବୋଧ, ବିଶ୍ୱାସ ଏବଂ ଭରସାଯୋଗ୍ୟ ଭଳି ପ୍ରସଙ୍ଗର ଗୁରୁତ୍ୱ ଅନେକ।

– ସତ୍ୟ ନାଡେଲା, ମାଇକ୍ରୋସଫ୍ଟ ସିଇଓ

# ‘ଆମେରିକାରେ ଅଧିକ ନିବେଶ କର’

ନୂଆଦିଲ୍ଲୀ, ୨୫–୨

## ଶିଳ୍ପ ଜଗତକୁ ଭେଟିଲେ ଟ୍ରମ୍ପ

- ନିୟମରେ ସରଳୀକରଣ କରିବାକୁ ପ୍ରତିଶ୍ରୁତି
- ଭାରତ ସହ ଟ୍ରେଡ୍ ଡିଲ୍ ନେଇ ବିସ୍ତୃତ ସୂଚନା ଦେଲେନି
- ମୋଦି ସ୍ୱତନ୍ତ୍ର ବୋଲି ଭାରତୀୟ ସିଇଓଙ୍କୁ କହିଲେ
- ପୁଣି ଥରେ ନିର୍ବାଚନରେ ଜିତିବା ନେଇ ଆଶାବାଦୀ



ଆମେରିକାରେ ଭାରତୀୟ ବାଣିଜ୍ୟ ଗୋଷ୍ଠୀ ଅଧିକ ନିବେଶ କରୁ ବୋଲି ଏଠାରେ ଶିଳ୍ପ ଜଗତକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଆହ୍ୱାନ ଜଣାଇଛନ୍ତି। ଶିଳ୍ପଗୁଡିକ ଲାଗି ନିୟମ ସରଳୀକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସେଠାରେ ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଦେଶୀ ନିବେଶ ବଢାଇବା ଉପରେ ଟ୍ରମ୍ପ ଗୁରୁତ୍ୱାରୋପ କରିଛନ୍ତି। ସିଇଓଙ୍କ ରାଉଣ୍ଡଟେବୁଲ କାର୍ଯ୍ୟକ୍ରମରେ ଟ୍ରମ୍ପ ଭାରତୀୟ ଶିଳ୍ପ ଜଗତର ଲିଡରଙ୍କୁ ଭେଟିଛନ୍ତି। ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନି, ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେକରନ, ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଶିଳ୍ପ ନେତାଙ୍କୁ ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି ଯେ, ଆଗାମୀ ଦିନରେ ଆମେରିକାରେ ନିବେଶ କ୍ଷେତ୍ରରେ ନିୟମ ବେଶ୍ ଉନ୍ନତ ହେବ। ୟୁଏସ୍‌ରେ ନିବେଶ ଧାରା ନେଇ ଶିଳ୍ପ ଲିଡରମାନେ ଟ୍ରମ୍ପଙ୍କୁ ଏହି ଅବସରରେ ଅବଗତ କରାଇଛନ୍ତି। ସେ ଶିଳ୍ପ ଲିଡରଙ୍କୁ ଶୁଭେଚ୍ଛା ଏବଂ ଧନ୍ୟବାଦ ଜଣାଇବା ସହ ସେଠାରେ ନିବେଶ ଏବଂ ନୂଆ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ନିଯୁକ୍ତି ସୃଷ୍ଟି ଦିଗରେ ସରକାର କେବଳ ସହାୟତା କରିପାରିବେ। ମାତ୍ର ଶିଳ୍ପ ଜଗତ ପ୍ରକୃତ ପକ୍ଷେ ନିଯୁକ୍ତି ସୃଷ୍ଟି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସେ ମତପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ହୋଇ ଭାରତରେ କାର୍ଯ୍ୟକ୍ରମ ଜାରି ରହିଛି। ଏଠାରେ ନିଯୁକ୍ତି ସୃଷ୍ଟି ଲାଗି ଆମେ ଯୋଗଦାନ ରଖିଛୁ। ଆମେରିକାରେ ମଧ୍ୟ ଭାରତୀୟ କମ୍ପାନୀଗୁଡିକ ଏ ଦିଗରେ ଯୋଗଦାନ ରଖୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ମତ ରଖି ଟ୍ରମ୍ପ କହିଛନ୍ତି ଯେ, ମୋଦି ଜଣେ କଠୋର ମଣିଷ, କିନ୍ତୁ ସେ ସ୍ୱତନ୍ତ୍ର ଜଣେ ଭଲ ମଣିଷ। ମୋଦି ବହୁତ ଭଲ କାମ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ କରିଛନ୍ତି। ଭାରତ ସହ ଟ୍ରେଡ୍ ଡିଲ୍ ନେଇ କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ଭାବେ କିଛି କହି ନ ଥିବା ଜଣାପଡିଛି।

ଭାରତ ଗସ୍ତ କରି ଅତ୍ୟନ୍ତ କୃତଜ୍ଞ। ଭାରତ ଆସି ଭଲ ବ୍ୟବସାୟ କରିଛୁ ବୋଲି ସେ ଏଠାରେ ମତ ରଖିଛନ୍ତି। ଭାରତ ଆମେରିକାଠାରୁ ୩ ବିଲିୟନ ଡଲାର ମୂଲ୍ୟର ହେଲିକପ୍ଟର କିଣିଥିବା ସେ ସ୍ପଷ୍ଟ କରିଛନ୍ତି। ଆମେରିକାରେ ମିଲିଟାରି, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୀତି କ୍ଷେତ୍ରରେ ଅନେକ କାମ କରିଛୁ। ଏହା ଦ୍ୱାରା ବଜାର ବ୍ୟବସ୍ଥାରେ ଉନ୍ନତି ଆସିବାର ସମ୍ଭାବନା ରହିଛି। ପୁଣି ଥରେ ରାଷ୍ଟ୍ରପତି ନିର୍ବାଚନରେ ଜିତିବେ ବୋଲି ଟ୍ରମ୍ପ ମତବ୍ୟକ୍ତ କରିଛନ୍ତି। ତାଙ୍କ ସମୟରେ ଆମେରିକା ଅର୍ଥନୀତିରେ ବିକାଶ ସାଧନ ହୋଇପାରିଛି।

# ସ୍ମାର୍ଟ ସିଟି ବିକାଶରେ ଅଂଶୀଦାର ହେବ କାନାଡ଼ା

ଭୁବନେଶ୍ୱର, ୨୫–୨

ଭୁବନେଶ୍ୱର ସ୍ମାର୍ଟ ସିଟି, ଆଇଟି ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ କାନାଡା ଅଂଶୀଦାର ହେବ ବୋଲି ଜଣାପଡିଛି। କାନାଡାର ବାଣିଜ୍ୟ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତ କରିବା ସହ ଏଠାରେ ଏକ ରୋଡ ଶୋ’ରେ ଯୋଗ ଦେଇଛି। କାନାଡାର କମର୍ସିଆଲ ସେକେଣ୍ଡ ସେକ୍ରେଟାରୀ ଏବଂ ଟ୍ରେଡ ସଚିବ ସ୍କଟ ମ୍ୟାକଲେଏଡଙ୍କ ନେତୃତ୍ୱରେ ଷ୍ଟଡି ଇନ୍ କାନାଡା ପକ୍ଷରୁ ଦେବଯାନୀ ପାଲ, ଆଇଆର୍‌ସିସି କାନାଡା ବ୍ରାଏନ ଗ୍ରୀଫର୍ଡ ଏୟାର କାନାଡା ବିକ୍ରି ପ୍ରବନ୍ଧକ ଗୌରବ ମେହେଟା ଏହି ଦଳରେ ସାମିଲ ଅଛନ୍ତି। ଦେଶର ବାଣିଜ୍ୟ ଏବଂ ଶିକ୍ଷାର ଏକ ପ୍ରମୁଖ ହବ୍ ଭାବେ ଭୁବନେଶ୍ୱର ଉଭା ହେଉଥିବାରୁ ଏହି କ୍ଷେତ୍ରରେ କାନାଡା ଅଂଶୀଦାର ହେବାକୁ ଇଚ୍ଛୁକ ଥିବା ଏହି ଅବସରରେ ମତ ପ୍ରକାଶ ପାଇଛି। ଓଡିଶା ଏବଂ କାନାଡା ମଧ୍ୟରେ ନିବେଶ ଏବଂ ବାଣିଜ୍ୟ ସମ୍ଭାବନା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି।

ଏଥିରେ ଟ୍ରେଡ କମିଶନର ସ୍କଟ ମ୍ୟାକଲେଏଡ କହିଛନ୍ତି ଯେ, ସୂଚନା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ହବ ଭାବେ ଉଭା ହୋଇଛି। ନୂଆ କରି ସ୍ଥାପନ ହେଉଥିବା ଷ୍ଟାର୍ଟଅପଗୁଡିକ ଲାଗି ଫଣ୍ଡିଂ ସୁବିଧା ମଧ୍ୟ ହୋଇ ପାରୁଛି। ବାଣିଜ୍ୟ ସୁବିଧା ଯୋଗାଣ କ୍ଷେତ୍ରରେ ଓଡ଼ିଶା ତଥା ଭୁବନେଶ୍ୱର ସହର ପସନ୍ଦଯୋଗ୍ୟ ସ୍ଥାନ ପାଲଟିଛି। ଶିଳ୍ପ ସଂସ୍ଥାଗୁଡିକୁ ଉପଯୋଗୀ ଶ୍ରମଶକ୍ତି ଯୋଗାଣ, ଆଇଟି ଏବଂ ଇଞ୍ଜିନିୟରିଂର ଅନ୍ୟ କ୍ଷେତ୍ରରେ ବିକାଶ ସାଧନ ଯୋଗୁ ଭୁବନେଶ୍ୱର ସହର ଏବେ ଅନେକଙ୍କ ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହୋଇଛି। ଭାରତ ସରକାରଙ୍କ ସ୍ମାର୍ଟ ସହର ପ୍ରକଳ୍ପରେ ଟରୋଣ୍ଟୋ ଭିତ୍ତିକ ଆଇବିଆଇ ଗ୍ରୁପ ଏକ ପ୍ରମୁଖ ଅଂଶୀଦାର ହୋଇପାରିଛି। ଭୁବନେଶ୍ୱର ସ୍ମାର୍ଟ ସହର ପ୍ରକଳ୍ପରେ ପ୍ରକଳ୍ପ ପରିଚାଳନା କନସଲଟାଣ୍ଟ ଭାବେ ଆଇବିଆଇ ଗ୍ରୁପର ଅଭିଜ୍ଞତା ରହିଛି। ବିଶେଷ କରି ବ୍ରାଉନଫିଲ୍ଡ ସ୍ମାର୍ଟ ସହର ପ୍ରକଳ୍ପରେ ଏହା ନିଜର ଯୋଗଦାନ ରଖିଛି। ଭୁବନେଶ୍ୱର ସହର ସହିତ ଏକ ଦୃଢ ଦ୍ୱିପାକ୍ଷିକ ସମ୍ପର୍କ ଦ୍ୱାରା ବ୍ରାଣ୍ଡ କାନାଡା ଆଗକୁ ବଢିବାକୁ ଚାହୁଁଛି ବୋଲି ମ୍ୟାକଲଏଡ ମତ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାଣିଜ୍ୟ ସ୍ଥାପନ କ୍ଷେତ୍ରରେ କାନାଡା ପ୍ରମୁଖ ସ୍ଥାନରେ ରହିଛି। ସ୍ୱଚ୍ଛ ଟେକ୍ନୋଲୋଜି ଏବଂ ଲିଡରଶିପ କ୍ଷେତ୍ରରେ ମଧ୍ୟ ଏହା ଯୋଗଦାନ ରଖିଛି। ଭୁବନେଶ୍ୱରର ସହର ସହ ଶିକ୍ଷା ବିକାଶରେ କାର୍ଯ୍ୟ କରିବାକୁ ଇଚ୍ଛା ରହିଛି। ଏହା ରାଜ୍ୟର ଶିଳ୍ପ ବିକାଶରେ ସକ୍ରିୟ ଭାବେ ଯୋଗଦାନ ରଖିପାରିବ। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନ ପୂରଣ ଦିଗରେ ଭୁବନେଶ୍ୱର ଭଳି ସହର ବିଶେଷ ଭାବେ ଯୋଗଦାନ ରଖି ପାରିବେ। ଏଦିଗରେ ଭୁବନେଶ୍ୱର ସହ ମିଳିତ ହୋଇ କାର୍ଯ୍ୟ କରିବା ଏବଂ ସମସ୍ତ ସମ୍ଭାବନାକୁ ପରଖିବାରେ ସହାୟକ ହୋଇ ପାରିବ।

ଷ୍ଟଡି ଇନ କାନାଡା ପକ୍ଷରୁ ଦେବଯାନୀ ପାଲ୍ କହିଛନ୍ତି ଯେ, ଇଣ୍ଡୋ–କାନାଡା ଜନସଂଖ୍ୟା ଏବଂ ୱାର୍କ–ଷ୍ଟଡି ବିକଳ୍ପ କ୍ଷେତ୍ରରେ ଭାରତୀୟଙ୍କ ଲାଗି ସୁଯୋଗ ରହିଛି। ଏହାର ଲାଭନେଇ ଭାରତୀୟ ଅର୍ଥନୀତିର ବିକାଶ ସାଧନ କରିବାରେ ଯୋଗଦାନ ରଖିହେବ। କାର୍ଯ୍ୟକ୍ରମରେ ଓଦିତା ଟ୍ରଷ୍ଟ ଅଧ୍ୟକ୍ଷ ଜେ.କେ.ରଥ, ବାଣିଜ୍ୟିକ ପ୍ରତିନିଧି, ଅଂଶୀଦାରମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଉକ୍ତ ରୋଡ ଶୋ’ ଇଣ୍ଡୋ– କାନାଡିଆନ ବିଜନେସ ଚାମ୍ବର(ଆଇସିବିସି), ଏୟାର କାନାଡା, ଭାରତରେ ଅବସ୍ଥାପିତ କାନାଡା ସରକାରଙ୍କ ଟ୍ରେଡ କମିସନର ସର୍ଭିସ ଏବଂ ଫିକିର ମିଳିତ ସହଯୋଗରେ ଆୟୋଜନ କରାଯାଇଛି।

## କାନାଡା ବାଣିଜ୍ୟ ପ୍ରତିନିଧି ଦଳର ରୋଡ ଶୋ’




# ଚୌରାସିଆ ସମାଜର ସାମୂହିକ ଗଣବିବାହ

କାନପୁର, ୨୫–୨

ଅଖିଳ ଭାରତୀୟ ଚୌରାସିଆ ସମାଜ କାନପୁର ପକ୍ଷରୁ ସାମୂହିକ ଗଣବିବାହ ମୋତିଲାଲ ସ୍ଥିତ ଲଜପତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୦ରୁ ଅଧିକ ଯୋଡା ବରକନ୍ୟାଙ୍କ ବିବାହ ଏହି ଅବସରରେ ସମ୍ପନ୍ନ ହୋଇଛି। ଏହି ଅବସରରେ ସମାଜର ୨୧ତମ ପାରିବାରିକ ମିଳନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଭାଜପା ପ୍ରଭାରୀ ରାମେଶ୍ୱର ପ୍ରଶାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଚୌରାସିଆ ସମାଜର ଅଧ୍ୟକ୍ଷ ଆନନ୍ଦ ପ୍ରସାଦ ଚୌରାସିଆ, ଘନଶ୍ୟାମ ଚୌରାସିଆ, କମଳାକାନ୍ତ ଚୌରାସିଆ, ଶୈଳେଶ ଚୌରାସିଆ ଏବଂ ଟି.ଏନ୍.ଚୌରାସିଆ ଏହି ଅବସରରେ ଉପସ୍ଥିତ ଥିଲେ।



# ଏଫ୍‌ସିଆଇ ରାଜ୍ୟସ୍ତରୀୟ କମିଟି ବୈଠକ

ଭୁବନେଶ୍ୱର, ୨୫–୨

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ରାଜ୍ୟସ୍ତରୀୟ କନସଲଟେଟିଭ କମିଟି ବୈଠକ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୃଷକ ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା, ପ୍ରକ୍ୟୋରମେଣ୍ଟ, ଖାଦ୍ୟ ସାମଗ୍ରୀର ସଂରକ୍ଷଣ ଏବଂ ଯୋଗାଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିଲା। ରାଜ୍ୟରେ ଏଫ୍‌ସିଆଇର କାର୍ଯ୍ୟପନ୍ଥା ଉପରେ ଜେନେରାଲ ମ୍ୟାନେଜର ଏନ୍.କେ. ପ୍ରଧାନ ମତ ରଖିଥିଲେ। ମଣ୍ଡି ଭିତ୍ତିଭୂମି ଏବଂ ଧାନ ସଂଗ୍ରହ ଉପରେ ଏଫ୍‌ଏସ୍‌ଆଣ୍ଡସିଡବ୍ଲ୍ୟୁ ବିଭାଗର ଉପସଚିବ କାଶୀନାଥ ସାହୁ ଗୁରୁତ୍ୱାରୋପ କରିଥିଲେ।

# ପେନସନ ନିୟମରେ ପରିବର୍ତ୍ତନକୁ ଶ୍ରମ ମନ୍ତ୍ରଣାଳୟର ସବୁଜ ସଙ୍କେତ

ନୂଆଦିଲ୍ଲୀ, ୨୫–୨

ପେନସନ ନିୟମରେ ପରିବର୍ତ୍ତନ କରାଯାଇଛି। ଏହା ଦ୍ୱାରା ୬.୩ ଲକ୍ଷ ପେନସନଭୋଗୀ ଲାଭବାନ ହେବେ ବୋଲି ଜଣାପଡିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅନୁଷ୍ଠାନ(ଇପିଏଫ୍‌ଓ) କର୍ମଚାରୀ ପେନସନ ସ୍କିମ ଅଧୀନରେ ପୂର୍ବରୁ ରହିଥିବା ‘ପେନସନ କମ୍ୟୁଟେଶନ’କୁ ପୁଣି ଥରେ କାର୍ଯ୍ୟକାରି କରାଇବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିକୁ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡିଛି। ଏହା ସହ ୬.୩ ଲକ୍ଷ ପେନସନଧାରୀଙ୍କ ପେନସନରେ ବଡ ବୃଦ୍ଧି ହେବାର ଆଶା କରାଯାଉଛି। ଇପିଏଫ୍‌ଓ ନିୟମ ମୁତାବକ ସେବା ନିବୃତ୍ତ ହେବାର ୧୫ ବର୍ଷ ପରେ ସମ୍ପୂର୍ଣ୍ଣ ପେନସନର ବ୍ୟବସ୍ଥା ପୁଣି ଥରେ ଲାଗୁ ହେବ। ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ପକ୍ଷରୁ ୨୦୧୯ ଅଗଷ୍ଟ ୨୧ ବୈଠକରେ ସମ୍ପୂର୍ଣ୍ଣ ମାସିକ ପେନସନର ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
8607786347

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ — କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍‌ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା





## ପୁଣେକୁ ଶୀର୍ଷକୁ ନେଲେ ସାଧବୀ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାବିତ୍ରୀବାଈ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ମୋଟ୍ ୧୪ ପଦକ ଜିତି ଟେବୁଲ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ସନ୍ତରଣକାରୀ ସାଧବୀ ଧୁରୀ ୨ଟି ସ୍ୱର୍ଣ୍ଣ ପଦକ ଜିତି ପୁଣେ ବିଶ୍ୱ ବିଦ୍ୟାଳୟକୁ ପଦକ ଟେବୁଲ ଶୀର୍ଷକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୧୯ ବର୍ଷୀୟା ସାଧବୀ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ୍ ଓ ୧୦୦ ମିଟର ବଟରଫ୍ଲାଏରେ ଏହି ସଫଳତା ପାଇଛନ୍ତି। ୨୦୦ ମିଟର ଫ୍ରିଷ୍ଟାଇଲକୁ ସାଧବୀ ୨ ମିନିଟ୍ ୧୪.୯୯ ସେକେଣ୍ଡ ସମୟ ନେଇ ପୋଡିୟମ ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ବଟରଫ୍ଲାଏକୁ ସାଧବୀ ୧:୦୭.୩୬ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ପଞ୍ଜାବ ବିଶ୍ୱବିଦ୍ୟାଳୟ (ଚଣ୍ଡିଗଡ଼) ୧୮ ପଦକ (୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ) ସହ ଟେବୁଲର ୨ୟ ସ୍ଥାନରେ ରହିଥିବାବେଳେ ଜୈନ (୧୨ ପଦକ, ୬ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ ବ୍ରୋଞ୍ଜ) ୩ୟରେ ରହିଛି।




## ସମ୍ବଲପୁରର ବୃହତ୍ ବିଜୟ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକିରେ ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୃହତ୍ ବିଜୟ ଲାଭ କରିଛି। କ୍ୟାମ୍ପସ-୧୩ସ୍ଥିତ ହକି ଷ୍ଟାଡିୟମରେ ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସମ୍ବଲପୁର ୫-୦ ଗୋଲରେ ଏକପାଖିଆ ଭାବେ ମହୀଶୂରର ଡିରେକ୍ଟର ଅଫ୍ ଫିଜିକାଲ ଏଜୁକେଶନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ମ୍ୟାଚ୍‌ର ୭ମ ମିନିଟ୍‌ରେ ଅଧିନାୟିକା ଖୁସ୍‌ବୁ କୁଜୁର ପେନାଲ୍ଟି କର୍ନରରୁ ସମ୍ବଲପୁର ପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହାର ୩ ମିନିଟ୍ ପରେ ଗାୟତ୍ରୀ କିଷାନ (୧୦ମ ମିନିଟ୍) ଆଉ ଏକ ଗୋଲ ଦେଇ ସମ୍ବଲପୁରକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଫିଲ୍ଡ ଗୋଲରୁ ଏହା ମିଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ କୌଣସି ଗୋଲ ହୋଇ ନ ଥିଲା। ଏହାପରେ ୩ୟ କ୍ୱାର୍ଟରରେ ସମ୍ବଲପୁର ୩ଟି ଗୋଲ ଦେଇଥିଲା। ମ୍ୟାଚ୍‌ର ୩୧, ୪୦ ଓ ୪୪ତମ ମିନିଟ୍‌ରେ ଯଥାକ୍ରମେ ଜାହ୍ନବୀ ପ୍ରଧାନ, ସରିତା କେର୍କେଟା ଓ ଜସ୍ମିନ ନମ୍ରତା ବାରା ଗୋଲଟି ଲେଖାଏ ସ୍କୋର କରିଥିଲେ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ସମ୍ବଲପୁର ୫-୦ରେ ବିଜୟୀ ହୋଇଥିଲା।



## ସୁଇମିଂରେ ରିଦ୍ଧିଙ୍କ ସଫଳତା

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସୁଇମିଂର ମହିଳା ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରିଦ୍ଧି ବୋହ୍‌ରା ରୌପ୍ୟ ପଦକ ଜିତିଛନ୍ତି। ବେଙ୍ଗାଲୁରୁସ୍ଥିତ କ୍ରିଷ୍ଟ କଲେଜର ବିବିଏ ଛାତ୍ରୀ ରିଦ୍ଧି ଆଘାତ ସତ୍ତ୍ୱେ ଏଥିରୁ ସଫଳତାର ସହ ମୁକୁଳି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଦୁଇଜଣ ନିଷ୍ଠାବାନ ଏବଂ ପ୍ରତିଦ୍ୱନ୍ଦ୍ୱୀ ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲଙ୍କ ଉପସ୍ଥିତି ସତ୍ତ୍ୱେ ରିଦ୍ଧି ପୋଡିୟମ ଫିନିଶ କରିଛନ୍ତି। ଦୁଇ ଯାଆଁଳା ପ୍ରତିଦ୍ୱନ୍ଦ୍ୱୀ ଜ୍ୟୋତି ସ୍ୱର୍ଣ୍ଣ ଏବଂ ଆରତି ବ୍ରୋଞ୍ଜ ପଦକ ପାଇଥିଲେ। ବିବିଏ ଛାତ୍ରୀ ରିଦ୍ଧିଙ୍କ ଜୀବନରେ ଆଘାତ ଏକ ସହଚର ଭାବେ ରହିଆସିଛି। ଏହାସତ୍ତ୍ୱେ ସେ ଏକାଧିକ ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି। 'ତିନିବର୍ଷ ମଧ୍ୟରେ ଏହା ମୋର ପ୍ରଥମ ପଦକ। ବହୁ ଆଘାତଜନିତ ସମସ୍ୟା ସତ୍ତ୍ୱେ କେବେ ମଧ୍ୟ ହାର ମାନିନାହିଁ। ଦୀର୍ଘ ସମୟ ପାଇଁ ନିଜର କାନ୍ଧ ଆଘାତର ଯନ୍ତ୍ରଣା ଦେଇ ଗତି କରିବାକୁ ପଡ଼ିଥିଲା। କିନ୍ତୁ ଏହା କୌଣସି ବଡ଼କଥା ନୁହେଁ ବୋଲି ନିଜକୁ ଆଶ୍ୱାସନା ଦେଉଥିଲି' ବୋଲି ରୌପ୍ୟ ସଫଳତା ପରେ ରିଦ୍ଧି କହିଛନ୍ତି। 'ମୁଁ ସବୁବେଳେ ଆଗକୁ ବଢ଼ୁଛି। ନିଶ୍ଚିତ ରୂପେ କହିବାକୁ ଚାହୁଁଛି ଯେ ମୋ ଆଘାତ କାରଣରୁ ନିକଟ ଅତୀତରେ ଅଳ୍ପକେ ପଦକ ହାତଛଡ଼ା କରିଥିଲି' ବୋଲି ସେ କହିଛନ୍ତି। ଜୀବନର କୌଶଳ ଶିଖି ପାରିବେ ବୋଲି ରିଦ୍ଧିଙ୍କ ମା ତାଙ୍କୁ ସୁଇମିଂରେ ନିପୁଣ କରାଇଥିଲେ। କିନ୍ତୁ ସେ ଏଭଳି ଜଣେ ଯୋଦ୍ଧା ଥିଲେ ଯେ ତାକୁ ଏକ ଜୀବିକା ବିକଳ୍ପ ରୂପେ ଗ୍ରହଣ କରିନେଲେ। ପୁଲ୍ ତାଙ୍କ ପାଇଁ ବିଜୟର ମାର୍ଗରେ ପରିଣତ ହୋଇଥିଲା। ଦୈବାତ ରିଦ୍ଧିଙ୍କ ଭାଇ, କଳ୍ପ ଗତମାସରେ ଗୁହାହାଟୀଠାରେ ଆୟୋଜିତ ହୋଇଥିବା ଖେଲୋ ଇଣ୍ଡିଆ ସ୍କୁଲ କ୍ରୀଡ଼ାରେ ପଦକ ସଫଳତା ପାଇଥିଲେ। ଭାଇଙ୍କ ପ୍ରଦର୍ଶନରୁ ହିଁ ସେ ପ୍ରେରଣା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏହି ଦୃଢ଼ ମନୋବଳ ତାଙ୍କୁ ଭୁବନେଶ୍ୱରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତାଇପାରିଛି।




ମହିଳା ବକ୍ସିଂର ଏକ ରୋମାଞ୍ଚକ ମୁହୂର୍ତ୍ତ।

## କ୍ରିତିକା: ଭଲିବଲରୁ ତୀରନ୍ଦାଜ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ତୀରନ୍ଦାଜୀ କ୍ରୀଡ଼ାରେ ପ୍ରବେଶ କରିବାର ୨ ବର୍ଷ ପରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର କ୍ରିତିକା ଶର୍ମା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ କ୍ରିତିକା ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମେଘୁଆ ପାଗରେ ଅନୁଷ୍ଠିତ ଫାଇନାଲରେ ୧୯ ବର୍ଷୀୟା କ୍ରିତିକା ୧୪୧-୧୩୭ ସ୍କୋରରେ ରାଗିନୀ ମାର୍କୋ (ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟ, ଏମ୍‌ପି)ଙ୍କୁ ପରାସ୍ତ କରିଥିଲେ। ତୀରନ୍ଦାଜୀରେ ପ୍ରବେଶ କରିବା ପୂର୍ବରୁ କ୍ରିତିକା ଭଲିବଲ ଖେଳୁଥିଲେ। 'ତୀରନ୍ଦାଜୀ ମୋର ପ୍ରଥମ ପସନ୍ଦ ଖେଳ ନ ଥିଲା। ବାପାଙ୍କ ପରି ଭଲିବଲ କିମ୍ବା ବ୍ୟାଡ୍‌ମିଣ୍ଟନ ଖେଳିବାକୁ ଚାହୁଁଥିଲି। ତେବେ ଆଜ୍‌ମେରରେ ଏହି ୨ଟି କ୍ରୀଡ଼ା ପାଇଁ କୌଣସି ସୁବିଧା ସୁଯୋଗ ଉପଲବ୍ଧ ନ ଥିଲା। କିନ୍ତୁ ଆର୍ଚେରୀ ପାଇଁ ବହୁତ ସ୍କୋପ୍ ରହିଥିଲା। ଏହାପରେ ବାପା ମୋତେ ତୀରନ୍ଦାଜୀ ଶିଖିବାରେ ଉତ୍ସାହିତ କରିଥିଲେ' ବୋଲି ମଙ୍ଗଳବାର ସ୍ୱର୍ଣ୍ଣିମ ସଫଳତା ପାଇବା ପରେ କ୍ରିତିକା ଏହା କହିଛନ୍ତି। 'ପୂର୍ବରୁ ମୁଁ ଗୁଆହାଟୀରେ ଅନୁଷ୍ଠିତ ୟୁଥ୍ ଖେଲୋ ଇଣ୍ଡିଆ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲି। ସେଠାରେ ମୋର ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲି। କିନ୍ତୁ ଏଠାରେ ସ୍ୱର୍ଣ୍ଣ ଜିତି ଖୁସି ଅନୁଭବ କରୁଛି। ଫାଇନାଲରେ ମୋର ମନୋବଳ ଦୃଢ଼ ରହିଥିଲା' ବୋଲି ସେ କହିଛନ୍ତି। କ୍ରିତିକାଙ୍କ ଭଉଣୀ ପ୍ରେରଣା ମଧ୍ୟ ଜଣେ ତୀରନ୍ଦାଜ। 'କ୍ରିତିକା ଓ ପ୍ରେରଣା ଉଭୟ ବହୁତ କଠିନ ପରିଶ୍ରମୀ। ତାଙ୍କ ଦକ୍ଷତା ଉପରେ ମୋର ଭରସା ରହିଛି। କ୍ରିତିକା ପୂର୍ବରୁ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ସେହିଭଳି ପ୍ରେରଣା ମଧ୍ୟ ଜଣେ ଜାତୀୟସ୍ତରୀୟ ଖେଳାଳି' ବୋଲି କ୍ରିତିକାଙ୍କ କୋଚ ତଥା ବାପା ବଦ୍ରି ବିଶାଳ ଶର୍ମା କହିଛନ୍ତି। 'ଅନେକ ପିତାମାତାଙ୍କ ରକ୍ଷଣଶୀଳ ଚିନ୍ତାଧାରା ଥାଏ, କିନ୍ତୁ ମୁଁ ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ। ମୋର ୫ ଝିଅ ଏବଂ ସମସ୍ତେ ଭଲ ପଢ଼ୁଛନ୍ତି। ସେମାନଙ୍କ ପାଇଁ ମୁଁ ଗର୍ବିତ। କ୍ରିତିକା ଓ ପ୍ରେରଣାକୁ ନିଜେ ହିଁ ପ୍ରଶିକ୍ଷଣ ଦେଇଛି ଏବଂ ସମସ୍ତ ଟୁର୍ନାମେଣ୍ଟରେ ସେମାନଙ୍କ ସହ ଯାଇଥାଏ' ବୋଲି ବଦ୍ରି ଏହି ଅବସରରେ ପ୍ରକାଶ କରିଛନ୍ତି।

| ପଦକ ତାଲିକା (ଟପ୍-୧୦) | | | | |
|---|---|---|---|---|
| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
| ସାବିତ୍ରୀ ଫୁଲେ ପୁଣେ | ୭ | ୨ | ୫ | ୧୪ |
| ପଞ୍ଜାବ | ୬ | ୭ | ୫ | ୧୮ |
| ଜୈନ | ୬ | ୫ | ୧ | ୧୨ |
| ଗୁରୁ ନାନକ ଦେବ | ୬ | ୧ | ୫ | ୧୨ |
| ପଞ୍ଜାବୀ | ୩ | ୪ | ୩ | ୧୦ |
| ଦିଲ୍ଲୀ | ୩ | ୩ | ୪ | ୧୦ |
| ମୁମ୍ବାଇ | ୩ | ୨ | ୫ | ୧୦ |
| ବୀର ନର୍ମଦ | ୨ | ୪ | ୩ | ୯ |
| ରାଜସ୍ଥାନ | ୨ | ୩ | ୦ | ୫ |
| ରାଜୀବ ଗାନ୍ଧୀ | ୨ | ୨ | ୧ | ୫ |

## ଫୁଟ୍‌ବଲ: କିଟ୍‌କୁ ହରାଇଲା ପଞ୍ଜାବ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଫୁଟ୍‌ବଲର ଏକ ମ୍ୟାଚ୍‌ରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟକୁ ନିରାଶ ହେବାକୁ ପଡ଼ିଛି। ସ୍ଥାନୀୟ କ୍ୟାମ୍ପସ-୧୩ସ୍ଥିତ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କିଟ୍ ୧-୨ ଗୋଲରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ୧୦ ମିନିଟ୍‌ରେ ସନାତନ ହାଁସଦାଙ୍କ ଗୋଲ ବଳରେ କିଟ୍ ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା। ତେବେ ୩୭ତମ ମିନିଟ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ଅମନପ୍ରୀତ୍ ସିଂ ଏହାକୁ ଶୁଝାଇ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଭାଗରେ ଗୁର୍‌ମିତ୍ ଚଣ୍ଡ ଗୋଲ ଦେଇ ପଞ୍ଜାବକୁ ୨-୧ରେ ବିଜୟୀ କରାଇଥିଲେ। ୮୪ତମ ମିନିଟ୍‌ରେ ଏହି ଗୋଲଟି ହୋଇଥିଲା।

## 'ହକିରେ ଭାରତ ଏଥର ଅଲିମ୍ପିକ୍ ପଦକ ଜିତିବ'



**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ାକୁ ଏହି ପ୍ରୋଗ୍ରାମ ଏକ ନୂଆ ସୋପାନରେ ପହଞ୍ଚାଇବ। ଏହା ଦେଶକୁ ଏକ କ୍ରୀଡ଼ା ମହାଶକ୍ତିରେ ପରିଣତ କରିବ ବୋଲି ପୂର୍ବତନ ଭାରତୀୟ ହକି ଖେଳାଳି ଦୀପକ ଠାକୁର କହିଛନ୍ତି। ଟ୍ୟାଲେଣ୍ଟ ସ୍କାଉଟ୍ ଏଠାରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଯୋଗ ଦେବା ଅବସରରେ ସେ ଏହି କଥା କହିଛନ୍ତି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଖେଲୋ ଇଣ୍ଡିଆ ମାଧ୍ୟମରେ ଏକ ବୈପ୍ଳବିକ ପଦକ୍ଷେପ ନେଇଛନ୍ତି। ଲୋକମାନଙ୍କ ମଧ୍ୟରେ ସବୁ ବୟସ ବର୍ଗରେ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିବା ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ବହୁ ପୂର୍ବରୁ ଏହା ଆୟୋଜନ ହେବା ଜରୁରୀ ଥିଲା। ଗତ କିଛ ଦିନ ହେବ ଟ୍ୟାଲେଣ୍ଟ ସ୍କାଉଟ୍ ହିସାବରେ ଏଠାରେ ରହୁଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମାନ ମଧ୍ୟ ଉଚ୍ଚକୋଟୀର ହୋଇପାରିଛି। ବିଭିନ୍ନ କ୍ରୀଡ଼ାରେ ଯୁବ ଖେଳାଳିମାନଙ୍କ ପ୍ରତିଭା ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ହୋଇଥିବା ଲକ୍ଷ୍ୟ କରିଛି। କ୍ରୀଡ଼ାର ମାନରେ ଯଥେଷ୍ଟ ଉନ୍ନତି ହୋଇଛି। ଏହା ଆମକୁ ଈର୍ଷାନ୍ୱିତ କରିଛି। କାରଣ ଆମ ସମୟରେ ଏଭଳି ସୁବିଧା ସୁଯୋଗ ମିଳୁ ନ ଥିଲା ବୋଲି ୩୯ ବର୍ଷୀୟ ଠାକୁର କହିଛନ୍ତି। ଏବେ ଅଲିମ୍ପିକ ପଦକ ଜିତିବା ନେଇ ଗୁରୁତ୍ୱ ଦିଆଯାଉଛି। ଏଥର ହକିରେ ଭାରତ ଗୋଟିଏ ଅଲିମ୍ପିକ ପଦକ ହାସଲ କରିବ। ଗତକିଛି ବର୍ଷରେ ହକିରେ ଆଶାତୀତ ଉନ୍ନତି ହୋଇଛି। ତେଣୁ ଭାରତ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବ ବୋଲି ସେ ଜୋର ଦେଇ କହିଛନ୍ତି।



ଅଭ୍ୟାସ ସେସନ ଅବସରରେ ମଙ୍ଗଳବାର ଦୁଇ ମହିଳା ତୀରନ୍ଦାଜ

## ସଂକ୍ଷେପରେ

### ସିଜନରେ ଏଲିନାଙ୍କ ୨୦ତମ ବିଜୟ



**ଦୋହା, ୨୫।୨ (ଏଏଫ୍‌ପି):** ଏଠାରେ ଚାଲିଥିବା ଦୋହା ଡବ୍ଲ୍ୟୁଟିଏ ଓପନ୍ ଟେନିସ ପ୍ରତିଯୋଗିତାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ୟୁକ୍ରେନର ଏଲିନା ସ୍ୱେତୋଲିନାଙ୍କୁ ପରାଜୟ ସାମ୍ନା କରିବାକୁ ପଡ଼ିଛି। ମହିଳା ସିଙ୍ଗଲ୍ସର ଏହି ମ୍ୟାଚ୍‌ରେ ଆମେରିକାର ଆମାଣ୍ଡା ଆନିସିମୋଭା ୬-୩, ୬-୩ ସିଧାସଳଖ ସେଟ୍‌ରେ ସ୍ୱେତୋଲିନାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଆନିସିମୋଭାଙ୍କୁ ମାତ୍ର ଏକ ଘଣ୍ଟା ସମୟ ଲାଗିଥିଲା। ସ୍ୱେତୋଲିନା ଗତବର୍ଷ ଉଭୟ ୱିମ୍ବଲଡନ ଓ ଫ୍ରେଞ୍ଚ ଓପନ୍ ସେମିଫାଇନାଲିଷ୍ଟ ରହିଥିଲେ। ଗତ ବର୍ଷ ମେ'ରେ ଖେଳାଯାଇଥିବା ଫ୍ରେଞ୍ଚ ଓପନ୍ ପରେ ୧୮ ବର୍ଷୀୟା ଆନିସିମୋଭା ପ୍ରଥମଥର ଲାଗି ଟପ୍-୧୦ରେ ରହିଥିବା କୌଣସି ଖେଳାଳିଙ୍କୁ ହରାଇଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ରୁଷିଆ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରେବାକିନା ସିଜନର ୨୦ତମ ବିଜୟ ଲାଭ କରିଛନ୍ତି। ୨୦ ବର୍ଷୀୟା ଏଲିନା ୩-୬, ୬-୩, ୬-୧ ସେଟ୍‌ରେ ରୋମାନିଆର ସୋରାନା କ୍ରିଷ୍ଟେଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି।

### ଟ୍ରେନିଂ ଜାରି ରଖିବେ ଭାରତୀୟ ବକ୍ସର

**ନୂଆଦିଲ୍ଲୀ, ୨୫।୨ (ପି.ଟି.):** କରୋନା ଭାଇରସ ଆତଙ୍କ ସତ୍ତ୍ୱେ ଇଟାଲୀର ଅସିସିରେ ଭାରତୀୟ ବକ୍ସର ସେମାନଙ୍କ ପ୍ରଶିକ୍ଷଣ ଜାରି ରଖିବେ। ଆସନ୍ତାମାସରେ ଅଲିମ୍ପିକ୍ସ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କରୋନାଭାଇରସ ଆତଙ୍କ ପାଇଁ ଭାରତୀୟ ବକ୍ସରଙ୍କୁ ଇଟାଲୀ ଛାଡି ଚାଲିଯିବାର ବିକଳ୍ପ ଦିଆଯାଇଛି। ଭାଇରସ୍‌ର କେନ୍ଦ୍ରସ୍ଥଳୀ ଅସିସିଠାରୁ ବହୁ ଦୂରରେ ରହିଥିବାରୁ ବକ୍ସରମାନେ ଟ୍ରେନିଂ ଜାରି ରଖିବେ ବୋଲି କୁହାଯାଇଛି। ୧୩ ଜଣ ଭାରତୀୟ ବକ୍ସରଙ୍କ ସମେତ ସମାନ ସଂଖ୍ୟକ ସପୋର୍ଟଷ୍ଟାଫ୍ ଏବେ ଅସିସିରେ ରହିଛନ୍ତି। ଅସିସି ହେଉଛି କେନ୍ଦ୍ରୀୟ ଇଟାଲୀର ଉମ୍ବ୍ରିଆସ୍ଥିତ ଏକ ହିଲ୍‌ଟାଉନ। ଇଟାଲୀରେ କରୋନାଭାଇରସ୍‌ର ପ୍ରକୋପ ଦେଖାଦେଇଛି। ଏଥିରେ ୭ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୨୯ଜଣ ସଂକ୍ରମଣ ହୋଇଛନ୍ତି। ଆମେ ଏନେଇ ସାମାନ୍ୟ ଚିନ୍ତିତ ଅଛୁ ବୋଲି ଭାରତୀୟ ହାଇ ପରଫରମାନ୍ସ ନିର୍ଦ୍ଦେଶକ ସାଣ୍ଟିଆଗୋ ନିଏଭା କହିଛନ୍ତି। ମିଲାନ ନିକଟରେ କରୋନାଭାଇରସର ସଂକ୍ରମଣ ଖବର ପାଇଛୁ। ତେବେ ଏଠାରୁ ବହୁ ଦୂର କେନ୍ଦ୍ରୀୟ ଅଞ୍ଚଳରେ ଆମେ ଟ୍ରେନିଂ ଜାରି ରଖିଛୁ। ବର୍ତ୍ତମାନ ଏଥିରେ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ଇଟାଲୀ କର୍ତ୍ତୃପକ୍ଷ ଜଣାଇଛନ୍ତି ବୋଲି ସେ କହିଛନ୍ତି। ମାର୍ଚ୍ଚ ୩ ତାରିଖରୁ ଜୋର୍ଡାନରେ ଅଲିମ୍ପିକ କ୍ୱାଲିଫାୟର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ଏସିଆ ଏକାଦଶରେ କୋହଲି, ପନ୍ତ, ସାମି

**ଢାକା, ୨୫।୨ (ପି.ଟି.)**

ବାଂଲାଦେଶ ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜନ ହେବାକୁ ଯାଉଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜରେ ଭାରତୀୟ ଅଧିନାୟକ ବିରାଟ କୋହଲି, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଦ୍ରୁତ ବୋଲର ମହମ୍ମଦ ସାମି ଖେଳିବା ସ୍ପଷ୍ଟ ହୋଇଛି। ଏହି ସିରିଜରେ ବିଶ୍ୱ ଓ ଏସିଆ ଏକାଦଶ ପରସ୍ପରକୁ ଭେଟିବେ। କୋହଲି ଉପଲବ୍ଧ ହେଲେ ଗୋଟିଏ ମ୍ୟାଚ୍ ଖେଳିବେ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ କୁହାଯାଇଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କିଛି ସ୍ପଷ୍ଟ କରିନାହିଁ। ଏହି ଦୁଇଟି ମ୍ୟାଚ୍ ମାର୍ଚ୍ଚ ୨୧ ଓ ୨୨ ତାରିଖରେ ଖେଳାଯିବ।

ଭାରତଠାରୁ ଆମେ ୪ଜଣ ଖେଳାଳିଙ୍କ ନାମ ପାଇଛୁ ବୋଲି ବିସିବି ଅଧ୍ୟକ୍ଷ ନାଜମୁଲ ହାସନ କହିଛନ୍ତି। ଆମେ ଏ ନେଇ ଏକ ଚୁକ୍ତି କରିଛୁ। ପନ୍ତ, କୁଲଦୀପ ଯାଦବ, ଶିଖର ଧାୱନ ଓ ସାମି ଆସିବେ ବୋଲି ଆଶା କରାଯାଉଛି। କୋହଲି ଓ ଲୋକେଶ ରାହୁଲ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ ବୋଲି ଭାରତ କହିଛି। ତେବେ ଏ ନେଇ କିଛି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଯୋଗୁ କୋହଲି କେବଳ ଗୋଟିଏ ମ୍ୟାଚ୍ ଖେଳିବେ କୁହାଯାଇଛି। ତେବେ କୋହଲି



ଏପର୍ଯ୍ୟନ୍ତ ଏ ନେଇ କିଛି ଜଣାଇନାହାନ୍ତି ବୋଲି ହାସନ କହିଛନ୍ତି। ଭାରତ ଏବେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଛି ଓ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଜାରି ରଖିଛି।

ନ୍ୟୁଜିଲାଣ୍ଡ ଗସ୍ତର ଗୋଟିଏ ସପ୍ତାହ ପରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜ ଖେଳିବ। ଧର୍ମଶାଳାରେ ମାର୍ଚ୍ଚ ୧୨ ତାରିଖରେ ପ୍ରଥମ ଦିନିକିଆ ଖେଳାଯିବ। ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ୧୫ ଓ ୧୮ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବ। ଏହାପରେ ୨୯ ତାରିଖରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ଏହି ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ଆମେ ୪ରୁ ୫ ଜଣ ଖେଳାଳିଙ୍କୁ ପଠାଇ ପାରିବୁ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ଏସିଆ ଏକାଦଶରେ କୌଣସି ପାକିସ୍ତାନ ଖେଳାଳି ସାମିଲ ହୋଇନାହାନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍) ଚାଲିଥିବାରୁ ଏ ନେଇ ସମସ୍ୟା ରହିଛି ବୋଲି ହାସନ କହିଛନ୍ତି।

**ଏସିଆ ଏକାଦଶ:** ଲୋକେଶ ରାହୁଲ, ଶିଖର ଧାୱନ, ବିରାଟ କୋହଲି, ରିଷଭ ପନ୍ତ, କୁଲଦୀପ ଯାଦବ, ମହମ୍ମଦ ସାମି, ଥିସାରା ପେରେରା, ଲାସିଥ ମାଲିଙ୍ଗା, ରସିଦ ଖାନ, ମୁଜିବ ଉର ରହମାନ, ମୁସ୍ତାଫିଜୁର ରହିମ, ଲିଟନ ଦାସ, ସନ୍ଦୀପ ଲାମିଚେନ ଓ ମହମୁଦୁଲ୍ଲା।

**ବିଶ୍ୱ ଏକାଦଶ:** ଆଲେକ୍ସ ହେଲ୍ସ, କ୍ରିସ୍ ଗେଲ, ଫାଫ୍ ଡୁପ୍ଲେସି, ନିକୋଲାସ ପୁରନ, ବ୍ରେଣ୍ଡନ ଟେଲର, ଜନି ବେୟାରଷ୍ଟୋ, କିରନ ପୋଲାର୍ଡ, ଶେଲଡନ କଟ୍ରେଲ, ଲୁନ୍‌ଗି ଏନ୍‌ଗିଡି, ଆଣ୍ଡ୍ରୁ ଟାଏ ଓ ମିଚେଲ ମ୍ୟାକ୍‌କ୍ଲିନଘନ।




ନବମ ଜନ୍ମଦିନ ଶୁଭେଚ୍ଛା
ଆଦର୍ଶିନୀ ମିଶ୍ର
ପାରକେଣା, ସାକ୍ଷୀଗୋପାଳ, ପୁରୀ
ଆଜି ତୋର ନବମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା', ପାପି, ମାମା, କକେଇ, ଖୁଡ଼ୀ, ଅଜା, ଆଈ, ମାମୁ, ପାପାଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୦୬

ବିବାହ ଶୁଭେଚ୍ଛା

ଆୟୁଷ୍ମାନ କାଳୀଶଙ୍କର (ପିଙ୍କୁ)
ସାନହୁଲି, ନିମାପଡ଼ା, ପୁରୀ ଙ୍କ ସହିତ
ଆୟୁଷ୍ମତୀ ଶୁଭାଙ୍ଗୀ (ଲିଟିଲି)
ବ୍ରହ୍ମପୁର, ଙ୍କର
ଶୁଭବିବାହ ଆଜି
-:ଶୁଭେଚ୍ଛା ସହ:-
ସନ୍ତୋଷ ଦାଶ, ଚିକୁବାବୁ ଦାଶ ପରିବାର ଓ ବନ୍ଧୁବର୍ଗ
ଧ-୧୬୮୯୨


## କରୋନା ପାଇଁ ଚାମ୍ପିୟନଶିପ୍ ସ୍ଥଗିତ

**ସିଓଲ୍, ୨୫।୨ (ଏଏଫ୍‌ପି):** ମାରାତ୍ମକ କରୋନା ଭାଇରସ ଲାଗି ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ଟେବୁଲ ଟେନିସ (ଟିଟି) ବିଶ୍ୱ ଟିମ୍ ଚାମ୍ପିୟନଶିପ୍ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି। ଦକ୍ଷିଣ କୋରିଆର ବୁସାନ ସହରଠାରେ ମାର୍ଚ୍ଚ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ ଏହି ପ୍ରତିଯୋଗିତାର ପୁନଃ କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହାକୁ ଏବେ ଜୁନ୍ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରାଯିବ ବୋଲି ଟିଟିର ବିଶ୍ୱ ମହାସଂଘ ନିଷ୍ପତ୍ତି ନେଇଛି। ଦକ୍ଷିଣ କୋରିଆର ନୂଆ ଫୁଟ୍‌ବଲ ସିଜନ କେ-ଲିଗ୍‌ରୁ ସୋମବାରଠାରୁ ଆରମ୍ଭ ହେବାକୁ ଥିଲା। କରୋନା ଭାଇରସ ଲାଗି ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ପୂର୍ବରୁ ଭାଇରସ ଲାଗି ଦେଶରେ ଭଲିବଲ୍, ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ମଧ୍ୟ ପ୍ରଭାବିତ ହୋଇସାରିଛି।

## କାଶ୍ୱୀଙ୍କ ବିରଳ କୃତିତ୍ୱ

### ହ୍ୟାଟ୍ରିକ ସହ ୧୦ ଉଇକେଟ



**କାଡପା (ଆନ୍ଧ୍ର ପ୍ରଦେଶ), ୨୫।୨:** ସ୍ଥାନୀୟ କେଏସ୍ଆରଏମ୍ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୧୯ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟ୍ରଫିର ଏକ ମ୍ୟାଚରେ ଚଣ୍ଡିଗଡ ଅଧିନାୟିକା କାଶ୍ୱୀ ଗୌତମ ବିପକ୍ଷ ଦଳର ସମସ୍ତ ୧୦ଉଇକେଟ ଅକ୍ତିଆର କରି ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ଅରୁଣାଚଳ ପ୍ରଦେଶର ତୃତୀୟ ଓଭରରେ ଏକ ହ୍ୟାଟ୍ରିକ ସହ ତାଙ୍କ ୪.୫ ଓଭର ବୋଲିଂରେ ୧୨ରନ ବିନିମୟରେ ୧୦ଉଇକେଟ ଅକ୍ତିଆର କରିଛନ୍ତି। ଏକ ସୀମିତ ଓଭର ବିଶିଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ହାସଲ କରିବାରେ ସେ ପ୍ରଥମ ଭାରତୀୟ କ୍ରିକେଟର ହୋଇଛନ୍ତି। ଅରୁଣାଚଳକୁ ୨୫ ରନରେ ଅଲଆଉଟ କରିବା ଲାଗି ଗୌତମ ମାତ୍ର ୨୯ଟି ବଲ୍ ନେଇଥିଲେ। ୫୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ ୪ ଉଇକେଟ ବିନିମୟରେ ୧୮୬ ରନ କରିଥିଲା। ଦଳ ପକ୍ଷରୁ ଗୌତମ ଟପ୍ ସ୍କୋରର ଥିଲେ ସେ ୪୯ ବଲ୍‌ରେ ୬୮ରନ କରିଥିଲେ। ସୂଚନା ଯୋଗ୍ୟ ପୂର୍ବରୁ ଗୋଟିଏ ଇନିଂସରେ ୧୦ଉଇକେଟ ଅକ୍ତିଆର କରିଥିବା ସମସ୍ତ ବୋଲର ରେଡ୍ ବଲ୍ କ୍ରିକେଟରେ କୀର୍ତ୍ତିମାନ ଅର୍ଜନ କରିଥିଲେ। ସେମାନେ ହେଲେ ଅନୀଲ କୁମ୍ବଲେ (୧୯୯୯ରେ ନୂଆଦିଲ୍ଲୀଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ), ଦେବାଶିଷ ମହାନ୍ତି (୨୦୦୧ରେ ଅଗରତାଲାରେ ଦକ୍ଷିଣାଞ୍ଚଳ ବନାମ ପୂର୍ବାଞ୍ଚଳ ମ୍ୟାଚରେ) ଏବଂ ରେକ୍ସ ସିଂ (୨୦୧୯ରେ ମଣିପୁର ବନାମ ମିଜୋରାମ ରଣଜୀ ମ୍ୟାଚ)। କିନ୍ତୁ ସୀମିତ ଓଭର କ୍ରିକେଟରେ କାଶ୍ୱୀ ପ୍ରଥମ ଭାରତୀୟ।

# ମାର୍ଚ୍ଚ ୨ରୁ ଟ୍ରେନିଂ ଆରମ୍ଭ କରିବେ ଧୋନୀ

**ଚେନ୍ନାଇ, ୨୫।୨ (ପି.ଟି.)**



ଦୀର୍ଘ ଦିନର ବ୍ୟବଧାନରେ ପଡ଼ିଆକୁ ଫେରିବେ ଭାରତୀୟ କ୍ରିକେଟ୍ ଦଳର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ଲାଗି ଧୋନୀ ତାଙ୍କ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକ ରହିଥିବା ୩୮ ବର୍ଷୀୟ ଏହି ଭେଟେରାନ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଅନ୍ୟ ଖେଳାଳିଙ୍କ ସହ ମାର୍ଚ୍ଚ ୨ରୁ ଆଇପିଏଲ୍ ପାଇଁ ଟ୍ରେନିଂ ଆରମ୍ଭ କରିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମ ସୁପର୍ କିଙ୍ଗ୍ସର ଘରୋଇ ପଡ଼ିଆ ହୋଇଥିବାରୁ ଏଠାରେ ହିଁ ଅଭ୍ୟାସ ହେବ। ମାର୍ଚ୍ଚ ୨୯ରେ ଆଇପିଏଲ୍ ତ୍ରୟୋଦଶ ସଂସ୍କରଣ ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। 'ମାର୍ଚ୍ଚ ୧୯ରୁ ସମସ୍ତ ଖେଳାଳିଙ୍କୁ ନେଇ କ୍ୟାମ୍ପ୍ ଆରମ୍ଭ ହେବ। ଏଥିରେ ସମସ୍ତ ଖେଳାଳି ଯୋଗଦେବେ। କିନ୍ତୁ ସୁରେଶ ରାଇନା, ଅମ୍ବାତି ରାୟୁଡୁ ଓ କିଛି ସାଥୀ ଖେଳାଳିଙ୍କ ସହ ଧୋନୀ ଦୁଇ ସପ୍ତାହ ପୂର୍ବରୁ ଟ୍ରେନିଂ କରିବେ' ବୋଲି ଚେନ୍ନାଇ ସିଇଓ କେ.ଏସ୍. ବିଶ୍ୱନାଥନ କହିଛନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ଆଇସିସି ବିଶ୍ୱକପ୍ ପରେ ଧୋନୀ କ୍ରିକେଟ୍‌ରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିଛନ୍ତି। ଏପରି କି ତାଙ୍କ ଅବସର ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

## ମେକ୍ସିକୋ ଓପନ୍ ଖେଳିବେ ନାଡାଲ

**ମେକ୍ସିକୋ ସିଟି, ୨୫।୨ (ଏଏଫ୍‌ପି):** ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପରାସ୍ତ ହେବାପରେ ପ୍ରଥମଥର ଲାଗି କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମେକ୍ସିକୋ ଓପନ୍‌ରେ ନାଡାଲ ଖେଳିବେ ବୋଲି ଜଣାପଡ଼ିଛି। ବୁଧବାର ରାଉଣ୍ଡ-୩୨ରେ ନାଡାଲଙ୍କ ମୁକାବିଲା ନିଜ ଦେଶର ପାବଲୋ ଆଣ୍ଡୁଜାଙ୍କ ସହ ହେବ। ନାଡାଲ ବର୍ତ୍ତମାନ ବିଶ୍ୱ ପୁରୁଷ ର୍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ରହିଛନ୍ତି। ଶୀର୍ଷ ସ୍ଥାନକୁ ଫେରିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି। ଯଦି ନାଡାଲ ମେକ୍ସିକୋ ଓପନ୍‌ରେ ଚାମ୍ପିୟନ ହୁଅନ୍ତି ଏବଂ ଶୀର୍ଷରେ ରହିଥିବା ନୋଭାକ ଜୋକୋଭିଚ୍ ଦୁବାଇ ଓପନ୍‌ର କ୍ୱାର୍ଟର ଫାଇନାଲରେ ହାରିଯାଆନ୍ତି ତେବେ ଏହି ସ୍ପାନିଶ ତାରକା ଏକ ନମ୍ବର ସ୍ଥାନ ହାସଲ କରିବେ। ଏଠାରେ ୨ଥର ଟାଇଟଲ ଜିତିଥିବା ନାଡାଲ ଗତବର୍ଷ ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଅସଙ୍କ ନିକଟରୁ ହାରି ବିଦାୟ ନେଇଥିଲେ।

## ରଣଜୀ ଟ୍ରଫିରେ ପ୍ରଥମଥର ଡିଆର୍‌ଏସ୍

**ରାଜକୋଟ୍, ୨୫।୨ (ପି.ଟି.):** ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ରଣଜୀ ଟ୍ରଫିରେ ପ୍ରଥମ ଥର ଲାଗି ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍) ବ୍ୟବହାର କରାଯିବ। ଶନିବାରଠାରୁ ରଣଜୀ ଟ୍ରଫିର ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଘରୋଇ ସୌରାଷ୍ଟ୍ର ଓ ଗୁଜରାଟ ମଧ୍ୟରେ ଖେଳାଯିବାକୁ ଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଡିଆର୍‌ଏସ୍‌ର ପ୍ରୟୋଗ କରାଯିବ। ଗୋଟିଏ ଇନିଂସରେ ପ୍ରତ୍ୟେକ ଦଳକୁ ୪ଟି ଲେଖାଏ ରେଫରାଲ୍ସ ମିଳିବ। କିନ୍ତୁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡିଆର୍‌ଏସ୍‌ରେ ବ୍ୟବହାର କରାଯାଉଥିବା ୨ଟି ପ୍ରମୁଖ ଟେକ୍‌ନୋଲୋଜି ହକ୍ ଆଇ ଓ ଅଲ୍‌ଟ୍ରା ଏଜ୍ ସୁବିଧା ଏଥିରେ ରହିବ ନାହିଁ। 'ପ୍ରଥମଥର ଲାଗି ରଣ୍‌ଜୀ ଟ୍ରଫିରେ ଅମ୍ପାୟର ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍)କୁ ପ୍ରୟୋଗ କରାଯିବ। ରଣ୍‌ଜୀ ଟ୍ରଫିର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ରେ ଏହା ଲାଗୁ ହେବ' ବୋଲି ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଡେଭିସ୍ କପ୍ ଦଳରେ ସ୍ଥାନ ବଜାୟ ରଖିଲେ ପେସ୍

**ନୂଆଦିଲ୍ଲୀ, ୨୫।୨ (ପି.ଟି.):** କ୍ରୋଏସିଆ ବିପକ୍ଷ ଡେଭିସ୍ କପ୍ ମ୍ୟାଚ ପାଇଁ ଭାରତୀୟ ଟେନିସ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଟେବୁଲ ଟେନିସ ଆସୋସିଏଶନ (ଆଇଟା) ସିଲେକ୍ସନ କମିଟି ୫ଜଣିଆ ପ୍ଲେଇଂ ସ୍କ୍ୱାଡରେ ଭେଟେରାନ ଲିଆଣ୍ଡର ପେସ୍‌ଙ୍କୁ ସ୍ଥାନ ଦେଇଛି। ଡିଭିଜ ଶରନ ରିଜର୍ଭ ଖେଳାଳି ରହିଛନ୍ତି। ଆଇଟା ମଙ୍ଗଳବାର ଖେଳାଳି ତାଲିକା ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ନିକଟକୁ ପଠାଇ ଦେଇଛି। ଜାଗ୍ରେବଠାରେ ହାର୍ଡକୋର୍ଟରେ ମାର୍ଚ୍ଚ ୬-୭ରେ ଖେଳାଯିବାକୁଥିବା ଏହି କ୍ୱାଲିଫାୟର୍ସ ମ୍ୟାଚ ପାଇଁ ଜାତୀୟ ମହାସଂଘ ପ୍ରଥମେ ୬ ଜଣିଆ ଦଳ ଘୋଷଣା କରିଥିଲା। ୨୪ଟି ଦଳକୁ ନେଇ ହେବାକୁଥିବା କ୍ୱାଲିଫାୟର୍ସରେ କ୍ରୋଏସିଆ



ଟପ୍ ସିଡ୍ ମାନ୍ୟତାପ୍ରାପ୍ତ ଦଳ। ଏଥିରୁ ୧୨ ବିଜୟୀ ଦଳ ଡେଭିସ୍ କପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ପରାଜିତ ଦଳ ୱାର୍ଲ୍ଡ ଗ୍ରୁପ୍-୧ରେ ସ୍ଥାନ ପାଇବେ। ରିଜର୍ଭ ଖେଳାଳି କିଏ ରହିବ ସେ ନେଇ ଅଧିନାୟକ ରୋହିତ ରାଜପାଲ ସମସ୍ତ ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। ଏପରି କି ସେ ଡିଭିଜଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସୁମିତ ନାଗାଲ, ପ୍ରଜନେଶ ଗୁଣେଶ୍ୱରନ ଏବଂ ରାମକୁମାର ରମାନାଥନ ଦଳରେ ସିଙ୍ଗଲ୍ସ ଖେଳାଳି ଭାବେ ସ୍ଥାନ ପାଇଥିବା ବେଳେ ପେସ୍ ଓ ରୋହନ ବୋପାନ୍ନା ଡବଲ୍ସ ଖେଳିବେ। ଶରନ ତାଙ୍କ ବିବାହ ଭୋଜି ନେଇ ବ୍ୟସ୍ତ ଥିଲେ। ତେଣୁ କାଜାଖସ୍ତାନର ନୁର୍ ସୁଲ୍‌ତାନରେ ଖେଳାଯାଇଥିବା ଏହି ମ୍ୟାଚରେ ପେସ୍ ଓ ଜୀବନ ନେଦୁନ୍‌ଚେଝିଆନ ଖେଳିଥିଲେ। ଅଣଖେଳାଳି ଅଧିନାୟକ ରାଜପାଲ କହିଛନ୍ତି ଚଳିତ ସିଜନରେ ପେସ୍‌ଙ୍କ ପ୍ରଦର୍ଶନ ଭଲ ରହିଛି। ଦେଶ ପାଇଁ ସେ ଦୀର୍ଘ ୩୦ବର୍ଷ ହେଲା ଖେଳିଆସୁଛନ୍ତି। ତାଙ୍କ ପ୍ରତି ସମ୍ମାନ ରହିଛି। ଡେଭିସ୍ କପ୍‌ରେ ଭାରତ ଓ କ୍ରୋଏସିଆ ମଧ୍ୟରେ ଦ୍ୱିତୀୟ ଥର ମୁକାବିଲା ହେବାକୁ ଯାଉଛି। ଗତଥର ୧୯୯୫ରେ ନୂଆଦିଲ୍ଲୀରେ ହୋଇଥିବା ମୁକାବିଲାରେ ଭାରତ ୩-୨ରେ ବିଜୟୀ ହୋଇଥିଲା। ପେସ୍ ତାଙ୍କର ଉଭୟ ସିଙ୍ଗଲ୍ସ ଏବଂ ମହେଶ ଭୂପତିଙ୍କ ସହ ଡବଲ୍ସ ଜିତିଥିଲେ।

# ଟି୨୦ ଲିଗ୍ ପାଇଁ ଓଝା ଆଗ୍ରହୀ

**ନବି ମୁମ୍ବାଇ, ୨୫।୨ (ପି.ଟି.)**

ଭାରତର ପୂର୍ବତନ ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ବିଦେଶରେ ଟି୨୦ ଲିଗ୍ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଅନୁମତି ନେବେ ବୋଲି କହିଛନ୍ତି। ଓଝା ଗତ ସପ୍ତାହରେ



ଅନ୍ତର୍ଜାତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଅବସର ପରେ ମୁଁ କ'ଣ କରିବି ସେ ନେଇ କେତେକ କଥା ମୋ ମନରେ ରହିଛି। ପ୍ରଥମତଃ ମୁଁ ବିସିସିଆଇ ସହିତ ରହିବି। କମେଣ୍ଟ୍ରି କରିବା ପାଇଁ ମଧ୍ୟ ମୋର ଆଗ୍ରହ ରହିଛି। ଭାରତ ବାହାରେ ବିଦେଶରେ କେତେକ ଲିଗ୍‌ରେ ଖେଳିବା ଲାଗି ମୋର ଇଚ୍ଛା ରହିଛି। ତେବେ ବିସିସିଆଇ ଯଦି ଅନୁମତି ଦିଏ। ଏଠାରେ ଡିୱାଇ ପାଟିଲ ଟି୨୦ କପ୍ ଟୁର୍ନାମେଣ୍ଟ ଦେଖିବା ଲାଗି ଆସିଥିବା ବେଳେ ଖବରଦାତାଙ୍କ ଦ୍ୱାରା ପଚରାଯାଇଥିବା କେତୋଟି ପ୍ରଶ୍ନର ଉତ୍ତରରେ ସେ ଏକଥା କହିଛନ୍ତି। ଓଝା କରିତକର୍ମା ମହେନ୍ଦ୍ର ସିଂ ଧୋନୀଙ୍କ ଅଧୀନରେ ଖେଳିଛନ୍ତି। ପୂର୍ବତନ ଅଧିନାୟକଙ୍କୁ ସେ 'ବୋଲର୍ସ କ୍ୟାପଟେନ୍' ବୋଲି ଆଖ୍ୟା ଦେଇଛନ୍ତି। ଧୋନୀ ଏଭଳି ଜଣେ ଅଧିନାୟକ ସେ ବୋଲରଙ୍କ ମନ କଥା ବୁଝିପାରନ୍ତି ଏବଂ ଆବଶ୍ୟକ ଟିପ୍ସ ମଧ୍ୟ ଦେଇଥାନ୍ତି। ବୋଲିଂକୁ ଚାହିଁ ଫିଲ୍ଡିଂ ସଜାଇଥାନ୍ତି। ଓଝା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି।

# ଏକମାତ୍ର ଟେଷ୍ଟରେ ବାଂଲାଦେଶ ବିଜୟୀ

**ଢାକା, ୨୫।୨ (ଏଏଫ୍‌ପି)**

ଅଫ୍-ସ୍ପିନର ନଇମ୍ ହାସାନଙ୍କ ୫ ଉଇକେଟ୍ ସଫଳତା ବଳରେ ଏଠାରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଏକ ଇନିଂସ ଓ ୧୦୬ ରନର ବୃହତ୍ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ମଙ୍ଗଳବାର ୪ର୍ଥ ଦିବସରେ ସମାପ୍ତ ହୋଇଯାଇଛି। ୨୯୫ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଜିମ୍ବାୱେ ଦଳ ମାତ୍ର ୧୮୯ ରନରେ ସୀମିତ ରହିଥିଲା। ଅଧିନାୟକ କ୍ରେଗ ଇର୍ଭିନ (୪୩), ସିକନ୍ଦର ରାଜା (୩୭), ତିମେସେନ ମାରୁମା (୪୧) ଓ ବ୍ରେଣ୍ଡନ ଟେଲର (୧୭)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ବାଂଲାଦେଶ ପକ୍ଷରୁ ନଇମ ୫ ଓ ତାଇଜୁଲ ଇସଲାମ ୪ ଉଇକେଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସରେ ୪ ଉଇକେଟ୍ ନେଇଥିବା ନଇମ ମ୍ୟାଚ୍‌ରେ



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ନଇମ ହାସନ (ବାମ)।

ମୋଟ୍ ୯ ଉଇକେଟ୍ ସଫଳତା ପାଇଛନ୍ତି। ଅଧିନାୟକ ଭାବେ ମୋମିନୁଲ ହକ ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଛନ୍ତି।

ପୂର୍ବରୁ ଟସ୍ ଜିତି ଜିମ୍ବାୱେ ପ୍ରଥମ ଇନିଂସରେ ଇର୍ଭିନ (୧୦୭)ଙ୍କ ଶତକ ବଳରେ ୨୬୫ ରନ କରିଥିଲା। ଜବାବରେ ବାଂଲାଦେଶ ଉଇକେଟ୍‌କିପର ମୁସଫିକର ରହିମ (୨୦୩)ଙ୍କ ଅପରାଜିତ ଦ୍ୱିଶତକ ଓ ଅଧିନାୟକ ମୋମିନୁଲ ହକ୍ (୧୩୨)ଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୬ ଉଇକେଟ୍ ବିନିମୟରେ ୫୬୦ ରନ କରି ଇନିଂସ ଘୋଷଣା କରିଥିଲା। ଦ୍ୱିଶତକୀୟ ଇନିଂସ ଲାଗି ମୁସଫିକର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ମାର୍ଚ୍ଚ ୧ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ।


ମନେ ପଡ଼ନ୍ତି

ଏକାଦଶାହ ସ୍ମୃତିରେ

ସ୍ୱର୍ଗତ ଶ୍ୟାମସୁନ୍ଦର ନାୟକ
ମୁରାରୀପୁର, ଥାନୁଆଳ, ଧର୍ମଶାଳା
ଆବିର୍ଭାବ: ୨୧।୦୭।୧୯୩୬
ତିରୋଧାନ: ୧୬।୦୨।୨୦୨୦
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଚାଲିଗଲ। ତୁମର ତ୍ୟାଗ, କର୍ତ୍ତବ୍ୟନିଷ୍ଠା ସବୁଦିନ ସମସ୍ତଙ୍କ ପାଇଁ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର: ପ୍ରଦୀପ କୁମାର ନାୟକ, ପ୍ରମୋଦ, ପ୍ରଶାନ୍ତ, ପୁତ୍ରବଧୂ: କମଳା, ଅମ୍ବିକା, ଅଳକା, ଝିଅ/ଜ୍ୱାଇଁ: ମାମି, ଉମେଶ, ନାତି/ନାତୁଣୀ: ବଳିଆ, ଜଗା, ମିଲି, ମାମାଲି, ଗୁଡୁଲି, ଡୁଗୁ, ଗୁନୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୮୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ରମା ସୁନ୍ଦରୀ ମହାରଥୀ
୧୭ ରାଜାରାଣୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୮।୧୨।୧୯୩୬
ତିରୋଧାନ: ୦୯।୦୩।୨୦୧୯
(ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ତୃତୀୟା)
ବୋଉ, ତୋର ଆଦର୍ଶ, ଭଲପାଇବା, ଧୈର୍ଯ୍ୟ, ତ୍ୟାଗ ଓ ପରୋପକାରିତା ଆମପାଇଁ ପ୍ରେରଣାର ଉତ୍ସହୋଇ ରହିବ। ତୋର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରା ବୋହୂ, ଝିଆରୀ-ଝିଆରୀ ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୮୮୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୨୬/୨୦୨୦ Bhubaneswar, Wednesday, February 26/2020




# ଗ୍ରାମ ଶ୍ମଶାନରେ ଜଳିଲା ୩ ଶ୍ରମିକଙ୍କ ଜୁଇ

- ଗୁଜରାଟ କପଡ଼ା ଲେବଲ କମ୍ପାନୀ ଅଗ୍ନିକାଣ୍ଡରେ ଘଟିଥିଲା ମୃତ୍ୟୁ
- ଲୋକାରଣ୍ୟ ହୋଇ ଉଠିଲା ଜମଧର ଗ୍ରାମ
- ଅମର ରହେ ଧ୍ୱନିରେ ଫାଟିପଡ଼ିଲା ଚଉଦିଗ

ରସୁଲପୁର,୨୫।୨(ଡି.ଏନ୍.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମ ମଙ୍ଗଳବାର ଲୋକାରଣ୍ୟ ହୋଇଉଠିଥିଲା। ଗତ ଶନିବାର ଗୁଜରାଟ ଅହମ୍ମଦାବାଦସ୍ଥିତ ଓଧାବ୍ ଜିଆଇଡିସି ଅଞ୍ଚଳର ଏକ କପଡ଼ା ଲେବଲ କାରଖାନାରେ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୩ ଶ୍ରମିକଙ୍କ ମୃତଦେହ ସେମାନଙ୍କ ଜନ୍ମମାଟିରେ ପହଞ୍ଚିଥିଲା। ମୃତଦେହ ପହଞ୍ଚିବା ପରେ ଗାଁ ଦାଣ୍ଡ ଅମର ରହେ ଧ୍ୱନୀରେ ଫାଟି ପଡ଼ିଥିଲା। ବର୍ଷା ଲାଗି ରହିଥିବାସତ୍ତ୍ୱେ ନିଜର ୩ଭାଇଙ୍କ ଶେଷ ଦର୍ଶନ କରିବାକୁ ଗ୍ରାମବସୀଙ୍କ ମଧ୍ୟରେ ଯେମିତି ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଥିଲା। ପରେ ମୃତକଙ୍କୁ ଶ୍ମଶାନ ଘାଟକୁ ନିଆଯାଇ ଶବଦାହ କରାଯାଇଥିଲା।

ମଙ୍ଗଳବାର ଗୁଜରାଟ ଅହମ୍ମଦାବାଦରୁ ଦୁଇଟି ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ମୃତଦେହ ଆସି ଗ୍ରାମରେ ପହଞ୍ଚିବାପରେ ପରିବାର ଲୋକଙ୍କ ଛାତିର କୋହ ସତେଜ ହୋଇ ଉଠିଥିଲା। ପୁଅ ଓ ସ୍ୱାମୀଙ୍କୁ ହରାଇଥିବା ମା'ବାପା, ସ୍ତ୍ରୀଙ୍କ କୋହଭରା କ୍ରନ୍ଦନ ଦେଖି ଅନ୍ୟମାନେ ମଧ୍ୟ ଆଖିର ଲୁହକୁ ନିୟନ୍ତ୍ରଣ କରିପାରି ନ ଥିଲେ। ମୃତ ଦୟାନିଧିଙ୍କ ଦୁଇ କନ୍ୟା ସନ୍ତାନକୁ ଶୋକାକୂଳ ପରିବେଶଠାରୁ ଯଥା ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଗାଁ ଲୋକେ ପୂର୍ବ ପ୍ରସ୍ତୁତି ମୁତାବକ ଶବଦାହ କରିବାରେ ସହଯୋଗ କରିଥିଲେ । ଜିଲା ପ୍ରଶାସନର ଆଶ୍ୱସନା ମୁତାବକ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିଲା। ଏଥିସହ ରେଡକ୍ରସ ପାଣ୍ଠିରୁ ୩ଜଣ ମୃତକଙ୍କ ପରିବାରକୁ ୩୦ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ଜଣକ ପିଛା ୨ହଜାର ଲେଖାଏ ୬ହଜାର ଟଙ୍କା ସହାୟତ ପ୍ରଦାନ କରାଯାଇଛି। ଶବ ଶୋଭାଯାତ୍ରା ସ୍ଥାନୀୟ ରେକାବୀ ବାଜରରୁ ବାହାରି ଗ୍ରାମର ପରିକ୍ରମା କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ଯାଜପୁର ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ କୁଳମଣୀ ନାୟକ, ଯାଜପୁର ବ୍ଲକ ବିଡିଓ ସୌରଭ ଚକ୍ରବର୍ତ୍ତି, ଶ୍ରମ ବିଭାଗର ଅତିରିକ୍ତ କମିଶନର, ଯାଜପୁର ତହସିଲଦାର ପ୍ରମୁଖ ଯୋଗଦେଇଥିଲେ । ଶ୍ରମ ଆଇନ ଅନୁସାରେ ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଶନିବାର ଅପରାହ୍ନରେ ଅହମ୍ମଦାବାଦର ଓଧାବ୍ ଜିଆଇଡିସି ଅଞ୍ଚଳରେ ଥିବା ଲୋଟସ କପଡା ଲେବଲ କମ୍ପାନୀରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମର ଶ୍ରମିକ ଦୟାନିଧି ଖୁଣ୍ଟିଆ, ଚିନ୍ମୟ ଖୁଣ୍ଟିଆ ଏବଂ କାମେଶ ସିଂଙ୍କ ମୃତ୍ୟୁ ଘଟିଥିବାବେଳେ ରାଜେନ୍ଦ୍ର ଖୁଣ୍ଟିଆ, ଲିପୁ ସାମଲ ଓ ଦୀପୁ ସାମଲ ଅଳ୍ପକେ ବର୍ତ୍ତି ଯାଇଥିଲେ। ମୃତ ଶ୍ରମିକମାନେ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ମୃତଦେହ ଗୁଜରାଟରୁ ଆଣିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ।






# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼

ଢ଼ୁବୁରୀ, ୨୫।୨ (ଡି.ଏନ୍.ଏ.)

କଳିଙ୍ଗନଗର ଥାନା ଅଧୀନ ଡୋଲାପଥର ଗ୍ରାମରୁ ବକେୟା ବିଲ ଆଦାୟ କରିବାକୁ ଯାଇଥିବା କେତେଜଣ କର୍ମଚାରୀଙ୍କୁ ଗ୍ରାମର ପ୍ରତାପ କୁମାର ଓଝା ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ପ୍ରତାପଙ୍କର ୯ ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି। ହେଲେ ସେ ଟଙ୍କା ପୈଠ କରି ନ ଥିବାରୁ ବିଦ୍ୟୁତ୍ କର୍ମଚାରୀମାନେ ମଙ୍ଗଳବାର ତାଙ୍କ ଘରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଏ ନେଇ ପ୍ରତାପ ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଶାର୍ଟ କଲର ଧରି ମାଡ଼ ମାରିଥିଲେ। ଏଥିସହ ଗ୍ରାମର ଅନ୍ୟ ଉପଭୋକ୍ତାଙ୍କଠାରୁ ଟଙ୍କା ଆଦାୟ କରାଇ ନଦେବା ସହ ପୁନର୍ବାର ଗାଁକୁ ଆସିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅସିତ କୁମାର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨୪/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ସରିଲା ବାଏ ଅଫ୍

ପୁରୀ ଅଫିସ,୨୫।୨: ହୋଟେଲ ପିଙ୍କ୍ ହାଉସ୍ ପରିସରରେ ଚାଲିଥିବା ପାଞ୍ଚଦିନିଆ ବାଏ ଅଫ୍ (ବ୍ରିଙ୍ଗ ୟୋର ଓନ୍ ଫିଲ୍ମ ଫେଷ୍ଟିଭାଲ) ମଙ୍ଗଳବାର ଶେଷ ହୋଇଛି। ତେବେ ଅଦିନିଆ ବର୍ଷା ଯୋଗୁ ଅନ୍ତିମ ଦିବସରେ ଚଳଚ୍ଚିତ୍ରର ସ୍କ୍ରିନିଂ କରାଯାଇ ନ ଥିବାବେଳେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଫିଲ୍ମ ଫେଷ୍ଟିଭାଲରେ ମୋଟ ୪୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ଓ ପଶ୍ଚିମବଙ୍ଗରୁ ୧୫ଟି ଲେଖାଏ ଫିଲ୍ମର ସ୍କ୍ରିନିଂ କରାଯାଇଥିଲାବେଳେ ମୁମ୍ବାଇ, ଚେନ୍ନାଇ ଏବଂ ବେଙ୍ଗାଲୁରୁରୁ ମଧ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସେମାନଙ୍କ ଫିଲ୍ମ ଆଣି ଆସିଥିଲେ। ପ୍ରତି ସନ୍ଧ୍ୟାରେ ୬୦/୭୦ ଜଣ ଦର୍ଶକ ଉପସ୍ଥିତ ରହି ଫିଲ୍ମଗୁଡ଼ିକ ଦେଖିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ସମ୍ପର୍କିତ ବିଭିନ୍ନ ପ୍ରକାର କର୍ମଶାଳା ଆୟୋଜିତ ହୋଇଥିଲା। ବାଏ ଅଫ୍‌ର ପ୍ରତିଷ୍ଠାତା ଶୁଶାନ୍ତ ମିଶ୍ର, କପିଳାସ ଭୂୟାଁ, ରବୀନ୍ଦ୍ର କିଶୋର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ମାଟ୍ରିକ ପରୀକ୍ଷା ସ୍କ୍ୱାଡ୍‌ରେ ଅଧାପକଙ୍କ ନିୟୋଜନକୁ ବିରୋଧ

ପୁରୀ ଅଫିସ, ୨୫।୨: ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ମଙ୍ଗଳବାର ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଶିକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଅଧାପକମାନଙ୍କୁ ସ୍କ୍ୱାଡ୍‌ରେ ନିୟୋଜନକୁ ସଂଘ ତୀବ୍ର ବିରୋଧ କରିଛି। ଶିକ୍ଷକଙ୍କ ଲାଗି ସରକାର ଘୋଷଣା କରିଥିବା ୫ ପ୍ରତିଶତ ମହଙ୍ଗା ଭତ୍ତା ୨୦୧୯ ଜୁଲାଇ ପହିଲାରୁ ଲାଗି ପାଇଁ ଦାବି କରାଯାଇଛି। ସତ୍ୟବାନ ରଥ, ଅନିଲ କୁମାର ବିଶ୍ୱାଳଙ୍କୁ ପେନ୍‌ସନ ପ୍ରଦାନରେ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଜିଲା ପ୍ରଶାସନ ନିକଟରେ ସଂଘ ଦାବି କରିବ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଏହି ଅବସରରେ ଦିବଙ୍ଗତ ଶିକ୍ଷକ ତଥା ସଂଘ ସଦସ୍ୟ ରମାକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଅବସରପ୍ରାପ୍ତ ପ୍ରଫେସର ଅଦ୍ୱୈତ ଚରଣ ଧଳ, ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ, ଅନିଲ କୁମାର ବିଶ୍ୱାଳ, କୃଷ୍ଣମୋହନ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ଗଙ୍ଗାଧର ସେନାପତି, ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର, ଉମାକାନ୍ତ ବାରିକ, ନାରାୟଣ ଦାସ, କାହ୍ନୁଚରଣ ପ୍ରଧାନ, ଦାଶରଥି ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଗଣେଶ୍ୱର ମହାପାତ୍ର, ବିଜୟ ଚରଣ ମହାନ୍ତି, ରମେଶ ଚନ୍ଦ୍ର ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲପିଲାଙ୍କ ସୁରକ୍ଷିତ ଯାତ୍ରାକୁ ଗୁରୁତ୍ୱ

ପୁରୀ ଅଫିସ, ୨୫।୨



ସମୀକ୍ଷା ବୈଠକରେ ଉପସ୍ଥିତ ଅଭିଭାବକ ଓ ଅନ୍ୟମାନେ।

**ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ**

- ଗଠନ ହେବ ବିଦ୍ୟାଳୟସ୍ତରୀୟ ପରିବହନ କମିଟି
- ଅଟୋରେ ୪ରୁ ଅଧିକ ବସିଲେ ଜରିମାନା
- ବସ୍ ପରମିଟ, ପ୍ରଦୂଷଣ ମାନ, ଲାଇସେନ୍ସ ନିୟମିତ ଯାଞ୍ଚ ହେବ

ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ସ୍କୁଲ ଭ୍ୟାନ ଓ ଅଟୋରେ ଯାତାୟାତ କରୁଛନ୍ତି। ଗାଡ଼ିରେ ବସ୍ତା ଲଦିଲା ଭଳି ଅତି ଦୟନୀୟ ଭାବେ ପିଲାଙ୍କୁ ନିଆଯାଉଛି। ନିକଟରେ ଏକ ସ୍କୁଲ ଭ୍ୟାନ ଓଲଟି ଶିଶୁ ମୃତ୍ୟୁ ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହାପରେ ସରକାରଙ୍କ ଚେତା ପଶିଛି। ସେହିପରି ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ ପିଲାଙ୍କ ସୁରକ୍ଷିତ ଯାତ୍ରା ନେଇ ତତ୍ପରତା ପ୍ରକାଶ ପାଇଛି। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ବିଭିନ୍ନ ସ୍କୁଲର କର୍ତ୍ତୃପକ୍ଷ, ଅଭିଭାବକ, ଆଞ୍ଚଳିକ ପରିବହନ ଅଧିକାରୀ, ଟ୍ରାଫିକ ପୋଲିସ ଏବଂ ଅଟୋରିକ୍ସା ଓ ମୋଟର ଯାନ ସଂଘ କର୍ମକର୍ତ୍ତାଙ୍କୁ ନେଇ ମଙ୍ଗଳବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଆର୍‌ଟିଓ ସମୀର ଦଳାଇ, ପ୍ରତିଷ୍ଠାନର ଅଧକ୍ଷ ଚଣ୍ଡେଶ୍ୱର ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରୁବୀର ସିଂ, ସଦର ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ଟ୍ରାଫିକ ଇନ୍ସପେକ୍ଟର ଗୋକୁଳ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍କୁଲ ପିଲାଙ୍କ ସୁରକ୍ଷିତ ଯାତ୍ରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦିନକୁ ଦିନ ଟ୍ରାଫିକ ସମସ୍ୟା ଦ୍ୱିଗଣିତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପିଲାଙ୍କୁ ନେଇ ଯାତାୟାତ କରୁଥିବା ସ୍କୁଲ ବସ୍, ଭ୍ୟାନ ଏବଂ ଅଟୋରିକ୍ସାଗୁଡ଼ିକ ସୁରକ୍ଷିତ ଭାବେ ଯାତ୍ରା କରିବ। ଏଥିଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି, ସମସ୍ତଙ୍କ ମିଳିତ ସହଯୋଗ ଦ୍ୱାରା ଅଘଟଣକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ନିୟମ ଅନୁସାରେ ଗୋଟିଏ ଅଟୋରେ ୪ଜଣ ପିଲା ବସିବେ। ଅଧିକ ପିଲା ବସିଲେ, ସଂଶୋଧିତ ମୋଟରଯାନ ଆଇନ ଅନୁଯାୟୀ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ବିଦ୍ୟାଳୟରେ ବ୍ୟବହାର ହେଉଥିବା ଯାନବାହନଗୁଡ଼ିକର ନିୟମିତ ବ୍ୟବଧାନରେ ମରାମତି, ପରମିଟ୍, ଫିଟନେସ୍, ପ୍ରଦୂଷଣ ଏବଂ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯିବାକୁ ଆର୍‌ଟିଓ ପରାମର୍ଶ ଦେଇଥିଲେ। ସେ କହିଥିଲେ, ପିଲାଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଯାତ୍ରା ଲାଗି ପ୍ରତ୍ୟେକ ବିଦ୍ୟାଳୟରେ ପରିବହନ କମିଟି ଗଠନ କରାଯିବ। ପ୍ରତି ବସ୍‌ରେ ଜଣେ ତତ୍ତ୍ୱାବଧାରକ ନିୟୋଜିତ ହେବେ। ଏ ନେଇ ବ୍ଲକ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ସଚେତନତା ଲାଗି ପ୍ରତି ବ୍ଲକର ଦୁଇଟି ବିଦ୍ୟାଳୟକୁ ନେଇ ନୋଡାଲ ବିଦ୍ୟାଳୟ ଭାବେ ଚୟନ କରାଯିବ ବୋଲି ଡିଇଓ ସାହୁ କହିଥିଲେ। ଟ୍ରାଫିକ ଇନ୍ସପେକ୍ଟର ଦାସ କହିଲେ ଯେ, ପିଲାଙ୍କ ସୁରକ୍ଷିତ ଯାତ୍ରା ଲାଗି ସମସ୍ତେ ସଚେତନ ହେବା ଆବଶ୍ୟକ। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଏ ନେଇ ସଚେତନ ହେବା ଜରୁରୀ। ଏହି ବୈଠକରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ, ପ୍ରଧାନ ଶିକ୍ଷକ, ଅଭିଭାବକ କମିଟି କର୍ମକର୍ତ୍ତା, ଅଟୋରିକ୍ସା ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରାତି ୧୦ଟା ପରେ ଖଣ୍ଡପଡ଼ା ବାଇପାସ ରାସ୍ତାରେ ଦୋକାନ ବନ୍ଦ ନିର୍ଦ୍ଦେଶ

ଖଣ୍ଡପଡା,୨୫।୨(ସ୍ୱ.ପ୍ର.)

ବିଭିନ୍ନ ସମୟରେ ଖଣ୍ଡପଡ଼ା ବାଇପାସ ରାସ୍ତାରେ ନିଶା ସେବନକାରୀ ଯୁବକମାନଙ୍କ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ବାଇପାସ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନ ସମେତ ସମସ୍ତ ଦୋକାନ ରାତି ୧୦ଟା ପରେ ବନ୍ଦ ପାଇଁ ଖଣ୍ଡପଡା ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଖଣ୍ଡପଡା ବାଇପାସ ରାସ୍ତାରେ ମଦ୍ୟପ ଯୁବକଙ୍କ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବା, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ପରି ଅଭାବନୀୟ ଘଟଣା ଘଟିବା ପରେ ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଖଣ୍ଡପଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଖଣ୍ଡପଡା ବାଇପାସ ରାସ୍ତାରେ ମଦ୍ୟପ ଯୁବକମାନେ ଏଣେତେଣେ ବୁଲିବା, କଥାକଥାକେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ଉପରେ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ବାଇପାସ ରାସ୍ତାରେ ବ୍ୟବସାୟ କରୁଥିବା ବିଦେଶୀ ମଦ ଦୋକାନୀ ଓ ନିକଟରେ ଥିବା ଢାବା ମାଲିକଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ନିକଟ ଭବିଷ୍ୟତରେ ବାଇପାସ ରାସ୍ତାରେ ଯେଭଳି ମଦ୍ୟପ ଯୁବକମାନେ ଆଉ ବିଶୃଙ୍ଖଳା ସୃଷ୍ଟି ନ କରନ୍ତି ସେଥିପ୍ରତି ପୋଲିସ ସଜାଗ ରହିଛି ବୋଲି ଆଇଆଇସି ମଲ୍ଲିକ ପ୍ରକାଶ କରିଛନ୍ତି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।

## ଅସରାଏ ବର୍ଷା: ରାସ୍ତାରେ ଆଣ୍ଠୁଏ ପାଣି, ଜନଜୀବନ ଅସ୍ତବ୍ୟସ୍ତ

ନିରାକାରପୁର,୨୫।୨(ଡି.ଏନ.ଏ.)



ରାସ୍ତାରେ ପାଣି ଜମିଛି।

ଖୋର୍ଦ୍ଧା ଜିଲା ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ସକାଳୁ ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ ଜନ ଜୀବନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ବିଶେଷ କରି କେତେକ ସ୍କୁଲରେ ଛୋଟ ପିଲାଙ୍କର ସକାଳୁଆ ପାଠପଢା ଯୋଗୁ ବର୍ଷାରେ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ବର୍ଷା ଯୋଗୁ ଚାଷୀମାନେ ମଧ ଭୟ ଓ ଆଶଙ୍କାରେ ରହିଛନ୍ତି। ସେହିପରି ଝିପିଝିପି ବର୍ଷାରେ କେତେକ ରାସ୍ତାରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି କରୁଛି। ନିରାକାରପୁର ଲେଭଲ କ୍ରସିଂ ନିକଟ ନୂଆ ଜଗନ୍ନାଥ ସଡକକୁ ସଂଯୋଗ କରିଥିବା କାଶିପୁର ରାସ୍ତା, ଯାହାକି ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ନିରାକାରପୁର ଗସ୍ତ ସମୟରେ ପ୍ରସ୍ତୁତ କରାଯାଇଥିଲା ସେହି ରାସ୍ତାରେ ଅସରାଏ ବର୍ଷା ଯୋଗୁ ଆଣ୍ଠୁଏ ପାଣି ଜମି ରହିଛି, ଯାହାକି ଅଞ୍ଚଳବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଛି ତା' ଠାରୁ ଅଧିକ ଟ୍ରେନ ଯାତ୍ରୀଙ୍କୁ ଅସୁବିଧା ଭୋଗିବାକୁ ପଡୁଛି।

## ଫସର ଫାଟିଲା ବିବାହ: ନାବାଳିକାଙ୍କୁ ବେଦିରୁ ଉଠାଇଆଣିଲେ

ନୟାଗଡ଼ ଅଫିସ/ଓଡଗାଁ, ୨୫।୨(ସ୍ୱ.ପ୍ର.)

ଓଡଗାଁ ବ୍ଲକର ମଦନଗାଡିଆରେ ହେବାକୁ ଥିବା ନାବାଳିକା ବିବାହ ମଙ୍ଗଳବାର ସନ୍ଧ୍ୟାରେ ବନ୍ଦ ହୋଇଛି। ନୟାଗଡ ଚାଇଲ୍ଡଲାଇନ, ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ଓଡଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ବୁଝାଶୁଝା କରି ବେଦିରୁ ଉଠାଇ ଆଣିବାରେ ସଫଳ ହୋଇଛନ୍ତି। ପରେ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। କମିଟିର ନିର୍ଦ୍ଦେଶ ମୁତାବକ ନାବାଳିକାଙ୍କୁ ତପସ୍ୟା ଶିଶୁଗୃହରେ ରଖାଯାଇଛି। ପ୍ରାପ୍ତ ସୂଚନା ୧୬ ବର୍ଷୀୟା ନାବଳିକାଙ୍କର ବିବାହ ମଙ୍ଗଳବାର ହେବାର ଥିଲା। ନାବାଳିକା ତୋଳାକନ୍ୟା ହୋଇ ବରଘର ମଦନଗାଡିଆରେ ପହଞ୍ଚି ବେଦିରେ ବସିଥିଲେ। ବିବାହ କର୍ମ ଆରମ୍ଭ ହେବା ବେଳକୁ ନୟାଗଡ ଚାଇଲ୍ଡଲାଇନ, ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ଓଡଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାରିଥିଲେ। ଅନ୍ୟପକ୍ଷେ ବାଉଁଶଗାଡିଆରେ ଏପରି ଏକ ବିବାହ ହେଉଥିବା ଖବର ପାଇ ଚାଇଲ୍ଡଲାଇନ ଟିମ୍ ପହଞ୍ଚିଲାବେଳକୁ ନାବାଳିକା ବିବାହ ଶେଷ ହୋଇସାରିଥିଲା।

## ଅଗ୍ନିକାଣ୍ଡ: ୫ ପରିବାର ଗୃହଶୂନ୍ୟ



ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିବା ଘର।

କୃଷ୍ଣପ୍ରସାଦ, ୨୫।୨ (ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବାଲିନାସୀ ଗାଁରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁଲାଗି ୫ ପରିବାର ଗୃହଶୂନ୍ୟ ହୋଇପଡିଛନ୍ତି। ଅଗ୍ନିବିପନ୍ନ ପରିବାରଗୁଡିକ ହେଲେ ସୁଦର୍ଶନ ବେହେରା, ସୁମନ ବେହେରା, ରାଜକୁମାରୀ ବେହେରା, ବିନୋଦିନୀ ଓ ଅନିଲ ବେହେରା। ସୋମବାର ରାତିରେ ସମସ୍ତେ ଶୋଇଥିବା ସମୟରେ ଭୋର ୪ଟାରେ ଅଗ୍ନିକାଣ୍ଡ ଘଟିଥିଲା। ପରିବାର ଲୋକମାନେ ଜୀବନ ବଞ୍ଚାଇ ପିଲାଛୁଆ ସହ ବାହାରକୁ ଚାଲିଆସିଥିଲେ। ଗାଁ ଲୋକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବର ପାଇ ମାଲୁଦ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଉପରୋକ୍ତ ପରିବାରଙ୍କ ୭ବଖରା ସହ ଧାନଚାଉଳ, ଆସବାବପତ୍ର, ନଗଦ ଟଙ୍କା, ଗହଣା, ଆଲମିରା ଆଦି ପୋଡି ଧ୍ୱଂସ ହୋଇଯାଇଛି। ନିଆଁ ଲିଭାଇବା ସମୟରେ ଦୁଇଜଣ ଆହତ ହୋଇଛନ୍ତି। ଅଗ୍ନିଶମ ବିଭାଗ ଡ୍ରାଇଭର ଚନ୍ଦନ ପ୍ରଧାନ ଓ ଗ୍ରାମର ଯୁବକ ସୁମନ ବେହେରାଙ୍କ ହାତ, ଗୋଡ ପୋଡିଯାଇଥିବା ଜଣାଯାଇଛି। ଝିପିଝିପି ବର୍ଷାରେ ଗୃହଶୂନ୍ୟ ପରିବାର ସଦସ୍ୟ ଖୋଲା ଆକାଶ ତଳେ ପଡିରହିଛନ୍ତି। ମାଛମାରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କ ସମସ୍ତ ଜାଲ ମଧ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ସହାୟତା ପ୍ରଦାନ ସହ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାଳରେ ଫସିରହିଛି ପଥର ବୋଝେଇ ଟ୍ରକ୍

ବ୍ରହ୍ମପୁର ଅଫିସ,୨୫।୨

ବ୍ରହ୍ମପୁର ବଡ଼ରେଣ୍ଡିକା ସାହି ଛକ ନିକଟରେ ବହୁ ସମୟ ଧରି ଗୋଟିଏ ପଥର ବୋଝେଇ ଟ୍ରକ୍ (ଓଡ଼ି୦୭ଜେ ୩୬୧୧) ମଙ୍ଗଳବାର ନାଳରେ ଫସି ରହିଥିବାରୁ ଯାତାୟାତରେ ଅସୁବିଧା ହୋଇଥିଲା। ସ୍ଥାନୀୟ ଲୋକଙ୍କ ମତରେ ସୋମବାର ରାତି ପ୍ରାୟ ୧୧ଟାରେ ଉକ୍ତ ଟ୍ରକ୍ ବଡ଼ବଡ଼ ଦୁଇଟି ପଥରଖଣ୍ଡ ନେଇ ଜାତୀୟ ରାଜପଥ ଅଭିମୁଖେ ଯାଉଥିବା ସମୟରେ ଅପରପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ଟ୍ରକ୍‌କୁ ରାସ୍ତା ଛାଡିବାକୁ ଉଦ୍ୟମ କରିଥିବା ବେଳେ ମାଟି ଦବିଯିବାରୁ ନାଳ ଭିତରକୁ ଖସିଯାଇଥିଲା। ଏହା ପରେ ଡ୍ରାଇଭର ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ନିକଟରେ ଥିବା ୪ଜଣ ବ୍ୟକ୍ତିଙ୍କ ଆଡକୁ ଟ୍ରକ୍ ମାଡିଆସିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ଫଳରେ ସେମାନେ ବର୍ତ୍ତି ଯାଇଥିଲେ। ଏ ସମ୍ପର୍କରେ ଟ୍ରାଫିକ ଥାନା ଅଧିକାରୀ ସୁନୀଲ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗାଡ଼ି ମାଲିକଙ୍କ ସହ ଯୋଗାଯୋଗ କରାଯାଇଛି। ଗାଡ଼ିକୁ ନାଳରୁ ବାହାର କରିବା ବ୍ୟବସ୍ଥା ହୋଇଛି। ଦିନରେ ବାହାର କରାଗଲେ ଟ୍ରାଫିକ ସମସ୍ୟା ହେବା ସମ୍ଭାବନା ରହିଛି। ତେଣୁ ମଙ୍ଗଳବାର ରାତି ସୁଦ୍ଧା ଟ୍ରକ୍‌କୁ ବାହାର କରାଯିବ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ମାନବ ସେବା

ପୁରୀ ଅଫିସ,୨୫।୨

ଶ୍ରୀଜଗନ୍ନାଥ ମନ୍ଦିର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଏକ ମାନବ ସେବା କାର୍ଯ୍ୟକ୍ରମ କରାଯାଇଛି। କର୍ମଚାରୀମାନେ ବାରବାଟୀ ଯାଗା ନୂଆସାହିରେ ଥିବା ସଂଘ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ୨୫ ଜଣ ମହିଳା ପୁରୁଷ ଭିକ୍ଷାର୍ଥୀଙ୍କୁ ଲୁଗା, ଗାମୁଛା, ଶାଢି, ବିସ୍କୁଟ ଓ ଫଳମୂଳ ଆଦି ପ୍ରଦାନ କରିଥିଲେ। ଆସନ୍ତା ୨୮ ତାରିଖରେ ମଧ ଏହିଭଳି ମାନବ ସେବା କାର୍ଯ୍ୟ କରାଯିବ ବୋଲି ସଂଘ ସଭାପତି କ୍ଷେତ୍ର ମୋହନ ଦାଶ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ୨୨୦ ଗ୍ରାହକଙ୍କ କଟାଗଲାଣି ବିଦ୍ୟୁତ୍ ସଂଯୋଗ

ଛତ୍ରପୁର,୨୫।୨(ଡି.ଏନ.ଏ.)



ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି।

ସାଉଥ୍‌କୋ ୟୁଟିଲିଟି ପକ୍ଷରୁ ଛତ୍ରପୁର ଅଞ୍ଚଳରେ ମଙ୍ଗଳବାର ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ବିଦ୍ୟୁତ୍ ବିଚ୍ଛିନ୍ନ ଆରମ୍ଭ ହୋଇଛି। ଏହି ସବ୍‌ଡିଭିଜନ ଅଧୀନରେ ବିଭିନ୍ନ ଗ୍ରାହକଙ୍କ ଉପରେ ୨ କୋଟି ୪୧ ଲକ୍ଷ ୧୪ ହଜାର ଟଙ୍କା ବକେୟା ବିଦ୍ୟୁତ୍ ବିଲ୍ ରହିଛି। ଘରୋଇ ଗ୍ରାହକଙ୍କ ଉପରେ ୧.୨୬ କୋଟି ଟଙ୍କା ବାକି ରହିଥିବା ବେଳେ ବ୍ୟବସାୟୀ ଗ୍ରାହକଙ୍କ ଉପରେ ୧.୦୧ କୋଟି ଟଙ୍କା ଓ ଶିଳ୍ପାୟନ ଉପରେ ୧୪.୧୪ ଲକ୍ଷ ଟଙ୍କା ବାକିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ୭ ଜଣିଆ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ବିଲ୍ ବକେୟା ଥିବା ୨୯ ଗ୍ରାହକଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଇଛି।

ପ୍ରଥମ ଦିନରେ ୨.୮୨ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସ୍କ୍ୱାଡ୍ ଛତ୍ରପୁର ସହରର ରିକାପଲ୍ଲୀ, ଭାଗ୍ୟଲକ୍ଷ୍ମୀନଗର, ମଝି ବଜାର, କଣମଣା ପଞ୍ଚାୟତ ଅଧୀନ ଟାକିରିଆ ବ୍ରହ୍ମପୁର, ଅଗସ୍ତିନୂଆଗାଁ, ଭିକାରିପଲ୍ଲୀ ପଞ୍ଚାୟତ ଅଧୀନ ଲଣ୍ଡା ବାଉଁଶ, ଦନେଇ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରୁ ବକେୟା ବିଲ୍ ମଗାଯାଇଥିଲା। ଛତ୍ରପୁର ସବ୍‌ଡିଭିଜନରେ ଘରୋଇ ଗ୍ରାହକ ୩୩୫୪୦ ଜଣ ଥିବା ବେଳେ ବ୍ୟବସାୟୀ ଗ୍ରାହକ ୧୮୬୩ ଜଣ ଓ ଶିଳ୍ପାୟନ ଗ୍ରାହକ ୧୦୫ ରହିଥିବା

**ବିଲ୍ ବକେୟା ପ୍ରସଙ୍ଗ**

ଛତ୍ରପୁର ସବ୍‌ଡିଭିଜନ ଏସ୍‌ଡିଓ ରାଜ କିଶୋର ବଲ୍ଲଭ ସୂଚନା ଦେଇଛନ୍ତି। ପୂର୍ବରୁ ସାଉଥ୍ କୋ ପକ୍ଷରୁ ଗ୍ରାହକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ବିଲ୍ ପୈଠ ନ କଲେ ସଂଯୋଗ କଟାଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିସହ କେତେକ ଗ୍ରାହକଙ୍କୁ ମଧ ବକେୟା ବିଲ୍ ପୈଠ କରିବାକୁ ବିଭାଗ ପକ୍ଷରୁ ନୋଟିସ୍ ଦିଆଯାଇଥିବା ସୂଚନା ଦିଆଯାଇଛି। ଅପରପକ୍ଷରେ ଚଳିତ ମାସ ୧୨ରୁ ଏ ପର୍ଯ୍ୟନ୍ତ ୨୨୦ ଜଣଙ୍କ ବିଦ୍ୟୁତ୍ ସଂଯୋଗ କଟାଯିବା ସହ ୨୦ଲକ୍ଷ ଟଙ୍କା ଆଦାୟ ହୋଇଥିବା କୁହାଯାଇଛି। ଯଦି କୌଣସି ଗ୍ରାହକ ବିଲ୍ ବାକି ରଖିଥିବା ଏବଂ କହିବା ସତ୍ତ୍ୱେ ଏହା ପୈଠ କରୁନାହାନ୍ତି, ଏପରି କି ବିଦ୍ୟୁତ୍ ବିଚ୍ଛିନ୍ନ ସମୟରେ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରନ୍ତି ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଏସ୍‌ଡିଓ ସୂଚନା ଦେଇଛନ୍ତି। ଏପରି କି ଯେଉଁ ଗ୍ରାହକମାନଙ୍କ ବିଲରେ କୌଣସି ତ୍ରୁଟି ରହିଥିବ ସେ ସମ୍ପର୍କରେ ଛତ୍ରପୁର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ସଂଶୋଧନ କରିବାକୁ ପରାମର୍ଶ ଦିଆଯାଇଛି।

## ଶ୍ରୀମନ୍ଦିର ପ୍ରଶାସନ ନୀରବତାକୁ ନେଇ ପ୍ରଶ୍ନ

ପୁରୀ ଅଫିସ, ୨୫।୨:

**ସ୍ୱର୍ଗଦ୍ୱାର ଜମି ଦୁର୍ନୀତି**



ସ୍ୱର୍ଗଦ୍ୱାର ଶ୍ମଶାନ ଜମି ମାଡ଼ି ବସିଛନ୍ତି ବହୁ ପ୍ରଭାବଶାଳୀ। ଦୀର୍ଘବର୍ଷ ଧରି ବେଆଇନ ଭାବେ ସ୍ୱର୍ଗଦ୍ୱାର ଜମିକୁ ଜବରଦଖଲ କରି ରଖିଛନ୍ତି। ଏହାକୁ ମୁକ୍ତ କରିବା ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଆପତ୍ତି ଉଠାଇଛନ୍ତି ବୁଦ୍ଧିଜୀବୀ। ଏହାଦ୍ୱାରା ପରୋକ୍ଷରେ ସ୍ୱର୍ଗଦ୍ୱାର ଜମି ଦୁର୍ନୀତିକୁ ଚାପି ଦିଆଯାଉଛି। ତେବେ ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନର ନୀରବତାକୁ ନେଇ ମଧ ଅନେକେ ପ୍ରଶ୍ନ ଉଠାଇଛନ୍ତି। ୧୦ ଏକର ଜମି ଶ୍ରୀମନ୍ଦିର ନାଁରେ ରେକର୍ଡ ଥିବାବେଳେ ଏହାକୁ ମୁକ୍ତ କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଆଗେଇ ଆସୁନାହିଁ ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ ପ୍ରଶ୍ନ କରିଛନ୍ତି।

ପୁରୀ ସମୁଦ୍ର କୂଳକୁ ଲାଗି ବାଲିସାହି ମୌଜାରେ ରହିଛି ସ୍ୱର୍ଗଦ୍ୱାର ଶ୍ମଶାନ। ୧୮୮୯ ମସିହା ରେକର୍ଡରେ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ୩୩ ଏକର ରହିଥିଲା। ପରବର୍ତ୍ତୀ ସମୟରେ ଏହି ଜମିକୁ ଅନ୍ୟମାନେ ମାଡ଼ି ବସିଲେ। ବେଆଇନ ଭାବେ ନିଜ ନାମରେ ରେକର୍ଡ କରିନେଲେ। ଫଳରେ ୧୯୨୭ରେ ଏହା ୧୬ ଏକର ୪୦୦ ଡିସିମିଲରେ ପହଞ୍ଚି ଥିଲା। ସାବକ ରେକର୍ଡରେ ଏହି ୧୬ ଏକର ୪୦୦ ଡିସିମିଲ ଜମିରେ ସ୍ୱର୍ଗଦ୍ୱାର ଶ୍ମଶାନ ଥିବାବେଳେ ହାଲ୍ ରେକର୍ଡରେ ଏହା ୪୬୫ ଡିସିମିଲକୁ ହ୍ରାସ ପାଇଛି। ଅଧିକାଂଶ ଜମି ବେଆଇନ ଭାବେ ଅନ୍ୟମାନଙ୍କ ନାମରେ ରେକର୍ଡ ହୋଇଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅସାଧୁ ରାଜସ୍ୱ ଅଧିକାରୀଙ୍କୁ ହାତ କରି ଏହି ଦୁର୍ନୀତି କରିଛନ୍ତି। ବିଭିନ୍ନ ସମୟରେ ସ୍ୱର୍ଗଦ୍ୱାର ଜମି ଦୁର୍ନୀତିକୁ ନେଇ ହୋ ହଲ୍ଲା ହେଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏହା ପୁଣି ନରମି ଯାଉଛି। ୨୦୧୬ରେ ସ୍ୱର୍ଗଦ୍ୱାର ଗୋଲେଇ ଛକ ଜମି ଦୁର୍ନୀତିକୁ ନେଇ ସଚେତନ ନାଗରିକ ମଞ୍ଚ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲା। ଏହାର ତଦନ୍ତ ସମୟରେ ବହୁ ବଡ଼ ବଡ଼ିଆ ସ୍ୱର୍ଗଦ୍ୱାର ଜମିକୁ ମାଡ଼ି ବସିଥିବା ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମଧ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲେ। ତଦନ୍ତରୁ ଦୁର୍ନୀତି ସ୍ପଷ୍ଟ ହେବା ପରେ ଜବରଦଖଲ ମୁକ୍ତ କରିବା ଲାଗି ତତ୍କାଳୀନ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ହାଇକୋର୍ଟରେ ମଧ ମାମଲା ପହଞ୍ଚିଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସ୍ୱର୍ଗଦ୍ୱାରର ୩୩ ଏକର ଜମି ମଧ୍ୟରୁ ୧୦ ଏକର ଜମି ଶ୍ରୀମନ୍ଦିର ପ୍ରଶାସନ ନାଁରେ ରେକର୍ଡ ହୋଇଯାଇଛି। କିନ୍ତୁ ଜବରଦଖଲରେ ଥିବା ଏହି ଜମିକୁ ମୁକ୍ତ କରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଜବରଦଖଲକାରୀମାନେ ଅନାୟାସରେ ବ୍ୟବସାୟ ପ୍ରତିଷ୍ଠାନ କରି ମାଲାମାଲ ହେଉଛନ୍ତି। ଏପଟେ କିନ୍ତୁ ସ୍ୱର୍ଗଦ୍ୱାରକୁ ମୃତଦେହ ଦାହ ପାଇଁ ଆସୁଥିବା ପରିଜନମାନେ ଅସୁବିଧା ଭୋଗୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଜ ଜମିକୁ ନେବା ପାଇଁ ଆଗ୍ରହ ଦେଖାଉ ନାହିଁ ବୋଲି ଆଇନଜୀବୀ ଦାଶ କହିଛନ୍ତି। ସେ କହିଛନ୍ତି, ୨୦୧୬ରେ ତତ୍କାଳୀନ ଉପଜିଲାପାଳ ଓ ତହସିଲଦାର ସ୍ୱର୍ଗଦ୍ୱାର ଜମି ଜବରଦଖଲମୁକ୍ତ କରିବା ଲାଗି ସେମାନଙ୍କ ରିପୋର୍ଟରେ ଦର୍ଶାଇଥିଲେ। ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମଧ ଜବରଦଖଲ ଜମିକୁ ଜିଲା ପ୍ରଶାସନ ନିଜ ଅଧୀନକୁ ଆଣିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ଯାଏ ସ୍ୱର୍ଗଦ୍ୱାର ଜମି ଜବରଦଖଲମୁକ୍ତ ହୋଇପାରି ନାହିଁ। ଶ୍ରୀମନ୍ଦିର ପ୍ରଶାସନ ନିଜ ହାତକୁ ଜମିକୁ ନେବା ଲାଗି କୌଣସି କଠୋର ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ଆଇନଜୀବୀ ଦାଶ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାର ଜମି ଜବରଦଖଲମୁକ୍ତ କରିବାରେ ପ୍ରଶାସନ ସେଭଳି କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହୋଇ ନ ପାରେ ବୋଲି କୁହାଯାଉଛି। କାରଣ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉଚ୍ଛେଦ ଅଭିଯାନକୁ ଦେଖିଲେ ଏମିତି ପ୍ରଶ୍ନ ଆସିବା ସ୍ୱାଭାବିକ। ମେଘନାଦ ପାଚେରି କଡ଼ରୁ ୭୫ ମିଟରର ପରିଧି ମଧରେ ଥିବା ବହୁ ପ୍ରାଚୀନ ମଠ ଭଙ୍ଗାଯାଉଛି। ସେହିପରି ଶହ ଶହ ବର୍ଷ ଧରି ଘର କରି ରହିଥିବା ଲୋକେ ମହାପ୍ରଭୁଙ୍କ ପାଇଁ ସେମାନଙ୍କ ଭିଟାମାଟି ଛାଡୁଛନ୍ତି। ଏଭଳିସ୍ଥଳେ ସ୍ୱର୍ଗଦ୍ୱାର ଜମିକୁ ଜବରଦଖଲ କରି ଯେଉଁମାନେ ବ୍ୟବସାୟ ପ୍ରତିଷ୍ଠାନ ଚଳାଇଛନ୍ତି ତାହାକୁ ଭାଙ୍ଗିବାରେ ପ୍ରଶାସନ କାହିଁକି ପଛଘୁଞ୍ଚା ଦେଉଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ସୁବ୍ରତ କୁମାର ବେହେରା କହିଛନ୍ତି, ମନ୍ଦିର ନାଁରେ ଯେତେ ଜମି ରେକର୍ଡ ହୋଇଛି ତାହାକୁ ଜବରଦଖଲମୁକ୍ତ କରାଯିବ। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହ ନେଇ ଆଗାମୀ ଦିନରେ ପଦକ୍ଷେପ ଆରମ୍ଭ କରିବ।

## ସଂକ୍ଷେପରେ

### ୩ ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି

ଭାପୁର,୨୫।୨(ଡି.ଏନ୍.ଏ.): ଭାପୁର ବ୍ଲକର ପୁଣି ୩ ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି ହୋଇଥିବା ପୋଲିସରେ ଅଭିଯୋଗ ହେଉଛି। ମନ୍ଦାରବେରଣୀ, ମାନପୁର ଓ ବୋରଗାଁ ବିଦ୍ୟାଳୟରୁ ଚୋରି ହୋଇଥିବା ନେଇ ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ମନ୍ଦାରବେରଣୀ ଓ ବୋରଗାଁ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି ହୋଇଥିଲା ବେଳେ ମାନପୁର ବିଦ୍ୟାଳୟରୁ ୨ଟି ଦରି ଚୋରି ହୋଇଛି। ପୂର୍ବରୁ ରାମପଡ଼ା ୟୁପି, ଟିକିରିପଡ଼ା ୟୁଜି.ମଇ, ମାଳିବେରଣୀ ଆଳେଶ୍ୱର ଦେବ ୟୁପି, ମିଟୁଆଣି ୟୁପି ଏବଂ ଜାମୁସାହିପାଟଣା ୟୁପି.ମଇ ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରୀ ହୋଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଥିଲା।

### ଆନ୍ଦୋଳନ ପରେ ଧାନ ନେଲା ମିଲର

ନୟାଗଡ଼ ଅଫିସ,୨୫।୨: ମଙ୍ଗଳବାର ମାଳିସାହି ଧାନମଣ୍ଡିରେ ଚାଷୀ ଆନ୍ଦୋଳନ ପରେ ମିଲର ଧାନ ଉଠାଇଛି। ମାଳିସାହି ଧାନମଣ୍ଡିର ପାଳି ଥିଲା ସୋମବାର। ହେଲେ ଚାଷୀଙ୍କଠାରୁ ସୋମବାର ମିଲର ଧାନ ନେଲାନି। ବର୍ଷା କାକରରେ ଚାଷୀ ମିଲରଙ୍କୁ ଅପେକ୍ଷା କରି ରହିଥିଲେ। ମଙ୍ଗଳବାର ମିଲର ଆସିବ ନାହିଁ ବୋଲି ଭାବି ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ।

# ନିୟମ ମାନୁନାହାନ୍ତି ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ

ନୟାଗଡ ଅଫିସ, ୨୫।୨

ନୟାଗଡ଼ ଜିଲାରେ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ସରକାରୀ ନିୟମ ପାଳନ କରୁନାହାନ୍ତି। ଗ୍ରାହକଙ୍କୁ ଆନୁଷଙ୍ଗିକ ସୁବିଧା ନ ଯୋଗାଇ କେବଳ ପେଟ୍ରୋଲ ଓ ଡିଜେଲ ପକାଇ ଟଙ୍କା ରୋଜଗାର କରିବାରେ ଲାଗିପଡିଛନ୍ତି। ଗ୍ରାହକ ସୁବିଧା ପାଇଲା କି ନାହିଁ ତଦାରଖ ହେଉନି। ଅଧିକାଂଶ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରି ହେଉଥିଲେ ବି ଧରପଗଡ କରାଯାଉନି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ କି ସୁବିଧା ରହିଛି ସେ ନେଇ ପ୍ରଶାସନ ପକ୍ଷରୁ ମଧ୍ୟ ସଚେତନ କରାଯାଉ ନାହିଁ। ଜିଲା ସଦର ମହକୁମାରେ ସେବା ମିଳୁ ନ ଥିବାବେଳେ ଗ୍ରାମାଞ୍ଚଳ ଓ ଅନ୍ୟ ସହରଗୁଡିକରେ ସେବା ପାଇବା ଆଶା ରଖିବା ବୃଥା। ଏଭଳିସ୍ଥିତିରେ ଖାଉଟିଙ୍କ ପାଇଁ ଥିବା ଖାଉଟି ସୁରକ୍ଷା ଆଇନ ଅପହଞ୍ଚ ହୋଇ ରହିଥିବା ମନେହେଉଛି।


କୌଣସି ସୁବିଧା ନଥାଇ ନୟାଗଡ଼ ସହରରେ ଥିବା ପେଟ୍ରୋଲ ପମ୍ପ।

- ଗ୍ରାହକଙ୍କ ପାଇଁ ନାହିଁ ଆନୁଷଙ୍ଗିକ ସୁବିଧା
- ଖାଉଟି ସୁରକ୍ଷା ଆଇନ ଅପହଞ୍ଚ

### ରଖୁନାହାନ୍ତି ଅଭିଯୋଗ ରେଜିଷ୍ଟର

ପେଟ୍ରୋଲ ପମ୍ପରେ ଅଭିଯୋଗ ରେଜିଷ୍ଟର ରଖିବାର ନିୟମ ରହିଛି। ହେଲେ ଜିଲାର କୌଣସି ପେଟ୍ରୋଲ ପମ୍ପରେ ଆଦୌ ଏହି ସୁବିଧା ନାହିଁ। ଏହି ରେଜିଷ୍ଟର ରଖାଗଲେ ଗ୍ରାହକ କି ଅସୁବିଧାର ସମ୍ମୁଖୀନ ହେଲେ, ସେବା ପାଇଲେ କି ନାହିଁ ତାହା ଉଲ୍ଲେଖ କରିପାରନ୍ତେ। ତେଲ କମ୍ପାନୀ ଏହାର ଯାଞ୍ଚ କରି ଗ୍ରାହକଙ୍କୁ ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଅନ୍ତେ। କିନ୍ତୁ ଅଡୁଆରେ ପଡିବା ଆଶଙ୍କା କରି ସେମାନେ ଏହି ବ୍ୟବସ୍ଥା ଗ୍ରହଣ କରୁ ନ ଥିବା କୁହାଯାଉଛି।

### ମିଳୁନି ପାନୀୟ ଜଳ

ପେଟ୍ରୋଲ ପମ୍ପରେ ପାନୀୟ ଜଳ ସୁବିଧା ରହିବା କଥା। କିଛି ସ୍ଥାନରେ ଏହି ସୁବିଧା କରାଯାଇଛି। ହେଲେ ଏହାକୁ ପେଟ୍ରୋଲ ପମ୍ପ କର୍ମଚାରୀ କାମରେ ଲଗାଉଛନ୍ତି। ଗ୍ରାହକଙ୍କୁ ଏହି ସେବା ବି ଦିଆଯାଉନି। ଅନେକ ପେଟ୍ରୋଲ ପମ୍ପରେ ପାନୀୟଜଳ ସୁବିଧା କରାଯାଇନି। ତେବେ କାଗଜପତ୍ରରେ ସବୁକିଛି ଠିକ୍‌ଠାକ ରହିଛି। ସେହିଭଳି କିଛି ପେଟ୍ରୋଲ ପମ୍ପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ନାହିଁ। ପୁଣି ଯେଉଁଠି ରହିଛି ତାହା କାମ କରୁନି।

### କରାଯାଉନି ପ୍ରେସର ଚେକ୍

ପେଟ୍ରୋଲ ପମ୍ପରେ ପ୍ରେସର ଚେକ୍ ବ୍ୟବସ୍ଥା ବାଧ୍ୟତାମୂଳକ। ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡି ଚାଳକମାନେ ମାଗଣାରେ ପ୍ରେସର ଚେକ୍ କରିପାରିବେ। ତେବେ ଅଧିକାଂଶ ପେଟ୍ରୋଲ ପମ୍ପରେ ପ୍ରେସର ଦେବା ମେଶିନ୍ ନାହିଁ। କାଁ ଭାଁ ସ୍ଥାନରେ ଏହି ବ୍ୟବସ୍ଥା ଥିଲେ ବି କର୍ମଚାରୀ ନିୟୋଜିତ କରାଯାଇ ନାହିଁ। ଅନ୍ୟ କେଉଁଠି ନାମମାତ୍ର ପ୍ରେସର ଚେକ୍ ମେଶିନ୍ ରଖାଯାଇ ଖରାପ ଅଛି ବୋଲି ସଫେଇ ଦିଆଯାଉଛି।

### ବହୁ ସମୟ ଅପେକ୍ଷା ପରେ ହାତଲେଖା ବିଲ୍

ପେଟ୍ରୋଲ ପମ୍ପରେ ପାଇଖାନା ସୁବିଧା, କମ୍ପ୍ୟୁଟର ବିଲ୍, ମାଗଣା କଲ୍ ସୁବିଧା ଦେବା ପାଇଁ ସରକାରୀ ନିୟମ ରହିଛି। ହେଲେ ଏ ସବୁ ସୁବିଧା ସ୍ୱପ୍ନ। ପେଟ୍ରୋଲ ଓ ଡିଜେଲ ପକାଇଲେ ବିଲ୍ ଦେଉନାହାନ୍ତି। ମାଗିଲେ ବହୁ ସମୟ ଅପେକ୍ଷା ପରେ ହାତଲେଖା ବିଲ୍ ଧରାଉଛନ୍ତି। ଅଧିକାଂଶ ପେଟ୍ରୋଲ ପମ୍ପରେ ହାତଲେଖା ବିଲ୍ ମିଳୁ ନ ଥିବାବେଳେ କମ୍ପ୍ୟୁଟର ବିଲ୍ ପାଇବା ଆଶା ରଖିବା ନିରର୍ଥକ। ତେଲ ପକାଉଥିବା ଚାଳକ ମାଗଣା ଟେଲିଫୋନ କରିବାର ସୁବିଧା ରହିବା କଥା। ଏହି ସୁବିଧା ଆଦୌ କୌଣସି ପେଟ୍ରୋଲ ପମ୍ପରେ କରାଯାଇନି। ୯୨ ପ୍ରତିଶତ ସ୍ଥାନରେ ପାଇଖାନା ସୁବିଧା ନାହିଁ। କିଛି ସ୍ଥାନରେ ଏହା ରହିଥିଲେ ମଧ୍ୟ ତାହା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଶୁଣିବାକୁ ମିଳୁଛି।

ଏ ନେଇ ଜିଲା ଖାଉଟି ମଞ୍ଚ ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ସରକାରୀ ନୀତିନିୟମକୁ ଜିଲାର କୌଣସି ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ମାନୁନାହାନ୍ତି। ଅଭିଯୋଗ କଲେ ଉତ୍ତର ମିଳୁଛି ଗ୍ରାହକଙ୍କୁ ଆନୁଷଙ୍ଗିକ ସେବା ଯୋଗାଇବାକୁ ଆମ ପାଇଁ କିଛି ନିର୍ଦ୍ଦେଶ ନାହିଁ। ଆମ ବିରୋଧରେ ଫେରାଦ୍ ହେଲେ କିଛି ହେବନି କହି ଏଡାଇ ଯାଉଛନ୍ତି। ଜିଲା ଖାଉଟି ମଞ୍ଚରେ ଏ ନେଇ ଅଭିଯୋଗ ରଖିଲେ ସୁଫଳ ମିଳୁନି। ଭାଲିଆଡିହିର ରହି ମହାନ୍ତି ନାମକ ଗ୍ରାହକଙ୍କ ଅଭିଯୋଗ ଅନୁସାରେ ଅତର୍କିତ ଭାବେ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଉନି। ଯଦ୍ଵାରା ସେମାନେ ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି। ଅପମିଶ୍ରିତ ପେଟ୍ରୋଲ ଡିଜେଲ ପକାଇ ଲାଭବାନ ହେଉଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଲେ ଗ୍ରାହକ ଉପକୃତ ହୋଇପାରନ୍ତେ।

## ଘରେ ପଶି ଲୁଟିନେଲେ ମୂଲ୍ୟବାନ ସାମଗ୍ରୀ

ଓଡ଼ଗାଁ,୨୫।୨(ସ୍ୱ.ପ୍ର.)

ସ୍ଥାନୀୟ ଆଦର୍ଶ ଥାନା ରାବେରା ପଞ୍ଚାୟତ ଅନ୍ତର୍ଗତ ଘଷାଦେଇପୁର ଗ୍ରାମରେ ସୋମବାର ରାତିରେ ଘର ମାଲିକ ପ୍ରବୋଧ ମହାପାତ୍ରଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତମାନେ ଘରେ ପଶି ମୂଲ୍ୟବାନ ସାମଗ୍ରୀ ଲୁଟିନେଇଛନ୍ତି। ଘର ମାଲିକ ବାହାରେ ରହୁଥିବାରୁ ପ୍ରାୟ ଦୁଇସପ୍ତାହ ହେଲା ତାଲା ପଡିଥିଲା। ଏପରିସ୍ଥଳେ ଚୋରମାନେ ଶିଡିଘର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିବା କୁହାଯାଉଛି। ସେମାନେ ଘର ଭିତରେ ଥିବା ଏକଫାଳିକିଆ ୩ଟି ଶାଗୁଆନ କବାଟ ଖୋଲି ସମସ୍ତ ଆସବାବପତ୍ର, ଆଲମିରା, ୩ଟି ଲୁହା ଟ୍ରଙ୍କ ଭାଙ୍ଗି ସେଥିରେ ଥିବା ଦାମୀ ଲୁଗା, ଆକ୍ୱାଗାର୍ଡ, ଫ୍ରିଜ୍ ଚୋରିକରି ନେଇଛନ୍ତି। ଏପରି କି ଖୋଲିଥିବା ୩ କବାଟ ମଧ୍ୟ ସାଙ୍ଗରେ ନେଇଯାଇଛନ୍ତି। ଏ ନେଇ ମଙ୍ଗଳବାର ଘର ମାଲିକ ଖବର ପାଇ ସ୍ଥାନୀୟ ଆଦର୍ଶ ଥାନାକୁ ଜଣାଇଥିଲେ। ପୋଲିସ ଏଏସ୍‌ଆଇ ଯୁଗଳ କିଶୋର ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଫେରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଠାବ କରିବାକୁ ଉଦ୍ୟମ କରାଯାଉଛି ବୋଲି ପୋଲିସ ପ୍ରକାଶ କରିଛି। ଦୁଇସପ୍ତାହ ଭିତରେ କୁରାଳରୁ ଏକା ରାତିରେ ହୋଇଥିବା ଦୁଇଟି ଚୋରି ସମ୍ପର୍କରେ ପୋଲିସ ହାତ ଖାଲି ରହିଛି। ପୋଲିସ କର୍ମଚାରୀ ଅଭାବରୁ ଥାନାରେ ନାନା ଅବ୍ୟବସ୍ଥା ଲାଗିରହିଥିବାବେଳେ ଜିଲା ପ୍ରଶାସନ ଧ୍ୟାନ ଦେବା ଜରୁରୀ ହୋଇପଡିଛି।

# ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

ନୟାଗଡ଼ ଅଫିସ,୨୫।୨

ନୟାଗଡ଼ ବସ୍‌ଷ୍ଟାଣ୍ଡରୁ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ସୋମବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ନୟାଗଡ ଚାଇଲ୍ଡ ଲାଇନ ଓ ନୟାଗଡ଼ ପୋଲିସ ମିଳିତ ଭାବେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ନାବାଳିକାଙ୍କ ଘର ଗଞ୍ଜାମ ଜିଲାର ଭଞ୍ଜନଗର ଅଞ୍ଚଳରେ ବୋଲି ଜଣାପଡିଛି। ଚାଇଲ୍ଡଲାଇନ ପକ୍ଷରୁ ଉକ୍ତ ନାବାଳିକାଙ୍କୁ ପଚରାଉଚୁରା ପରେ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ରେ ହାଜର କରାଯାଇଥିଲା। କମିଟିର ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ତାଙ୍କୁ ତପସ୍ୟା ଶିଶୁଗୃହରେ ରଖାଯାଇଛି। ନାବାଳିକାଙ୍କ ସମ୍ପର୍କୀୟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଭାଇର ନିର୍ଯାତନା ଅସହ୍ୟ ଥିଲା

ପିଲାଟି ଦିନରୁ ମା’ବାପାଙ୍କୁ ହରାଇଛନ୍ତି ନାବାଳିକା। କକେଇ ଖୁଡୀ ଲାଳନପାଳନ କରି ଛୋଟରୁ ବଡ କରିଥିଲେ। ଏକ ବ୍ରତ ଘର ଭୋଜିରେ ଯୋଗଦେବାକୁ କକେଇ ଖୁଡୀ ୪ଦିନ ତଳେ ସୁରତ ଯାଇଥିଲେ। ଘରେ ରହିଥିଲେ ଝିଆରୀ ଓ ତାଙ୍କ ପୁଅ। ଏଭଳିସ୍ଥଳେ ଭାଇ ଭଉଣୀଙ୍କୁ ମାରପିଟ୍ କରିଥିଲେ। ଭାଇର ମାଡ ସହ୍ୟ କରିପାରି ନ ଥିଲେ ଭଉଣୀ। ଏପରି କି କକେଇ ଖୁଡୀଙ୍କୁ ଯୋଗାଯୋଗ କରିବାର ସୁବିଧା ବି ନ ଥିଲା। ପୁଣି କକେଇ ଖୁଡୀ ଆସିବା ପର୍ଯ୍ୟନ୍ତ ମାଡ ଗାଳି ସହ୍ୟ କରିବାକୁ ସାହାସ କରିପାରି ନ ଥିଲେ ଝିଆରୀ। ଶେଷରେ ଘର ଛାଡି ଚାଲିଯିବାକୁ ନିଷ୍ପତ୍ତି ନେଇଥିଲେ।

### ବିବାହ ପ୍ରତିଶ୍ରୁତି ଦେଇଥିଲେ ପ୍ରେମିକ

ଏପଟେ ଭାଇର ନିର୍ଯାତନା ସେପଟେ ପ୍ରେମିକର ବିବାହ ପ୍ରତିଶ୍ରୁତି। କ’ଣ କରିବେ ଭାବିପାରି ନ ଥିଲେ ନାବାଳିକା। ଶେଷରେ ପ୍ରେମିକଙ୍କୁ ଭରସା କରି ଛାଡିଥିଲେ ଘର। ଏକ ବସ୍ ଯୋଗେ ସେ ଆରମ୍ଭ କରିଥିଲେ ଯାତ୍ରା। ବିଧିର ବିଧାନ ଥିଲା ଅଲଗା। କଣ୍ଡକ୍ଟର ବସ୍‌ଭଡା ମାଗିଥିଲେ। ନାବାଳିକା ୫୦ ଟଙ୍କା ଅଛି, ଭଡା ଦେବା ସମ୍ଭବ ନୁହେଁ କହି ତାଙ୍କର ଦୁଃଖ କହିଥିଲେ। ବସ୍ ଅଟକିଥିଲା ନୟାଗଡ଼ ବସ୍‌ଷ୍ଟାଣ୍ଡରେ। ନାବାଳିକାଙ୍କ ଆବଭାବ ଓ ଖୋର୍ଦ୍ଧାରେ ଓହ୍ଲାଇବାକୁ କହିବା ଦେଖି କଣ୍ଡକ୍ଟର ରିସ୍କ ନେବାକୁ ପ୍ରସ୍ତୁତ ହେଲେ ନାହିଁ। ଖୋର୍ଦ୍ଧା ଗଲେ ଅସୁବିଧାରେ ପଡିପାର, ଏଠାରେ ଓହ୍ଲାଇ ଘରକୁ ଚାଲିଯାଅ ବୋଲି କହିଥିଲେ। ହେଲେ ବସ୍ କର୍ମଚାରୀ ପୋଲିସକୁ ନ ଜଣାଇବା ମଧ୍ୟ ଠିକ୍ ନୁହେଁ ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ନବମ ଶ୍ରେଣୀ ପଢ଼ିବାପରେ ନାବାଳିକାଙ୍କ ପାଠପଢାରେ ଡୋରି ବନ୍ଧା ହୋଇଛି। ଖୋର୍ଦ୍ଧାର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା।

### ବୁଝାଇଲେ ନାବାଳିକା ବିବାହର ସମସ୍ୟା

ରାତି ସାଢ଼େ ୧୨ଟା। ନୟାଗଡ଼ ବସ୍‌ଷ୍ଟାଣ୍ଡରେ ଘୂରିବୁଲୁଥିଲେ ନାବାଳିକା। କିଛି ଲୋକ ଦେଖି ତାଙ୍କ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ନାବାଳିକାଙ୍କ କାହାଣି ଶୁଣି ଘରକୁ ଚାଲିଯାଅ ବୋଲି ପରାମର୍ଶ ଦେଇ ଚାଲିଯାଇଥିଲା। ପରେ ଯଦି କିଛି ଅଘଟଣ ଘଟିଥାନ୍ତା ସେଥିପାଇଁ କିଏ ଦାୟୀ ହୋଇଥାନ୍ତା ବୋଲି ପ୍ରଶ୍ନ ଉଠିଛି। ଖବର ପହଞ୍ଚିଲା ନୟାଗଡ ଚାଇଲ୍ଡ ଲାଇନ ପାଖରେ। ଚନ୍ଦ୍ର ଶେଖର ବେହେରା, ଅଳକା ପାହାଡ ସିଂ ପ୍ରମୁଖ ଘଟଣାସ୍ଥଳକୁ ଆସି ନାବାଳିକାଙ୍କୁ ପଚରାଉଚୁରା କରିଥିଲେ। ନାବାଳିକା ବିବାହର ସମସ୍ୟା ବୁଝାଇଥିଲେ। ଖୋର୍ଦ୍ଧା ନ ଯାଇ ଘରକୁ ଫେରିଯିବାକୁ ପରାମର୍ଶ ଦେଇଥିଲେ। ପରେ କକେଇ ଖୁଡି ଆସିବା ପର୍ଯ୍ୟନ୍ତ ଶିଶୁଗୃହରେ ରହିବାକୁ ବୁଝାଇ ସାଙ୍ଗରେ ଆଣିଥିଲେ।

## ସାମାନ୍ୟ ବର୍ଷାରେ ଘରେ ପଶୁଛି ପାଣି



ନୟାଗଡ଼ ଅଫିସ, ୨୫।୨

ସାମାନ୍ୟ ବର୍ଷା ହେଲେ ନୟାଗଡ଼ ମ୍ୟୁନିସିପାଲିଟିର ୧୩ନଂ. ଓ ୧ନଂ. ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଲୋକଙ୍କ ଘରେ ପାଣି ପଶୁଛି। ବର୍ଷାଋତୁରେ ଏହି ସମସ୍ୟା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଏହାର ନିରାକରଣ ପାଇଁ ଦୁଇ ୱାର୍ଡର ବାସିନ୍ଦା ପ୍ରାୟ ୧୦ ବର୍ଷ ହେଲା ଆପତ୍ତି, ଅଭିଯୋଗ, ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ସେମାନଙ୍କ କହିବା କଥା ନୟାଗଡ ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଡ୍ରେନ ରହିଛି। ହେଲେ ଏହା ଗଭୀର ହୋଇ ନ ଥିବାରୁ ବନ୍ୟା ପରିସ୍ଥିତିକୁ ଏଡାଯାଇ ପାରୁନି। ଅନ୍ୟପକ୍ଷେ ନୟାଗଡ ମ୍ୟୁନିସିପାଲିଟିର ସ୍ୱତନ୍ତ୍ର ଡ୍ରେନ ନାହିଁ। ଯଦି ନୟାଗଡ ଥାନାଠାରୁ କେନ୍ଦ୍ର ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ ରାଜପଥ କଡରେ ଥିବା ଡ୍ରେନକୁ ୨ଫୁଟ ଗଭୀର କରାଯାଆନ୍ତା ତେବେ ଏହି ସମସ୍ୟା ହଟିପାରନ୍ତା। ଏହା କରିବାକୁ ହେଲେ ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ଓ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ମିଳିତ ହୋଇ ପଦକ୍ଷେପ ନେବା ଦରକାର।

# ଅଙ୍ଗନୱାଡ଼ି କେନ୍ଦ୍ରରେ ‘ସାଦଖିଆ କାର୍ଯ୍ୟକ୍ରମ’

ଭାପୁର, ୨୫।୨(ଡି.ଏନ୍.ଏ.)



ଦୁଇ ମହିଳାଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଖୁଆଯାଉଛି।

ଗର୍ଭବତୀ ମହିଳାମାନଙ୍କୁ କୁପୋଷଣରୁ ରକ୍ଷା କରିବା ଓ କମ ଓଜନର ଶିଶୁ ଜନ୍ମ ରୋକିବା ପାଇଁ ଭାପୁର ବ୍ଲକରେ ମଙ୍ଗଳବାର ଆରମ୍ଭ ହୋଇଛି ‘ସାଦଖିଆ କାର୍ଯ୍ୟକ୍ରମ’। ରାକମା ଅଙ୍ଗନୱାଡ଼ି କେନ୍ଦ୍ର-୧ର କର୍ମୀ ନମିତା ପାଟଯୋଶୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ମହିଳା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାତୃ କମିଟି, ଯାଞ୍ଚ କମିଟି, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଉପସ୍ଥିତ ଥିଲେ। ଗ୍ରାମର ୨ ଗର୍ଭବତୀ ମମତା ମହାରଣା ଓ ଦମୟନ୍ତୀ ବାରିକଙ୍କୁ ମହିଳାମାନେ ପାରମ୍ପରିକ ରୀତିରେ ବନ୍ଦାପନା କରି ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ, ପିଠା, କାକରା, ଆରିସା, ଶାଗ ଓ ଫଳ ସହ ବାଡ଼ି ବଗିଚାରେ ହେଉଥିବା ସବୁଜ ପନିପରିବା ପରଷିଥିଲେ। କେଉଁ ପରିବାରେ କେଉଁ ଭିଟାମିନ୍ ରହିଛି ତାହା ଅବଗତ କରାଯାଇଥିଲା। ଏହାସହ ସରକାରଙ୍କ ଜନନୀ ସୁରକ୍ଷା, ମମତା ଯୋଜନାର ସୁଫଳ କିପରି ସେମାନଙ୍କୁ ମିଳିବ ସେ ନେଇ ସଚେତନ କରାଯାଇଥିଲା। ସୂଚନାଯୋଗ୍ୟ ଗତ ଜାନୁୟାରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ‘ପୋଷଣ’ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଭାପୁରରେ ସାଦଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଦ୍ୱାରା ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ମାସରେ ୨୫୦ଟଙ୍କା ଯୋଗାଇଦେବାର ବ୍ୟବସ୍ଥା ହୋଇଛି।

# ଦିନବେଳେ ମାଡ଼ି ଆସିଲା ସନ୍ଧ୍ୟା

ନୟାଗଡ ଅଫିସ, ୨୫।୨



ମଙ୍ଗଳବାର ପୂର୍ବାହ୍ନ ୯.୩୫। ହଠାତ୍ ବଦଳିଗଲା ପାହାଡ ପର୍ବତ ଘେରା ନୟାଗଡ଼ ଜିଲାର ପରିବେଶ। ସୂର୍ଯ୍ୟ ଅସ୍ତ ହୋଇଗଲା ପରି ଅନୁଭବ ହେଲା। ମାଡି ଆସିଲା ସନ୍ଧ୍ୟା। ଚାରିଆଡ ଅନ୍ଧାର ହୋଇଗଲା। ରାସ୍ତା ଭଲଭାବେ ଦେଖାଗଲା ନାହିଁ। ରାସ୍ତାରେ ଚଳାଚଳ କରୁଥିବା ଯାନବାହନରେ ଲାଇଟ୍ ଲଗାଇ ଯିବାକୁ ବାଧ୍ୟ ହେଲେ। ଏହି ସମୟରେ ଆକାଶରେ ପକ୍ଷୀମାନେ କିଚିରିମିଚିରି ସ୍ୱର କରି ବସାକୁ ଫେରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧୦ ମିନିଟ୍ ଧରି ଅନ୍ଧକାର ଲାଗି ରହିଲା। ପରେ ଜୋରରେ ବର୍ଷା ହୋଇ ପୁଣି ପାଗ ବଦଳି ଅନ୍ଧାର ହଟିଗଲା। ଦିନବେଳା ସନ୍ଧ୍ୟା ହେବାର ଦୃଶ୍ୟ ଅନେକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏ ନେଇ ପରିବେଶବିତ୍ ଅନ୍ତର୍ଯାମୀ ସାହୁ କୁହନ୍ତି, ଏଭଳି ଦୃଶ୍ୟ ଦେଖି ମୁଁ ଚକିତ ହୋଇଗଲି। ଜୀବଦ୍ଦଶାରେ ଏଭଳି ଦୃଶ୍ୟ କେବେ ଦେଖିନି।

## ଅଦିନିଆ ବର୍ଷା, ମଣ୍ଡିରେ ଧାନ ଗଜା ହେବା ସମ୍ଭାବନା

ଦଶପଲ୍ଲା, ୨୫।୨(ଡି.ଏନ୍.ଏ.)

ଦଶପଲ୍ଲା ଓ ଏହାର ଆଖପାଖ ଅଞ୍ଚଳରେ ଦୁଇଦିନ ହେଲା ଅଦିନିଆ ବର୍ଷା ସହ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ବର୍ଷା ଚାଷୀମାନଙ୍କର ଅଧିକ କ୍ଷତି ଘଟାଇଛି। ମଣ୍ଡିରେ ପଡ଼ିରହିଥିବା ଧାନ ବର୍ଷା ପାଣିରେ ଓଦା ହୋଇଯାଇଥିବାରୁ ଗଜା ବାହାରିବା ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀକୁଳ ଚିନ୍ତାରେ ଅଛି। ଅପରପକ୍ଷେ ମୁଗ, ବିରି, କୋଳଥ, ଚଣା ପ୍ରଭୃତି ଡାଲିଜାତୀୟ ଫସଲ ବର୍ଷା ଯୋଗୁ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏଥିନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ, ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ଦଶପଲ୍ଲା, ୨୫।୨(ଡି.ଏନ୍.ଏ.)

ଦଶପଲ୍ଲା ଅଞ୍ଚଳରେ ଗତ କିଛିଦିନ ହେଲା ଘନ ଘନ ବିଦ୍ୟୁତ୍ କାଟ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ଯୋଗୁ ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ବହୁ ହଇରାଣ ହେଉଛନ୍ତି। ପରୀକ୍ଷା ସମୟରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ସରକାର ଘୋଷଣା କରିଥିଲେ। ହେଲେ ସ୍ଥାନୀୟ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଉଛି। ଦୈନିକ ୨ ଘଣ୍ଟାରୁ ଅଧିକ ସମୟ ଓ ମଙ୍ଗଳବାର ପ୍ରାୟ ୭ ଘଣ୍ଟା ବିଦ୍ୟୁତ୍ କାଟ ହୋଇଥିବା ଅଭିଯୋଗ ହୋଇଛି। ୧୧କେଭି ଲାଇନ୍ ଟ୍ରିପ୍ କରିବା ଯୋଗୁ ଏପରି ହେଉଥିବା ବିଭାଗୀୟ ଅଫିସ୍ ସୂତ୍ରରୁ ଜଣାଯାଇଛି।

# ଅଦିନିଆ ବର୍ଷା, ମଣ୍ଡିରେ ଭିଜୁଛି ଶହଶହ ଧାନବସ୍ତା

ଖଣ୍ଡପଡା,୨୫।୨(ସ୍ୱ.ପ୍ର.)


ମଣ୍ଡିରେ ଥିବା ଧାନ ବସ୍ତା ବର୍ଷାରେ ଭିଜିଯାଇଛି।

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତସ୍ଥିତ ସେବା ସମବାୟ ସମିତିରେ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଧାନମଣ୍ଡି ଖୋଲାଯାଇଛି । ତେବେ ଧାନ ବିକ୍ରି କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ବାହାରେ ଧାନ ଗଦା ମାରି ରଖିବେଳେ ଅଦିନିଆ ବର୍ଷା ଯୋଗୁ ତାହା ଭିଜି ଯାଇଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ନିର୍ଦ୍ଧାରିତ ସମୟରେ ଧାନ ବିକ୍ରି କରା ନ ଯିବା ଓ ମଣ୍ଡିରେ ଧାନ ସୁରକ୍ଷିତ ରଖାଯିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଶହଶହ ଧାନବସ୍ତା ବର୍ଷାରେ ଓଦା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନମଣ୍ଡିରେ ଅବ୍ୟବସ୍ଥା ସହ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନିମନ୍ତେ ସୋମବାର ଆସିଥିଲେ । ଧାନ ସବୁ ଶିଖରପୁର ଗ୍ରାମ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଗଦା ମାରିଥିଲେ ହେଁ ମିଲର କର୍ତ୍ତୃପକ୍ଷ ଠିକ୍ ସମୟରେ ନ ଆସିବାରୁ ଚାଷୀମାନେ ଧାନ ବିକ୍ରି କରି ପାରି ନ ଥିଲେ । ମଙ୍ଗଳବାର ପାଗ ଖରାପ ରହିବା ଓ ଦିନ ତମାମ ଝିପିଝିପି ବର୍ଷା ଲାଗି ରହିବା ଯୋଗୁ ଚାଷୀମାନଙ୍କ ଧାନ ଓଦା ହୋଇଯାଇଛି। କେହି କେହି ଜରି ପାଲ ଘୋଡାଇ ରଖିଥିଲେ ହେଁ ତାହା ବର୍ଷାକୁ ସମ୍ଭାଳି ପାରିନି। ଏଭଳି ପରିସ୍ଥିତିକୁ ନେଇ ଚାଷୀମାନେ ମିଲର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିବା ବେଳେ ଅଦିନିଆ ବର୍ଷାରେ ଧାନ ବିକ୍ରି କରି ନ ପାରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଆର୍ଥିକ ସହାୟତା ରାଶି ଯୋଗାଇଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ନଦୀକୂଳରେ ଥାଇ ମରୁଡ଼ି: ନାହିଁ ଜଳସେଚନ ବ୍ୟବସ୍ଥା

ଖଣ୍ଡପଡା,୨୫।୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଅଞ୍ଚଳରେ ୫ ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ଥିବା ବେଳେ ଅନିୟମିତ ବର୍ଷା ତଥା ଆବଶ୍ୟକୀୟ ପାଣି ବିନା ପ୍ରତିବର୍ଷ ମରୁଡି ହୋଇ ଫସଲ ନଷ୍ଟ ହେଉଛି । ଏହିସବୁ ଜମିକୁ ଜଳ ସେଚନ ସୁବିଧା ପାଇଁ ଉଠା ଜଳ୍‌ସେଚନ ପ୍ରକଳ୍ପ ବ୍ୟବସ୍ଥା ଲାଗି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରୁଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶ ଯେ, କଣ୍ଟିଲୋ ଓ ବେଣାଗାଡିଆ ପଞ୍ଚାୟତ ଅନ୍ତର୍ଗତ ମରେଇକଣ ମୌଜା ଅଧୀନରେ ଥିବା ଗୋଡିବଣିଆ, ଛଣପାଟ, ବୋଲୁଅପାଟ, ଚଣ୍ଡିପାଟ, ଟାଙ୍କୁପଡା ମୌଜା ଓ ପାଟ କୁକୁଟା ମୌଜାର ପ୍ରାୟ ୫ ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ରହିଛି। ଏହି ସବୁ ପଞ୍ଚାୟତର ଉତ୍ତର-ପୂର୍ବ ଓ ଦକ୍ଷିଣ ଦିଗରେ ଚିରସ୍ରୋତା ମହାନଦୀ, କମେଇ ଓ କୁସୁମୀ ନଦୀ ପ୍ରବାହିତ ହେଉଛି । ନଦୀ କୂଳବର୍ତ୍ତୀ ଜମି ହୋଇଥିବାରୁ ଏ ଅଞ୍ଚଳର ମାଟି ଅତ୍ୟନ୍ତ ଉର୍ବର । ଏହା ଛଡା ମହାନଦୀ ଓ କମେଇ ନଦୀରେ ବନ୍ୟା ଆସିଲେ ଏହାର ବନ୍ୟା ଜଳ ମଧ୍ୟ ଉକ୍ତ ଜମିରେ ପ୍ରବାହିତ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ । ଅନ୍ୟପକ୍ଷେ ବନ୍ୟା ଜଳ ଛାଡି ଯିବାପରେ ଉକ୍ତ ଜମିରେ ପଟୁ ପଡି ଜମିକୁ ଅଧିକ ଉର୍ବର କରିଥାଏ । ବନ୍ୟାରେ ଧାନ ଫସଲ ନଷ୍ଟ ହୋଇ ଯାଉଥିବା ବେଳେ ଏଠାରେ ଧାନ ଛଡା ଅର୍ଥକରୀ ଫସଲ ଆଖୁ, ବିଭିନ୍ନ ପ୍ରକାର ପନି ପରିବା ତଥା ଫଳମୂଳ ଆଦି ପାଇଁ ଏ ଅଞ୍ଚଳର ମାଟି ଅତ୍ୟନ୍ତ ଉପଯୋଗୀ । ମାତ୍ର ଉକ୍ତ ଅଞ୍ଚଳର ଚାଷୀ ବର୍ଷା ଉପରେ ନିର୍ଭର କରୁଥିବାରୁ ଅନିୟମିତ ବର୍ଷା ଯୋଗୁ ଚାଷ ଉଜୁଡି ଯାଉଛି । ଏସବୁ ଜମି ନିକଟରେ ମହାନଦୀ ପ୍ରବାହିତ ହେଉଥିବାବେଳେ ଗରିବ ଚାଷୀ ପକ୍ଷେ ଖର୍ଚ୍ଚାନ୍ତ ହୋଇ ମହାନଦୀରୁ ପାଣି ନେଇ ମଡାଇବା ଅସମ୍ଭବ ହୋଇ ପଡେ । ପ୍ରାୟ ପ୍ରତି ବର୍ଷ ଏହି ସବୁ ଜମି ମରୁଡିରେ ନଷ୍ଟ ହୋଇଥାଏ । ଏଠାରେ ଜଳ ସେଚନର ସୁବିଧା ନ ଥିବାରୁ ଏବଂ ବର୍ଷ ସାରା ଫସଲ କରିବା ପାଇଁ ଏ ଅଞ୍ଚଳର ମାଟି ଉପଯୁକ୍ତ ହୋଇଥିଲେ ମଧ୍ୟ ଚାଷୀମାନେ କେବଳ ପାଣିର ଅଭାବ ଯୋଗୁ ହାତ ବାନ୍ଧି ବସି ରହିଥାନ୍ତି । କେତେକ ଚାଷୀ ଜୀବିକା ନିର୍ବାହ ନିମନ୍ତେ ଅନ୍ୟତ୍ର ଚାଲି ଯାଇଥାନ୍ତି । ଏହି ପଞ୍ଚାୟତର ସର୍ବାଧିକ ଗରିବ, ହରିଜନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ କୃଷିକୁ ନିଜର କୌଳିକ ବୃତ୍ତି ରୂପେ ଗ୍ରହଣ କରି ଜୀବିକା ନିର୍ବାହ କରିଥାନ୍ତି । ଉକ୍ତ ଚାଷ ଜମିରେ ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ କରି ପରିବାର ପ୍ରତି ପୋଷଣ କରି ବର୍ଷର ଅବଶିଷ୍ଟ ଆଠମାସ ବେକାର ହୋଇ ବସିଥାନ୍ତି କିମ୍ବା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯିବାକୁ ବାଧ୍ୟ ହୁଅନ୍ତି । ଅପରପକ୍ଷେ ମହାନଦୀ, କମେଇ ଓ କୁସୁମୀ ନଦୀର ପ୍ରବାହିତ ଜଳକୁ ଉପଯୁକ୍ତ କାର୍ଯ୍ୟରେ ବିନିଯୋଗ କରାଯାଇ ପାରୁ ନାହିଁ । ଏହି ପ୍ରବାହିତ ଜଳକୁ ନଦୀ କୂଳରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ସମସ୍ତ ଜମିକୁ ଜଳ ସେଚନର ସୁବିଧା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ । ଏଥିପାଇଁ ଉକ୍ତ ଅଞ୍ଚଳର ଚାଷୀମାନେ ଏଠାରେ ଏକ ଉଠା ଜଳସେଚନ ପଏଣ୍ଟ ନିର୍ମାଣ କରାଯିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ଏଯାବତ୍ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଚାଷ ଜମିଗୁଡିକ ଲାଗି ଜଳ ସେଚନର ସୁବିଧା କରାଗଲେ ହଜାରରୁ ଊର୍ଦ୍ଧ୍ୱ କୃଷିଜୀବୀ ଉପକୃତ ହେବା ସଙ୍ଗେ ସଙ୍ଗେ ଏ ଅଞ୍ଚଳର ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହୋଇପାରନ୍ତା । ଗରିବ କୃଷିଜୀବୀଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଏ ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।